

ଜନରାଜ୍ୟ ଦିବସ
ବିଶେଷାଙ୍କ
ଜାନୁୟାରୀ
୧୯୭୨





# ଦେଶର ପ୍ରଗତି ଚକ୍ରକୁ ଗତିଶୀଳ ରଖିବାରେ ଆମର ଯୋଗଦାନ

ଏତେ ଅନେକ ଶତାବ୍ଦୀରୁ ବର୍ଣ୍ଣନା କରୁଛି । ଭାରତୀୟ ରେଳବାଇ ଯଥା ଅଛନ୍ତି, ସେ ଗାଡ଼ି ଏତେ ସହଜ ଯୋଗ କରେ, ମାଲପତ୍ର ବହନରେ ପ୍ରତ୍ୟେକ ଏବଂ ଯୋଗାଣ ଅନେକ ଅନ୍ୟ ଅନେକ ସହଜ ସମ୍ଭବ କରେ । ତାଙ୍କ ଗାଡ଼ିକୁ ଲମ୍ବିତ ରେଳ ସଡକ, ଜଳ, ଏବଂ ଆମର ଏହି ବସ୍ତୁ କେବଳ ମାଲପତ୍ର ତଥା ଯାତ୍ରୀମାନଙ୍କୁ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ନିର୍ଭରଯୋଗ୍ୟ ଭାବରେ ନେଇଥାନ୍ତି ।
ଯୋଗାଯୋଗ ପାଇଁ ଅବଶ୍ୟ ଦ୍ରୁତ ଦେଶର ଉନ୍ନତି ପାଇଁ ଏହା ଅପରିହାର୍ଯ୍ୟ ।
ସୁରକ୍ଷା, ଦକ୍ଷତାପୂର୍ଣ୍ଣ ଯୋଗାଯୋଗ ଓ ନିର୍ଭର ଏବଂ ଅପୂର୍ବ ସମାବେଶ ଆଉ କୌଣସିଠାରେ ମିଳେ ନାହିଁ ।
ସେଥିପାଇଁ ତ ଏତେ ସମୟ, ପରିଶ୍ରମ ଓ ଅର୍ଥ ଖର୍ଚ୍ଚ କରି ଆମେ ଉନ୍ନତ ଗତିଶୀଳ ଯେ ଟାଟା ଷ୍ଟିଲ ଦ୍ୱାରା ଯୋଗାଇଥିବା ଆମର ଉତ୍ପାଦନ ଶ୍ରେଷ୍ଠକୁ ହୋଇପାରିବ ।
ଟାଟା ଷ୍ଟିଲ୍ ... ଦେଶକୁ ଗତିଶୀଳ କରୁଛି ।



# ଉତ୍କଳ ପ୍ରସଙ୍ଗ

ଜାନୁଆରୀ ୧୯୭୨—ମାଘ ୧୮୯୩
୨୮ଶ ଭାଗ : ଷଷ୍ଠ ସଂଖ୍ୟା

ସମ୍ପାଦକ: ପୂର୍ଣ୍ଣଚନ୍ଦ୍ର ହୋତା, ଆଇ. ଏ. ଏସ.,
ଲୋକ ସମ୍ପର୍କ ଓ ପର୍ଯ୍ୟଟନ ନିର୍ଦ୍ଦେଶକ, ଓଡ଼ିଶା

ସହକାରୀ ସମ୍ପାଦକ: ସମର ବିଳାସ ପଟ୍ଟନାୟକ, ସୂଚନା ଅଧିକାରୀ

ପ୍ରକାଶକ: ସ୍ୱରାଷ୍ଟ୍ର ବିଭାଗ, ଓଡ଼ିଶା ସରକାର

*ଏ ସଂଖ୍ୟାରେ ସନ୍ନିବେଶିତ ପ୍ରବନ୍ଧ*

୧ ବିକାଶ ପଥେ ଓଡ଼ିଶା
୧୫ ଜାତୀୟ ସଂହତି
୧୭ ଜୀବନ ସଂଗ୍ରାମ
୨୧ କୃଷି ଓ କୃଷକ
୨୩ ଏକ ଐତିହାସିକ ଦୀର୍ଘସ୍ଥାୟୀ ବକ୍ତୃତା
୨୭ ବଙ୍ଗଳାଦେଶର ଐତିହାସିକ ପୃଷ୍ଠଭୂମି
୩୩ ଗଣତନ୍ତ୍ର ସମାଜରେ ପୋଲିସର ଆଭିମୁଖ୍ୟ
୩୭ ଗଣତନ୍ତ୍ରର ସୁରକ୍ଷା
୪୧ ଚୀନର ନୂତନ ଶିକ୍ଷାପଦ୍ଧତି
୪୩ ଆମର ନୂତନ ଧର୍ମପଦ
୪୫ ବିଦ୍ୟୁତ୍‌ଶକ୍ତି ସାହାଯ୍ୟରେ ଜଳସେଚନ
୪୯ ସଂକ୍ଷିପ୍ତ ଜୀବନୀ (ଜେ : ମାନେକ୍‌ଶ)
୫୫ ଓଡ଼ିଶା [illegible] ଶ୍ରମିକ ମଙ୍ଗଳ ସଂସ୍ଥା
୫୯ ବିକାଶ ପଥେ ଢେଙ୍କାନାଳ
୬୫ ଶ୍ରୀ ଶ୍ରୀ ନୃସିଂହନାଥ ତୀର୍ଥକ୍ଷେତ୍ରର ସଂକ୍ଷିପ୍ତ ପରିଚୟ
୬୯ ଭୁବନେଶ୍ୱର ସୈନିକ ସ୍କୁଲ—ଏହାର ବୈଶିଷ୍ଟ୍ୟ
୭୫ ବିଜୟ ମୁହୂର୍ତ୍ତରେ
୭୭ ଓଡ଼ିଶାରେ ସ୍ୱଳ୍ପ ସଞ୍ଚୟର ଅଗ୍ରଗତି
୭୯ ୧୫ ବର୍ଷିଆ ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ ସ୍କିମ୍
୮୩ ଅସ୍ତଗାମୀ ସୂର୍ଯ୍ୟର ରକ୍ତିମ ଆଲୋକ
୮୫ ଦେଶର ଆର୍ଥନୀତିକ ପ୍ରଗତି ପାଇଁ ଅଧିକ ସଞ୍ଚୟ ଆବଶ୍ୟକ
୮୯ ଆମ ଗଳ୍ପ

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ 'ଉତ୍କଳ ପ୍ରସଙ୍ଗ'ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳପାଠ ବୋଲି ଧରିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକକରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ବାର୍ଷିକ ଗ୍ରାହକ ଦେୟ—ଟ ୪·୮୦
ପ୍ରତିଖଣ୍ଡର ମୂଲ୍ୟ—ଟ ୦·୪୦
ପ୍ରକାଶନ—ପ୍ରତିମାସ ୧୫ ତାରିଖ

## କ୍ଷମା ପ୍ରାର୍ଥନା

ଆମ ଅନୁରୋଧ ରକ୍ଷାକରି ବହୁ ବିଶିଷ୍ଟ ବ୍ୟକ୍ତି ଓ ଲେଖକ ଗଣତନ୍ତ୍ର ଦିବସ ବିଶେଷାଙ୍କ ପାଇଁ ସେମାନଙ୍କ ଲେଖା ପଠାଇଥିଲେ ମଧ୍ୟ କେତେକ ଅନିବାର୍ଯ୍ୟ କାରଣ ହେତୁ ଏ ସଂଖ୍ୟାରେ ସବୁଗୁଡ଼ିକ ପ୍ରକାଶ କରିବା ସମ୍ଭବ ହେଇ ନାହିଁ । ମନୋନୀତ ଲେଖାଗୁଡ଼ିକ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ କରିବା ପାଇଁ ବ୍ୟବସ୍ଥା କରଯାଉଛି ।

ଆଉ ମଧ୍ୟ ପୂର୍ବ ଘୋଷିତ କାର୍ଯ୍ୟକ୍ରମ ଅନୁଯାୟୀ ପ୍ରତିଯୋଗିତାର ଫଳାଫଳ ଏ ସଂଖ୍ୟାରେ ଘୋଷଣା କରଯାଇ ପାରିନାହିଁ ।

# ଭାରତର ସଂବିଧାନ

ଆମେ ଭାରତର ଜନସାଧାରଣ ଭାରତକୁ ଗୋଟିଏ **ସାର୍ବଭୌମ ଗଣତାନ୍ତ୍ରିକ ସାଧାରଣତନ୍ତ୍ର** ରୂପେ ଗଠନ କରିବା ନିମନ୍ତେ ଏବଂ ଏ ଦେଶର ସମସ୍ତ ନାଗରିକଙ୍କ ପାଇଁ :

ସାମାଜିକ, ଆର୍ଥନୀତିକ ଓ ରାଜନୀତିକ **ନ୍ୟାୟ**;

ଚିନ୍ତା, ଅଭିବ୍ୟକ୍ତି, ବିଶ୍ୱାସ, ଧର୍ମ ଓ ଉପାସନାର **ସ୍ୱାଧୀନତା** ;

ସାମାଜିକ ପ୍ରତିଷ୍ଠା ଓ ସୁଯୋଗ ଦିଗରେ **ସମତା**; ହାସଲ କରିବା ତଥା ବ୍ୟକ୍ତିବିଶେଷର ମର୍ଯ୍ୟାଦା ଓ ଜାତିର ଏକତା ପାଇଁ ନିଶ୍ଚିତ ବ୍ୟବସ୍ଥା କରି ସେମାନଙ୍କ ସମସ୍ତଙ୍କ ମଧ୍ୟରେ **ଭ୍ରାତୃଭାବର** ବିକାଶ ସାଧନ ନିମନ୍ତେ ଦୃଢ଼ ସଂକଳ୍ପ ହୋଇ ;

ଆମ୍ଭମାନଙ୍କର **ଏହି ସଂବିଧାନ ସଭାରେ** ଅଦ୍ୟ ୧୯୪୯ ମସିହା ନଭେମ୍ବର ମାସର ଷଡବିଂଶ ଦିବସରେ **ଏତଦ୍ୱାରା ଏହି ସଂବିଧାନକୁ ଅଙ୍ଗୀକୃତ, ଅଧିନିୟମିତ ଓ ଆତ୍ମାର୍ପିତ କରୁଛୁଁ ।**

# ଜାତୀୟ ସଂଗୀତ

ଜନଗଣ ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା ।
ପଞ୍ଜାବ-ସିନ୍ଧୁ-ଗୁଜରାଟ-ମରାଠା-
ଦ୍ରାବିଡ଼-ଉତ୍କଳ-ବଙ୍ଗ
ବିନ୍ଧ୍ୟ-ହିମାଚଳ-ଯମୁନା-ଗଙ୍ଗା ।
ଉଚ୍ଛଳ-ଜଳଧି-ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶିଷ ମାଗେ
ଗାହେ ତବ ଜୟ ଗାଥା ।
ଜନ-ଗଣ-ମଙ୍ଗଳ-ଦାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା !
ଜୟ ହେ, ଜୟ ହେ, ଜୟ ହେ,
ଜୟ ଜୟ ଜୟ ଜୟ ହେ ।





ଜନରାଜ୍ୟ ଦିବସ ବାର୍ତ୍ତା—

## ସର୍ଦ୍ଦାର ଯୋଗେନ୍ଦ୍ର ସିଂହ
## ରାଜ୍ୟପାଳ, ଓଡ଼ିଶା

ଦ୍ୱାବିଂଶ ଜନରାଜ୍ୟ ଦିବସର ଏହି ମହାନ୍ ଅବସରରେ ମୁଁ ଆପଣ ସମସ୍ତଙ୍କୁ ସାଦର ଅଭିନନ୍ଦନ ଜ୍ଞାପନ କରୁଛି

ଗତବର୍ଷ ଜାତୀୟ ଓ ଆନ୍ତର୍ଜାତୀୟ କ୍ଷେତ୍ରରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବହୁ ଐତିହାସିକ ଘଟଣା ଘଟିଯାଇଛି ବଙ୍ଗଳା ଦେଶ ଅଧିବାସୀମାନଙ୍କ ଗୌରବପୂର୍ଣ୍ଣ ସଂଗ୍ରାମ, ପାକିସ୍ତାନୀ ସାମରିକ ଶାସନର ଅତ୍ୟାଚାର, ବଙ୍ଗଳା-ଦେଶରୁ ଭାରତକୁ ଲକ୍ଷ ଲକ୍ଷ ଶରଣାର୍ଥୀଙ୍କ ଆଗମନ, ଭାରତ ଉପରେ ପାକିସ୍ତାନର ଅହେତୁକ ଆକ୍ରମଣ ଏବଂ ତତ୍ପରବର୍ତ୍ତୀ ଯୁଦ୍ଧ—ଏ ସବୁର ରୋମାଞ୍ଚକର ସ୍ମୃତି ଆମ ଦେଶବାସୀଙ୍କ ମନରେ ଜାଗ୍ରତ ରହିଛି । ଏହି ଯୁଦ୍ଧ, ଅତ୍ୟାଚାର ବିରୁଦ୍ଧରେ ଗଣତନ୍ତ୍ରର ଏକ ଯୁଦ୍ଧ ଥିଲା । ମାତ୍ର ୧୪ ଦିନ ମଧ୍ୟରେ ଶତ୍ରୁ ଫୌଜ ପୁରାପୁରି ପରାଜିତ ହୋଇଥିଲେ । ଏହାପରେ ପାକିସ୍ତାନୀ ଫୌଜ ବିନା ସର୍ତ୍ତରେ ଆତ୍ମସମର୍ପଣ କଲେ ଓ ଭାରତ ତରଫରୁ ଏକତରଫା ଯୁଦ୍ଧବିରତି ଘୋଷଣା କରାଗଲା । ଭାରତ ସରକାର ବଙ୍ଗଳାଦେଶକୁ ଏକ ସ୍ୱାଧୀନ ଦେଶ ରୂପେ ସ୍ୱୀକୃତି ପ୍ରଦାନ କରିଥିଲେ । ଏହିସବୁ ଐତିହାସିକ ଘଟଣାପ୍ରବାହ ମଧ୍ୟରେ ପ୍ରଧାନମନ୍ତ୍ରୀ ଯେଉଁଭଳି ରାଜନୈତିକ ଦୂରଦୃଷ୍ଟି-ବୁଦ୍ଧିରେ ପରିସ୍ଥିତିର ମୁକାବିଲା କଲେ ସେଥିପାଇଁ ସମଗ୍ର ଦେଶ ଗର୍ବ ଅନୁଭବ କରୁଛି । ଏହି କୃତିତ୍ୱପୂର୍ଣ୍ଣ କାର୍ଯ୍ୟପାଇଁ ଆମର ସୈନ୍ୟବାହିନୀ, ନୌବାହିନୀ ଓ ବିମାନବାହିନୀ ଯଥାର୍ଥରେ ପ୍ରଶଂସାର ପାତ୍ର । ପ୍ରତିରକ୍ଷା ଉଦ୍ୟମରେ ବେସାମରିକ ଜନସାଧାରଣ ଯଥାସମ୍ଭବ ସବୁମତେ ସାହାଯ୍ୟସହଯୋଗ କରିଥିବା ଯୋଗୁଁ ସେମାନେ ମଧ୍ୟ ପ୍ରଶଂସାର୍ହ ।

ଗତବର୍ଷଟି ଆମ ଓଡ଼ିଶାବାସୀଙ୍କ ପକ୍ଷରେ ଏକ ଦୁର୍ଯୋଗର ସମୟ ଥିଲା । ଜୁଲାଇମାସଠାରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ବଡ଼ ବଡ଼ ବନ୍ୟା ହୋଇଗଲା । ଏପରି କି ଯେତେବେଳେ ବନ୍ୟା ସାହାଯ୍ୟ କାର୍ଯ୍ୟ ସ୍ଥିର ଅବସ୍ଥାରେ ଥିଲା ସେତେବେଳେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳମାନଙ୍କରେ ଏକ ଅଭୂତପୂର୍ବ ବାତ୍ୟା ବହିଗଲା ଏବଂ ଏହା ପଛେ ପଛେ ବଡ଼ ସାମୁଦ୍ରିକ ଜୁଆର ଓ ଲୁଣା ମାଡ଼ିଗଲା । ଏହା ଫଳରେ ବହୁସଂଖ୍ୟକ ନରନାରୀ, ଗୃହପାଳିତ ପଶୁ ପ୍ରାଣ ହରାଇଲେ ; ବାସଗୃହ, ସରକାରୀ କୋଠାବାଡ଼, ରାସ୍ତାଘାଟ, ବନ୍ଧବାନ୍ଧ ଫସଲର ଘୋର କ୍ଷତି ହେଲା । ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ସାହାଯ୍ୟରେ ଓ ନିଜର ସମ୍ବଳ ଖଟାଇ ଜନସାଧାରଣଙ୍କୁ ସାହାଯ୍ୟ ଯୋଗାଇଦେବା ନିମନ୍ତେ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରିଛନ୍ତି । ଏହି ବିପତ୍ତିରେ କେତେକ ବିଦେଶୀ ରାଷ୍ଟ୍ର, ଭାରତର ବହୁ ରାଜ୍ୟସରକାର, ବେସରକାରୀ ସଂସ୍ଥା ଓ ଆନ୍ତର୍ଜାତିକ ସଂସ୍ଥାମାନେ ମଧ୍ୟ ଦୁଃସ୍ଥ ଜନସାଧାରଣଙ୍କୁ ସାହାଯ୍ୟ ପ୍ରଦାନ କରିବାକୁ ଆଗଭର ହୋଇ ଆସିଛନ୍ତି । ଏମାନଙ୍କର ସାହାଯ୍ୟ ଓ ସହାନୁଭୂତି ପାଇଁ ଆମେ ଏମାନଙ୍କଠାରେ କୃତଜ୍ଞ । ଜନସାଧାରଣଙ୍କ ଆର୍ଥିକ ଅବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଛି ଏବଂ ସେମାନଙ୍କର ଥଇଥାନ ପାଇଁ ଧ୍ୟାନ ଦେବାକୁ ହେବ । ମନପ୍ରାଣ ଦେଇ ଓ ସେବା ମନୋଭାବ ନେଇ ଏ ଦିଗରେ ଶାସନସଂସ୍ଥାକୁ ଉଦ୍ୟମ ଅବ୍ୟାହତ ରଖିବାକୁ ପଡ଼ିବ ।

ଗୁରୁତର ବାଧାବିଘ୍ନ ରହିଥିଲେ ମଧ୍ୟ ବିକାଶମୂଳକ କାର୍ଯ୍ୟକଳାପର ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି ପାଇଁ ଉଦ୍ୟମ ବଜାୟ ରଖିବାକୁ ହେବ । ଜାତୀୟ ସଂପତ୍ତିର ଧ୍ୱଂସସାଧନ ବା ସେହିଭଳି ଅନ୍ୟାନ୍ୟ ସମାଜବିରୋଧୀ କାର୍ଯ୍ୟକଳାପକୁ ଦୃଢ଼ହସ୍ତରେ ଦମନ କରିବାକୁ ହେବ । କେବଳ ଜନସାଧାରଣଙ୍କ ପୂର୍ଣ୍ଣ ସହଯୋଗ ବଳରେ ଏହା ହୋଇପାରିବ । ପ୍ରସଙ୍ଗକ୍ରମେ ମୁଁ ଉଲ୍ଲେଖ କରିପାରେ ଯେ ରେଳବାଇରେ ଚେନ୍ ଘଟଣା ଯୋଗୁଁ ୧୨-୧୩ କୋଟି ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ଦେବାକୁ ପଡ଼ିଥାଏ । ଏହି ପବିତ୍ର ଅବସରରେ ଐକ୍ୟବଦ୍ଧ ଭାବରେ ତଥା ଉତ୍ସାହ ଉନ୍ମାଦନା ସହକାରେ ଏକ ସମୃଦ୍ଧିଶାଳୀ ଓଡ଼ିଶା ଗଠନ ଦିଗରେ ନିଜ ନିଜକୁ ଉତ୍ସର୍ଗ କରିଦେବାପାଇଁ ମୁଁ ଆପଣ ସମସ୍ତଙ୍କୁ ନିବେଦନ କରୁଛି ।

ଜୟ ହିନ୍ଦ

ଜନରାଜ୍ୟ ଦିବସ ଉପଲକ୍ଷେ—



# ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସଙ୍କ ବାର୍ତ୍ତା

ଜନରାଜ୍ୟ ଦିବସର ଦ୍ୱାବିଂଶ ବାର୍ଷିକୀ ପାଳନ ଉପଲକ୍ଷେ ମୁଁ ଓଡ଼ିଶାର ଜନସାଧାରଣଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଓଡ଼ିଶାରେ ଅଭୂତପୂର୍ବ ବାତ୍ୟା ବହିଯିବା ଯୋଗୁଁ ବହୁ ଧନ ଜୀବନ ନଷ୍ଟ ହୋଇ ଗତବର୍ଷଟି ଆମ୍ଭମାନଙ୍କ ପକ୍ଷରେ ଗୋଟିଏ ଅତି ଦୁଃସମୟ ହୋଇଥିଲେ ମଧ୍ୟ ବହୁ ନିର୍ଯାତନା ଓ ତ୍ୟାଗ ସ୍ୱୀକାର କରି ଏବେ ସ୍ୱାଧୀନତା ଲାଭ କରିଥିବା ବଙ୍ଗଳାଦେଶର ଅଭ୍ୟୁଦୟ ଫଳରେ ଏହା ଏକ ନୂତନ ଯୁଗର ସୂତ୍ରପାତ କରିଛି ।

ଆପଣମାନେ ଅବଗତ ଅଛନ୍ତି ଯେ ଗତ ଅକ୍ଟୋବର ୨୯ ଓ ୩୦ ତାରିଖରେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକରେ ପ୍ରଳୟଙ୍କରୀ ବାତ୍ୟାଫଳରେ ହଜାର ହଜାର ଲୋକ ଓ ଗୋରୁଗାଈ ମୃତ୍ୟୁ ମୁଖରେ ପଡ଼ିବା ସଙ୍ଗେ ସଙ୍ଗେ ଲକ୍ଷାଧିକ ପରିବାର ଗୃହଶୂନ୍ୟ ହୋଇଥିଲେ । ଏହା ବ୍ୟତୀତ ଯେଉଁ ବିପୁଳ ପରିମାଣର ଧନସମ୍ପତ୍ତି ନଷ୍ଟ ହୋଇଥିଲା ତାହା କଳ୍ପନାତୀତ । ପ୍ରାୟ ସବୁ ଅଞ୍ଚଳରେ ଫସଲ ନଷ୍ଟ ହୋଇ ଯାଇଥିଲା । ଏହା ପୂର୍ବରୁ ଆମେ ବନ୍ୟାରୂପୀ ପ୍ରାକୃତିକ ଦୁର୍ବିପାକର ସମ୍ମୁଖୀନ ହୋଇଥିଲୁ ଯାହା ଫଳରେ ଆମର ଅର୍ଥନୀତି ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା । ଏ ସମସ୍ତ ଘଟଣାବଳୀ ଗୁରୁତର ସମସ୍ୟା ସୃଷ୍ଟି କରିଥିଲା ଏବଂ ଏହି ପରିସ୍ଥିତିର ସମ୍ମୁଖୀନ ହେବା ନିମନ୍ତେ ଯଥାସମ୍ଭବ ସମସ୍ତ ପ୍ରକାରର ରିଲିଫ୍ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା । ବର୍ତ୍ତମାନ ବିପନ୍ନ ଲୋକମାନଙ୍କୁ ଥଇଥାନ ନିମନ୍ତେ ପଦକ୍ଷେପମାନ ନିଆଯାଉଛି ।

ଦୁର୍ଦ୍ଦଶାଗ୍ରସ୍ତ ଲୋକମାନଙ୍କୁ ସାହାଯ୍ୟ ଦେବା କାର୍ଯ୍ୟରେ ଆମେ ଯେତେବେଳେ ବ୍ୟସ୍ତ ଥିଲୁ, ଠିକ୍ ସେତିକିବେଳେ ପାକିସ୍ଥାନ ଭାରତ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲା । ଏହି ଅହେତୁକ ଆକ୍ରମଣ ଯୋଗୁଁ ମାତୃଭୂମି ତଥା ଗଣତନ୍ତ୍ରର ସୁରକ୍ଷା ନିମନ୍ତେ ଶତ୍ରୁ ବିରୁଦ୍ଧରେ ଯୁଦ୍ଧ କରିବାକୁ ଆମେ ବାଧ୍ୟ ହୋଇଥିଲୁ । ଚଉଦ ଦିନ ଯୁଦ୍ଧ ପରେ ପାକିସ୍ଥାନ ବଙ୍ଗଳାଦେଶରେ ଆତ୍ମ ସମର୍ପଣ କଲା ଏବଂ ପଶ୍ଚିମ ସୀମାନ୍ତରେ ଭାରତ

ଶାନ୍ତି ସ୍ଥାପନ ପରେ ମଧ୍ୟ ଏହି ସୁନ୍ଦରବନରେ ଗଳି ହୋଇଥିଲା । ଏକାତ୍ତରମ ସୁନ୍ଦରବନ ସମସ୍ୟା କରୁ । ଯୁଦ୍ଧର ଭୟ ଦୂର ହୋଇନାହିଁ । କାରଣ ଆମର ସୀମାନ୍ତରେ କେତେକ ସ୍ୱାର୍ଥର ବଳୟ ସକ୍ରିୟ, ଏ ସମ୍ପର୍କ ଯୁଦ୍ଧର ସମ୍ଭାବନା ଦୂର ହୋଇନାହିଁ । ତେଣୁ ମାତୃଭୂମି ଓ ଗଣତନ୍ତ୍ରର ଅଖଣ୍ଡତା ତଥା ସୁରକ୍ଷା ନିମନ୍ତେ ଦେଶ ଆମଠାରୁ ସର୍ବାଙ୍ଗୀଣ ଆଶା କରୁଛନ୍ତି । ତେଣୁ ଆମକୁ ସଦାସର୍ବଦା ଜାଗ୍ରତ ଓ ସଜାଗ ରହିବାକୁ ହେବ ।

ଯୁକ୍ତରାଷ୍ଟ୍ର ଆମେରିକା ସେ କ ପୃଥିବୀର ସର୍ବବୃହତ୍ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଅନ୍ୟତମ, ଆମକୁ ବିଭିନ୍ନ କ୍ଷେତ୍ରରେ ସାହାଯ୍ୟ କରି ଆସୁଥିଲା । ଦୁର୍ଭାଗ୍ୟବଶତଃ ସେମାନଙ୍କଠାରୁ ସହଜରେ ଋଣ ପାଇ ପାରୁଥିବାରୁ ଆମେ ମାତ୍ରାରେ ସେମାନଙ୍କ ଉପରେ ନିର୍ଭର କରୁଥିଲୁ । ଏହି ନିର୍ଭରତା ଭାରତକୁ ପଙ୍ଗୁ କରି ଦେଇଛି । ଯଦିଓ ଯୁକ୍ତରାଷ୍ଟ୍ର ଆମେରିକାର ଜନସାଧାରଣଙ୍କ ମନୋଭାବ ବଙ୍ଗଳାଦେଶ ଲୋକମାନଙ୍କ ଆଶା ଓ ଆକାଂକ୍ଷା ପ୍ରତି ଅନୁକୂଳ, ତଥାପି ସେ ଦେଶର ସାଂପ୍ରତିକ ସରକାର ପାକିସ୍ଥାନ ସପକ୍ଷରେ ରହି ଭାରତ ତଥା ବଙ୍ଗଳାଦେଶର ବିରୋଧ କରୁଥିଲା । ନିକ୍‌ସନ ସରକାର ଗଣତନ୍ତ୍ର ତଥା ସ୍ୱାଧୀନତା ସପକ୍ଷରେ ମତ ପୋଷଣ କରୁଥିଲେ ହେଁ ଗଣତନ୍ତ୍ରର ଧ୍ୱଂସ ସାଧନ ପାଇଁ ସବୁପ୍ରକାର କାର୍ଯ୍ୟକରି ଏକ ସାମରିକ ଏକଚ୍ଛତ୍ରବାଦକୁ ସମସ୍ତ ସାହାଯ୍ୟ ଓ ସମର୍ଥନ କରିଥିଲା । ପରିଶେଷରେ ବଙ୍ଗଳାଦେଶକୁ ସାହାଯ୍ୟ କରିବା, ଗଣତନ୍ତ୍ରକୁ ବଞ୍ଚାଇ ରଖିବା ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ଭାରତ ଯେଉଁ ପଣ କରିଛି ସେଥିରୁ ତାକୁ ଟଳାଇ ନ ପାରି ଆମେରିକା ଆମକୁ ଋଣ ବା ଅର୍ଥନୈତିକ ସାହାଯ୍ୟ ଦେବାକୁ ମନା କରିଛି । ତେଣୁ କିପରି ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ, ଆମକୁ ତାହା ଶିକ୍ଷା କରିବା ଏକାନ୍ତ ଆବଶ୍ୟକ ।

ଗାନ୍ଧିଜୀ ଆମମାନଙ୍କୁ ଆତ୍ମନିର୍ଭରଶୀଳ ହେବାପାଇଁ ଯେଉଁ ଶିକ୍ଷା ଦେଇଥିଲେ, ତାହା ଆମେ ଭୁଲିଗଲୁଣି । ଚାଲନ୍ତୁ, ଆତ୍ମନିର୍ଭରଶୀଳ ହେବା ପାଇଁ ଆମେ ପୁଣି ପ୍ରଯତ୍ନ କରିବା ଓ କଠିନ ପରିଶ୍ରମ ତଥା ଅଧିକ ଉତ୍ପାଦନ କରିବା ପାଇଁ ଏବଂ ଏକ ବିଦେଶୀ ରାଷ୍ଟ୍ର ହାତରୁ ଅର୍ଥନୈତିକ ପରାଧୀନତାରୁ ମୁକ୍ତ ହେବା ପାଇଁ ପ୍ରଧାନମନ୍ତ୍ରୀ, କେନ୍ଦ୍ର ତଥା ରାଜ୍ୟ ସରକାର ଯେଉଁ ଆହ୍ୱାନ ଦେଇଛନ୍ତି, ତଦନୁଯାୟୀ କାର୍ଯ୍ୟ କରିବାକୁ ଦୃଢ଼ପରିକର ହେବା । ଅତଏବ ଏହି ଶୁଭ ଅବସରରେ ଚାଲନ୍ତୁ, ସମସ୍ତେ ଶପଥ ଗ୍ରହଣ କରିବା ଓ ସର୍ତ୍ତାଧୀନ କୌଣସି ସାହାଯ୍ୟକୁ ପ୍ରତ୍ୟାଖ୍ୟାନ କରିବା ସଙ୍ଗେ ସଙ୍ଗେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ପୂର୍ଣ୍ଣ ପ୍ରାଣରେ ସମର୍ଥନ ଜଣାଇବା । ଭାରତବର୍ଷ ଏକ ବିଶାଳ ଦେଶ । ଭାରତ ଯେ ଦିନେ ଏକ ନୂତନ ଜୀବନଧାରା ତଥା ସଂସ୍କୃତିର ବାହକ ହୋଇ ବିଶ୍ୱକୁ ନେତୃତ୍ୱ ଦେବ, ଏଥିରେ କୌଣସି ସନ୍ଦେହ ନାହିଁ । ଆମର ସଂସ୍କୃତି ଓ ପ୍ରାଚୀନ ପରମ୍ପରା ଅତି ବିଶାଳ ଓ ମହାନ୍ । ଏ ଯୁଗର ଦାର୍ଶନିକମାନେ ସମାଜବାଦର ଯେଉଁ ବ୍ୟାଖ୍ୟାନ କରୁଛନ୍ତି, ତାହା ଆମର ମହର୍ଷିମାନଙ୍କ ପ୍ରଦର୍ଶିତ ଓ ପ୍ରବର୍ତ୍ତିତ ଜୀବନଯାପନ ପ୍ରଣାଳୀଠାରୁ ଉତ୍କୃଷ୍ଟତର ନୁହେଁ । ସେହି ଅତୀତ ଯୁଗ ଆଡ଼କୁ ଆଖି ଫେରାଇବା ସଙ୍ଗେ ସଙ୍ଗେ ଆମର ପୂର୍ବପୁରୁଷମାନେ ଜୀବନ ଯାପନ ପାଇଁ ଯେଉଁ ମହାନ ନିର୍ଦ୍ଦେଶ ଦେଇଯାଇଛନ୍ତି, ଆସନ୍ତୁ, ସେହି ପଥରେ ଅଗ୍ରସର ହେବା ।

ଚାଲନ୍ତୁ, ସମସ୍ତେ ଏକପ୍ରାଣ ହୋଇ ଛିଡ଼ା ହେବା ଏବଂ ଜାତିର ଜନକଙ୍କ ଦ୍ୱାରା ପ୍ରଦର୍ଶିତ ନୀତିନିୟମକୁ ଅନୁସରଣ କରି ଭବିଷ୍ୟତ ବଂଶଧରଙ୍କ ପାଇଁ ସମୃଦ୍ଧିର ଭିତ୍ତିଭୂମିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଜାତୀୟ ପୁନର୍ଗଠନର ଗୁରୁ ଦାୟିତ୍ୱ ସମ୍ପାଦନ କରିବାରେ ନିଜକୁ ଉତ୍ସର୍ଗ କରିବା ।

ଜୟ ହିନ୍ଦ

ଗଣରାଜ୍ୟ ଦିବସ ଉପଲକ୍ଷେ—



# ରାଜନୀତିକ ଓ ଶାସନ ସଂସ୍ଥା, ଶିଳ୍ପ ଓ ଲୋକସଂପର୍କ ମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ବାର୍ତ୍ତା

ସମଗ୍ର ଦେଶରେ ଜାନୁଆରୀ ୨୬ ତାରିଖ ଦିନ ଦ୍ୱାବିଂଶ ଗଣରାଜ୍ୟ ଦିବସ ଅପୂର୍ବ ଆନନ୍ଦ ଓ ଉଲ୍ଲାସରେ ପାଳିତ ହେବ । ଆମ ଦେଶ ମାତ୍ର ୪୦ ଦିନ ପୂର୍ବେ ଏକ ଅଯୌକ୍ତିକ ଓ ନିର୍ଲଜ୍ଜ ଆକ୍ରମଣର ସମ୍ମୁଖୀନ ହୋଇଥିଲା ଏବଂ ଏହି ଯୁଦ୍ଧରେ ନିଷ୍ପତ୍ତିମୂଳକ ଭାବରେ ବିଜୟ ହାସଲ କରିଥିଲା । ଏହି ଯୁଦ୍ଧରେ ମୁକ୍ତି ସଂଗ୍ରାମରେ ରତ ଥିବା ଦୃଢ଼ପ୍ରତିଜ୍ଞ ସାହସୀ ଜନତାଙ୍କୁ ଆମେ ସାହାଯ୍ୟ କରିବାର ସୁଯୋଗ ଲାଭ କରିଥିଲୁ ଏବଂ ଏହା ଫଳରେ ବଙ୍ଗଳାଦେଶ ଆଜି ଏକ ସ୍ୱାଧୀନ ରାଷ୍ଟ୍ରରୂପେ ଜନ୍ମଲାଭ କରିଛି । ଏହାଦ୍ୱାରା ଏହି ଯୁଦ୍ଧ ଅଧିକ ମହତ୍ତ୍ୱପୂର୍ଣ୍ଣ ହୋଇ ପାରିଛି । ଯୁଦ୍ଧ କ୍ଷେତ୍ରରେ ଆମ ଦେଶର ସଶସ୍ତ୍ର ବାହିନୀଙ୍କ ଶକ୍ତି ଓ ଦୃଢ଼ତା ଏବଂ ଦେଶବାସୀଙ୍କର ଅଭୂତପୂର୍ବ ଐକ୍ୟବଦ୍ଧ କାର୍ଯ୍ୟ ଯୋଗୁଁ ଏହି ବିପୁଳ ବିଜୟ ସମ୍ଭବ ହୋଇ ପାରିଲା । ଶାନ୍ତି ପ୍ରତିଷ୍ଠା ଓ ସୁରକ୍ଷା ପାଇଁ ଏହିଭଳି ଐକ୍ୟବଦ୍ଧ କାର୍ଯ୍ୟର ମଧ୍ୟ ଏକାନ୍ତ ଆବଶ୍ୟକତା ରହିଛି ।

ଆମ ରାଜ୍ୟର ଜନସାଧାରଣ ଦେଶ ଉପରେ ଆକ୍ରମଣ ହେବା ସଙ୍ଗେ ସଙ୍ଗେ ଐକ୍ୟବଦ୍ଧ ହୋଇ କାର୍ଯ୍ୟ କରିବା ପାଇଁ ଯେଉଁ ଆହ୍ୱାନ ଦିଆଯାଇଥିଲା ତାହା ଅକୁଣ୍ଠିତ ଭାବରେ ଅନୁସରଣ କରିଥିଲେ ଏବଂ ଯୁଦ୍ଧର ସଫଳତା ପାଇଁ ଯଥାସାଧ୍ୟ ସାହାଯ୍ୟ କରିଥିଲେ । ଶାନ୍ତି ପ୍ରତିଷ୍ଠା ଦିଗରେ ସେହିଭଳି ଯେଉଁ ଉଦ୍ୟମ ହେବ ଓଡ଼ିଶାବାସୀ ସେଥିରେ ସହଯୋଗ କରିବାକୁ କଦାପି ପଶ୍ଚାତ୍‌ପଦ ହେବେନାହିଁ ।

ଆମ ରାଜ୍ୟର ଶିଳ୍ପ ଓ କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ନିମନ୍ତେ ଗତବର୍ଷ ରାଜ୍ୟ ସରକାର ବିସ୍ତୃତ ଯୋଜନା ପ୍ରସ୍ତୁତ କରିଛନ୍ତି । ରାଜ୍ୟରେ ବହୁସଂଖ୍ୟକ ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ତଥା ଜମି ଯୋତବନ୍ଦ ଓ ଭୂସଂସ୍କାର ଆଇନର ଜମିର ସର୍ବୋଚ୍ଚସୀମା ନିର୍ଦ୍ଧାରଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ନିମନ୍ତେ ପ୍ରସ୍ତୁତ କରାଯାଇଥିବା ବିସ୍ତୃତ ଯୋଜନା ଆସନ୍ତାବର୍ଷ ଜୋରସୋରରେ କାର୍ଯ୍ୟକାରୀ ହେବ । ମାତ୍ର ଏହି ଯୋଜନାର ସଫଳତା ଦଳମତ ନିର୍ବିଶେଷରେ ରାଜ୍ୟର ଜନସାଧାରଣଙ୍କ ସହଯୋଗ ଓ କେନ୍ଦ୍ର ସରକାରଙ୍କ ଆବଶ୍ୟକୀୟ ସାହାଯ୍ୟ ଉପରେ ନିର୍ଭର କରେ । ଦୀର୍ଘକାଳ ଅବହେଳିତ ଓଡ଼ିଶାବାସୀଙ୍କ ଆଶା, ଆକାଂକ୍ଷା ପୂରଣ ପାଇଁ ଆଉ ଅପେକ୍ଷା କରାଯାଇ ନ ପାରେ ।

ମୁଁ ଗଣରାଜ୍ୟ ଦିବସ ଉତ୍ସବ ପାଳନର ସଫଳତା କାମନା କରୁଛି । ନୂତନବର୍ଷ ସମସ୍ତଙ୍କପାଇଁ ଶାନ୍ତି ଓ ସମୃଦ୍ଧି ଆଣିଦେଉ ।

ଜୟ ହିନ୍ଦ୍

ଗଣରାଜ୍ୟ ଦିବସ ଉପଲକ୍ଷେ—



## ସ୍ୱରାଷ୍ଟ୍ର, ଯୋଗାଣ, ଖଣି ଓ ଭୂତତ୍ତ୍ୱ ଏବଂ ସରକାରୀ ଉଦ୍ୟୋଗ ମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟଙ୍କ ବାର୍ତ୍ତା

୧୯୭୨ ଗଣରାଜ୍ୟ ଦିବସ ଉପଲକ୍ଷେ ଓଡ଼ିଶାବାସୀଙ୍କ ପ୍ରତି ମୁଁ ମୋର ସାଦର ଅଭିନନ୍ଦନ ଓ ସଦିଚ୍ଛା ଜଣାଉଛି ।

ଏକ ସାର୍ବଭୌମ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଭାରତବର୍ଷ ଗଣତନ୍ତ୍ର ଓ ମାନବିକତାର ଆଦର୍ଶ ସୁରକ୍ଷା କରିବା ଦିଗରେ, ସଂକଟମୟ ମୁହୂର୍ତ୍ତରେ ତାହାର ଶକ୍ତି ଓ ସାମର୍ଥ୍ୟର ପରିଚୟ ଦେଇଛି । ଅକଥନୀୟ ଅତ୍ୟାଚାରରେ ଜର୍ଜରିତ ୭ କୋଟି ଜନତାଙ୍କୁ ଉଦ୍ଧାର କରିବା ପାଇ ଭାରତ ବଙ୍ଗଳାଦେଶରେ ଯେଉଁ ସାହସିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ତାହା ବାସ୍ତବିକ ମାନବଜାତିର ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ଆମ ଦେଶର ସଶସ୍ତ୍ର ବାହିନୀ ତଥା ଦେଶର ଜନସାଧାରଣ ଗଣତନ୍ତ୍ର ଓ ମାନବିକ ମୂଲ୍ୟବୋଧ ଉପରେ ସେମାନଙ୍କର ଦୃଢ଼ ଆସ୍ଥା ପ୍ରକାଶ କରି ଯେଉଁ ତ୍ୟାଗ ଓ ସାହସିକତାର ନିଦର୍ଶନ ଦେଖାଇଛନ୍ତି ତାହାର ପଟାନ୍ତର ନାହିଁ ।

ଆସନ୍ତୁ, ଆମର ମହାନ ଆଦର୍ଶ ତଥା ଗଣତନ୍ତ୍ରର ଆଲୋକ-ବର୍ତ୍ତିକାକୁ ପୃଥିବୀରେ ଚିରକାଳ ପ୍ରଜ୍ଜ୍ୱଳିତ କରି ରଖିବା ପାଇଁ ଆମେ ପୁଣି ସଂକଳ୍ପବଦ୍ଧ ହେବା ।

ଜୟ ହିନ୍ଦ

ଜନରାଜ୍ୟ ଦିବସ ଉପଲକ୍ଷେ—



## ଗ୍ରାମ ଉନ୍ନୟନ, ସମବାୟ ଓ ପୌର ଉନ୍ନୟନ ମନ୍ତ୍ରୀ ଶ୍ରୀ ବୃନ୍ଦାବନ ନାୟକଙ୍କ ବାର୍ତ୍ତା

ପୂର୍ବ ବର୍ଷମାନଙ୍କ ତୁଳନାରେ ଏ ବର୍ଷ ଜନରାଜ୍ୟ ଦିବସର ବିଶେଷ ତାତ୍ପର୍ଯ୍ୟ ରହିଛି । ଯୁଦ୍ଧ କ୍ଷେତ୍ରରେ ଆମର ସାହସୀ ଜବାନମାନଙ୍କଦ୍ୱାରା ଏବଂ ସମଗ୍ର ଦେଶବାସୀଙ୍କ ପକ୍ଷରୁ ପ୍ରକାଶ ପାଇଥିବା ଅପୂର୍ବ ଏକତା-ବଳରେ ଆମ ଶତ୍ରୁର ଦୁରଭିସନ୍ଧିକୁ ସଫଳତା ସହକାରେ ବ୍ୟର୍ଥ କରି ଦିଆଯାଇଛି । ଆଜି ସମଗ୍ର ଦେଶବାସୀ ଆମର ବୀର ଜବାନମାନଙ୍କ କୃତିତ୍ୱ ପାଇଁ ଗର୍ବ ଅନୁଭବ କରୁଛନ୍ତି । ତଥାପି ଆମର ଅବିଶ୍ୱାସୀ ପଡ଼ୋଶୀରାଷ୍ଟ୍ର ଓ ତାହାର ସମର୍ଥକମାନଙ୍କ କୂଟଚକ୍ରାନ୍ତ ବିରୁଦ୍ଧରେ ଆମକୁ ଅହରହ ଜାଗ୍ରତ ହୋଇ ରହିବାକୁ ପଡ଼ିବ । କାରଣ ସେମାନେ ପ୍ରତିଶୋଧ ନେବା ମତଲବରେ ପୁଣି ଅହେତୁକ ଆକ୍ରମଣ ଚଳାଇବା କିଛି ଅସମ୍ଭବ ନୁହେଁ । ଏଭଳି ପରିପ୍ରେକ୍ଷୀରେ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ମୁଁ ସମସ୍ତଙ୍କର ସାହାଯ୍ୟ-ସହଯୋଗ କାମନା କରୁଛି । କାରଣ ସମାଜବାଦ ହାସଲ କରିବା ଓ ପ୍ରତିରକ୍ଷା ପ୍ରସ୍ତୁତିକୁ ଦୃଢ଼ କରିବା ଦିଗରେ ଦେଶରେ ଖାଦ୍ୟ ଉତ୍ପାଦନ ବୃଦ୍ଧି ସର୍ବାପେକ୍ଷା ବେଶି ଆବଶ୍ୟକ । ଏଥିପାଇଁ ଗ୍ରାମାଞ୍ଚଳରେ ରାସ୍ତା ନିର୍ମାଣ, କ୍ଷୁଦ୍ର ଜଳସେଚନ ଯୋଜନା ତଥା ଗ୍ରାମାଞ୍ଚଳରେ ଜଳ ଯୋଗାଣ ପରିକଳ୍ପନାକୁ ଶୀଘ୍ର କାର୍ଯ୍ୟକାରୀ କରିବା ଏବଂ କୃଷୀମାନଙ୍କୁ ଅର୍ଥ, ବିହନ ଓ ସାର ଆକାରରେ ଋଣ ଯୋଗାଇବା ପ୍ରଭୃତି କାର୍ଯ୍ୟରେ ସମସ୍ତେ ସହଯୋଗ କରିବାକୁ ମୋର ନିବେଦନ ।



ଜନରାଜ୍ୟ ଦିବସ ଉପଲକ୍ଷେ—

# ଆଇନ ଏବଂ ଆଦିବାସୀ ଓ ଗ୍ରାମମଙ୍ଗଳ ମନ୍ତ୍ରୀ ଶ୍ରୀ ନଟବର ପ୍ରଧାନଙ୍କ ବାର୍ତ୍ତା

ଗତ ଦ୍ୱିତୀୟ ମହାସମର ପରେ ଭାରତ ସମେତ ଅନେକ ନୂଆ ରାଷ୍ଟ୍ରର ଆବିର୍ଭାବ ଘଟିଛି। ଭାରତବାସୀଙ୍କ ପକ୍ଷେ ପରମ ଗୌରବର ବିଷୟ ଏହି ଯେ, ସେମାନଙ୍କର ଏହି ମହାନ୍ ରାଷ୍ଟ୍ର ଶାନ୍ତି। ଗଣତନ୍ତ୍ରରେ ଦୃଢ଼ ଆସ୍ଥାବାନ୍ ବୋଲି ସମଗ୍ର ପୃଥିବୀ ଆଗରେ ପ୍ରମାଣିତ କରି ସମସ୍ତ ବିପତ୍ତିରେ ସଫଳ ସହକାରେ ଉତ୍ତୀର୍ଣ୍ଣ ହୋଇ ପାରିଛି। ତେଣୁ ଭାରତର ପଡ଼ୋଶୀ ରାଷ୍ଟ୍ରମାନେ ଗୋଟିକ ପରେ ଗୋଟିଏ ସାମରି ଶାସନର ପଦାନତ ହୋଇ ଥିବାବେଳେ ଭାରତ ଗଣତନ୍ତ୍ରର ବିଜୟ ବାନା ଧରି ଦୃଢ଼ ଓ ଅଟଳଭାବ ଦଣ୍ଡାୟମାନ ରହିବା କିଛି ଆଶ୍ଚର୍ଯ୍ୟର କଥା ନୁହେଁ। ଭାରତବର୍ଷ ଉପରେ ନିର୍ଦ୍ଦିଷ୍ଟ ସମସ୍ତ ବ୍ୟବଧାନ ଗୋଟିକ ପରେ ଗୋଟିଏ ଯୁଦ୍ଧ ଲଦି ଦିଆଯାଇଥିଲେ ହେଁ ଭାରତ ସେହିସବୁର ମୁକାବିଲା କରି ପ୍ରତ୍ୟେକଥ ପୂର୍ବାପେକ୍ଷା ଅଧିକ ଗୌରବ-ଗରିମାରେ ମଣ୍ଡିତ ହୋଇଛି ଏବଂ ଅଧିକ ଶୌର୍ଯ୍ୟବୀର୍ଯ୍ୟର ପରିଚ ଦେଇଛି।

କେବଳ ବଙ୍ଗଳାଦେଶର ମୁକ୍ତି ଉଦ୍ଦେଶ୍ୟରେ ପାକିସ୍ଥାନ ସହିତ ଏବେ ଆମର ଯେଉଁ ଯୁଦ୍ଧ ହୋଇଗ ସେଥିରେ ଆମେ ପୁଣି ଥରେ ବିଶ୍ୱବାସୀଙ୍କୁ ଦେଖାଇ ଦେଇଛୁ ଯେ ଆକ୍ରମଣର ମୁକାବିଲା କରିବା ପାଇଁ ଯେତେଦୂର ନିର୍ମମ ହେବା ଦରକାର ଭାରତ ସେତେଦୂର ନିର୍ମମ ହେବା ସଙ୍ଗେ ସଙ୍ଗେ ବିଜୟୋଲ୍ଲାସ ମଧ୍ୟ ପରାଜିତ ପକ୍ଷ ପ୍ରତି ସଦୟ, ସହନଶୀଳ ମଧ୍ୟ ହୋଇଥାଏ। ଗଣତନ୍ତ୍ର ତଥା ବିଶ୍ୱଶାନ୍ତିକୁ ବଜାୟ ରଖିବା ପା ଅନ୍ୟାନ୍ୟ ବହୁ ଦେଶର କଥା ଓ କାର୍ଯ୍ୟରେ ସାମଞ୍ଜସ୍ୟ ନ ରହୁଥିବା ସ୍ଥଳେ ଆମେ ଆଉଥରେ ପ୍ରମାଣ କ ଦେଇଛୁ ଯେ ଭାରତ ମୁହଁରେ ଯାହା କହେ, କାର୍ଯ୍ୟରେ ତାହା ପାଳନ କରେ।

ଆମର ମାତୃଭୂମି ତଥା ବଙ୍ଗଳା ଦେଶ ପାଇଁ ପ୍ରାଣବଳି ଦେଇଥିବା ବୀର ଜବାନମାନଙ୍କ ମହାନ୍ ସ୍ମୃ ତର୍ପଣ କରି ଏବଂ ଭାରତ ଭଳି ଏକ ମହାନ୍ ରାଷ୍ଟ୍ରର ଏକତା ରକ୍ଷା କରିବା ତଥା ଅଦ୍ୟାବଧି ପରିପୋଷିତ। ସୁରକ୍ଷିତ ଗଣତନ୍ତ୍ରକୁ ବଜାୟ ରଖିବା କାର୍ଯ୍ୟରେ ନିୟୋଜିତ ବୀର ଜବାନ ଓ କିଷାନମାନଙ୍କୁ ଅଭିନନ୍ଦନ ଜ୍ଞାପ କରି, ଆସନ୍ତୁ ଆମ୍ଭେମାନେ ୧୯୭୨ ଜନରାଜ୍ୟ ଦିବସରେ ଆମର ତ୍ରିରଙ୍ଗା ପତାକା ଉତ୍ତୋଳନ କରିବା।

ଜୟ ଜବାନ୍, ଜୟ କିଷାନ୍, ଜୟ ହିନ୍ଦ୍

# ନବନିଯୁକ୍ତ ଉପମନ୍ତ୍ରୀବୃନ୍ଦ



ଶ୍ରୀ ଡମ୍ବରୁ ମାଝି



ଶ୍ରୀ ଯଦୁନାଥ ଦାଶମହାପାତ୍ର



ଶ୍ରୀ ଘାସିରାମ ମାଝି



ଶ୍ରୀ ବୀରଭଦ୍ର ସିଂହ



ଶ୍ରୀ ଉନୁରଙ୍ଗ ତ୍ରିଭୁବନ ଦେବ



ଶ୍ରୀ ସାହାଗର ଓରମ୍



ଶ୍ରୀ ସମ୍ପୂର୍ଣ୍ଣକୁମାର ଦାସ



ଶ୍ରୀ ଦେବରାଜ ସାହୁ



ଶ୍ରୀ ଶରତ କୁମାର ଦେବ



ଶ୍ରୀ ଗୋବିନ୍ଦଚନ୍ଦ୍ର ସେଠୀ



ଶ୍ରୀ ରାମଚନ୍ଦ୍ର ପହରାଜ



ଶ୍ରୀ ରବିସିଂହ ମାଝି

# ବିକାଶ ପଥେ ଓଡ଼ିଶା

ଓଡ଼ିଶାର ରାଜ୍ୟପାଳ ସର୍ଦ୍ଦାର ଯୋଗେନ୍ଦ୍ର ସିଂହ ୧୯୭୨ ଜାନୁଆରୀ ୩ ତାରିଖରେ ଓଡ଼ିଶା ବିଧାନ ସଭାର ତୃତୀୟ ଅଧିବେଶନ ଉଦ୍‌ଘାଟନ କରିଦେଇଥିବା ଅଭିଭାଷଣର ପୂର୍ଣ୍ଣପାଠ ନିମ୍ନରେ ପ୍ରଦତ୍ତ ହେଲା ।

ବିଧାନ ସଭାର ଏହି ତୃତୀୟ ଅଧିବେଶନ ଉପଲକ୍ଷେ ମୁଁ ଆପଣମାନଙ୍କୁ ସ୍ୱାଗତ ଜ୍ଞାପନ କରି ଅତ୍ୟନ୍ତ ଆନନ୍ଦ ଅନୁଭବ କରୁଛି । ନବବର୍ଷପାଇଁ ମୁଁ ଆପଣମାନଙ୍କୁ ଓ ଆପଣମାନଙ୍କ ଜରିଆରେ ଓଡ଼ିଶାର ଜନସାଧାରଣଙ୍କୁ ମୋର ସାଦର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସ, ଶ୍ରୀ ବିଜୟାନନ୍ଦ ପଟ୍ଟନାୟକ, ଶ୍ରୀ ବଳରାମ ସାହୁ ଓ ଶ୍ରୀ ରଘୁନାଥ ପ୍ରଧାନ ଏହି ବିଧାନ ସଭାପାଇଁ ହୋଇଥିବା ଗତ ଉପନିର୍ବାଚନରେ ଜୟଯୁକ୍ତ ହୋଇଥିବାରୁ, ଏହି ଅବସରରେ, ସେମାନଙ୍କୁ ମଧ୍ୟ ମୁଁ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଏହି ଗୃହକୁ ସ୍ୱାଗତ କରୁଛି ।

୨ । ସର୍ବପ୍ରଥମେ ମୁଁ ଏହି ସଭାର ପୂର୍ବତନ ସଭ୍ୟ ଶ୍ରୀ ଅର୍ଜ୍ଜୁନ ଦାସଙ୍କ ପରଲୋକରେ ମୋ ସହିତ ସମବେତ ଭାବେ ଗଭୀର ଶୋକ ଓ ଦୁଃଖ ପ୍ରକାଶ କରିବାପାଇଁ ଆପଣମାନଙ୍କୁ ଅନୁରୋଧ କରୁଛି । ସେ ପାଟଣାଗଡ଼ ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ୧୯୫୨ ଠାରୁ ୧୯୫୭ ପର୍ଯ୍ୟନ୍ତ ଏହି ଗୃହର ଜଣେ ସଭ୍ୟ ଥିଲେ । ଶ୍ରୀ ଅର୍ଜ୍ଜୁନ ଦାସ ଜନସାଧାରଣଙ୍କ ସେବାରେ ତାଙ୍କ ଜୀବନକୁ ଉତ୍ସର୍ଗ କରିଥିଲେ ଏବଂ ଏହି ଗୃହର ଜଣେ ବିଶିଷ୍ଟ ସଭ୍ୟ ଥିଲେ । ଆମମାନଙ୍କ ମନରେ ତାଙ୍କର ସ୍ମୃତି ବହୁକାଳପାଇଁ ଜାଗ୍ରତ ରହିବ ।

## ପାକିସ୍ଥାନ ଆକ୍ରମଣ

୩ । ଏହି ଗୃହର ବିଗତ ଅଧିବେଶନ ପରେ ଜାତୀୟ ଓ ଆନ୍ତର୍ଜାତୀୟ କ୍ଷେତ୍ରରେ ଘଟିଯାଇଥିବା କେତେକ ସୁଦୂରପ୍ରସାରୀ ଓ ତାତ୍ପର୍ଯ୍ୟପୂର୍ଣ୍ଣ ଅସାଧାରଣ ଘଟଣା-ପ୍ରବାହ ଆମକୁ ପ୍ରଭାବିତ କରିଛି । ପାକିସ୍ଥାନ ଉଭୟ ପୂର୍ବ ଓ ପଶ୍ଚିମ ସୀମାନ୍ତରେ ଆମ ଦେଶ ବିରୁଦ୍ଧରେ ଗୋଟିଏ ପୂର୍ଣ୍ଣାଙ୍ଗ ଯୁଦ୍ଧ ଆରମ୍ଭ କରିଦେବା ଫଳରେ ସମଗ୍ର ଦେଶରେ ଜରୁରି ଅବସ୍ଥା ଘୋଷଣା କରାଯାଇଛି । ଆମ ବିରୁଦ୍ଧରେ ପାକିସ୍ଥାନ ଅହେତୁକ ଆକ୍ରମଣ କରିଦେଲା ଓ ୧୯୭୧ ଡିସେମ୍ବର ୩ ତାରିଖ ସନ୍ଧ୍ୟାରେ ପ୍ରାୟ ଏକ ସମୟରେ ଆମ ଦେଶର ପଶ୍ଚିମ ପଟେ ଥିବା

ଅନେକଗୁଡ଼ିଏ ବିମାନଘାଟୀ ଉପରେ ଚଢ଼ାଉ କଲା । ପାକିସ୍ଥାନୀ ଆକ୍ରମଣର ସମ୍ବାଦ ସାରା ଦେଶରେ ସ୍ୱହ୍ଟ ସ୍ୱହ୍ଟ ବ୍ୟାପିଗଲା ଏବଂ ଆକ୍ରମଣର ସମ୍ବାଦ ସାରା ଦେଶରେ ଭାରତ ଦେଶର ସ୍ୱାଧୀନତା ଓ ଆଞ୍ଚଳିକ ଅଖଣ୍ଡତା ରକ୍ଷା କରିବାରେ ଭାରତ ସରକାରଙ୍କୁ ସାହାଯ୍ୟ କରିବା ସକାଶେ ସମସ୍ତ ଦେଶବାସୀ ସବୁ ଭେଦାଭେଦ ଭୁଲିଯାଇ ମିଳିତ ଭାବରେ ସଂକଳ୍ପବଦ୍ଧ ହୋଇଥିଲେ । ପ୍ରଧାନ ମନ୍ତ୍ରୀ ଯଥାର୍ଥରେ କହିଛନ୍ତି ଯେ ବଙ୍ଗଳା ଦେଶ ଉପରେ ଆକ୍ରମଣ ଭାରତ ବିରୁଦ୍ଧରେ ଏକ ଯୁଦ୍ଧରେ ପରିଣତ ହୋଇଛି । ଆମ ଦେଶର ସୈନ୍ୟବାହିନୀ, ନୌବାହିନୀ ଓ ବିମାନବାହିନୀର ଜବାନମାନେ ମୁକ୍ତି ବାହିନୀର ସକ୍ରିୟ ସହଯୋଗରେ ମାତ୍ର ୧୪ ଦିନ ମଧ୍ୟରେ ପୂର୍ବାଞ୍ଚଳ ରଣାଙ୍ଗନରେ ଶତ୍ରୁକୁ ନିପାତ କରି ବିନାସର୍ତ୍ତରେ ଆତ୍ମ-ସମର୍ପଣ କରିବାପାଇଁ ବାଧ୍ୟ କରିଥିଲେ । ଏହା ସେମାନଙ୍କ ପକ୍ଷରେ ଗୋଟିଏ ଅତୀବ ପ୍ରଶଂସନୀୟ କୃତିତ୍ୱ । ପଶ୍ଚିମ ରଣାଙ୍ଗନରେ ମଧ୍ୟ ଶତ୍ରୁ ଆମର ସଶସ୍ତ୍ର ବାହିନୀର ବଳବିକ୍ରମ, ସାହସିକତା, ଶୌର୍ଯ୍ୟ ଓ ଉନ୍ନତ ରଣକୌଶଳର ଆଦୌ ସମକକ୍ଷ ନଥିଲା । ଆମର ଜବାନମାନେ ବହୁ ରଣକ୍ଷେତ୍ରରେ ଶତ୍ରୁକୁ ଯେ କେବଳ ଆମ ଅଞ୍ଚଳ ଭିତରୁ ନିକାଳି ଦେଇଥିଲେ ତାହା ନୁହେଁ, ଯୁଦ୍ଧବିରତି ବ୍ୟବସ୍ଥା କାର୍ଯ୍ୟକାରୀହେବା ତାରିଖ ସୁଦ୍ଧା ଶତ୍ରୁ-ରାଜ୍ୟର ବହୁ ଅଞ୍ଚଳ ଦଖଲ କରିବାରେ ମଧ୍ୟ କୃତକାର୍ଯ୍ୟ ହୋଇଥିଲେ । ଯଦିବା ଯୁଦ୍ଧ ବନ୍ଦ ହୋଇଯାଇଛି ଏବଂ ବଙ୍ଗଳା ଦେଶ ଆମଠାରୁ ବିଧିବଦ୍ଧଭାବେ ସ୍ୱୀକୃତି ଲାଭକରି ଗୋଟିଏ ସ୍ୱତନ୍ତ୍ର ଦେଶରେ ପରିଣତ ହୋଇଛି, ତଥାପି ଆମେମାନେ ସେପରି ଜାଗ୍ରତିଆର ରହିବାର କଥା, ନିକଟ ଭବିଷ୍ୟତରେ ସେ ଦିଗରେ ଶିଥିଳ ହୋଇଗଲେ ଚଳିବ ନାହିଁ । ଆମକୁ ଯେ କୌଣସି ସମୟରେ ଯେ କୌଣସି ପରିସ୍ଥିତିର ମୁକାବିଲା କରିବା-ପାଇଁ ତିଆର ହୋଇ ରହିବାକୁ ପଡ଼ିବ । ସଶସ୍ତ୍ର ବାହିନୀର ଯେଉଁ ଜବାନମାନେ ଦେଶ ପାଇଁ ପ୍ରାଣବଳି ଦେଲେ ସେମାନଙ୍କ ପରିବାର-ବର୍ଗଙ୍କ ପ୍ରତି ଆମର ଗଭୀର ସମବେଦନା ରହିଛି ।

## ସ୍ୱାଧୀନ ବଙ୍ଗଳା ଦେଶର ଅଭ୍ୟୁଦୟ

ଆମେମାନେ ସ୍ୱାଧୀନ ବଙ୍ଗଳା ଦେଶର ଅଭ୍ୟୁଦୟକୁ ସ୍ୱାଗତ କରୁଛୁ ଏବଂ ଆମର ପ୍ରଧାନମନ୍ତ୍ରୀ ସଙ୍କଟ କାଳରେ ଦେଶକୁ ଅସାଧାରଣ ନେତୃତ୍ୱ ଦେଇଥିବାରୁ ଆମେମାନେ ତାଙ୍କ ପ୍ରତି ଆମର ସସମ୍ମାନ ଶ୍ରଦ୍ଧା ଜ୍ଞାପନ କରୁଛୁ । ଦେଶର ସଙ୍କଟପୂର୍ଣ୍ଣ କାଳରେ ଦେଶକୁ ଯଥାର୍ଥ ମାର୍ଗରେ ପରିଚାଳିତ କରିବାରେ ତାଙ୍କର ସହଯୋଗୀବୃନ୍ଦ, ବିଶେଷକରି ପ୍ରତିରକ୍ଷା ମନ୍ତ୍ରୀ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଓ ଅର୍ଥ ମନ୍ତ୍ରୀ ଯେପରି କୃତିତ୍ୱପୂର୍ଣ୍ଣ ଭାବରେ ସେମାନଙ୍କର ଦାୟିତ୍ୱ ତୁଲାଇଛନ୍ତି ସେଥିପାଇଁ ସେମାନଙ୍କପ୍ରତି ମଧ୍ୟ ଆମେ କୃତଜ୍ଞ । ଆମ ପକ୍ଷରେ ଅତ୍ୟନ୍ତ ସୁଖର ବିଷୟ ଏହି ଯେ ଦେଶର ସବୁ ରାଜନୈତିକ ଦଳ ପ୍ରତିରକ୍ଷା ଉଦ୍ୟମରେ ଅକୁଣ୍ଠିତ ଚିତ୍ତରେ ପୂର୍ଣ୍ଣ ସହଯୋଗ କରିଥିଲେ ଏବଂ ଜାତି, ବର୍ଣ୍ଣ, ରାଜନୀତିକ ମତାବାଦ, ଆଞ୍ଚଳିକ ବା ଅନ୍ୟାନ୍ୟ ମତଭେଦ ନିର୍ବିଶେଷରେ ଆମ ଦେଶର ପ୍ରତ୍ୟେକ ବ୍ୟକ୍ତି ଏକଜୁଟ ହୋଇ ଠିଆ ହୋଇଥିଲେ । ଆମ ଦେଶର ଅଖଣ୍ଡତା ବଜାୟ ରଖିବା ଦିଗରେ ଆମର ପ୍ରତିରକ୍ଷା ବାହିନୀର ଜବାନମାନେ ଚମତ୍କାର କାର୍ଯ୍ୟ କରିଛନ୍ତି ଏବଂ ବଙ୍ଗଳା ଦେଶର ମୁକ୍ତି ବାହିନୀ ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ସାହସିକ ପ୍ରଚେଷ୍ଟା କରିଛନ୍ତି । ଏଥିପାଇଁ ସେମାନଙ୍କ ପ୍ରତି ଆମେମାନେ ହାର୍ଦ୍ଦିକ ଶ୍ରଦ୍ଧା ଜ୍ଞାପନ କରୁଛୁ । ଏହି ମହତ୍ ଲକ୍ଷ୍ୟ ହାସଲପାଇଁ ଆମର ପ୍ରତିରକ୍ଷା ବାହିନୀ ଓ ମୁକ୍ତି ବାହିନୀର ଯେଉଁ ସାହସୀ ଜବାନମାନେ ପ୍ରାଣବଳି ଦେଇଛନ୍ତି, ଏହି ଗୃହର ସଭ୍ୟମାନେ ନିଃସନ୍ଦେହରେ ମୋ ସହିତ ସମବେତ ଭାବରେ ସେମାନଙ୍କ ପ୍ରତି କୃତଜ୍ଞତାପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବେ ।

## ଅଭୂତ ପୂର୍ବ ବାତ୍ୟା ଓ ରିଲିଫ୍ ବ୍ୟବସ୍ଥା

୪ । ଆମ ରାଜ୍ୟ ଗତ ବର୍ଷ ଲାଗ ଲାଗ୍ ବନ୍ୟା ଓ ମରୁଡ଼ି ଭଳି ପ୍ରାକୃତିକ ବିପଦର କବଳରେ ପଡ଼ିଥିଲା ଏବଂ ଅକ୍ଟୋବର ୨୯ ତାରିଖରେ ରାଜ୍ୟର ଉପକୂଳବର୍ତ୍ତୀ କଟକ ଓ ବାଲେଶ୍ୱର ଜିଲ୍ଲାରେ ଏବଂ ପୁରୀ, ମୟୂରଭଞ୍ଜ, କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାର କେତେକାଂଶରେ ଏକ ପ୍ରଳୟଙ୍କରୀ ଘୂର୍ଣ୍ଣିବାତ୍ୟା ବହିଗଲା । ପ୍ରାୟ ଗତ ଶହେ ବର୍ଷ ମଧ୍ୟରେ ଏଭଳି ଘୂର୍ଣ୍ଣିବାତ୍ୟା ଏ ରାଜ୍ୟରେ କେବେ ଦେଖା ନ ଥିଲା । ୧୬୦ କିଲୋମିଟର ବେଗରେ ବାତ୍ୟା ପ୍ରବାହିତ ହେବା ସଙ୍ଗେ ସଙ୍ଗେ ପ୍ରାୟ ୧୫ ଫୁଟ ଉଚ୍ଚ ଏକ ସାମୁଦ୍ରିକ ଜୁଆର କଟକ ଓ ବାଲେଶ୍ୱର ଉପକୂଳବର୍ତ୍ତୀ ଅଞ୍ଚଳର ୧୫ ମାଇଲ ଭିତରକୁ ମାଡ଼ିଆସିଲା । ଏହା ଫଳରେ ପ୍ରଭୂତ ଧନଜୀବନ କ୍ଷୟ ହେଲା ଓ ଏକ ବ୍ୟାପକ ଅଞ୍ଚଳରେ ଲୁଣା ମାଡ଼ିଗଲା । ହଜାର ହଜାର ଲୋକ ପ୍ରାଣ ହରାଇଲେ । ଏକ ଲକ୍ଷ ପାଖାପାଖି ଗୃହପାଳିତ ପଶୁ ମରିଥିବାର ମଧ୍ୟ ଅଟକଳ କରାଯାଇଛି । କ୍ଷେତରେ ଥିବା ଧାନ ସମେତ ପ୍ରଭୂତ ସମ୍ପତ୍ତି ନଷ୍ଟ ହୋଇଗଲା । ଏହି ଭୟାବହ ଦୁର୍ଦ୍ଦଶାରେ ଯୋଗୁଁ ଯେଉଁ ବ୍ୟକ୍ତିମାନଙ୍କର ପ୍ରାଣହାନି ଘଟିଲା ସେମାନଙ୍କ ପରିବାରବର୍ଗଙ୍କ ଦୁଃଖରେ ଆମେ ସମବେଦନା ଜ୍ଞାପନ

କରୁଛନ୍ତି । ମୋ ସରକାର ଏକ ବ୍ୟାପକ ଅଞ୍ଚଳରେ ବିରାଟ ଆକାରରେ ରିଲିଫ କାର୍ଯ୍ୟ ପରିଚାଳନା ଲାଗି ତୁରନ୍ତ ବ୍ୟବସ୍ଥା ଗ୍ରହଣ କଲେ ଏବଂ ଏଥି ନିମନ୍ତେ ଗୋଟିଏ ବିଶେଷ ସଂସ୍ଥା ସ୍ଥାପନ କଲେ । ବର୍ତ୍ତମାନ ଉକ୍ତ ସଂସ୍ଥାଦ୍ୱାରା ରିଲିଫ କାର୍ଯ୍ୟ ପରିଚାଳିତ ହେଉଛି । ଭାରତ ସରକାର, ଅନ୍ୟାନ୍ୟ ରାଜ୍ୟ ସରକାର ତଥା ସମଗ୍ର ଦେଶବାସୀ ଆମର ବିପଦବେଳେ ଆମମାନଙ୍କୁ ସାହାଯ୍ୟ ପ୍ରଦାନ କରିଥିବାରୁ ଏବଂ ଆମ ପ୍ରତି ସହାନୁଭୂତି ଓ ଉଦାରତା ପ୍ରଦର୍ଶନ କରିଥିବାରୁ ଆମେମାନେ ସେମାନଙ୍କ ପ୍ରତି କୃତଜ୍ଞ । ବାତ୍ୟାପ୍ରପୀଡ଼ିତ ଲୋକମାନଙ୍କ ସାହାଯ୍ୟକଳ୍ପେ ଯେଉଁ ସବୁ ଅନ୍ତର୍ଜାତିକ ଅନୁଷ୍ଠାନ ଓ କେତେକ ବିଦେଶୀ ସରକାର ଆମମାନଙ୍କୁ ଆର୍ଥିକ ଓ ଅନ୍ୟାନ୍ୟ ଜିନିଷପତ୍ର ସାହାଯ୍ୟ ପ୍ରଦାନ କରିଛନ୍ତି, ସେମାନଙ୍କଠାରେ ମଧ୍ୟ ଆମେ କମ୍ ଋଣୀ ନୋହୁଁ ।

## କ୍ଷୟକ୍ଷତି ଓ କେନ୍ଦ୍ରୀୟ ସାହାଯ୍ୟ

୫ । ଘୂର୍ଣ୍ଣିବାତ୍ୟା ଫଳରେ ୭,୬୨୧ ବର୍ଗମାଇଲ ପରିମିତ ଅଞ୍ଚଳ ତଥା ପ୍ରାୟ ୬୦ ଲକ୍ଷ ଲୋକ କ୍ଷତିଗ୍ରସ୍ତ ହୋଇଥିଲେ । ବହୁ ସଂଖ୍ୟକ ମନୁଷ୍ୟ ଓ ଗୃହପାଳିତ ପଶୁଙ୍କର ପ୍ରାଣହାନି ଘଟିବା ସଙ୍ଗେ ସଙ୍ଗେ ସମ୍ପତ୍ତିର ବ୍ୟାପକ କ୍ଷତି ଘଟିଥିଲା ; ଘରଦ୍ୱାର ପବନରେ ଉଡ଼ି ଯାଇଥିଲା; ହଜାର ହଜାର ଗଛବୃକ୍ଷ ଉପୁଡ଼ି ପଡ଼ିଥିଲା; ଟେଲିଗ୍ରାଫ୍ ଓ ଟେଲିଫୋନ ଯୋଗାଯୋଗ ବ୍ୟବସ୍ଥା ବିଚ୍ଛିନ୍ନ ହୋଇଯାଇଥିଲା । ରାସ୍ତା ଯୋଗାଯୋଗ ବ୍ୟବସ୍ଥା ବ୍ୟାହତ ହୋଇଥିଲା ଓ ବୈଦ୍ୟୁତିକ ତାରଖୁଣ୍ଟ ପ୍ରଭୃତି ନଷ୍ଟ ହୋଇ ଯାଇଥିଲା । ରାସ୍ତା, କେନାଲ, ବନ୍ଧବାଡ଼, ଶିକ୍ଷାନୁଷ୍ଠାନ ଭଳି ଅନ୍ୟାନ୍ୟ ସରକାରୀ ସମ୍ପତ୍ତି, ସରକାରୀ ଓ ବେସରକାରୀ ଅନୁଷ୍ଠାନ ଓ ଆଠଲକ୍ଷରୁ ଅଧିକ ବେସରକାରୀ ଗୃହ ମଧ୍ୟ ନଷ୍ଟ ହୋଇଯାଇଛି । ତୁରନ୍ତ ସାହାଯ୍ୟ ଓ ସ୍ୱଳ୍ପ ମିଆଦୀ ମରାମତି କାମ ଏବଂ କୃଷି କାର୍ଯ୍ୟକ୍ରମ ସହିତ ପୁନରୁଦ୍ଧାର ବ୍ୟବସ୍ଥା ସମ୍ପର୍କରେ ରାଜ୍ୟ ସରକାର ଯେଉଁ କଳ୍ପନା କରିଛନ୍ତି ତଦନୁସାରେ ୫୦ କୋଟି ଟଙ୍କା ଆବଶ୍ୟକ ବୋଲି ଅଟକଳ କରାଯାଇଛି । କେନ୍ଦ୍ରୀୟ ଅନୁଧ୍ୟାନକାରୀ ଦଳ କେନ୍ଦ୍ର ସରକାର କି ପରିମାଣରେ ସାହାଯ୍ୟ ଦେବେ ତାହା ସ୍ଥିର କରିବା ପାଇଁ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ, ଓ କ୍ଷୟକ୍ଷତିର ଏକ କଳନା ମଧ୍ୟ କରିଥିଲେ । ସେମାନଙ୍କ ସୁପାରିଶ–କ୍ରମେ ଭାରତ ସରକାର ସାହାଯ୍ୟର ସର୍ବାଧିକ ପରିମାଣ ୧୯·୩୩ କୋଟି ଟଙ୍କା ହେବ ବୋଲି ଧାର୍ଯ୍ୟ କରିଛନ୍ତି । ଏଥିମଧ୍ୟରୁ ୭·୫୩ କୋଟି ଟଙ୍କା ସେମାନେ ଗ୍ରାଣ୍ଟ ଆକାରରେ ଦେବେ ଏବଂ ରିଲିଫ୍ ବ୍ୟବସ୍ଥା ଓ କୃଷି ଉପକରଣ, ସାର ଓ ବିହନ ଖରିଦ ସମେତ କୃଷି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାପାଇଁ ବାକୀତକ ଟଙ୍କା ଋଣ ସ୍ୱରୂପ ଦେବେ ।

## ବ୍ୟାପକ ରିଲିଫ୍ କାର୍ଯ୍ୟକ୍ରମ

୬ । ରାଜ୍ୟର ବାତ୍ୟାବିଧ୍ୱସ୍ତ ଅଞ୍ଚଳମାନଙ୍କରେ ବ୍ୟାପକ ରିଲିଫ୍ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । କ୍ଷେତରେ ଥିବା ଧାନ ଫସଲ ବିଶେଷ କ୍ଷତି ହୋଇଥିବାରୁ ମୋ ସରକାର ଚଳିତ ରବି ଋତୁ ମଧ୍ୟରେ କୃଷି ଉତ୍ପାଦନ ବୃଦ୍ଧି କରିବା ପାଇଁ ସର୍ବାଧିକ ପ୍ରଚେଷ୍ଟା କରୁଛନ୍ତି । ରାଜ୍ୟ ସରକାରଙ୍କ ଅନୁରୋଧ କ୍ରମେ ଭାରତ ସରକାର ୫ଟି ଓଜନଦାର ରିଗ୍ ଯନ୍ତ୍ର ଦେଇଛନ୍ତି । ସମୁଦ୍ର ନିକଟବର୍ତ୍ତୀ ଯେଉଁସବୁ ଅଞ୍ଚଳରେ ଏକ ହଜାରରୁ ଦେଢ଼ ହଜାର ଫୁଟ ଗଭୀରରେ ମଧୁରପାଣି ମିଳେ ସେଠାରେ ଏହିସବୁ ଯନ୍ତ୍ର ସାହାଯ୍ୟରେ ନଳକୂପ ଖୋଳାଯିବ । ଅନ୍ୟ ଯେଉଁସବୁ ଅଞ୍ଚଳର ନିକଟବର୍ତ୍ତୀ ସ୍ଥାନରେ ନଦୀ ପ୍ରବାହିତ ହେଉଛି ଓ ବିଦ୍ୟୁତ୍-ସଂଯୋଗ ସ୍ଥାପିତ ହୋଇଛି, ସେଠାରେ ୨୦୦ ଉଠା ଜଳସେଚନ ୟୁନିଟ ସ୍ଥାପନ କରିବା ପାଇଁ ବ୍ୟବସ୍ଥା କରାଯାଉଛି । ଏହିସବୁ ଜଳସେଚନ ୟୁନିଟ ଯୋଗେ ରବି ଋତୁରେ ଛଅ ହଜାର ଏକର ରବି ଫସଲକୁ ପାଣି ଯୋଗାଇ ଦିଆଯିବ । ଯେଉଁ ସବୁ ସ୍ଥାନରେ ଅଳ୍ପ ଗଭୀରରେ ନଳକୂଅ ବସାଇବା ସମ୍ଭବ ହେବ ସେଠାରେ ସମବାୟ ବ୍ୟାଙ୍କ ଓ ବ୍ୟବସାୟୀ ବ୍ୟାଙ୍କଠାରୁ ଋଣ ଯୋଗାଇଦେଇ ନଳକୂଅ ବସାଇବାପାଇଁ ମଧ୍ୟ ଲୋକମାନଙ୍କୁ ଉତ୍ସାହିତ କରାଯାଉଛି । ବିହନ ଓ ସାର ଯାହାକି ପ୍ରାୟ ପୁରାପୁରି ରାଜ୍ୟ ବାହାରୁ ସଂଗୃହୀତ ହୋଇଛି ସେସବୁ ଏବଂ ନଗଦ ଟଙ୍କା ସମେତ ଅନ୍ୟାନ୍ୟ କୃଷି ଉପକରଣ, ରବି କାର୍ଯ୍ୟକ୍ରମକୁ ଆଗେଇ ନେବାପାଇଁ ଯୋଗାଇ ଦିଆଯାଉଛି । ବଳଦ କିଣିବା ପାଇଁ ଋଣ ଦେବା ସକାଶେ ମଧ୍ୟ ବ୍ୟବସ୍ଥା କରାଯାଉଛି । ବାତ୍ୟାପ୍ରପୀଡ଼ିତ ଅଞ୍ଚଳର ଲୋକମାନଙ୍କୁ ଘରତିଆରି ଗ୍ରାଣ୍ଟ ଓ ଯେଉଁ ସରକାରୀ କର୍ମଚାରୀମାନଙ୍କର ଘର ଝଡ଼ବତାସ ବେଳେ ଭାଙ୍ଗି ଯାଇଛି ସେମାନଙ୍କୁ ବିନା ସୁଧରେ ଋଣ ମଧ୍ୟ ଦିଆଯାଉଛି । ପ୍ରାୟ ୫୦ ଲକ୍ଷ ଲୋକଙ୍କୁ ସାତଦିନଠାରୁ ପନ୍ଦର ଦିନ ଯାଏ ଜରୁରୀ ମାଗଣା ରିଲିଫ୍ ଯୋଗାଇ ଦିଆ ଯାଇଥିଲା । ଖାଉଟିଙ୍କ ନିମନ୍ତେ ବହୁସଂଖ୍ୟକ ଖୁଚୁରା ବିକ୍ରୟ କେନ୍ଦ୍ର ଖୋଲାଯାଉଛି । ହଇଜା ପ୍ରଭୃତି ସଂକ୍ରାମକ ରୋଗର ପ୍ରତିଷେଧ ପାଇଁ ସତର୍କତାମୂଳକ ବ୍ୟବସ୍ଥା କରାଯିବା ସଙ୍ଗେ ସଙ୍ଗେ ରୁଗ୍ଣ ଓ ଆହତ

ଲୋକମାନଙ୍କର ଚିକିତ୍ସା ନିମନ୍ତେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ତରଫରୁ ବ୍ୟବସ୍ଥା କରାଯାଇଥିଲା । ବାତ୍ୟାବିପନ୍ନ ଅଞ୍ଚଳମାନଙ୍କରେ ପଶୁପାଳନ ଓ ପଶୁଚିକିତ୍ସା ବିଭାଗ ତରଫରୁ ଗୃହପାଳିତ ପଶୁ-ମାନଙ୍କ ପାଇଁ ଏଭଳି ପ୍ରତିଷେଧ ଓ ଚିକିତ୍ସାର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ମତ୍ସ୍ୟଜୀବୀ ଓ କାରିଗର ଶ୍ରେଣୀର ଲୋକମାନଙ୍କୁ ସେମାନଙ୍କ ଥଇଥାନପାଇଁ ଋଣ ଦିଆଯାଇଛି । ଶିକ୍ଷାନୁଷ୍ଠାନ, ମ୍ୟୁନିସିପାଲିଟି ଓ ବିଜ୍ଞାପିତ ଅଞ୍ଚଳ ପରିଷଦ, ପଞ୍ଚାୟତ ଓ ପଞ୍ଚାୟତ ସମିତିମାନଙ୍କର ସମ୍ପତ୍ତିର ଜୀର୍ଣ୍ଣୋଦ୍ଧାର ଓ ପୁନର୍ନିର୍ମାଣପାଇଁ ସେମାନଙ୍କୁ ମଧ୍ୟ ଋଣ ଦିଆଯାଇଛି । ବାତ୍ୟାପ୍ରପୀଡ଼ିତ ଅଞ୍ଚଳର ଛାତ୍ରମାନଙ୍କର ନଭେମ୍ବରଠାରୁ ଫେବୃଆରି ପର୍ଯ୍ୟନ୍ତ ଚାରିମାସର ଦରମା ଛାଡ଼କରି ଦିଆଯାଇଛି । ସେମାନଙ୍କ ପରୀକ୍ଷା ଫିସ ମଧ୍ୟ ଛାଡ଼ କରି ଦିଆ ଯାଇଛି । ଏକ ହଜାରରୁ ଊର୍ଦ୍ଧ୍ୱ ଗ୍ରାମ ପଞ୍ଚାୟତର ଲୋକମାନଙ୍କୁ କାମ ଯୋଗାଇବା ପାଇଁ ଟେଷ୍ଟରିଲିଫ୍ କାର୍ଯ୍ୟ ଆରମ୍ଭ କରାଯାଇଛି । ବାତ୍ୟା ଯୋଗୁଁ ବିଶେଷ କ୍ଷତିଗ୍ରସ୍ତ ହୋଇଥିବା ଅଞ୍ଚଳମାନଙ୍କରେ ସୁରକ୍ଷିତ ପିଇବା ପାଣି ଯୋଗାଇ ଦେବା ସକାଶେ ବହୁ ଅର୍ଥ ବ୍ୟୟ କରାଯାଉଛି ଏବଂ ୧୦୦ ଟି ନଳକୂପ ଖୋଳା ସରିଲାଣି । ସଘନ ଖରିଫ ଋଣ ପାଇଁ ଗୋଟିଏ କାର୍ଯ୍ୟକ୍ରମ ବର୍ତ୍ତମାନ ତତ୍ପରତା ସହକାରେ ପ୍ରସ୍ତୁତ କରାଯାଉଛି । ଏହି ଅଞ୍ଚଳରେ ଏବେ ଘଟିଯାଇଥିବା କ୍ଷତି ଭବିଷ୍ୟତରେ ଯେପରି ନ ଘଟେ, ସେଥିପାଇଁ ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ କରିବା-ପାଇଁ ରାଜ୍ୟ ସରକାର ଡକ୍ଟର ଏ. ଏନ୍. ଖୋସଲାଙ୍କ ଅଧ୍ୟକ୍ଷତାରେ ଗୋଟିଏ ବିଶେଷଜ୍ଞ କମିଟି ନିଯୁକ୍ତ କରିଛନ୍ତି ।

## ବନ୍ୟାଜନିତ କ୍ଷତି ଓ ବନ୍ୟା ପ୍ରତିକାର ପାଇଁ ବ୍ୟବସ୍ଥା

୭ । ଜୁନ୍‌ମାସ ଆରମ୍ଭରୁ ଅକ୍ଟୋବର ମାସ ମଧ୍ୟଭାଗ ପର୍ଯ୍ୟନ୍ତ ଅବିରାମ ବୃଷ୍ଟିପାତ ହେବା ଫଳରେ ବର୍ଷିତ ବର୍ଷ ମଧ୍ୟରେ ସବୁ ବଡ଼ ବଡ଼ ନଦୀରେ ପ୍ରବଳ ବନ୍ୟା ହୋଇଥିଲା । ଲାଗ୍ ଲାଗ୍ ବନ୍ୟା ହେବା ଫଳରେ ଧନଜୀବନର ବ୍ୟାପକ କ୍ଷତି ଘଟିଛି । ୩୧୪ ଟି ବ୍ଲକ ମଧ୍ୟରୁ ୧୬୧ ଟି ବ୍ଲକ୍, ୨ଟି ମ୍ୟୁନିସିପାଲିଟି ଓ ୨ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଭୁକ୍ତ ୬,୪୯୮ ଟି ଗ୍ରାମ ଓ ୫ଟି ସହର କ୍ଷତିଗ୍ରସ୍ତ ହୋଇଥିଲା । ୨୬.୬୪ ଲକ୍ଷ ଲୋକସଂଖ୍ୟା ବିଶିଷ୍ଟ ସର୍ବମୋଟ ୧୪.୬୦ ଲକ୍ଷ ଏକର ଅଞ୍ଚଳ ବନ୍ୟାଯୋଗେ କ୍ଷତିଗ୍ରସ୍ତ ହୋଇଛି । ଏହି ଅଞ୍ଚଳ ମଧ୍ୟରୁ ୧୧.୫୯ ଲକ୍ଷ ଏକରର ଫସଲ ନଷ୍ଟ ହୋଇଛି । ୧୮ ଜଣ ମନୁଷ୍ୟ ଓ ୨୪୩ଟି ଗୃହପାଳିତ ପଶୁ ମରିଛନ୍ତି ଏବଂ ୮୯,୧୦୨ ଟି ଘର ଭାଙ୍ଗି ଯାଇଛି । ନଷ୍ଟ ହୋଇଥିବା ସମ୍ପତ୍ତିର ମୂଲ୍ୟ ୨୯.୮୩ କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଥିବାସ୍ଥଳେ ଭାରତ ସରକାରଙ୍କଠାରୁ କେନ୍ଦ୍ରୀୟ ସାହାଯ୍ୟ ସ୍ୱରୂପ ୩.୯୦ କୋଟି ଟଙ୍କା ମିଳିବ ବୋଲି ସୂଚନା ମିଳିଛି ।

ବାରମ୍ବାର ବନ୍ୟା ହେଉଥିବା ଦୃଷ୍ଟିରୁ ବନ୍ୟା ନିୟନ୍ତ୍ରଣ ପରି-କଳ୍ପନାଗୁଡ଼ିକ ବିଶେଷ ଗୁରୁତ୍ୱପୂର୍ଣ୍ଣ ଓ ଜରୁରୀ ହୋଇ ପଡ଼ିଛି । ବନ୍ୟା ନିୟନ୍ତ୍ରଣ ପାଇଁ ଚତୁର୍ଥ ଯୋଜନାରେ ୩ କୋଟି ଟଙ୍କା ଖର୍ଚ୍ଚ ବରାଦ ଅଛି । ଯୋଜନାର ପ୍ରଥମ ଦୁଇବର୍ଷ ମଧ୍ୟରେ କେତେକ କାର୍ଯ୍ୟ କରାଯାଇଛି ଓ ଏହା ଫଳରେ ୧୦,୬୦୦ ହେକ୍ଟର ଜମି ଉପକୃତ ହୋଇଛି । ଯୋଜନା ଅନୁଯାୟୀ ଚଳିତବର୍ଷର ପ୍ରତ୍ୟାଶିତ ବ୍ୟୟର ପରିମାଣ ୪୫ ଲକ୍ଷ ଟଙ୍କା ଏବଂ ଆସନ୍ତା ଆର୍ଥିକ ବର୍ଷରେ ଏହା ବିଶେଷଭାବେ ବୃଦ୍ଧି ପାଇବାର ସମ୍ଭାବନା ରହିଛି ।

ବ୍ରାହ୍ମଣୀ ଓ ବୈତରଣୀ ନଦୀର ବନ୍ୟା ପ୍ରକୋପକୁ ନିୟନ୍ତ୍ରଣ କରିବାପାଇଁ ରେଙ୍ଗାଲି ଓ ଭୀମକୁଣ୍ଡଠାରେ ବନ୍ୟାଜଳକୁ ଅଟକାଇ ରଖିବା ସକାଶେ ଦୁଇଟି ଜଳଭଣ୍ଡାର ନିର୍ମାଣ କରିବା-ପାଇଁ ଅନୁସନ୍ଧାନ କାର୍ଯ୍ୟ ହାତକୁ ନିଆଯାଇଛି । ଚତୁର୍ଥ ଯୋଜନାକାଳ-ମଧ୍ୟରେ ଏହି ଦୁଇଟି ପରିଯୋଜନା ପାଇଁ ଯୋଜନାର ସର୍ବୋଚ୍ଚ ବ୍ୟୟ (ସିଲିଂ) ବାହାରେ ୧୪ କୋଟି ଟଙ୍କା (ରେଙ୍ଗାଲି ପାଇଁ ୮ କୋଟି ଟଙ୍କା ଓ ଭୀମକୁଣ୍ଡ ପାଇଁ ୬ କୋଟି ଟଙ୍କା) ବ୍ୟବସ୍ଥା କରିବା ସକାଶେ ଭାରତ ସରକାରଙ୍କୁ ଅନୁରୋଧ କରାଯାଇଛି । ସୁବର୍ଣ୍ଣରେଖା ବନ୍ୟା ନିୟନ୍ତ୍ରଣ କରିବା ପାଇଁ ଓଡ଼ିଶାରେ ସୁବର୍ଣ୍ଣରେଖାର ଉପନଦୀ ଖରଖାଇ କୂଳରେ ଗୋଟିଏ ଓ ଖରଖାଇ ନଦୀର ତଳମୁଣ୍ଡରେ ଗୋଟିଏ ଏବଂ ବିହାରରେ ମୁଖ୍ୟ ସୁବର୍ଣ୍ଣରେଖା ନଦୀ କୂଳରେ ଆଉ ଗୋଟିଏ ଜଳଭଣ୍ଡାର ନିର୍ମାଣ କରିବା ପାଇଁ କେତେଦୂର ସମ୍ଭାବନା ରହିଛି ସେ ସମ୍ପର୍କରେ ଅନୁସନ୍ଧାନ ଚାଲିଛି । ବୁଢ଼ାବଳଙ୍ଗ ନଦୀରେ କୁଳିଅଣାଠାରେ ଏକ ଜଳଭଣ୍ଡାର ନିର୍ମାଣକରି ସୁବର୍ଣ୍ଣରେଖାର କିଛି ପରିମାଣ ଜଳ ଏହି ଜଳଭଣ୍ଡାରକୁ ଛାଡ଼ି ଦିଆଯିବା ପାଇଁ ଗୋଟିଏ ପ୍ରସ୍ତାବ ବିଚାରାଧୀନ ଅଛି । ସର୍ବଭାରତୀୟ ସ୍ତରରେ ଏହି ବନ୍ୟା ନିୟନ୍ତ୍ରଣ ପରିକଳ୍ପନାଟିକୁ କାର୍ଯ୍ୟକାରୀ କରିବାର ଦାୟିତ୍ୱ ହାତକୁ ନେବାପାଇଁ ଭାରତ ସରକାରଙ୍କୁ ଅନୁରୋଧ କରାଯାଇଛି ।

## ଶରଣାର୍ଥୀ ସାହାଯ୍ୟ ଲକ୍ଷ୍ୟେ ଅଧିକ କର ସଂଗ୍ରହ

୮ । ବଙ୍ଗଳା ଦେଶ ଶରଣାର୍ଥୀମାନଙ୍କର ବୋଝ ଯୋଗୁଁ ଏବଂ ପାକିସ୍ଥାନର ଆକ୍ରମଣାତ୍ମକ ମନୋବୃତ୍ତି ତଥା ପରିଶେଷରେ

ଭାରତ ବିରୁଦ୍ଧରେ ଯୁଦ୍ଧ-ଘୋଷଣା ଯୋଗୁଁ ଯେଉଁ ପରିସ୍ଥିତି ଉପୁଜିଛି ତହିଁର ସମ୍ମୁଖୀନ ହେବା ଓ ସେଥି ନିମନ୍ତେ ପ୍ରସ୍ତୁତ ରହିବା ପାଇଁ ଭାରତ ସରକାରଙ୍କ ସମ୍ବଳ ଉପରେ ଗୁରୁତର ଚାପ ପଡ଼ିଛି । ନୂଆଦିଲ୍ଲୀଠାରେ ୧୯୭୧ ଅକ୍ଟୋବର ୧୨ ତାରିଖରେ ଅନୁଷ୍ଠିତ ହୋଇଥିବା ମୁଖ୍ୟମନ୍ତ୍ରୀମାନଙ୍କ ସମ୍ମିଳନୀରେ ସ୍ଥିର ହୋଇଥିଲା ଯେ ସବୁ ରାଜ୍ୟ ସରକାର ଅତିରିକ୍ତ ସମ୍ବଳ ଉଠାଇବା ସକାଶେ ବ୍ୟାପକଭାବରେ ପ୍ରଚଳିତ ଥିବା କେତେକ ଜିନିଷ ଉପରେ ଟିକସ ବା ଶୁଳ୍କ କିମ୍ବା ସରଚାର୍ଜ ବସାଇବେ । ରାଜ୍ୟର ଆଇନ ଅନୁସାରେ ସଂଗୃହୀତ ହୋଇଥିବା ଅତିରିକ୍ତ କର ପ୍ରଭୃତି, ବିଧାନସଭାର ଅନୁମୋଦନ କ୍ରମେ ଭାରତ ସରକାରଙ୍କୁ ପ୍ରଦାନ କରିବା ଏହାର ଉଦ୍ଦେଶ୍ୟ । ମୋ ସରକାର ଏହି ଗୃହର କେତେକ ସଭ୍ୟଙ୍କ ସହିତ ପରାମର୍ଶ କରି ସମସ୍ତ ସିନେମା ଓ ଆମୋଦ-ପ୍ରମୋଦ ଟିକେଟ ଉପରେ ଏକ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ଟିକଟ ପାଇଁ ଦଶ ପଇସା ହିସାବରେ ଓ ଏକ ଟଙ୍କାରୁ ଅଧିକ ମୂଲ୍ୟର ଟିକେଟ ପାଇଁ ପନ୍ଦର ପଇସା ହିସାବରେ ସରଚାର୍ଜ ବା ଅତିରିକ୍ତ କର ବସାଇବାକୁ ଓଡ଼ିଶା ପ୍ରମୋଦକର ଆଇନର ୪ ଧାରାକୁ ସଂଶୋଧନ କରି ଏକ ଅର୍ଡିନାନ୍ସ ଜାରି କରିଛନ୍ତି । ଏହି ଉଦ୍ଦେଶ୍ୟରେ ଟିକେଟ ଉପରେ ଦେୟ ପ୍ରମୋଦ କର ଟିକେଟ ମୂଲ୍ୟର ଅନ୍ତର୍ଭୁକ୍ତ ହେବ । ସେହି କାରଣରୁ ପ୍ରଚଳିତ ରୋଡ଼ ଟିକସର ହାର ବୃଦ୍ଧି କରିବା ପାଇଁ ଏକ ଅର୍ଡିନାନ୍ସ ଦ୍ୱାରା ୧୯୩୦ ମସିହାର ବିହାର ଓ ଓଡ଼ିଶା ମୋଟର ଭେହିକିଲ୍ ଟାକ୍ସେସନ୍ ଆକ୍ଟ ଓ ୧୯୩୧ ମସିହାର ମାଡ୍ରାସ ମୋଟର ଭେଇକଲ ଟାକସେସନ ଆକଟରେ ସଂଶୋଧନ କରାଯାଇଛି । ବିଳାସ ସାମଗ୍ରୀ ଓ ତଦ୍ଭିନ୍ନ ଅନ୍ୟ ସାମଗ୍ରୀ ଉପରେ ବିକ୍ରି ଟିକସର ହାର ବୃଦ୍ଧି କରିବା ପାଇଁ ଓଡ଼ିଶା ବିକ୍ରିକର ଆଇନରେ ସଂଶୋଧନ କରାଯାଇ ଏକ ଅର୍ଡିନାନ୍ସ ମଧ୍ୟ ଜାରି କରାଯାଇଛି । ଏହିସବୁ ଅର୍ଡିନାନ୍ସ ଏ ବର୍ଷ ଜାନୁଆରୀ ୧ ତାରିଖଠାରୁ ବଳବତ୍ ହୋଇଛି ।

## ରାଜ୍ୟର ଚତୁର୍ଥ ଯୋଜନା

୯ । ରାଜ୍ୟର ଚତୁର୍ଥ ପଞ୍ଚବାର୍ଷିକ ଯୋଜନାରେ ୨୨୨.୬୦ କୋଟି ଟଙ୍କା ଖର୍ଚ୍ଚ କରାଯିବା ପାଇଁ ବରାଦ କରାଯାଇଥିଲା । ଏଥି ମଧ୍ୟରୁ ରାଜ୍ୟ ସରକାର ନିଜ ସମ୍ବଳରୁ ୬୨.୬୦ କୋଟି ଟଙ୍କା ବ୍ୟବସ୍ଥା କରିବେ ଓ କେନ୍ଦ୍ରୀୟ ସାହାଯ୍ୟ ରୂପେ ୧୬୦ କୋଟି ଟଙ୍କା ମିଳିବ । ଚତୁର୍ଥ ଯୋଜନାର ପ୍ରଥମ ଦୁଇବର୍ଷ ମଧ୍ୟରେ ମୋଟ ୮୧.୧୨ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଏହା ସମୁଦାୟ ଯୋଜନା-ବ୍ୟୟର ଶତକଡ଼ା ୩୬.୪ ଭାଗ । କେନ୍ଦ୍ରୀୟ ସାହାଯ୍ୟ ରୂପେ ୩୨ କୋଟି ଟଙ୍କା ଓ ରାଜ୍ୟର ପ୍ରାକକଳିତ ସମ୍ବଳ ରୂପେ ୧୬.୩୩ କୋଟି ଟଙ୍କା ହିସାବକୁ ନିଆଯାଇ ଚଳିତ ବର୍ଷର ବାର୍ଷିକ ଯୋଜନା ନିମନ୍ତେ ଯୋଜନା କମିଶନଙ୍କ ଦ୍ୱାରା ୪୮.୩୩ କୋଟି ଟଙ୍କାର ବ୍ୟୟ ଅନୁମୋଦିତ ହୋଇଛି । ରାଜ୍ୟର ସମ୍ବଳ ସଂଗ୍ରହ ଦିଗରେ ଉନ୍ନତିବିଧାନ ପାଇଁ ପ୍ରଧାନତଃ ମୋ ସରକାର ଓ ରାଜ୍ୟ ସରକାରୀ ପରିଚାଳିତ ସଂସ୍ଥାମାନେ ଉଦ୍ୟମ କରିଛନ୍ତି । ଆଉ ମଧ୍ୟ ଏ ଦିଗରେ ଭାରତ ସରକାରଙ୍କ ସହଯୋଗ ମିଳିଛି । ତେଣୁ ଚଳିତ ବର୍ଷ ଅପେକ୍ଷାକୃତ ବଡ଼ ଯୋଜନା କାର୍ଯ୍ୟକାରୀ କରିବା ସମ୍ଭବ ହେଉଥିବା ସୁଖର କଥା । ରାଜ୍ୟର ଚତୁର୍ଥ ଯୋଜନାର ବ୍ୟୟ ୨୨୨ କୋଟି ଟଙ୍କାରୁ ବୃଦ୍ଧି ପାଇ ତା'ର ଆକାର ବର୍ତ୍ତମାନ ବଢ଼ିଯିବ ବୋଲି ଆଶା କରାଯାଉଛି । ଅବଶ୍ୟ ଆମର ଅତିରିକ୍ତ ସମ୍ବଳ ସଂଗ୍ରହ କରିବାର ସାମର୍ଥ୍ୟ ଉପରେ ଏପରି ବୃଦ୍ଧି ନିର୍ଭର କରିବ ।

ଚତୁର୍ଥ ଯୋଜନା ପାଇଁ ଅଧିକ ଆଭ୍ୟନ୍ତରୀଣ ସମ୍ବଳ ସଂଗ୍ରହ ସକାଶେ ହେଉଥିବା ନାନା ବ୍ୟବସ୍ଥା ମଧ୍ୟରେ ମୋ ସରକାର କେନ୍ଦୁପତ୍ର ବ୍ୟବସାୟର ଜାତୀୟକରଣ କରିବା ବିଷୟ ୧୯୭୧ ମଇ ମାସଠାରୁ ବିଚାରକରି ଆସୁଛନ୍ତି । ଖରିଦଦାର ଓ ଏଜେଣ୍ଟମାନଙ୍କ ସହିତ ବର୍ତ୍ତମାନ ପ୍ରଚଳିତ ଥିବା ଚୁକ୍ତିପତ୍ରରେ ସାନି କରାଇବା ସମ୍ପର୍କରେ ଏକ ଦଫା ରହିଥିବା ଦୃଷ୍ଟିରୁ ଏବଂ ୧୯୬୧ ମସିହାର ଓଡ଼ିଶା କେନ୍ଦୁପତ୍ର (ବ୍ୟବସାୟ ନିୟନ୍ତ୍ରଣ) ଆଇନ ଅନୁସାରେ ପ୍ରଣୀତ ନିୟମାବଳୀରେ ସାନି କରାଇବା ପାଇଁ ଏକ ବ୍ୟବସ୍ଥା ରହିଥିବା ହେତୁ ଏ ସମ୍ପର୍କରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ କରିବା ସମ୍ଭବ ନୁହେଁ ବୋଲି ଦେଖାଯାଉଛି । ତେଣୁ ଏ ଦିଗରେ ଥିବା ଅନ୍ତରାୟଗୁଡ଼ିକୁ ଦୂର କରିବା ପାଇଁ ମୋ ସରକାର ଏହି ବିଧାନସଭାର ଚଳିତ ଅଧିବେଶନ ମଧ୍ୟରେ ନିୟମାବଳୀ ଓ ନିର୍ଦ୍ଧାରିତ ଚୁକ୍ତି ଫାରମଗୁଡ଼ିକ ସଂଶୋଧନ କରିବା ପାଇଁ ସ୍ଥିର କରିଛନ୍ତି । ଆଇନ ଓ ଚୁକ୍ତିର ବାଧ୍ୟକର ବ୍ୟବସ୍ଥାଗୁଡ଼ିକ ଅନୁସାରେ, ଯେଉଁ ମାନଙ୍କର କାର୍ଯ୍ୟ ସନ୍ତୋଷଜନକ ବୋଲି କ୍ଷମତାପନ୍ନ କର୍ତ୍ତୃପକ୍ଷମାନେ ପ୍ରମାଣପତ୍ର ଦେଇଥିଲେ ମୋ ସରକାରଙ୍କୁ ସେହି ବ୍ୟକ୍ତିମାନଙ୍କର ଲାଇସେନ୍ସ ସାନି କରିବାକୁ ପଡ଼ିଥିଲା । ମାତ୍ର ଏହା ସଙ୍ଗେ ସଙ୍ଗେ ଓଡ଼ିଶା ଜଙ୍ଗଲ କରପୋରେସନ୍‌କୁ ଖରିଦ ମୂଲ୍ୟରେ କେନ୍ଦୁପତ୍ର ଯୋଗାଇ ଦେବା ପାଇଁ ସରକାର ଖରିଦଦାରମାନଙ୍କ ଉପରେ ଶତକଡ଼ା ୫ ହାରରେ ଲେଭି ବସାଇଛନ୍ତି ।

ଏହା ଫଳରେ କରପୋରେସନ୍ ନିଜେ ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟକାରୀ କରୁଥିବା କେନ୍ଦୁପତ୍ର ୟୁନିଟମାନଙ୍କରୁ ପାଉଥିବା କେନ୍ଦୁପତ୍ର ସହିତ ଖରିଦଦାରମାନଙ୍କଠାରୁ ପାଉଥିବା କେନ୍ଦୁପତ୍ରକୁ ଦେଶରେ ଓ ଦେଶ ବାହାରେ ଉଭୟତ୍ର ଭାବରେ ବିକ୍ରିକରି ପାରିବେ । ମୋ ସରକାର ଏ ବର୍ଷ ଜଙ୍ଗଲ କରପୋରେସନକୁ କେନ୍ଦୁପତ୍ର ପାଇଁ ଯେତେ ଅଧିକ ଅଗ୍ରିମ ଦେବା ସମ୍ଭବ ସେତେ ଅଧିକ ଅଗ୍ରିମ ଦେବା ସକାଶେ ଉଦ୍ୟମ କରୁଛନ୍ତି ।

## ଯୋଜନା ବୋର୍ଡ଼ ଗଠନ

୧୦ । ରାଜ୍ୟରେ ଦ୍ରୁତ ଶିଳ୍ପାୟନ ଓ କୃଷିର ଆଧୁନିକୀକରଣର ନିଶ୍ଚିତ ବ୍ୟବସ୍ଥା କରିବା ସକାଶେ ଗୋଟିଏ ଦୀର୍ଘ ମିଆଦୀ ୧୫ ବର୍ଷିଆ ଉନ୍ନୟନ ଯୋଜନା ପ୍ରସ୍ତୁତ କରିବା ; ରାଜ୍ୟର ଭୌତିକ ସମ୍ବଳ, ପୁଞ୍ଜି ଯୋଗାଣ ଓ ଜନଶକ୍ତିର ଉପଯୋଗ ସମ୍ପର୍କରେ କଳ୍ପନା କରିବା ଏବଂ ଯୋଜନାକୁ ସଫଳତା ସହକାରେ ସମ୍ପାଦନ କରିବା ବ୍ୟାପାରରେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେବା ପାଇଁ ମୋ ସରକାର ଏକ ଯୋଜନା ବୋର୍ଡ଼ ଗଠନ କରିଛନ୍ତି ।

## ଜଳସେଚନ, ବିଦ୍ୟୁତ୍ ଉତ୍ପାଦନ ଓ ଶିଳ୍ପ ସ୍ଥାପନ

୧୧ । (କ) ଚତୁର୍ଥ ଯୋଜନାର ପ୍ରଥମ ତିନିବର୍ଷ ମଧ୍ୟରେ ଯୋଜନାର କାର୍ଯ୍ୟକାରିତାରୁ ସୂଚିତ ହୋଇଛି ଯେ ଜଳସେଚନ, ବିଦ୍ୟୁତ ଏବଂ ବୃହତ ଓ ମଧ୍ୟମଧରଣର ଶିଳ୍ପ ବାବଦରେ ଖର୍ଚ୍ଚର ହାର ଅପେକ୍ଷାକୃତ ଅଧିକ ହୋଇଛି । ବୃହତ ପରିଯୋଜନାମାନଙ୍କରେ ଯଦି ଶୀଘ୍ର ଶୀଘ୍ର ଅର୍ଥ ବ୍ୟୟ କରାଯାଏ ତାହାହେଲେ ପରିଯୋଜନା ଫଳପ୍ରସୂ ଅବସ୍ଥାକୁ ଆସିବାର ସମୟ କମିଯାଏ ଓ ଅର୍ଥ ବୃଦ୍ଧିରୁ ରକ୍ଷା ମିଳିଯାଏ । ଏଥି ସଙ୍ଗେ ସଙ୍ଗେ ତହିଁରୁ ଶୀଘ୍ର ଲାଭ ମିଳିଯାଏ । ତେଣୁ କାର୍ଯ୍ୟକାରୀ ହେଉଥିବା ମଧ୍ୟମ ଜଳସେଚନ ପରିଯୋଜନାଗୁଡ଼ିକର କାମ ତଥା ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ବାଲିମେଳା ବହୁମୁଖୀ ପରିଯୋଜନାର ନିର୍ମାଣ ଚତୁର୍ଥ ଯୋଜନା କାଳରେ ଶେଷ କରିବା ପାଇଁ ଉଦ୍ୟମ କରାଯାଉଛି । ଚତୁର୍ଥ ଯୋଜନାରେ ୨୩·୦୯ ଲକ୍ଷ ଏକର ଜମିପାଇଁ ଜଳସେଚନର ସମ୍ଭାବନା (ଗ୍ରସ) ସୃଷ୍ଟି କରିବା ସକାଶେ ଲକ୍ଷ୍ୟ ରଖାଯାଇଥିବା ସ୍ଥଳେ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଆମେ ୧୯·୨୭ ଲକ୍ଷ ଏକର ଜମିପାଇଁ ଜଳସେଚନର ସମ୍ଭାବନା ସୃଷ୍ଟି କରିବାରେ କୃତକାର୍ଯ୍ୟ ହେବୁ ବୋଲି ଆଶା କରାଯାଏ । ଚତୁର୍ଥ ଯୋଜନାରେ ୨୧·୯୧ ଲକ୍ଷ ଏକର (ଗ୍ରସ) ଜମିରେ ଜଳର ଉପଯୋଗ କରାଯାଇ ପାରିବ ବୋଲି ଲକ୍ଷ୍ୟ ରଖାଯାଇଥିବା ସ୍ଥଳେ ୧୭·୮୮ ଲକ୍ଷ ଏକର (ଗ୍ରସ) ଜମିରେ ଜଳ ଉପଯୋଗ କରାଯିବାର ସମ୍ଭାବନା ରହିଛି । ୧୯୭୧-୭୨ ଶେଷ ବେଳକୁ ଜଳସେଚନର ସମ୍ଭାବନା ଓ ଜଳସେଚନର ଉପଯୋଗ ମଧ୍ୟରେ ବ୍ୟବଧାନ ମାତ୍ର ଶତକଡ଼ା ପ୍ରାୟ ୭ ଭାଗ ରହି ଯାଇପାରେ । ଉକ୍ତ ବ୍ୟବଧାନକୁ କମାଇବା ପାଇଁ ପଦକ୍ଷେପ ନିଆ ଯାଉଛି ।

(ଖ) ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ, ବାଲିମେଳା ପରିଯୋଜନାରେ କାର୍ଯ୍ୟ ଶେଷ ହେବା ପରେ ପ୍ରତିଷ୍ଠିତ ବିଦ୍ୟୁତ୍ ଉତ୍ପାଦନ-ସାମର୍ଥ୍ୟ ବର୍ତ୍ତମାନର ୫୬୦ ମେଗାୱାଟରୁ ୯୨୦ ମେଗାୱାଟକୁ ବୃଦ୍ଧି ପାଇବ । ଏହି ପରିଯୋଜନାର ଦୁଇଟି ୟୁନିଟ ୧୯୭୨ ମସିହାରେ ଚାଲୁ ହେବାର ସମ୍ଭାବନା ଥିଲେ ମଧ୍ୟ ସମୁଦାୟ ପରିଯୋଜନାର କାର୍ଯ୍ୟ ୧୯୭୩-୭୪ ମଧ୍ୟରେ ସମାପ୍ତ ହେବ ବୋଲି ଆଶା କରାଯାଏ । ବିଦ୍ୟୁତ୍ ସଂପର୍କରେ ହୋଇଥିବା ସପ୍ତମ 'ଲୋଡ଼ ସର୍ଭେ' ଅନୁସାରେ ୧୯୭୬-୭୭ ବେଳକୁ ବିଦ୍ୟୁତ୍-ଶକ୍ତି ଅଭାବ ପଡ଼ିବାର ଅନୁମାନ । ଉକ୍ତ ଅଭାବ ପୂରଣ କରିବା ଉଦ୍ଦେଶ୍ୟରେ ମୋ ସରକାର ଆନନ୍ଦପୁର ବ୍ୟାରେଜ, ଇନ୍ଦ୍ରାବତୀ ପ୍ରଥମ ପର୍ଯ୍ୟାୟ, ଉପର କୋଲାବର କାମ ଓ ତାଳଚେର ତାପଜବିଦ୍ୟୁତ୍ ପରିଯୋଜନାର ସଂପ୍ରସାରଣ କାମ ହାତକୁ ନେବା ବିଷୟ ତତ୍ପରତା ସହିତ ବିଚାର କରୁଛନ୍ତି । ତାଳଚେରଠାରେ ଗୋଟିଏ ସୁପର ଥର୍ମାଲ ଷ୍ଟେସନ ପ୍ରତିଷ୍ଠା ପାଇଁ ସରକାର ପ୍ରସ୍ତୁତ କରିଥିବା ପ୍ରାରମ୍ଭିକ ରିପୋର୍ଟକୁ କେନ୍ଦ୍ରୀୟ ଜଳ ଓ ବିଦ୍ୟୁତ୍ କମିଶନ ମଧ୍ୟ ଗ୍ରହଣ କରିଛନ୍ତି । ବ୍ରାହ୍ମଣୀ, ବୈତରଣୀ ଓ ତଳ କୋଲାବରେ ବିଦ୍ୟୁତ୍ ଉତ୍ପାଦନର ସମ୍ଭାବନା ସମ୍ପର୍କରେ ଅନୁସନ୍ଧାନ କାର୍ଯ୍ୟ ମଧ୍ୟ ଆରମ୍ଭ କରାଯାଇଛି ।

(ଗ) ଗ୍ରାମ୍ୟ ବିଦ୍ୟୁତୀକରଣ ଯୋଜନା ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରାଯାଉଛି । କାରଣ ଗ୍ରାମାଞ୍ଚଳର ସାମାଜିକ ଓ ଅର୍ଥନୈତିକ ଉନ୍ନତିସାଧନ ଦିଗରେ ଏହା ବିଶେଷ ସହାୟକ ହେବ । ଗ୍ରାମାଞ୍ଚଳକୁ ବିଦ୍ୟୁତଶକ୍ତି ଯୋଗାଣର ସଂପ୍ରସାରଣ ନିମନ୍ତେ ବିଦ୍ୟୁତ୍ ସରବରାହ ଲାଇନ୍ ଟଣାଯିବା ବିଶେଷ ଆବଶ୍ୟକ ହେଉଥିବାରୁ ବିଦ୍ୟୁତ୍ ସରବରାହ ଓ ବଣ୍ଟନ କାର୍ଯ୍ୟକ୍ରମର ଅଗ୍ରଗତିକୁ ତ୍ୱରାନ୍ୱିତ କରିବା

ପାଇଁ ପଦକ୍ଷେପମାନ ନିଆଯାଇଛି । ୧୯୭୧ ମାର୍ଚ୍ଚ ଶେଷ ସୁଦ୍ଧା ୧,୮୭୪ଟି ଗାଁକୁ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଯିବା ସଙ୍ଗେ ସଙ୍ଗେ ୬୫୦ଟି ଉଠାଜଳସେଚନ ପମ୍ପକୁ ବିଦ୍ୟୁତ୍‌ଶକ୍ତି ସଂଯୋଗ କରାଯାଇଛି । ଚଳିତ ବର୍ଷ ୩,୫୦୦ ଗ୍ରାମ ଓ ପ୍ରାୟ ୩ଶହ ପମ୍ପକୁ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଯିବାର ପ୍ରସ୍ତାବ ରହିଛି । ଯୋଜନା ଓ ଅଣଯୋଜନା ବାବଦ ଅର୍ଥ ବିନିଯୋଗ କରାଯିବା ସଙ୍ଗେ ସଙ୍ଗେ ବୋର୍ଡର ନିଜ ସମ୍ବଳ ତଥା ଗ୍ରାମ୍ୟ ବିଦ୍ୟୁତ୍‌କରଣ କର୍ପୋରେସନ ଓ ଅନ୍ୟାନ୍ୟ ଅର୍ଥଲଗାଣକାରୀ ସଂସ୍ଥାଗୁଡ଼ିକରୁ ଋଣ ଆଣି ଏଥିପାଇଁ ସମ୍ବଳ ସଂଗ୍ରହର ବ୍ୟବସ୍ଥା କରାଯାଇଛି ।

(i) ତାଳଚେର-ହୀରାକୁଦ ବିଦ୍ୟୁତ୍ ସରବରାହ ଗ୍ରୀଡ୍‌କୁ ମାଛକୁଣ୍ଡ ଯୋଜନା ସଙ୍ଗେ ସଂଯୋଗ କରିବାପାଇଁ ଯେଉଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା, ତାହା ବିଶେଷ ଅଗ୍ରଗତି କରିଛି । ବାଲିମେଳା ବିଦ୍ୟୁତ୍ ଷ୍ଟେସନର ନିର୍ମାଣ କାର୍ଯ୍ୟ ଶେଷ ହେବା ବେଳକୁ ତାଳଚେରକୁ ବାଲିମେଳା ସହିତ ସଂଯୋଗ କରିବାପାଇଁ ପ୍ରସ୍ତାବ ରହିଛି । ଏହା ଫଳରେ ଉତ୍ପାଦିତ ବିଦ୍ୟୁତଶକ୍ତିର ପୂର୍ଣ୍ଣ ଉପଯୋଗ ହୋଇପାରିବ । ଯୋଡ଼ା-ଗୁଆଇଲ୍ (ବିହାର) ଓ ବାଲିମେଳା ଉପରସିଲେରୁ (ଆନ୍ଧ୍ର ପ୍ରଦେଶ) ଆନ୍ତଃରାଜ୍ୟ ବିଦ୍ୟୁତ୍ ସରବରାହ ଲାଇନ୍‌ର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି ।

(ii) ରାଜ୍ୟର ଦ୍ରୁତ ଶିଳ୍ପାୟନ ମୋ ସରକାରଙ୍କ ଲକ୍ଷ୍ୟ ହୋଇଥିବାରୁ ତଦନୁଯାୟୀ ଶିଳ୍ପ ବିକାଶ ନିମନ୍ତେ ଏକ ନୂତନ ଶିଳ୍ପନୀତି ଘୋଷିତ ହୋଇଛି । ଏହି ଶିଳ୍ପନୀତି ୧୯୭୧ ଠାରୁ ୧୯୭୬ ପର୍ଯ୍ୟନ୍ତ ୫ ବର୍ଷପାଇଁ ବଳବତ୍ ରହିବ । ରାଜ୍ୟର ୧୩ଗୋଟି ଜିଲ୍ଲା ମଧ୍ୟରୁ ୮ଗୋଟି ଜିଲ୍ଲାକୁ ଅନୁନ୍ନତ ବୋଲି ଘୋଷଣା କରାଯାଇଛି । ଏହି ୮ଟି ଜିଲ୍ଲା ବିଶେଷ ସୁବିଧା ପାଇବା ପାଇଁ ହକଦାର ଅଟନ୍ତି । ଏହା ବ୍ୟତୀତ ଉପରୋକ୍ତ ୮ଗୋଟି ଜିଲ୍ଲା ମଧ୍ୟରୁ ମୟୂରଭଞ୍ଜ ଓ କଳାହାଣ୍ଡି ଜିଲ୍ଲାଦ୍ୱୟ ଶିଳ୍ପପ୍ରତିଷ୍ଠା ପାଇଁ ପରା ଅଧିକ ସାହାଯ୍ୟ ପାଇବା ନିମନ୍ତେ ମନୋନୀତ ହୋଇଛନ୍ତି ।

## ନୂତନ ଶିଳ୍ପ ସ୍ଥାପନ ପାଇଁ ଲାଇସେନ୍ସ

ନୂତନ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଚଳିତ ବର୍ଷ ମଧ୍ୟରେ ୭ଟି ଲାଇସେନ୍ସ/ଅନୁମତିପତ୍ର/ରେଜିଷ୍ଟ୍ରେସନ ସାର୍ଟିଫିକେଟ, ଭାରତ ସରକାର/ଡାଇରେକ୍ଟର ଜେନେରାଲ, ଟେକ୍‌ନିକାଲ ଡେଭଲପ୍‌ମେଣ୍ଟଙ୍କଠାରୁ ମିଳିଛି । ସେଗୁଡ଼ିକ ହେଲା: ରାଇରଙ୍ଗପୁରଠାରେ ଏକ ଦ୍ରାବକ (ସଲ୍‌ଭେଣ୍ଟ) ନିଷ୍କାସନ କାରଖାନା, ଜୟପୁରଠାରେ ଏକ କାଗଜକଳ, ଇଟିକଟାଠାରେ ଏକ ସିଲିକନ୍ କାର୍ବାଇଡ୍ କାରଖାନା, କୋରାପୁଟରେ ଆଲ୍ୟୁମିନିୟମ ପିଣ୍ଡ କାରଖାନା, ତାଳଚେରଠାରେ ଏକ ୟୁରିଆ କାରଖାନା, ଏକ କାଲ୍‌ସିୟମ କାର୍ବାଇଡ ଓ ଏକ ଗ୍ରାଫାଇଟ୍ କ୍ରୁସିବ୍‌ଲ୍ କାରଖାନା ।

କଟକ, ରାଉରକେଲା, ବ୍ରହ୍ମପୁର ଓ ସମ୍ବଲପୁରଠାରେ ଥିବା ଶିଳ୍ପାଞ୍ଚଳର ବ୍ୟାପକ ସଂପ୍ରସାରଣ କରିବା ସଙ୍ଗେ ସଙ୍ଗେ ଚଳିତ ବର୍ଷ ଭୁବନେଶ୍ୱର, କେସିଙ୍ଗା, ବଡ଼ବିଲ ଓ ବଲାଙ୍ଗୀରଠାରେ ନୂତନ ଶିଳ୍ପାଞ୍ଚଳ ନିର୍ମାଣ କାମ ହାତକୁ ନିଆଯାଇଛି ଓ ଏଥିନିମନ୍ତେ ୨୬·୭୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରଖାଯାଇଛି । ଏହିସବୁ କାମପାଇଁ ୧୯୭୨—୭୩ ମସିହା ରାଜ୍ୟ ଯୋଜନାରେ ୨୦ ଲକ୍ଷ ଟଙ୍କା ରଖାଯାଇଛି ।

ମୋ ସରକାରଙ୍କ ପଦକ୍ଷେପ ଫଳରେ ରାଉରକେଲାଠାରେ ଅବସ୍ଥାପିତ ଆନୁଷଙ୍ଗିକ ଶିଳ୍ପ କାରଖାନାଗୁଡ଼ିକ ଅଧିକରୁ ଅଧିକ ମୂଲ୍ୟର ମାଲପତ୍ର ଯୋଗାଇବା ପାଇଁ ଆଦେଶ ପାଇଛନ୍ତି । ୧୯୭୦—୭୧ ମସିହାରେ ଟ ୨,୧୬,୦୩,୮୭୨ ଙ୍କାର ଅର୍ଡର ପାଇଥିବା ବେଳେ ୧୯୭୧—୭୨ ମସିହାରେ ଏହାର ପରିମାଣ ୩·୫ କୋଟି ଟଙ୍କାକୁ ବୃଦ୍ଧି ପାଇବାର ସମ୍ଭାବନା ରହିଛି ।

ଆମ ରାଜ୍ୟକୁ ଆଉ ଦୁଇଟି ଗ୍ରାମ୍ୟ ଶିଳ୍ପ ପରିକଳ୍ପନା ମଞ୍ଜୁର କରାଯାଇଛି ଏବଂ ଆପାତତଃ ଏ ଦୁଇଟି ପରିକଳ୍ପନା କେସିଙ୍ଗା ଓ ବଲାଙ୍ଗୀରଠାରେ ସ୍ଥାପନ କରିବାପାଇଁ ସ୍ଥିର ହୋଇଛି ।

ଚଳିତ ବର୍ଷ ହସ୍ତତନ୍ତ ଓ ବିଦ୍ୟୁତଚାଳିତ ତନ୍ତ ସମବାୟ ସମିତିଗୁଡ଼ିକୁ ଅର୍ଥ ଯୋଗାଇ ଦେବାପାଇଁ ରାଜ୍ୟ ସରକାର ଉକ୍ତ ସମିତିମାନଙ୍କ ତରଫରୁ ରିଜର୍ଭବ୍ୟାଙ୍କ୍ ନିକଟରେ ୪୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପରିମାଣର ଜାମିନ ରହିଛନ୍ତି ।

## ଆଦିବାସୀମାନଙ୍କ ପାଇଁ ନୂଆ ଯୋଜନା

ଆଦିବାସୀମାନଙ୍କୁ ପୋଡୁ ଚାଷରୁ ନିବର୍ତ୍ତାଇ ସେମାନଙ୍କୁ ସେମାନଙ୍କ ନିଜ ନିଜ ଅଞ୍ଚଳରେ ଅଧିକ ଲାଭପ୍ରଦ ଧନ୍ଦାରେ ନିଯୁକ୍ତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ କେତେଗୁଡ଼ିଏ ଯୋଜନା ପ୍ରସ୍ତୁତ କରିଛନ୍ତି । ଏହି ଯୋଜନା ଅନୁଯାୟୀ ଖଲିପତ୍ର, ମସିଣା ଓ ଦଉଡ଼ି ପ୍ରଭୃତି ତିଆରି କରାଯିବା ନିମନ୍ତେ ସମବାୟ ସମିତିମାନ ଗଠିତ ହୋଇଛି । ଖଦୀ ଉତ୍ପାଦନରେ ଆଦିବାସୀମାନଙ୍କୁ ଉପଯୁକ୍ତ ତାଲିମ ଦେବା ନିମନ୍ତେ ଏକ ଯୋଜନା ମଧ୍ୟ ପ୍ରଣୟନ କରାଯାଇଛି ।

## ନୂଆ ଶିଳ୍ପ ସ୍ଥାପନ ପାଇଁ ପଦକ୍ଷେପ

ହୀରାକୁଦସ୍ଥିତ ରି-ରୋଲିଂ ମିଲ୍ ସହିତ ସଂଯୋଗ କରି ଏକ 'ଟରଷ୍ଟିଲ' କାରଖାନା ଶିଳ୍ପ ଉନ୍ନୟନ କର୍ପୋରେସନ ପ୍ରତିଷ୍ଠା କରୁଛନ୍ତି । ଏହି କାରଖାନାରେ ବାଣିଜ୍ୟିକ ଭିତ୍ତିରେ ଉତ୍ପାଦନ ଖୁବ୍ ଶୀଘ୍ର ଆରମ୍ଭ ହେବ । ବର୍ତ୍ତମାନ ଦେଖା ଦେଇଥିବା ବିଲେଟ୍‌ର ଅଭାବ ଦୂର କରିବାପାଇଁ ହୀରାକୁଦ ରି-ରୋଲିଂ ମିଲ ସହିତ ସଂଯୋଗ କରି ଏକ ଇନଗଟ୍ କାଷ୍ଟିଙ୍ଗ କାରଖାନା ପ୍ରତିଷ୍ଠା ପାଇଁ ଶିଳ୍ପ ଉନ୍ନୟନ କର୍ପୋରେସନ ପ୍ରସ୍ତାବ କରିଛନ୍ତି । ସୁତରାଂ ଲୁହାକୁ ଏହି କାରଖାନାରେ ବିଲେଟ୍ ପ୍ରସ୍ତୁତ କରାଯିବ । ଆଲୁମିନିୟମ ପିଣ୍ଡରୁ ଆଲୁମିନିୟମ ରଡ୍ ପ୍ରସ୍ତୁତ କରିବା ପାଇଁ ହୀରାକୁଦ ହୀରାକେବୁଲ କାରଖାନା ସହିତ ସଂଯୁକ୍ତ କରି ଏକ 'ପ୍ରପର୍ଜି ପ୍ରୋସେସ ମିଲ୍' ସ୍ଥାପନ କରିବା ନିମନ୍ତେ ଶିଳ୍ପ ଉନ୍ନୟନ କର୍ପୋରେସନ ପ୍ରସ୍ତାବ ରଖିଛନ୍ତି । ହୀରାକୁଦ ଇଣ୍ଡଷ୍ଟ୍ରିଆଲ ୱାର୍କସର ଏକ ଶାଖା ତାଳଚେର-ଠାରେ ଖୋଲିବା ପାଇଁ ଶିଳ୍ପ ଉନ୍ନୟନ କର୍ପୋରେସନ ଉଦ୍ୟମ ଚଳାଇଛନ୍ତି । ଆଉ ମଧ୍ୟ ଏକ 'ଫର୍ଜିଂସପ୍' ହୀରାକୁଦ ଇଣ୍ଡଷ୍ଟ୍ରିଆଲ ୱାର୍କସରେ ପ୍ରତିଷ୍ଠା କରିବା ପାଇଁ ଚେଷ୍ଟା କରାଯାଉଛି । ରାଜ୍ୟରେ ନିମ୍ନୋକ୍ତ ବୃହତ୍ ଧରଣର ଶିଳ୍ପ କାରଖାନା ସ୍ଥାପନ ପାଇଁ କର୍ପୋରେସନ ସକ୍ରିୟ ଭାବେ ଉଦ୍ୟମ ଚଳାଇଛନ୍ତି—(୧) ସ୍ପଞ୍ଜ ଲୌହ କାରଖାନା, (୨) ଡାଇକ୍ରୋମେଟ କାରଖାନା, (୩) ଫେରୋକ୍ରୋମ କାରଖାନାର ସଂପ୍ରସାରଣ, (୪) ଫେରୋ—ଭାନାଡ଼ିୟମ କାରଖାନା, (୫) କାର୍ବୋନାଇଜେସନ୍ କାରଖାନା, (୬) ଫରମ୍ଡ଼ କୋକ୍ ଓ କଜାଲୌହ ସମନ୍ୱୟ ଓ (୭) ମଟରଗାଡ଼ି ଟାୟାର ଓ ଟିଉବ୍ କାରଖାନା ।

ଏହି ରାଜ୍ୟରେ ଏକ ଦ୍ୱିତୀୟ ଇସ୍ପାତ କାରଖାନା ବସାଯିବା ପ୍ରଶ୍ନ ପ୍ରତି ମୋ ସରକାର ସତତ ଧ୍ୟାନ ଦେଉଛନ୍ତି । ଭାରତ ସରକାର ଇସ୍ପାତ ଉତ୍ପାଦନ-ସାମର୍ଥ୍ୟ ଅଧିକ ବୃଦ୍ଧି କରାଯିବାର ଆବଶ୍ୟକତାକୁ ସ୍ୱୀକାର କରିଛନ୍ତି ଏବଂ ଓଡ଼ିଶା ସମେତ ସମ୍ଭାବ୍ୟ ସ୍ଥାନ ସଂପର୍କରେ ତଥ୍ୟ ସଂଗ୍ରହ କରୁଛନ୍ତି । ଏଥି ମଧ୍ୟରେ ଦଇତାରି, ନୟାଗଡ଼ ଓ ପାରାଦୀପଠାରେ ଇସ୍ପାତ କାରଖାନା ପ୍ରତିଷ୍ଠା କରାଯିବା ଉଦ୍ଦେଶ୍ୟରେ ଉପଯୋଗିତା ରିପୋର୍ଟ ପ୍ରସ୍ତୁତ କରିବା ନିମନ୍ତେ ମୋ ସରକାର ମେସର୍ସ ଏମ୍. ଏନ. ଦସ୍ତୁର ଏଣ୍ଡ କୋ'କୁ ଦାୟିତ୍ୱ ଦେଇଛନ୍ତି ।

## ଆଇନ-ଶୃଙ୍ଖଳା ରକ୍ଷା

୧୨ । ମୁଁ ବର୍ତ୍ତମାନ ସଂକ୍ଷେପରେ ମୋ ସରକାରଙ୍କର ଆଲୋଚିତ ବର୍ଷର କେତେକ କାର୍ଯ୍ୟକଳାପ ଓ ସାଫଲ୍ୟ ସଂପର୍କରେ ସୂଚନା ଦେବାକୁ ଯାଉଛି ।

ଆନ୍ଧ୍ର—ଓଡ଼ିଶା, ପଶ୍ଚିମବଙ୍ଗ—ଓଡ଼ିଶା ଓ ବିହାର—ଓଡ଼ିଶା ସୀମାନ୍ତରେ ନକ୍ସଲପନ୍ଥୀମାନଙ୍କ କାର୍ଯ୍ୟକଳାପ ଫଳରେ ଆମ ରାଜ୍ୟ ଅସ୍ୱାଭାବିକ ଆଇନଶୃଂଖଳା ପରିସ୍ଥିତିର ସମ୍ମୁଖୀନ ହେଉଛି । ଏହି ଉପଦ୍ରୁତ ଅଞ୍ଚଳରେ ଆଇନ ଶୃଂଖଳା ରକ୍ଷା ବ୍ୟବସ୍ଥାକୁ ଦୃଢ଼ୀଭୂତ କରାଯିବା ଦିଗରେ ମୋ ସରକାର ଆବଶ୍ୟକୀୟ ପଦକ୍ଷେପ ନେଇଛନ୍ତି । ଏହା ଫଳରେ ପଡ଼ୋଶୀ ରାଜ୍ୟଗୁଡ଼ିକରୁ ନକ୍ସଲପନ୍ଥୀଙ୍କ ଅନୁପ୍ରବେଶକୁ ପ୍ରତିରୋଧ କରାଯାଇପାରିଛି । ଚରମପନ୍ଥୀ ଉପଦ୍ରୁତ ଅଞ୍ଚଳଗୁଡ଼ିକର ଉନ୍ନୟନ ପାଇଁ ଏକ ସମନ୍ୱିତ ପରିକଳ୍ପନା ପ୍ରସ୍ତୁତ କରାଯାଇଛି ଏବଂ ଏହି ପରିକଳ୍ପନା କାର୍ଯ୍ୟକାରୀ କରିବା ପାଇଁ ଆର୍ଥିକ ସହାୟତା ଦେବା ନିମନ୍ତେ ଭାରତ ସରକାରଙ୍କୁ ଅନୁରୋଧ କରାଯାଇଛି ।

ରାଜ୍ୟ 'ଫରେନସିକ ଲବରେଟରୀ'ର ପୁନର୍ଗଠନ ପାଇଁ ରାଜ୍ୟ ସରକାର ଏକ ପରିକଳ୍ପନା ହାତକୁ ନେଇଛନ୍ତି । ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ଇନଷ୍ଟ୍ରକଟରମାନଙ୍କ ତାଲିମ ପାଇଁ ଏକ କେନ୍ଦ୍ରୀୟ ତାଲିମ ପ୍ରତିଷ୍ଠାନ ସ୍ଥାପନ କରିବା ଓ ପୋଲିସ୍ ବେତାର ସଂସ୍ଥାର ଆଧୁନିକୀକରଣ ପ୍ରଭୃତି ଦିଗରେ ନୂଆ ଯୋଜନାମାନ କାର୍ଯ୍ୟକାରୀ କରିବା ପ୍ରସ୍ତାବ ସରକାରଙ୍କର ପରୀକ୍ଷାଧୀନ ରହିଛି । ରାଜ୍ୟର ବିଭିନ୍ନ ଅଞ୍ଚଳରେ ୮ ଗୋଟି ଦମକଳ କେନ୍ଦ୍ର ସ୍ଥାପନ କରାଯିବା ନିମନ୍ତେ ସରକାର ମଂଜୁରୀ ଦେଇଛନ୍ତି ।

୧୩ । ଚଳିତବର୍ଷ ସମବାୟ କ୍ଷେତ୍ରରେ ବ୍ରହ୍ମପୁରଠାରେ ଏକ ବିଭାଗୀୟ ଭଣ୍ଡାର, କଟକଠାରେ ଏକ ନୂଆ 'ସୁପର ବଜାର' ଏବଂ ବରଗଡ଼ଠାରେ ଏକ ପାଇକାରୀ ଭଣ୍ଡାର ଖୋଲିବା ପାଇଁ ପ୍ରସ୍ତାବ ରହିଛି ।

କଟକ, ବାଲେଶ୍ୱର ଓ ପୁରୀ ଜିଲ୍ଲାର ଝୋଟଚାଷୀମାନଙ୍କର ଅଧିକ ଆର୍ଥିକ ସୁବିଧା ନିମନ୍ତେ ଏକ ଝୋଟକଳ ବସାଯିବା ପାଇଁ ପ୍ରସ୍ତାବ କରାଯାଉଛି ।

## ଆଦିବାସୀ ଓ ଅନୁନ୍ନତ ସମ୍ପ୍ରଦାୟଙ୍କ ଉନ୍ନତିବିଧାନ

୧୪ । ଆଦିବାସୀ ଓ ଅନୁନ୍ନତ ସମ୍ପ୍ରଦାୟର ଲୋକମାନଙ୍କର ଉନ୍ନତିସାଧନ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ମଧ୍ୟରେ ଅନ୍ୟତମ । ଆର୍ଥିକ ପ୍ରତିବନ୍ଧକ ମଧ୍ୟରେ ଏହି ଲୋକମାନଙ୍କର ଶିକ୍ଷାଗତ ତଥା ଅର୍ଥନୈତିକ ବିକାଶ ଉପରେ ଯଥାର୍ଥ ଗୁରୁତ୍ୱ ଆରୋପ କରାଯାଉଛି । ଚଳିତ ବର୍ଷ ଦୁଇଗୋଟି ଆବାସୀ ସେବାଶ୍ରମ ଖୋଲିବା ଓ ୧୪୨ଟି

ସେବାଶ୍ରମକୁ ଉନ୍ନୀତ କରି ଉଚ୍ଚପ୍ରାଥମିକ ସ୍ତରରେ ପରିଣତ କରିବା ପାଇଁ ଅର୍ଥ ମଞ୍ଜୁର କରାଯାଇଛି । ତଫସିଲଭୁକ୍ତ ଜାତି ଓ ସମ୍ପ୍ରଦାୟର ଛାତ୍ରମାନଙ୍କୁ ଯେଉଁ ହାରରେ ଛାତ୍ରବୃତ୍ତି ଦିଆଯାଏ ତାହା ୧୯୭୧-୭୨ ଶିକ୍ଷାବର୍ଷ ଆରମ୍ଭରୁ ବୃଦ୍ଧି କରାଯାଇଛି । ପ୍ରାୟ ୨.୫ ଲକ୍ଷ ଟଙ୍କା ବ୍ୟୟରେ ୨ଟି ଆଦିବାସୀ ବସତି ପ୍ରତିଷ୍ଠା କରିବା ପାଇଁ ସ୍ଥିର ହୋଇଛି । ପୋଡୁଚାଷ ବନ୍ଦ କରିବା ପାଇଁ ୪.୧୫ କୋଟି ଟଙ୍କା ବ୍ୟୟସମ୍ବଳିତ ଏକ ବିଶେଷ–ସମନ୍ୱିତ ପରିକଳ୍ପନା ପ୍ରସ୍ତୁତ କରାଯାଇ ଭାରତ ସରକାରଙ୍କ ଅନୁମୋଦନ ପାଇଁ ପଠାଯାଇଛି । ପୋଡୁଚାଷ ନିରୋଧ ଯୋଜନାର କେତେକାଂଶକୁ ମିଶାଇ ୨ଗୋଟି ଆସୁଆ ଉନ୍ନୟନ ପରିଯୋଜନାକୁ କେନ୍ଦ୍ରୀୟ ଯୋଜନା ଭାବରେ ଅନୁମୋଦନ କରାଯାଇଛି । ଏଥି ମଧ୍ୟରୁ ଗୋଟିଏ କୋରାପୁଟ ଜିଲ୍ଲାର ଗୁଣୁପୁର ଓ ରାୟଗଡ଼ା ଅଞ୍ଚଳରେ ଓ ଅନ୍ୟଟି ଗଞ୍ଜାମ ଜିଲ୍ଲାର ପାରଳାଖେମୁଣ୍ଡି ସବ–ଡିଭିଜନ ଅଞ୍ଚଳରେ କାର୍ଯ୍ୟକାରୀ ହେବ । ଏହିସବୁ ଅଞ୍ଚଳରେ ବାସ କରୁଥିବା ଆଦିବାସୀମାନଙ୍କର ଅର୍ଥନୈତିକ ଉନ୍ନତି ବିଧାନ ଏହି ପରିଯୋଜନା ଦୁଇଟିର ଲକ୍ଷ୍ୟ । ଚତୁର୍ଥ ଯୋଜନାର ଅବଶିଷ୍ଟ କାଳ ମଧ୍ୟରେ ଏହି ପରିଯୋଜନା ମଧ୍ୟରୁ ପ୍ରତ୍ୟେକଟି ପାଇଁ ଦେଢ଼କୋଟି ଟଙ୍କା ବ୍ୟୟ କରାଯିବ । ମୋ ସରକାର ଏକ ଆଦିବାସୀ ଉନ୍ନୟନ ସମବାୟ କର୍ପୋରେସନ ପ୍ରତିଷ୍ଠା କରିବା ପାଇଁ ବିଚାର କରୁଛନ୍ତି । ଏହି କର୍ପୋରେସନ ଓଡ଼ିଶା ରାଜ୍ୟ ଜଙ୍ଗଲଜାତ ଦ୍ରବ୍ୟ ସମବାୟ ବାଣିଜ୍ୟସମିତି ଓ ବିଭାଗୀୟ କ୍ରୟବିକ୍ରୟ ନ୍ୟାଯ୍ୟମୂଲ୍ୟ ଦୋକାନ ଯୋଜନାଗୁଡ଼ିକର କାର୍ଯ୍ୟଭାର ବହନ କରିବ ।

୧୫ । ପାରାଦୀପ ବନ୍ଦର ନିକଟରେ ବନ୍ଦର-ଭିତ୍ତିକ ଶିଳ୍ପ ତଥା ଅନ୍ୟାନ୍ୟ ବ୍ୟବସାୟ ବାଣିଜ୍ୟ ଓ ପୌର ସୁବିଧାସୁଯୋଗର ବିକାଶ ପାଇଁ ଏକ ସୁବିଧାଜନକ ଅଞ୍ଚଳ ଚିହ୍ନିତ କରି ରଖିବା ନିମନ୍ତେ ପଦକ୍ଷେପ ନିଆଯାଇଛି । ଏଥି ନିମନ୍ତେ ପ୍ରାୟ କୋଡ଼ିଏ ହଜାର ଏକରବିଶିଷ୍ଟ ଏକ ଅଞ୍ଚଳ ଚିହ୍ନିତ କରି ରଖିବା ପାଇଁ ପ୍ରସ୍ତାବ କରାଯାଇଛି ଏବଂ ଏ ଅଞ୍ଚଳର ନିୟନ୍ତ୍ରିତ ତଥା ଶୃଙ୍ଖଳିତ ବିକାଶ ପାଇଁ ଆବଶ୍ୟକୀୟ ଆଇନ ପ୍ରଣୟନ ବିଷୟ ଚିନ୍ତା କରାଯାଉଛି ।

ମହାନଦୀରେ ଢେଙ୍କାନାଳ ଓ କଟକ ମଧ୍ୟରେ ନୌଚଳାଚଳ ତଥା ମାଳବନ୍ଧ ଯୋଜନା ମୋ ସରକାର ହାତକୁ ନେଇଛନ୍ତି । ଏଥି ନିମନ୍ତେ ଭାରତ ସରକାର ୫୦.୧୮ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦେବାପାଇଁ ପ୍ରତିଶ୍ରୁତି ଦେଇଛନ୍ତି ।

## ନୂଆ ସରକାରୀ ବିଭାଗ

୧୬ । ସରକାରୀ କର୍ପୋରେସନ ଓ ଶିଳ୍ପ ସଂସ୍ଥା ନିମନ୍ତେ ଏକ ସ୍ୱତନ୍ତ୍ର ବିଭାଗ ସୃଷ୍ଟି କରାଯାଇଛି । ସରକାରୀ ଉଦ୍ୟୋଗ ଯଥା:— ଓଡ଼ିଶା ଖଣି କର୍ପୋରେସନ, ଓଡ଼ିଶା ଜଙ୍ଗଲ କର୍ପୋରେସନ, ଓଡ଼ିଶା ନିର୍ମାଣ କର୍ପୋରେସନ, ଓଡ଼ିଶା ମତ୍ସ୍ୟ ଉନ୍ନୟନ କର୍ପୋରେସନ ଓ ଅନ୍ୟାନ୍ୟ ଯେଉଁ କର୍ପୋରେସନ ସମୟାନୁକ୍ରମେ ଯେତେବେଳେ ଏହି ବିଭାଗ ଅଧୀନରେ ଅବସ୍ଥାପିତ ହେବ ସେଗୁଡ଼ିକର ପରିଚାଳନା, କାର୍ଯ୍ୟସମ୍ପାଦନ, ଉତ୍ପାଦନ ତଥା ଉତ୍ପାଦିତ ପଦାର୍ଥ ଓ ସେବାଗୁଡ଼ିକର ବଣ୍ଟନ ସମ୍ପର୍କରେ ନୀତି ନିର୍ଦ୍ଧାରଣ କରିବା ଓ ନିର୍ଦ୍ଦେଶ ଦେବା ଏହି ବିଭାଗର ମୁଖ୍ୟ କାର୍ଯ୍ୟ ହେବ । ସବୁ ଶ୍ରେଣୀର ନୂତନ ସରକାରୀ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ଆବଶ୍ୟକୀୟ ଯୋଜନା ପ୍ରସ୍ତୁତ କରିବା ତଥା ସେଗୁଡ଼ିକ ପାଇଁ ଅର୍ଥ ଯୋଗାଣ ଓ ବିନିଯୋଗର ଦାୟିତ୍ୱ ଏହି ବିଭାଗ ଉପରେ ମଧ୍ୟ ନ୍ୟସ୍ତ କରାଯାଇଛି ।

ସୁନ୍ଦରଗଡ଼ ଜିଲ୍ଲା ଓ କେନ୍ଦୁଝର ଜିଲ୍ଲାର ମଲଙ୍ଗତୋଲିରେ ଏକ ବଡ଼ଧରଣର ଲୌହପିଣ୍ଡ ସମନ୍ୱୟ ସ୍ଥାପନ କରାଯିବା ଉଦ୍ଦେଶ୍ୟରେ ଓଡ଼ିଶା ଖଣି କର୍ପୋରେସନ ଏହାର ଅର୍ଥନୈତିକ ତଥା ବୈଷୟିକ ଉପଯୋଗିତା ସମ୍ପର୍କରେ ଅନୁଧ୍ୟାନ କରିବାର ଦାୟିତ୍ୱ ବହନ କରିଛନ୍ତି । ଆଉମଧ୍ୟ କଟକ ଜିଲ୍ଲାର ସୁକିନ୍ଦା ଅଞ୍ଚଳରେ ରହିଥିବା ନିକେଲ ଧାତୁ ଓ ସୁନ୍ଦରଗଡ଼ ଜିଲ୍ଲାର ସରଗିପାଲିଠାରେ ମିଳୁଥିବା ଗାଲେନା ଧାତୁର ବିନିଯୋଗ ପାଇଁ କର୍ପୋରେସନ ଦାୟିତ୍ୱ ନେଇଛନ୍ତି ।

ଓଡ଼ିଶା ନିର୍ମାଣ କର୍ପୋରେସନ ଚଳିତ ବର୍ଷ ମଧ୍ୟରେ ଦୁଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟ ସମ୍ପାଦନ କରିଛନ୍ତି । ଏଥି ମଧ୍ୟରୁ ବାଲିମେଳା ଜୋନରେ କରାଯାଉଥିବା କାର୍ଯ୍ୟ ବିଶେଷ ଉଲ୍ଲେଖଯୋଗ୍ୟ । ଓଡ଼ିଶା ନିର୍ମାଣ କର୍ପୋରେସନ କରିଥିବା ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡ଼ିକ ହେଲା:—କଟକ ଓ ରାଉରକେଲାର ଶିଳ୍ପାଞ୍ଚଳ ନିର୍ମାଣ, ପାରାଦୀପର ସ୍ଲିପୱେ । ବିଶାଖାପାଟଣାର ଜେଟି, ବଣ୍ଟାଠାରେ ଜଳକାନଦୀ ଉପରେ ନିର୍ମିତ ଆଡ଼ିବନ୍ଧ, ରାଉରକେଲା ନିକଟସ୍ଥ ପୀତାମହଲଠାରେ ସିମେଣ୍ଟବନ୍ଧ, ସମ୍ବଲପୁର ଜିଲ୍ଲାର ଜୀରାନଦୀ ଓ କଳାହାଣ୍ଡି ଜିଲ୍ଲାର ସୁନ୍ଦରନଦୀ ଉପରେ ପୋଲ ନିର୍ମାଣ ।

## ବିଶେଷ କୃଷି କାର୍ଯ୍ୟକ୍ରମ

୧୭ । ବିଶେଷ କୃଷି ବିକାଶ କାର୍ଯ୍ୟକ୍ରମ ଯଥା—କ୍ଷୁଦ୍ରଚାଷୀ ଉନ୍ନୟନ ସଂସ୍ଥା ଓ ଅତି କ୍ଷୁଦ୍ରଚାଷୀ ତଥା କୃଷି ଶ୍ରମିକ ଯୋଜନାଗୁଡ଼ିକ

କ୍ଷେତ୍ରରେ କୃଷି ଉତ୍ପାଦନରେ ଜଳସେଚନ ମୁଖ୍ୟ ଅଂଶ ଗ୍ରହଣ କରୁଥିବାରୁ ଖୋଲା କୂପ ଖନନ, ନଳକୂପ ସ୍ଥାପନ, ପାଣି ପମ୍ପଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ ପ୍ରଭୃତି ସୁବିଧା ଯୋଗାଇ ଦିଆଯାଇ ଉଠା ଜଳସେଚନ ଯୋଜନାମାନ କାର୍ଯ୍ୟକାରୀ କରିବା ଲାଗି ପଦକ୍ଷେପ ନିଆଯାଇଛି ଏବଂ ଏଥିସକାଶେ ଆବଶ୍ୟକୀୟ ଆର୍ଥିକ ସାହାଯ୍ୟ ଉପରୋକ୍ତ ବିଶେଷ ଯୋଜନାଗୁଡ଼ିକରୁ ମିଳିପାରୁଛି । ଏହି ଯୋଜନାମାନଙ୍କରୁ ସମବାୟ କେନ୍ଦ୍ର ବ୍ୟାଙ୍କମାନଙ୍କୁ ଋଣ ଯୋଗାଇ ଦେଇ ବ୍ୟାଙ୍କଗୁଡ଼ିକର ଆର୍ଥିକ ପରିସ୍ଥିତିକୁ ଦୃଢ଼ କରାଯିବା ସଙ୍ଗେ ସଙ୍ଗେ ସେଗୁଡ଼ିକୁ ଅଧିକ ସକ୍ରିୟ କରାଯିବା ପାଇଁ ପଦକ୍ଷେପ ନିଆଯାଇଛି । ଏହା ଫଳରେ ସମବାୟ ବ୍ୟାଙ୍କଗୁଡ଼ିକର ବହୁଦିନରୁ ଗଡ଼ି ଆସୁଥିବା ଋଣ ପରିଶୋଧ କ୍ଷମତା ବୃଦ୍ଧିପାଇ ରିଜର୍ଭ ବ୍ୟାଙ୍କରୁ ଅଧିକ ଟଙ୍କା ଉଠାଯାଇ ପାରୁଛି । ପ୍ରାଥମିକ ସମବାୟ ସମିତିଗୁଡ଼ିକରେ ନୂତନ ସଭ୍ୟ ଶ୍ରେଣୀଭୁକ୍ତ ହେବାପାଇଁ ବିନା ସୁଧରେ ଅଂଶ ମୂଳଧନ ବାବଦ ଅର୍ଥ ଅଗ୍ରିମଭାବେ ଦିଆଯିବାର ବ୍ୟବସ୍ଥା କରାଯାଇଛି । ନୂତନ ଋଣ ପ୍ରଣାଳୀ ଅବଲମ୍ବନ ପାଇଁ କୃଷି ଉପାଦାନ ବାବଦରେ ସାହାଯ୍ୟ ଦିଆଯାଉଛି । ଅତି କ୍ଷୁଦ୍ରଚାଷୀ ଓ କୃଷି ଶ୍ରମିକ ଯୋଜନା ଅଞ୍ଚଳରେ କାମଧନ୍ଦା ନଥିବା ସମୟରେ କୃଷି ଶ୍ରମିକମାନଙ୍କୁ ପୁରା କାମ ଯୋଗାଇ ଦେବାପାଇଁ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟମାନ ହାତକୁ ନେବା ସକାଶେ ଅର୍ଥ ବରାଦ କରାଯାଉଛି । କୃଷିଜୀବୀମାନେ ବ୍ୟବସାୟୀ ବ୍ୟାଙ୍କ-ଗୁଡ଼ିକରୁ ଋଣ ସାହାଯ୍ୟ ପାଇବା ନିମନ୍ତେ ରାଜ୍ୟ ସରକାର କେତେକ ପ୍ରଶାସନିକ ଓ ଆର୍ଥିକ ରିହାତି ଦେଉଛନ୍ତି । ଋଣଗ୍ରସ୍ତ ନଥିବା ସମ୍ପର୍କୀୟ ସାର୍ଟିଫିକେଟ ହାସଲ ପାଇଁ ରିହାତି ହାରରେ ୨ ଟଙ୍କା ଫିସ୍ ଧାର୍ଯ୍ୟ କରାଯାଇଛି । ୫,୦୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ପାଇଁ ଷ୍ଟାମ୍ପ ଡିଉଟି ଓ ରେଜିଷ୍ଟ୍ରେସନ ଫିସ ଛାଡ଼ କରାଯାଇଛି । ସବୁ ଜିଲ୍ଲାର ସଦର ମହକୁମା ଓ ରାଉରକେଲା ଏବଂ ଭୁବନେଶ୍ୱରଠାରେ ସମାନ ଧରଣର ଓ ନ୍ୟାଯ୍ୟ ବଦଳର ସୁବିଧାସୁଯୋଗ ଦିଆଯାଉଛି । ବ୍ୟବସାୟୀ ବ୍ୟାଙ୍କଗୁଡ଼ିକ ସେମାନଙ୍କର ଶାଖା ସଂପ୍ରସାରିତ କରିବା ଫଳରେ ବର୍ତ୍ତମାନ ଏଭଳି ଶାଖାଗୁଡ଼ିକର ସଂଖ୍ୟା ୧୧୦ରୁ ୧୭୫ରେ ପହଞ୍ଚିଲାଣି ଏବଂ ଚଳିତ ଆର୍ଥିକ ବର୍ଷ ଶେଷ ହେବା ପୂର୍ବରୁ ଆହୁରି ୪୦ଟି ଶାଖା ବ୍ୟାଙ୍କ ଖୋଲଯିବାର ସମ୍ଭାବନା ରହିଛି ।

## ଶିକ୍ଷିତ ବେକାର ସମସ୍ୟାର ସମାଧାନ

୧୮ । ରାଜ୍ୟର ବେକାର ସମସ୍ୟା ପରିସ୍ଥିତି ଯେ ଉତ୍କଟ ଏ ବିଷୟରେ ମୋ ସରକାର ସଚେତନ ଅଛନ୍ତି । ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜଗୁଡ଼ିକର ରେଜିଷ୍ଟର ଅନୁଯାୟୀ ତା ୩୧।୮।୧୯୭୧ସୁଦ୍ଧା ୧୬୬,୨୭୫ ଜଣ ବ୍ୟକ୍ତି ବେକାର ଥାଇ ଚାକିରୀ ଅନୁସରଣରେ ଥିଲେବୋଲି ଜଣାଯାଉଛି । ଇଂଜିନିୟରିଂ ଗ୍ରାଜୁଏଟ, ଡିପ୍ଲୋମା-ଧାରୀ ଓ ଅନ୍ୟାନ୍ୟ ଶିକ୍ଷିତ ବେକାରମାନଙ୍କର ଲାଭପ୍ରଦ ନିଯୁକ୍ତି ତଥା ଆତ୍ମନିଯୁକ୍ତି ପାଇଁ ଅନେକ ସୁବିଧାସୁଯୋଗ ଦିଆଯାଉଛି । ଇଂଜିନିୟରିଂ ଗ୍ରାଜୁଏଟ୍ ଓ ଡିପ୍ଲୋମାଧାରୀମାନେ ବିନା ଅମାନତ ଜମାରେ ‘ଗ’ ଓ ‘ଘ’ ଶ୍ରେଣୀ ଠିକାଦାରଭାବେ ରେଜିଷ୍ଟ୍ରିଭୁ ହୋଇପାରିବେ । ଅମାନତ୍ ଟଙ୍କା ଜମା ନଦେଇ ସେମାନଙ୍କୁ କାମ ଦିଆଯାଇପାରିବ । ଟେଣ୍ଡର ଦରର ଶତକଡ଼ା ୫ ଭାଗ ପର୍ଯ୍ୟ କମ୍ ଦରରେ ଏମାନଙ୍କୁ ଠିକା ନେବାରେ ସୁବିଧା ଦେବା ଜିନିଷପତ୍ର ଅମାନତ ବଦଳରେ ଅଗ୍ରିମ ଦିଆଯିବା ପାଇଁ ବ୍ୟବସ୍ଥା ରହିଛି । ୪୩ ଜଣ ‘ଗ’ ଶ୍ରେଣୀ ଓ ୧୮୦ ଜଣ ‘ଘ’ ଶ୍ରେଣୀରେ ଠିକାଦାରଭାବେ ରେଜିଷ୍ଟ୍ରିଭୁକ୍ତ ହୋଇଛନ୍ତି ଓ ସେମାନଙ୍କ ମଧ୍ୟ କେତେକଙ୍କୁ ଠିକା ଦିଆଯାଇଛି ।

ପ୍ରତି ଜିଲ୍ଲାରେ ସମବାୟ ସମିତି ଗଠନ କରିବା ନିମନ୍ତେ ଗ୍ରାଜୁଏ ଇଂଜିନିୟର/ଡିପ୍ଲୋମାଧାରୀମାନଙ୍କୁ ସବୁ ପ୍ରକାର ସୁବିଧା ଦିଆଯାଉଛି । ଏହା ଫଳରେ ସେମାନେ ପ୍ରଥମ ଶ୍ରେଣୀ ଠିକାଦାରରୂପେ ରେଜିଷ୍ଟ୍ରିଭୁକ୍ତ ହୋଇପାରିବା ସଙ୍ଗେ ସଙ୍ଗେ ସୁବିଧା-ଜନକ ସର୍ତ୍ତରେ ସେମାନଙ୍କୁ ଠିକା କାମ ଦିଆଯାଇପାରିବ । ଏଭଳି ପାଞ୍ଚଟି ସମିତି ଗଠନ କରାଯାଇଛି ।

ବିଭିନ୍ନ ଖଣି ପଟ୍ଟା ଦିଆଯିବାବେଳେ ମାଇନିଂ ଗ୍ରାଜୁଏଟ୍ ଡିପ୍ଲୋମାଧାରୀଙ୍କୁ ପ୍ରଥମେ ସୁଯୋଗ ଦିଆଯାଉଛି ।

ରାସାୟନିକ ସାର ବିକ୍ରେତାରୂପେ କୃଷି ଗ୍ରାଜୁଏଟମାନେ କର୍ମସଂସ୍ଥାନ ଉଦ୍ଦେଶ୍ୟରେ ସେମାନଙ୍କୁ ଉତ୍ସାହିତ କରିବା ପାଇଁ ଉପଯୁ ପ୍ରାର୍ଥୀଙ୍କ କ୍ଷେତ୍ରରେ ସରକାର ଟ ୫,୦୦୦ ଙ୍କା ପର୍ଯ୍ୟନ୍ତ ଜାମିନ ରହିବେ

ଶିକ୍ଷିତ ବେକାରମାନଙ୍କ ମଧ୍ୟରୁ ଯେଉଁମାନେ ଆତ୍ମନିଯୁ ଉଦ୍ଦେଶ୍ୟରେ ବ୍ୟାଙ୍କର ଆର୍ଥିକ ସହାୟତାରେ କୃଷି ଫାର୍ମ ଅଥ ପଶୁପାଳନ ଫାର୍ମ/କ୍ଷୁଦ୍ର ଶିଳ୍ପ କାରଖାନା ଆରମ୍ଭ କରିବେ, ସେ ସ୍ଥଳେ ଉପଯୁକ୍ତ ପ୍ରାର୍ଥୀଙ୍କୁ ୨·୫୦ ଏକର ପର୍ଯ୍ୟନ୍ତ ଜମି ପଟ୍ଟା ଦିଆଯିବ

ଭାରତୀୟ ତୈଳ କର୍ପୋରେସନ୍ ଏହି ରାଜ୍ୟରେ ୩୦ ଖୁଚୁରା ବିକ୍ରୀ କେନ୍ଦ୍ର ଖୋଲିବା ଉଦ୍ଦେଶ୍ୟରେ ଏକ ଯୋଜନା ଆ କରିଛନ୍ତି । ଏଥି ନିମନ୍ତେ ବେକାର ଇଂଜିନିୟର ତଥା ଅନ୍ୟା

ବେକାର ଗ୍ରାଜୁଏଟ୍ ଓ ଡିପ୍ଲୋମାଧାରୀଙ୍କ ମଧ୍ୟରୁ କର୍ପୋରେସନ୍ କର୍ତ୍ତୃପକ୍ଷଙ୍କଦ୍ୱାରା ପ୍ରାର୍ଥୀ ବଛାଯାଉଛନ୍ତି । ଏପର୍ଯ୍ୟନ୍ତ ଗୋଟିଏ ଖୁଚୁରା ବିକ୍ରି କେନ୍ଦ୍ର କାର୍ଯ୍ୟକାରୀ ହେଲଣି ।

ଭାରତୀୟ ସାର କର୍ପୋରେସନ୍ ତରଫରୁ 'ଶିଳ୍ପ ଉଦ୍ୟୋଗକାରୀଙ୍କ ବିକାଶ' ନାମକ ଏକ ପରିକଳ୍ପନା କାର୍ଯ୍ୟକାରୀ କରାଯାଉଛି । ଏହି ପରିକଳ୍ପନା ଅନୁଯାୟୀ କୃଷି ଓ ଅନ୍ୟାନ୍ୟ ଗ୍ରାଜୁଏଟମାନଙ୍କୁ ୬ ସପ୍ତାହ ପର୍ଯ୍ୟନ୍ତ ତାଲିମ୍ ଦିଆଗଲା ପରେ ଖୁଚୁରା ସାର ବିକ୍ରେତାରୂପେ ନିଯୁକ୍ତି ଦିଆଯିବ । ୧୯୭୧ ଜୁନ୍ ୧୦ ତାରିଖରୁ ଆରମ୍ଭ ହୋଇଥିବା ଏହି ତାଲିମ୍ ନିମନ୍ତେ ୩୬ ଜଣ ପ୍ରାର୍ଥୀ ବଛା ହୋଇଥିଲେ ।

ଶିଳ୍ପ ପ୍ରତିଷ୍ଠା ପ୍ରତି ଶିକ୍ଷିତ ବେକାର ଯୁବକମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ବ୍ୟାଙ୍କର ଆର୍ଥିକ ସହାୟତାରେ ଆତ୍ମନିଯୁକ୍ତି ପାଇଁ ସେମାନେ ଯେପରି ସମର୍ଥ ହୋଇପାରିବେ ସେ ଉଦ୍ଦେଶ୍ୟରେ ଶିଳ୍ପ ନିର୍ଦ୍ଦେଶାଳୟର ସହଯୋଗକ୍ରମେ କ୍ଷୁଦ୍ର ଶିଳ୍ପ ସେବା ପ୍ରତିଷ୍ଠାନ ତରଫରୁ ଗ୍ରାଜୁଏଟ୍ ଇଂଜିନିୟର ଓ ଡିପ୍ଲୋମାଧାରୀଙ୍କୁ ତାଲିମ୍ ଦିଆଯାଉଛି । ଏହି ତାଲିମ୍ ୩ ମାସ ପର୍ଯ୍ୟନ୍ତ ଦିଆଯାଏ । ଏ ପର୍ଯ୍ୟନ୍ତ ୫୮ ଜଣ ପ୍ରାର୍ଥୀ ତାଲିମ୍ ପାଇ ସାରିଛନ୍ତି ଏବଂ ବର୍ତ୍ତମାନ ୨୮ ଜଣ ପ୍ରାର୍ଥୀ ତାଲିମ୍ ନେଉଛନ୍ତି ।

ଗ୍ରାଜୁଏଟ୍ ଇଂଜିନିୟର, ଡିପ୍ଲୋମାଧାରୀ ଓ କୃଷି ଗ୍ରାଜୁଏଟମାନେ କୃଷି ସେବା କେନ୍ଦ୍ରଗୁଡ଼ିକରେ ଯେପରି କାର୍ଯ୍ୟ କରିପାରିବେ ସେଥିନିମନ୍ତେ କୃଷି—ଭିତ୍ତିକ ଶିଳ୍ପ କର୍ପୋରେସନ୍ ଦ୍ୱାରା ସେମାନଙ୍କୁ ତାଲିମ୍ ଦିଆଯାଉଛି ।

ବର୍ତ୍ତିତ ବର୍ଷରେ ୯୩ ଜଣ ଗ୍ରାଜୁଏଟ ଇଂଜିନିୟର (ବିଦ୍ୟୁତ୍), ୬୧ ଜଣ ଗ୍ରାଜୁଏଟ ଇଂଜିନିୟର (ସିଭିଲ), ୮ ଜଣ ଗ୍ରାଜୁଏଟ ଇଂଜିନିୟର (ଯାନ୍ତ୍ରିକ), ୧୧୬ ଜଣ ଇଂଜିନିୟରିଂ ଡିପ୍ଲୋମାଧାରୀ (ବିଦ୍ୟୁତ୍), ୪୭ ଜଣ ଇଂଜିନିୟରିଂ ଡିପ୍ଲୋମାଧାରୀ (ସିଭିଲ) ଓ ୬ ଜଣ ଇଂଜିନିୟରିଂ ଡିପ୍ଲୋମାଧାରୀ (ଯାନ୍ତ୍ରିକ) ଓଡ଼ିଶା ସରକାରଙ୍କ ଦ୍ୱାରା ଓ ତାଙ୍କ ଅଧୀନରେ ଥିବା କର୍ପୋରେସନ ତଥା ଓଡ଼ିଶା ରାଜ୍ୟ ବିଦ୍ୟୁତବୋର୍ଡ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିଦ୍ୟୁତ୍ ପରିକଳ୍ପନା, ବୃହତ ଓ ମଧ୍ୟମ ଏବଂ ଉଠା ଜଳସେଚନ ଯୋଜନାମାନଙ୍କରେ ନିଯୁକ୍ତ ହୋଇଛନ୍ତି । ନିଯୁକ୍ତ ହୋଇସାରିଥିବା ଉକ୍ତ ଇଂଜିନିୟରିଂ କର୍ମଚାରୀମାନଙ୍କ ଛଡ଼ା ଆଉ ୯୯ଜଣ ଗ୍ରାଜୁଏଟ ଇଂଜିନିୟର (ସିଭିଲ), ୬୫ ଜଣ ଗ୍ରାଜୁଏଟ୍ ଇଂଜିନିୟର (ବିଦ୍ୟୁତ୍), ୧୭୬ ଜଣ ଇଂଜିନିୟରିଂ ଡିପ୍ଲୋମାଧାରୀ (ସିଭିଲ), ୫୮ ଜଣ ଇଂଜିନିୟରିଂ ଡିପ୍ଲୋମାଧାରୀ (ବିଦ୍ୟୁତ) ଓ ୮ ଜଣ ଇଂଜିନିୟରିଂ ଡିପ୍ଲୋମାଧାରୀ (ଯାନ୍ତ୍ରିକ) ଙ୍କୁ ଶୀଘ୍ର ନିଯୁକ୍ତି ଦିଆଯିବ । ଏହାବାଦ, ୯୯ ଜଣ ଅନ୍ୟାନ୍ୟ ବୈଷୟିକ କର୍ମଚାରୀ ଓ ୫୮୩ ଜଣ ଅଣବୈଷୟିକ କର୍ମଚାରୀ ମଧ୍ୟ ଉପଯୁକ୍ତ ପରିକଳ୍ପନା ଅନୁସାରେ ନିଯୁକ୍ତ ହେବେ ।

ରାଜ୍ୟ ମଧ୍ୟରେ ଜାତୀୟ ରାଜପଥର ବିକାଶ ନିମନ୍ତେ ଉଦ୍ଦିଷ୍ଟ ପରିକଳ୍ପନା ଅନୁଯାୟୀ ଚଳିତ ବର୍ଷ ୫୨୧ଟି ନୂଆ ଚାକିରୀ ସୃଷ୍ଟି କରାଯାଉଛି । ଏଥି ମଧ୍ୟରୁ ୧୮୯ଟି ଚାକିରିରେ ଗ୍ରାଜୁଏଟ୍ ଇଂଜିନିୟର, ଡିପ୍ଲୋମାଧାରୀ ଓ ବୈଷୟିକ ତାଲିମପ୍ରାପ୍ତ ଅନ୍ୟାନ୍ୟ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯିବ ଏବଂ ଅବଶିଷ୍ଟ ୩୩୨ଟି ଚାକିରୀରେ ଅଣ—ବୈଷୟିକ ବେକାର ଲୋକଙ୍କୁ ନିଯୁକ୍ତି ଦିଆଯିବ ।

ଗ୍ରାଜୁଏଟ୍ ଡାକ୍ତରଙ୍କ କର୍ମ ସଂସ୍ଥାନ ଦିଗରେ ଗତ ଦୁଇବର୍ଷ ମଧ୍ୟରେ ୬୫୪ଟି ସହକାରୀ ସର୍ଜନ ପଦ ପୂରଣ କରାଯାଇଛି ଏବଂ ଚାକିରୀରୁ ଅବସର ଗ୍ରହଣ, ଇସ୍ତଫା ପ୍ରଦାନ ଇତ୍ୟାଦି ଯୋଗୁଁ ଖାଲିପଡ଼ିଥିବା ୭୦ଟି ସ୍ଥାନ ଚଳିତ ବର୍ଷ ପୂରଣ କରାଯିବ । ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ଆଉ ଜଣେ ଲେଖାଏଁ ଡାକ୍ତରଙ୍କୁ ନିଯୁକ୍ତି ଦେବା ସଙ୍ଗେ ସଙ୍ଗେ ଛୁଟିରେ ଓ ତାଲିମ୍ ଉଦ୍ଦେଶ୍ୟରେ ଯାଉଥିବା ଡାକ୍ତରଙ୍କ ଖାଲି ସ୍ଥାନ ପୂରଣ ଉଦ୍ଦେଶ୍ୟରେ ୧୯୭୦-୭୧ ଓ ୧୯୭୧-୭୨ ମସିହାରେ ମୋଟରେ ୨୭୫ଟି ସହକାରୀ ସର୍ଜନ ଚାକିରୀ ସୃଷ୍ଟି କରାଯାଇଛି ।

ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ରହିଥିବା ଅଭାବ ପୂରଣ ଉଦ୍ଦେଶ୍ୟରେ ଚତୁର୍ଥ ଯୋଜନା କାଳରେ ୯,୦୦୦ ଅତିରିକ୍ତ ପ୍ରାଥମିକ ଶିକ୍ଷକଙ୍କୁ ନିଯୁକ୍ତି ଦେବାପାଇଁ ପ୍ରସ୍ତାବ ରହିଥିଲା । କେବଳ ଚଳିତ ବର୍ଷ ୪ ୫୦୦ ଅତିରିକ୍ତ ପ୍ରାଥମିକ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି । ଯୋଜନାର ପ୍ରଥମ ତିନିବର୍ଷ ମଧ୍ୟରେ ମୋ ସରକାର ୮,୦୦୦ ଶିକ୍ଷକଙ୍କୁ ନିଯୁକ୍ତି ଦେଇସାରିଛନ୍ତି ।

## ଯୋଗାଯୋଗ

୧୯ । ରାଜ୍ୟ ମଧ୍ୟରେ ଜାତୀୟ ରାଜପଥର ଉନ୍ନତିବିଧାନ ଓ ବିକାଶ ନିମନ୍ତେ ଚଳିତ ବର୍ଷ ଦୁଇଟି ନୂଆ ସର୍କଲ ଓ ସାତଟି ଡିଭିଜନ ସୃଷ୍ଟି କରାଯାଇଛି । ଏହା ଫଳରେ ୨୧.୨୯ କୋଟି ଟଙ୍କା ବ୍ୟୟରେ ହେଉଥିବା ଅତିରିକ୍ତ କାର୍ଯ୍ୟଭାର ତୁଲାଯାଇ ପାରିବ ।

ହରିଦାସପୁର ନିକଟରେ ୫ ନମ୍ବର ଜାତୀୟ ରାଜପଥ ଜଙ୍କସନ୍‌ଠାରୁ ପାରାଦୀପ ବନ୍ଦର ପର୍ଯ୍ୟନ୍ତ ଯାଇଥିବା ନିମ୍ନଭାଗ ଚଳିତ ବର୍ଷ ୫ ନମ୍ବର 'ଢ' ଜାତୀୟ ଏକ୍ସପ୍ରେସ୍ ରାଜପଥକୁ ଚଳିତ ବର୍ଷ ୫ ନମ୍ବର 'ଢ' ଜାତୀୟ ରାଜପଥରୂପେ ଘୋଷଣା କରାଯାଇଛି ।

ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ପୂର୍ବରୁ ରାଜ୍ୟର ରାଜଧାନୀ ସହିତ କୋରାପୁଟ ଓ କଳାହାଣ୍ଡି ଜିଲ୍ଲା ସଦରମହକୁମା ମଧ୍ୟରେ ସଡ଼କ ପଥରେ କୌଣସି ପ୍ରକାର ସିଧାସଳଖ ଯୋଗାଯୋଗ ବ୍ୟବସ୍ଥା ନ ଥିଲା । ବର୍ତ୍ତମାନ ଓଡ଼ିଶା ଭିତର ଦେଇ ଭୁବନେଶ୍ୱର ଓ କୋରାପୁଟ ମଧ୍ୟରେ ସବୁଦିନିଆ ଯୋଗାଯୋଗ ବ୍ୟବସ୍ଥା ପ୍ରତିଷ୍ଠିତ ହୋଇପାରିଛି । ଚଳିତ ବର୍ଷ ତଥା ଚତୁର୍ଥ ଯୋଜନାର ଅବଶିଷ୍ଟ ଦୁଇବର୍ଷ ମଧ୍ୟରେ ଭବାନୀପାଟଣା ଓ ଭୁବନେଶ୍ୱର ମଧ୍ୟରେ ସଡ଼କପଥରେ ସବୁଦିନିଆ ଯୋଗାଯୋଗ ବ୍ୟବସ୍ଥା ପ୍ରତିଷ୍ଠା କରାଯିବା ନିମନ୍ତେ ଅର୍ଥ ବରାଦ କରାଯାଇଛି ।

ଚଳିତବର୍ଷର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଗ୍ରାମାଞ୍ଚଳ ରାସ୍ତାଘାଟର ଉନ୍ନତିବିଧାନ ଉଦ୍ଦେଶ୍ୟରେ ମୋ ସରକାର ୧୬୧ ଲକ୍ଷ ଟଙ୍କା ବ୍ୟୟ ବରାଦ କରିଛନ୍ତି । ଚଳିତ ବର୍ଷ ରାସ୍ତାଘାଟ ବିକାଶ କାର୍ଯ୍ୟକ୍ରମ ବାବଦ ମୋଟ ଯୋଜନା ଅଟକଳର ଏହା ହେଉଛି ଶତକଡ଼ା ୫୦.୯ ଭାଗ । ବିଭିନ୍ନ ବିକ୍ରିବଟା କେନ୍ଦ୍ର ସହିତ ଯୋଗାଯୋଗ ବ୍ୟବସ୍ଥାର ପ୍ରସାର ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି ।

ଗ୍ରାମ୍ୟ ନିର୍ମାଣ କାର୍ଯ୍ୟକ୍ରମ ଅନୁଯାୟୀ ଭାରତ ସରକାରଙ୍କ ଦ୍ୱାରା ଅନୁମୋଦିତ ୫୬.୧୯ ଲକ୍ଷ ଟଙ୍କା ଓ ୫୧ ଲକ୍ଷ ଟଙ୍କା ବ୍ୟୟରେ ଯଥାକ୍ରମେ ଫୁଲବାଣୀ ଜିଲ୍ଲାରେ ଗୋଟିଗୋଟି ରାସ୍ତା ଓ କଳାହାଣ୍ଡି ଜିଲ୍ଲାରେ ତିନିଗୋଟି ରାସ୍ତାର ନିର୍ମାଣ କାର୍ଯ୍ୟ ଚଳିତ ବର୍ଷ ହାତକୁ ନିଆଯାଇଛି । ଏହି ରାସ୍ତାଗୁଡ଼ିକର ନିର୍ମାଣ ଫଳରେ ଏଗୁଡ଼ିକ ସ୍ଥାୟୀ ସମ୍ପତ୍ତିରେ ପରିଣତ ହେବା ସଙ୍ଗେ ସଙ୍ଗେ ଏହି ଅନୁନ୍ନତ ଜିଲ୍ଲା ମାନଙ୍କରେ କର୍ମ ସଂସ୍ଥାନର ସୁବିଧା ସୃଷ୍ଟି ହୋଇପାରିବ ।

୨୦ । ଦକ୍ଷିଣ-ପୂର୍ବ ରେଳବାଇର ସଦର କାର୍ଯ୍ୟାଳୟକୁ କଲିକତାଠାରୁ ଓଡ଼ିଶାର କୌଣସି ସ୍ଥାନକୁ ସ୍ଥାନାନ୍ତରିତ କରିବା ବିଷୟରେ ମୋ ସରକାର ଭାରତ ସରକାରଙ୍କ ସହିତ ଆଲୋଚନା ଚଳାଇଛନ୍ତି ।

୨୧ । ସର୍ବସାଧାରଣ ବୃକ୍ଷ ମାଲିକାନାରେ ଥିବା ଜମି ଉପରେ ନଗଦ ଟଙ୍କା ଆକାରରେ ଦିଆ ଯାଉଥିବା ଖଜଣାକୁ ଉଠାଇଦେବା ଦିଗରେ ପଦକ୍ଷେପ ନିଆଯାଇଛି ।

୨୨ । ଫୁଲବାଣୀ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସ୍ୱତନ୍ତ୍ର ଅଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମକୁ ପରିବର୍ତ୍ତନ କରାଯାଇ ପୁନର୍ବସତି ପରିକଳ୍ପନାରେ ପରିଣତ କରାଯାଇଛି ଏବଂ ଏହି ଯୋଜନାରେ ପ୍ରାୟ ୧୪ କୋଟି ଟଙ୍କା ବ୍ୟୟ ହେବ ବୋଲି ବର୍ତ୍ତମାନ ଅଟକଳ କରାଯାଇଛି । ରାଉଳନଦୀ ଜଳ ଉପଯୋଗକରି କାର୍ଯ୍ୟକାରୀ ହେଉଥିବା ଜଳସେଚନ ଯୋଜନାର ସେଚିତ ଅଞ୍ଚଳରେ ଯେଉଁସବୁ ଜମି ରହିଥିବ କେବଳ ସେସବୁ ଜମିକୁ ଉକ୍ତ ପରିକଳ୍ପନାର ପରିସରଭୁକ୍ତ କରିବାକୁ ବିଚାର କରାଯାଉଥିଲା । ଏହା ଫଳରେ ୧୦,୦୦୦ ପରିବାରକୁ ଥଇଥାନ କରାଯାଇ ପାରିବ । ଏହି ପୁନର୍ବସତି ପରିକଳ୍ପନା ଅନୁଯାୟୀ ଆଦିବାସୀ ଲୋକମାନଙ୍କ ଥଇଥାନ ଦିଗରେ ସମାନ ସୁବିଧାସୁଯୋଗ ଦେବାପାଇଁ ପ୍ରସ୍ତାବ ରହିଛି ।

୨୩ । ବ୍ୟାପକ ଅଞ୍ଚଳରେ ଜଳସେଚନର ସୁବିଧା ଯୋଗାଇ ଦେବା ନିମନ୍ତେ ଅଧିକସଂଖ୍ୟକ କ୍ଷୁଦ୍ର ଜଳସେଚନ ଯୋଜନା କାର୍ଯ୍ୟକାରୀ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି ଏବଂ ଏଥି ନିମନ୍ତେ ଅଧିକ ସଫଳ ବ୍ୟବସ୍ଥା କରିବା ପାଇଁ ପଦକ୍ଷେପ ନିଆଯାଉଛି ।

## ମତ୍ସ୍ୟ ବନ୍ଦରର ବିକାଶ

୨୪ । ଆନ୍ତର୍ଜାତିକ ଉନ୍ନୟନ ସଂସ୍ଥାର ଆର୍ଥିକ ସହାୟତାରେ ଚିଲିକା ହ୍ରଦରେ ମତ୍ସ୍ୟ ବନ୍ଦରର ବିକାଶ ପାଇଁ ପ୍ରସ୍ତାବ ରହିଛି । ଏହି ପରିଯୋଜନାରେ ୧୩ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଅଟକଳ କରାଯାଇଛି ଏବଂ ଏହାଦ୍ୱାରା ମତ୍ସ୍ୟ ଉତ୍ପାଦନ ବାର୍ଷିକ ଅଧିକ ୧୧,୬୫୦ ଟନକୁ ବୃଦ୍ଧି ପାଇବ । ଏହି ଯୋଜନା ଅନୁଯାୟୀ ଚିଲିକା ହ୍ରଦ ଓ ସମୁଦ୍ର ମଧ୍ୟରେ ସିଧାସଳଖ ଏକ ନାଳୀ (କେନାଲ୍) ନିର୍ମାଣ କରାଯିବା ସଙ୍ଗେ ସଙ୍ଗେ ଲୁଣି ମାଛ ଚାଷ ନିମନ୍ତେ ୧୦,୦୦୦ ଏକରକୁ ମାଛ ଚାଷୋପଯୋଗୀ କରାଯିବ ଓ ମାଛଧରା ଘାଟ ପ୍ରତିଷ୍ଠା କରାଯିବ । ଏ ସଂକ୍ରାନ୍ତ ପରିଯୋଜନା ରିପୋର୍ଟ ଭାରତ ସରକାରଙ୍କ ବିଚାର ପାଇଁ ପଠାଯାଇଛି ।

୨୫ । ରାଜ୍ୟ ସରକାର ଯେଉଁସବୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରି ଆସୁଛନ୍ତି ଏବଂ ଆଗାମୀ ବର୍ଷ କାର୍ଯ୍ୟକାରୀ କରିବା ପାଇଁ ମନସ୍ଥ କରିଛନ୍ତି, ମୁଁ ସେସବୁର ସଂକ୍ଷିପ୍ତ ବିବରଣୀ ଉଲ୍ଲେଖ କଲି । ଚଳିତ ଅଧିବେଶନରେ ଆପଣମାନଙ୍କ ବିବେଚନା ନିମନ୍ତେ ରହିଥିବା ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟ ସମ୍ପର୍କରେ ବର୍ତ୍ତମାନ ମୁଁ ସୂଚନା ଦେଉଛି । ସମୟ ବୃଦ୍ଧି କରିବା ଉଦ୍ଦେଶ୍ୟରେ

ମୁଁ ପୂର୍ବରୁ ଯେଉଁ ଅର୍ଡିନାନ୍ସ ସମ୍ପର୍କରେ ଉଲ୍ଲେଖ କରିଛି ତା’ ପରିବର୍ତ୍ତେ ଉପଯୁକ୍ତ ଆଇନ୍ ପ୍ରଣୟନ ପାଇଁ ଆପଣମାନଙ୍କୁ ଅନୁରୋଧ କରାଯିବ । ୧୯୭୧ ମସିହାର ଓଡ଼ିଶା ଜମି ଜବର ଦଖଲ ନିରୋଧ ଅର୍ଡିନାନ୍ସକୁ ଉଠାଇ ଦେଇ ତା’ପରିବର୍ତ୍ତେ ଏକ ବିଲ ଆପଣମାନଙ୍କ ସମ୍ମୁଖରେ ଉପସ୍ଥାପିତ କରାଯିବ । ଏହାଛଡ଼ା ଓଡ଼ିଶା ମୋଟର ଗାଡ଼ି ( ଯାତ୍ରୀ ଟିକସ) ଆଇନ୍ ଅନ୍ତର୍ଭୁକ୍ତ ବିଭିନ୍ନ ବ୍ୟବସ୍ଥାର ଏକାଧିକ ସଂଶୋଧନ କରାଯାଇ ଏକ ବିଲ୍ ; ୧୯୬୪ ମସିହାର ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ସଂଶୋଧନ ବିଲ୍ ; ୧୯୬୧ ମସିହାର ଓଡ଼ିଶା ମେଡ଼ିକାଲ ରେଜିଷ୍ଟ୍ରେସନ୍ ଆଇନ୍ ସଂଶୋଧନ ବିଲ୍ ଏବଂ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ସମ୍ପ୍ରଦାୟର ପ୍ରାର୍ଥୀମାନେ ରାଜ୍ୟ ସରକାର, ବୈଧାନିକ ସଂସ୍ଥା ତଥା ବିଭିନ୍ନ ସରକାରୀ ଶିଳ୍ପସଙ୍ଗଠନ ଅଧୀନରେ ଯେପରି ଯଥେଷ୍ଟ ସଂଖ୍ୟାରେ ଚାକିରୀ ପାଇପାରିବେ ସେଥି ନିମନ୍ତେ ଏକ ବିଲ୍ ଆପଣମାନଙ୍କ ବିବେଚନା ନିମନ୍ତେ ଉପସ୍ଥାପନ କରାଯିବ । ଅନ୍ୟାନ୍ୟ ଯେଉଁ-ସବୁ ବିଲକୁ ଆଇନରେ ପରିଣତ କରିବାପାଇଁ ଆପଣମାନଙ୍କୁ ଅନୁରୋଧ କରାଯିବ ସେଗୁଡ଼ିକ ହେଲ—ଓଡ଼ିଶା ଫରେଷ୍ଟ ବିଲ୍ ୧୯୭୧, ଓଡ଼ିଶା ଏଜୁକେଶନ ଆମେଣ୍ଡମେଣ୍ଟ ବିଲ୍ ୧୯୭୧ ଓ ଓଡ଼ିଶା କନ୍‌ସୋଲିଡେସନ ଅଫ୍ ହୋଲଡ଼ିଂ ଆଣ୍ଡ ପ୍ରିଭେନ୍‌ସନ ଅଫ୍ ଫ୍ରାଗ୍‌ମେଣ୍ଟେସନ୍ ବିଲ୍, ୧୯୭୨ । ଆପଣମାନଙ୍କର ବିବେଚନା ଓ ଅନୁମୋଦନ ନିମନ୍ତେ ଅତିରିକ୍ତ ଖର୍ଚ୍ଚ ଦାବୀ ମଧ୍ୟ ଏ ଗୃହରେ ଉପସ୍ଥାପିତ କରାଯିବ ।

ଆପଣମାନଙ୍କୁ ଆଲୋଚନା ନିମନ୍ତେ ଅବସର ପ୍ରଦାନ କରି ମୁଁ ବର୍ତ୍ତମାନ ବିଦାୟ ନେଉଛି ।

ଜୟହିନ୍ଦ୍

---



# କୃଷି ଓ ଶିଳ୍ପ ପ୍ରଗତି ପାଇଁ

# କିର୍ଲୋସ୍କାର

Kirloskar

**This pumpset gives more water saves time saves cost.**

**5 HP**
WATER COOLED
**DIESEL ENGINE PUMPING SETS**
TYPE AV1

AUTHORISED DISTRIBUTORS

- ବିଭିନ୍ନ ଶିଳ୍ପ ପାଇଁ ପମ୍ପ୍, ଜଳସେଚନ ପାଇଁ ପମ୍ପ୍, ସ୍ଲୁଇସ୍ ଭାଲ୍ଭ୍, ରିଫ୍ଲେକ୍ସ ଭାଲ୍ଭ୍, କଳ ଲଙ୍ଗଳ, ଆଖୁ ପେଡ଼ା କଳ, ଚିନାବାଦାମ ଚୋପା ଛଡ଼ାଇବା ଯନ୍ତ୍ର, ବଦନ ବୁଣିବା କଳ, ଶିଳ୍ପ ପାଇଁ ସିଲ୍ଡ଼ କମ୍ପ୍ରେସର ଓ ମେସିନ୍ ଟୁଲ୍ସ୍ ।

**କିର୍ଲୋସ୍କାର ବ୍ରଦର୍ସ ଲିଃ, ପୁନା-୨**

- ଶିଳ୍ପ, ସାମୁଦ୍ରିକ ଓ ଜଳସେଚନ ପାଇଁ ଡିଜେଲ୍ ଇଞ୍ଜିନ୍ ଏବଂ ଜେନେରେଟିଂ ସେଟ୍ ।

**କିର୍ଲୋସ୍କାର ଅଏଲ୍ ଇଞ୍ଜିନସ୍ ଲିଃ, ପୁନା**

- ଇଣ୍ଡକ୍ସନ୍ ମୋଟର, ଗିଅର ମୋଟର, ଭେରିଡ୍ରାଇଭ୍ ମୋଟର ଓ ଟ୍ରାନ୍ସଫରମର୍ ଏବଂ ଡି. ସି. ମେସିନ୍ ।

**କିର୍ଲୋସ୍କାର ଇଲେକ୍ଟ୍ରିକ୍ କମ୍ପାନି ଲିଃ, ବାଙ୍ଗାଲୋର**

- ଇଲେକ୍ଟ୍ରିକ୍ କଣ୍ଟ୍ରୋଲ ଗିଅର ଏବଂ ଷ୍ଟାର୍ଟର୍ ।

**କିର୍ଲୋସ୍କାର ଏସିଆ ଲିଃ, ବାଙ୍ଗାଲୋର**

ବିଶେଷ ବିବରଣୀ ପାଇଁ

**କିର୍ଲୋସ୍କାର ବ୍ରଦର୍ସ ଲିମିଟେଡ଼**

ଷ୍ଟେସନ ସର୍କଲ
ଇଉନିଟ୍ -୩, ପୋଷ୍ଟ ବକ୍ସ ନଂ ୪୫
ଭୁବନେଶ୍ୱର-୧

ଟେଲିଫୋନ୍ :—
ଅଫିସ—୧୦୯୫
ବାସଗୃହ—୧୦୯୭

ଟେଲିଗ୍ରାମ—
କିର୍ଲୋସ୍କାର
ଭୁବନେଶ୍ୱର

# ଜାତୀୟ ସଂହତି



ଯଦୁନାଥ ଦାଶ ମହାପାତ୍ର

ଭାରତବର୍ଷ ଏକ ବିରାଟ ଭୂଖଣ୍ଡ । ହିମାଳୟଠାରୁ କୁମାରିକା ତଥା ଆରବ ସାଗରଠାରୁ ବଙ୍ଗୋପସାଗର ପର୍ଯ୍ୟନ୍ତ ପରିବ୍ୟାପ୍ତ, ବହୁ ଧର୍ମ, ବହୁ ଭାଷା ଓ ବହୁ ଜାତି ବିଶିଷ୍ଟ ଏହି ଉପ-ମହାଦେଶ ୧୯୪୭ ମସିହାର ସ୍ୱାଧୀନତା ପ୍ରାପ୍ତି ପରେ ବହୁ ସମସ୍ୟାର ସମ୍ମୁଖୀନ ହୋଇଛି । ଏହି ସମସ୍ୟା କେତେବେଳେ ଆଭ୍ୟନ୍ତରୀଣ ବା ଆଉ କେତେବେଳେ ବାହ୍ୟ ସମସ୍ୟା ରୂପରେ ଏହି ଦେଶର ପ୍ରଗତିକୁ ବ୍ୟାହତ କରିଛି । ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ନିଷ୍ଠା ଓ ଚେଷ୍ଟା ଫଳରେ ଭାରତବର୍ଷ ରାଜନୈତିକ ସ୍ୱାଧୀନତା ହାସଲ କଲା ସତ, କିନ୍ତୁ ଏ ଯାବତ ଅର୍ଥନୈତିକ ସ୍ୱାଧୀନତା ହାସଲ କରାଯାଇ ପାରିନାହିଁ । ଅର୍ଥନୈତିକ ପ୍ରାଚୁର୍ଯ୍ୟ ବିନା କୌଣସି ଦେଶ ସମୃଦ୍ଧ ଏବଂ ବଳିଷ୍ଠ ହେବା ସମ୍ଭବ ନୁହେଁ । ଏହି ଅର୍ଥନୈତିକ ଉନ୍ନତି ପାଇଁ ପଣ୍ଡିତ ନେହେରୁ, ପ୍ରାତଃ ସ୍ମରଣୀୟ ଶାସ୍ତ୍ରୀଜୀ ପ୍ରଭୃତିଙ୍କ ଉଦ୍ୟମ ଚେଷ୍ଟା ତଥା ବହୁ ଯୋଜନା ସତ୍ତ୍ୱେ ଭାରତ ବର୍ଷ ଏଦିଗରେ ପୂର୍ଣ୍ଣ ସଫଳତା ହାସଲ କରି ପାରିନାହିଁ । ବିଭିନ୍ନ ଭାଷାଭାଷୀ ବହୁ ରାଜ୍ୟର ସମନ୍ୱୟରେ ସ୍ୱାଧୀନ ଭାରତବର୍ଷ ଗଠିତ । ତେଣୁ ବେଳେ ବେଳେ ଆଞ୍ଚଳିକ ଚିନ୍ତା ବିଭ୍ରାଟ ସମଗ୍ର ଦେଶର ହୃତପିଣ୍ଡକୁ ଥରାଇ ଦେଉଛି । ଏହା ସାଙ୍ଗକୁ ଏ ଦେଶର ଗଣତାନ୍ତ୍ରିକ ପଦ୍ଧତି ଅନୁଯାୟୀ ବହୁ ସ୍ୱୀକୃତ ଅସ୍ୱୀକୃତ ରାଜନୈତିକ ଦଳ ନୂତନ ନୂତନ ସମସ୍ୟା ସୃଷ୍ଟି କରି ସେ ସବୁର ସମାଧାନ ନିମନ୍ତେ ଗଣତନ୍ତ୍ରାନୁମୋଦିତ ପନ୍ଥା ନିର୍ଦ୍ଦେଶ କରୁନଥିବାରୁ ତାହା ଜାତୀୟ ପ୍ରଗତି ପଥରେ ଘୋର ଅନ୍ତରାୟ ସୃଷ୍ଟି କରୁଅଛି । କେତେକ ରାଜନୈତିକ କାରଣରୁ ବେଳେ ବେଳେ କେନ୍ଦ୍ର ଶାସନ ଓ ରାଜ୍ୟ ଶାସନ ମଧ୍ୟରେ ମତାନୈକ୍ୟ ମଧ୍ୟ ଦେଖାଯାଉଛି । ଏହି ସବୁ ଫଳରେ ଯେଉଁ ପରିମାଣରେ ପ୍ରଗତି ଆମେ ଆଶା କରୁଛୁ ତାହା ହାସଲ ହୋଇ ପାରୁନାହିଁ । ଯେଉଁ ସବୁ ଅର୍ଥନୈତିକ ସମସ୍ୟାର ସମାଧାନ ଅବିଳମ୍ବେ ଆବଶ୍ୟକ ବା ଦଶବର୍ଷ ପୂର୍ବେ ହେବା ଉଚିତ ଥିଲା, ତାହା ଆଜି ପର୍ଯ୍ୟନ୍ତ ସମ୍ଭବ ହୋଇ ପାରିନାହିଁ । ଗୋଟିଏ ଉଦାହରଣ ଦେଲେ ଏ କଥା ସ୍ପଷ୍ଟ ହୋଇଯିବ । ଭାରତବର୍ଷ ଏକ କୃଷି ପ୍ରଧାନ ଦେଶ । ଖାଦ୍ୟ ଦିଗରେ ନିଅଣ୍ଟିଆ । ବେକାରୀ ସମସ୍ୟାରେ ଭାରାକ୍ରାନ୍ତ । ତେଣୁ କୃଷିର ଉନ୍ନତି ତଥା ଜଳସେଚନ ପ୍ରଭୃତି ସମସ୍ୟାର ସମାଧାନ ସର୍ବାଗ୍ରେ ହେବା ଉଚିତ ଥିଲା । ମାତ୍ର ତାହା ଏ ପର୍ଯ୍ୟନ୍ତ ହୋଇ ପାରି ନ ଥିବାରୁ ବର୍ତ୍ତମାନ ସୁଦ୍ଧା ଏ ଦେଶର ଲୋକେ ଅର୍ଦ୍ଧ ନଗ୍ନ, ଅର୍ଦ୍ଧ ବୁଭୁକ୍ଷୁ ଅବସ୍ଥାରେ ରହିଛନ୍ତି । ଏହି ସବୁ ଜାତୀୟ ଆଭ୍ୟନ୍ତରୀଣ ସମସ୍ୟାର ସମାଧାନ ପାଇଁ ପ୍ରତିଷ୍ଠିତ ସରକାରଙ୍କର ବିଶେଷ ଦାୟିତ୍ୱ ଥିବା ସଙ୍ଗେ ସଙ୍ଗେ ଶାସନ ବାହାରେ ରହିଥିବା ରାଜନୈତିକ ଦଳ ତଥା ଜନସାଧାରଣଙ୍କର ମଧ୍ୟ କେତେକ ଦାୟିତ୍ୱ ରହିଛି ।

ଲୋକମାନଙ୍କୁ ଜାତୀୟତା ଭାବରେ ଉଦ୍‌ବୁଦ୍ଧ କରାଇବା ଓ ଉପଯୁକ୍ତ ଶିକ୍ଷା ଓ କର୍ତ୍ତବ୍ୟ ଜ୍ଞାନ ବିଷୟରେ ସଚେତନ କରାଇବା ଯେ କେବଳ ଶାସକ ଦଳର ଦାୟିତ୍ୱ ତାହା ନୁହେଁ, ପ୍ରତ୍ୟେକ ରାଜନୈତିକ ଦଳ, ଅନୁଷ୍ଠାନ ଓ ଚିନ୍ତାଶୀଳ ବ୍ୟକ୍ତିମାନଙ୍କର ମଧ୍ୟ ଏ ଦିଗରେ ଦାୟିତ୍ୱ ରହିଛି । ଜାତିକୁ ଗଠନ କରିବାର ସମସ୍ୟା ଏବେ ସୁଦ୍ଧା ଖାଲି ସମାଲୋଚନା ଓ ପ୍ରତି-ସମାଲୋଚନା ସ୍ତରରେହିଁ ରହିଛି । ଏହା ଦେଶ ପକ୍ଷରେ ଘୋର ଦୁର୍ଭାଗ୍ୟଜନକ ।

ଏ ଦେଶର ଅସଂଖ୍ୟ ଆଭ୍ୟନ୍ତରୀଣ ସମସ୍ୟା ସାଙ୍ଗକୁ ବହୁ ଆନ୍ତର୍ଜାତିକ ସମସ୍ୟା ଭାରତବର୍ଷକୁ ଅନବରତ ବିବ୍ରତ କରୁଛି । ବହିଃ ଶତ୍ରୁର ଆକ୍ରମଣ ଦେଶର ଅର୍ଥନୈତିକ ପ୍ରଗତିକୁ ଧ୍ୱଂସ ଆଡ଼କୁ ଟାଣି ନେଉଛି । ଚୀନ୍ ଏବଂ ପାକିସ୍ଥାନର ରଣ ପିପାସା ଭାରତବର୍ଷ ପ୍ରତି ଏକ ଚିରନ୍ତନ ବିପଦ । ଏ ବିପଦର ଶେଷ ନ ହେଲେ ଆମେ ଆଗେଇବା କିପରି ?

ପୃଥିବୀର ଅନ୍ୟାନ୍ୟ ରାଷ୍ଟ୍ର ଆଜି ପ୍ରଗତିର ଚରମ ସୋପାନରେ ଉପସ୍ଥିତ । ସେମାନଙ୍କ ସମକକ୍ଷ ନ ହେଲେ, ସେମାନଙ୍କ ସହିତ ତାଳ ଦେଇ ଚାଲି ନ ପାରିଲେ ଆମଦେଶ ବହୁତ ପଛରେ ରହିଯିବ । ଏ ଦେଶର ଭବିଷ୍ୟତ ବଂଶଧର ତଥା ଇତିହାସ ଆମକୁ କୌଣସି-ମତେ କ୍ଷମା ଦେବ ନାହିଁ । ଦେଶକୁ ଗଠନ କରିବାକୁ ହେଲେ ଏବଂ ମହାତ୍ମାଗାନ୍ଧୀଙ୍କର ସ୍ୱପ୍ନକୁ ରୂପାୟିତ କରିବାକୁ ହେଲେ ପ୍ରତ୍ୟେକ ଭାରତୀୟ ନାଗରିକ ଜାତୀୟତା ଭାବରେ ଉଦ୍‌ବୁଦ୍ଧ ହେବା ଉଚିତ ଓ ଜାତୀୟ ବିପତ୍ତି ଓ ସମସ୍ୟାର ସମାଧାନ ପାଇଁ ଜୀବ ମନ ଏବଂ ପ୍ରାଣ ହେବା ଉଚିତ । ଜାତି ଓ ଦେଶ ଗଠନର ମହାନ୍ କର୍ତ୍ତବ୍ୟ ନିକଟରେ ବ୍ୟକ୍ତି, ଆଞ୍ଚଳିକ ଓ ରାଜନୈତିକ ସ୍ୱାର୍ଥ ଅତ୍ୟନ୍ତ ତୁଚ୍ଛ । ଜାତି ଜାତି ହିସାବରେ ରହିଲେ ସିନା ଆମେ ପରସ୍ପର ମଧ୍ୟରେ ଝଗଡ଼ା କରିବା, ତା ନ ହେଲେ ଝଗଡ଼ା କରୁଥିବା ବ୍ୟକ୍ତି, ଅନୁଷ୍ଠାନ, ଦଳ ଓ ରାଜ୍ୟମାନଙ୍କର ସ୍ଥିତି କେଉଁଠି ? ଅତୀତରେ ଏଇ ସଂହତିର ଅଭାବହିଁ ଏ ଦେଶର ସ୍ୱାଧୀନତାକୁ ବହୁବାର ବିପନ୍ନ କରିଛି—ଏହାର ବହୁ ଦୃଷ୍ଟାନ୍ତ ଇତିହାସ ପୃଷ୍ଠାରେ ଲିପିବଦ୍ଧ ।

ଭାରତବର୍ଷରେ ଆଜି ଜାତୀୟ ସଂହତିର ଘୋର ଆବଶ୍ୟକତା ରହିଛି । ଏହି ଜାତୀୟ ସଂହତିହିଁ ଆମକୁ ଆମ ଲକ୍ଷ୍ୟ ପଥରେ ପହଞ୍ଚାଇ ପାରିବ । ଏ ଦେଶର କଷ୍ଟ ଲବ୍ଧ ସ୍ୱାଧୀନତାକୁ ଅକ୍ଷୁଣ୍ଣ ରଖି ପାରିବ । ପୃଥିବୀ ଦରବାରରେ ଆମର ଆସନକୁ ସୁଦୃଢ଼ କରାଇ ପାରିବ । ଏଇ ଜାତୀୟ ସଂହତି ମନ୍ତ୍ରରେ ପ୍ରତ୍ୟେକ ଭାରତୀୟ ନାଗରିକ ଆଜି ଦୀକ୍ଷିତ ହେବା ଉଚିତ ।

---

ଗୋବିନ୍ଦ ଚନ୍ଦ୍ର ସେଠ

# ଜୀବନ ସଂଗ୍ରାମ

ତାଳଚୁଆ ବିଶ୍ରାମାଗାର ଭିତରେ ବସି ଲକ୍ଷ୍ୟ କରୁଥିଲି ଗୋଟିଏ ଦିଗରେ । ଦିଗନ୍ତବିସ୍ତାରୀ ସବୁଜ ଧାନ କ୍ଷେତ । ଏପରି ଗହଳ ଭାବରେ ଧାନବଦାଗୁଡ଼ିକ ବଢ଼ିଛି ଯେ ତାକୁ ଥରେ ଅନେଇଲେ ଆଖି ଫେରାଇ ନେଇ ହେବ ନାହିଁ । ହୃଷ୍ଟପୁଷ୍ଟ ବଳିଷ୍ଠ ଦେହ, ଲୁହିସ ପରି ହାତ ଗୋଡ଼ ପିଟା ହୋଇ ଗଢ଼ା ହୋଇଥିବା ଛାତି, ପୁରା ଯୌବନ-ଦୀପ୍ତ ଯେ କୌଣସି ଯୁବକ ବା ଯୁବତୀକୁ ଚାହିଁଲେ ଯେମିତି ସୁନ୍ଦର ଦିଶେ ଏବଂ ଯେପରି ଉତ୍ଫୁଲ୍ଲ ଭାବ ମନ ଭିତରେ ଉଙ୍କି ମାରେ, ମାଇଲ ମାଇଲ ଧରି ଗାଢ଼ ସବୁଜ ଧାନକ୍ଷେତକୁ ସେହିପରି ମୁଁ ଅନୁଭବ କଲି । ଆହାଃ କି ସୁନ୍ଦର, ସବୁଜ ପ୍ରକୃତି । ଖାଲି ସେତିକି ନୁହେଁ, ପେଟର ଦାରୁଣ କ୍ଷୁଧା ଯନ୍ତ୍ରଣାକୁ ଉପଶମ କରିଦେବା ପାଇଁ ଏହା ଭିତରେ ଅଛି ଆହାର । ଆଗାମୀ ଗୋଟିଏ ମାସରେ ସେ ହୋଇ ଉଠିବ ପୁଷ୍ପବତୀ ଓ ପରେ ପରେ ଫଳବତୀ । ତାଳଚୁଆ ଦ୍ୱୀପର ଏହି ମନୋରମ ସବୁଜ ପୃଥିବୀ ବାସ୍ତବିକ ଆକର୍ଷଣୀୟ । ପୂର୍ବ ଦିଗରେ ମାଇଲିଟିଏ ଛାଡ଼ି ସମୁଦ୍ର । ସମୁଦ୍ରର ଧାରେ ଧାରେ ନିଘଞ୍ଚ ଜଙ୍ଗଲ, କେଉଁହା, ହରକଣ୍ଠ ଓ ହେନ୍ତାଳ ଗଛ ପରିପୂର୍ଣ୍ଣ ଗୋଟିଏ ନୀଳ ଶାଢ଼ୀର ଧଡ଼ି ଭଳି ଲମ୍ବି ଯାଇଛି ଦ୍ୱୀପର ଧାରେ ଧାରେ ।

ଆଉ ଗୋଟିଏ ପାଖରେ ବ୍ରାହ୍ମଣୀ ନଦୀ ଖର ଗତିରେ ଛାତି ମେଲାଇ ଆଲିଙ୍ଗନ କରିଛି ନିବିଡ଼ ଭାବରେ ଉତ୍ତାଳ ତରଙ୍ଗଭରା ସମୁଦ୍ରକୁ । ତା'ର ଆଉ ଗୋଟିଏ ଶାଖା ଅଳ୍ପ କିଛି ଆଗରୁ ବାଲେଶ୍ୱର ଜିଲ୍ଲାର ପ୍ରାନ୍ତର ସୀମା ରକ୍ଷା କରି ବହି ଯାଇଛି ଏବଂ ପୁଣି ତାଳଚୁଆ କୂଳର ଶାଖା ସାଙ୍ଗରେ ମିଶି ସମୁଦ୍ରରେ ହଜି ଯାଇଛି । ଦୁଇ ଶାଖା ମଝିରେ ୭/୮ ମାଇଲବ୍ୟାପୀ ଆଉ ଗୋଟିଏ ଦ୍ୱୀପ । ତାକୁ କହନ୍ତି ଉଷ୍ଟଡିହା । ଜଙ୍ଗଲ ପରିପୂର୍ଣ୍ଣ । ବାଘ, ହରିଣ ପ୍ରଭୃତି ପଶୁ ଭରି ଅଛନ୍ତି । ବିଷାକ୍ତ ସାପ ବହୁତ । ଓସାର ଅଧ ମାଇଲରୁ କମ୍ ନିଶ୍ଚୟ ହେବ । ଶିକାରୀମାନେ ସେଠାରେ ଶିକାର କରି ଫେରି ଆସନ୍ତି । ତାଳଚୁଆ ନଦୀ ଘାଟଠାରୁ ଅନାଇଲେ ଶାଖା ନଦୀର ଆର ପଟେ ଉଷ୍ଟଡିହା ।

ଏ ପଟର ସବୁଜ ଧାନ କ୍ଷେତରୁ ଆଖି ଫେରାଇ ଉଷ୍ଟଡିହା ଆଡ଼କୁ କିଛି ସମୟ ଅନାଇଲି । ବାଃ ଏ ପଟଟି କେଡ଼େ ସୁନ୍ଦର । ଜନମାନବଶୂନ୍ୟ ଏହି ଦ୍ୱୀପଟି—ସତେ ଯେପରି ବ୍ରାହ୍ମଣୀ ନଦୀର କିଉଟି ଭଳି ଲମ୍ବା ଓ ଅଣଓସାରିଆ । କେତେ ପ୍ରକାର ଗଛ, ଲଟାଭରା ଏହି ଜଙ୍ଗଲ ପୁଣି ଗୋଟିଏ ନଦୀକୁ ଦୁଇ ଫାଳ କରି ଧାମରା ମୁହାଁଣ ପାଖରେ ଏକାଠି ହେବାକୁ ଛାଡ଼ି ଦେଇଛି । ତାଳଚୁଆଠାରୁ ଡଙ୍ଗା ବା ଲଞ୍ଚ ପ୍ରଭୃତିରେ ମୁହାଁଣ ମୁହଁ ବାଟେ ଏ ଶାଖାରୁ ସେ ଶାଖାରେ ପଶି ଚାନ୍ଦବାଲି ବନ୍ଦରକୁ ଯାଏ ।

"ଏହି ଲଞ୍ଚଡ଼ିହାରେ ତ ମଣିଷ ଘର କରି ରହି ପାରନ୍ତା ! ଅଗମ୍ୟ ଅରଣ୍ୟଭରା ଜାଳନ୍ତୁଆରେ ମେଦିନୀପୁର ବଙ୍ଗାଳୀ ହଜାର ହଜାର ସଂଖ୍ୟାରେ ଜମିବାଡ଼ି ପ୍ରସ୍ତୁତ କରି ଏତେ ସୁନ୍ଦର ଫସଲ କରି ପାରିଲେ । ତଥାପି ସେଠାରେ ଜମିର ଅଭାବ, ଲୋକେ ଖୋଜୁଛନ୍ତି ଆହୁରି ଜମି । ଏ ଲଞ୍ଚଡ଼ିହାରେ କ'ଣ କେତେ ଲୋକ ରହି ପାରନ୍ତେ ନାହିଁ ? ବହୁ ବର୍ଷଧରି ତ ଏ ଭୂମି ପଡ଼ିଥିଲା, ଆବାଦ ହେଲା, ଲଞ୍ଚଡ଼ିହାରେ ରହିଲେ କଣ ଅସୁବିଧା ହେବ ? ଏହାକୁ ଆବିଷ୍କାର କଲେ ନାହିଁ କେହି ଚାଷ କରି ଘର କରି ରହିବାକୁ ?

କ'ଣ ଭୟ ଅଛି ପାଣି ଆସି ଭସାଇ ନେବ ? ରାତିରେ ଶୋଇଥିବେ ନଦୀରେ ଜୁଆର ହୋଇ ଯିବ ଏବଂ ମୁହାଁଣ ପୁରି ଆସି ବୁଡ଼ାଇ ଦେଇ ପାରିବ ? ଏ ଭାବନା ମନ ଭିତରେ ଉଠିଲା ଏବଂ ଲଟା ପଡ଼ିଗଲା । ତାର ସମାଧାନ ମଧ୍ୟ, ସମୁଦ୍ର ନିୟମ ମାନି ଚଳେ । ସେ ତା'ର ସୀମା ଲଙ୍ଘନ କରେ ନାହିଁ । ପ୍ରକୃତିର ନିୟମ । ମାତ୍ର ମଣିଷ ପ୍ରକୃତି ସବୁ ସୀମା ଲଙ୍ଘନ କରି ପାରେ ।

ହୁଏତ ଭୟ ଓ ଆଶଙ୍କା ଭିତରେ ମଣିଷ ଏ ଭୂମି ଖଣ୍ଡକ ଛାଡ଼ି ଦେଇ କେବଳ ଜାଳନ୍ତୁଆ ଦ୍ୱୀପରେ ରହିଛି ଯାହାର ତିନି ଦିଗରେ ନଦୀ ଘେରିଛି ଓ ଗୋଟିଏ ଦିଗରେ ଘେରିଛି ମହାସାଗର । ଏ ଭାବନାକୁ ଆୟତ୍ତ ହୋଇ ମୋ କାର୍ଯ୍ୟରେ ମନୋନିବେଶ କଲି ସେ ଦିନ । ସେ ହେଉଛି ସେପ୍ଟେମ୍ବର ୬ ତାରିଖଠାରୁ ଅକ୍ଟୋବର ୫ ତାରିଖ ଯାଏ । ସେହି ସମୟଟକ ମୁଁ କଟାଇଥିଲି ଜାଳନ୍ତୁଆ ଦ୍ୱୀପର ନଦୀକୂଳବର୍ତ୍ତୀ ସେହି କ୍ଷୁଦ୍ର ବିଶ୍ରାମାଗାରଠାରେ ।

ଏମିତି ଆଉ କେତେ ବି ଦ୍ୱୀପ ଅଛି । ଜମ୍ବୁ, ଗୁପ୍ତି, ସାତଭାୟା, ଈଶ୍ୱରପୁର, ପଟାପାରିଆ ଇତ୍ୟାଦି । ସବୁ ଜାଗା ଯାହା ଦିନେ ଅପଡରା, ଜଙ୍ଗଲ, ଲୁଣାପାଣିଘେରା, ସନ୍ତସନ୍ତିଆ, ନାନା ଜୀବ ଜନ୍ତୁ, ମଶା ଡ୍ରାଇଁଶ ଭରା ଜାଗାରେ କେଉଁ କାଳରୁ ପରିତ୍ୟକ୍ତ ହୋଇ ପଡ଼ି ରହିଥିଲା, ସେସବୁ ହୋଇ ଉଠିଛି ସବୁଜ ଶସ୍ୟ ଶ୍ୟାମଳ । ସଭ୍ୟତାର ଚାକଚକ୍ୟ ନାହିଁ, ଗାଡ଼ି ମଟର ନାହିଁ, ରାସ୍ତା ନାହିଁ, ବଜାର ନାହିଁ, ତଥାପି ବହୁ ଲୋକଙ୍କର ସେଠିକି ଲେଉ ।

ସମସ୍ତେ କହନ୍ତି ଖାଲି କଟକ ଜିଲ୍ଲା କାହିଁକି ଓଡ଼ିଶାର ଗୋଟିଏ ଲକ୍ଷ୍ମୀଭଣ୍ଡାର ସେ । ଅଶିକ୍ଷିତ, ନିରକ୍ଷର, ପରିଶ୍ରମୀ ଲୋକଗୁଡ଼ିଏ ସେଠାରେ ଖୋଲିଛନ୍ତି ତାଙ୍କର ତେଲ ଲୁଣର ଦୁନିଆ । ସବୁ ଉତ୍କଟ ପରିଶ୍ରମକୁ ଭୁଲି ସେ ତାଙ୍କର ଶସ୍ୟ ଲକ୍ଷ୍ମୀକୁ ଘରକୁ ସାଉଁଟି ନେଇଥିବେକୁ ତାଙ୍କ ମୁହଁରେ ହସ ଫୁଟେ ।

ସେହି ସମୟକୁ ବନ୍ୟା କିଛି ଛାରଖାର କରି ଦେଇଥିଲା । ବ ସେ ମାନନ୍ତି ନାହିଁ, ଅଭ୍ୟସ୍ତ ସେମାନେ । ବନ୍ୟା ସେମାନଙ୍କୁ ଯାଏ ଅମାପ ଆଶିଷ । ଶ୍ୟାମଳ ଧାନ କ୍ଷେତ ଆହୁରି ଗାଢ଼ ଶ୍ୟା ହୋଇ ଉଠେ ।

ଗଣତନ୍ତ୍ରର ବିଜୟ ଉଲ୍ଲାସରେ ସେମାନେ ଉଲ୍ଲସିତ ଉଠିଥିଲେ । ସେମାନଙ୍କର ଦୁର୍ଭାଗ୍ୟକୁ ପଛରେ ପକାଇ ସେମା ଅଗ୍ରସର ହେବେ । କଳ୍ପନା କରିଥିଲେ ସୁନାର ସଂସାର ।

ମାତ୍ର କେଇଟା ଦିନରେ ଏ କି ବିପର୍ଯ୍ୟୟ !

ଖାଲି ଜଳ ଓ ଜଳ । ଯେଉଁ ଜଳ ତାଙ୍କର ଫସଲକୁ ସବୁ ଦେଇଥିଲା, ସେ ଜଳ ତ ଏ ନୁହେଁ । ଯେଉଁ ଜଳ ଜୀବନକୁ କରେ ବୋଲି ତାର ଅନ୍ୟ ନାମ ଜୀବନ, ସେ ତ ତାହା ନୁହେଁ ଏ ଜଳ ପ୍ରଳୟଙ୍କରୀ ରୁଦ୍ରଙ୍କ ଭଳି, ମୃତ୍ୟୁ ଭଳି ଧ୍ୱଂସାତ୍ମ "ପ୍ରଳୟ ପୟୋଧି ଜଳେ ଧୃତବାନସି ବେଦଂ" । ପ୍ରଳୟ ପ ଅର୍ଦ୍ଧରାତ୍ରରେ, ନିଜନ ପହରରେ, ସମସ୍ତେ ଯେତେବେଳେ ନି ନିଦରେ ଶୋଇ ରହିଛନ୍ତି, କିଏ ବା ଜାଗିଛି, ସୁ ସୁ ଛୁଞ୍ଚି ମୁନରେ ଚିରି ଦେଲାଭଳି ବତାସ ବୋହି ଆସିଛି । ଖସୁଛି ପ୍ରବଳ ମୂଷଳ ଧାରା । ସେତିକିବେଳେ ତା'ର ମୁଖ ବ୍ୟାଦାନ କରି, ଧାଇଁ ଆସିଲା ପୃଥିବୀ ଉପରକୁ । ଭଳନ୍ତ ପାଚେରୀ ପରି ଲୁଣା ଜଳର ଢେଉ ସୀମାହୀନ ବିସ୍ତାର କରି ଆକ୍ରମଣ କଲା ସେମିତି ଗୋଟିଏ ପଲକରେ । ତା' ସବୁ ଏକାକାର । ଧରିତ୍ରୀ ଓ ସାଗର ଏକ ହୋଇଗଲେ । ଦାରୁଣ ସଙ୍ଗମ, ଭୟଙ୍କର ପ୍ରାଣାନ୍ତକ ଘେନାଘେନି ।

ଖାଲି ସୁ ସୁ ସୁ । ପୋଛି ନେଇ ଗଲା ମଣିଷ ଜୀବଜନ୍ତୁ, ଗାଈ ଗୃହପାଳିତ ପଶୁ, ଗଛ ଲତା, ଘରଦ୍ୱାର । ଭାଙ୍ଗି କରି ଦେଇଗଲା ଅଟଳ ଅଟ୍ଟାଳି । କାହାକୁ କେହି ଖୋଜି ନାହିଁ, ଦେଖିବାକୁ ନାହିଁ, ଡାକିବାକୁ ନାହିଁ । କାହା ପାଇଁ ସାହାଯ୍ୟ କରିବାକୁ ନାହିଁ । କାହା ପାଇଁ କେହି କାନ୍ଦିବାକୁ ନାହିଁ । ବୁଡ଼ି ଯାଉଛି ଖଣ୍ଡେ ଖଣ୍ଡେ ଦ୍ୱୀପ, ଦ୍ୱୀପରେ ଥିବା ପ୍ରକୃତି । କେତେ ସାଆଁପଣା, ପଡ଼ିଆ, ଜଙ୍ଗଲ ସବୁ ଚାଲି ସମୁଦ୍ର ଭିତରକୁ ଧରାଧରି ହୋଇ । ମଣିଷ ସାଙ୍ଗରେ ଗୋରୁଗାଈ ସାଙ୍ଗରେ ଜୀବଜନ୍ତୁ, ସାପ ମଣିଷ ଏକାଠି ମୃତ୍ୟୁ ପାଖରେ ସମସ୍ତେ ମିତ୍ର । ସମସ୍ତେ ସମାନ ।

ସେହି କାଳ ରାତି । ସେ କାଳରାତି ଏମିତି କେବେ ଆଉ ସେ ରାତି ଆସୁ ବା ନ ଆସୁ, ଆସିଥିଲା, ରାତି

ସୂର୍ଯ୍ୟଦେବ ଦେଖା ଦେଲେ । ମାତ୍ର ଏ ଭୂଖଣ୍ଡର ଚିହ୍ନ ବର୍ଣ୍ଣ କାହିଁ ? ଖାଲି ଶବ, ଶବ, ଶବ । ଗଣ୍ଡା ଗଣ୍ଡା, ମାଳ ମାଳ, ମଣିଷର ଗୋରୁଗାଈଙ୍କର, ଜୀବଜନ୍ତୁଙ୍କର । ଖାଁ ଖାଁ କରୁଛି କଟକ ଜିଲ୍ଲାର ଉପକୂଳବର୍ତ୍ତୀ ରାଜନଗର, ମହାକାଳପଡ଼ା, ପାଟକୁରା, ଯାଜପୁର, ବାଲେଶ୍ୱର, ପୁରୀ ଜିଲ୍ଲାର ଅସ୍ତରଙ୍ଗ ଓ ମରୀଚପୁର ।

ମୋର ସେ ଦିନର ଉଦ୍ଭଟ କଳ୍ପନା । ଡାକବଙ୍ଗଳା ବିଶ୍ରାମାଗାର-ଠାରେ ଯାହା ମନ ଭିତରେ ସ୍ଥାନ ପାଇଥିଲା । "ଉଡ଼ିହା" ଭଳି ଗୋଟିଏ ଛୋଟିଆ ଦ୍ୱୀପ କଥାକୁ ଭାବି, ସେ ତ କଣ କେବେ କୁଆଡ଼କୁ ବ୍ୟାପିଗଲା ସତ୍ୟ ରୂପରେ । ଆଶଙ୍କା ତ ମୁଁ କରି ନ ଥିଲି । କରୁଥିଲି ଗୋଟାଏ ଖାମଖିଆଲି କଳ୍ପନା ମାତ୍ର । ମାତ୍ର ଭାଗବତକାର ଠିକ୍ ଲେଖିଥିଲେ " କଳ୍ପନା ଗର୍ଭେ କାଳ ଥାଇ , ପ୍ରାଣୀ ତା ଜାଣି ନ ପାରଇ " ।

ଏଭଳି ଏକ ଅହେତୁକ କଳ୍ପନା ଓ ତା'ରି ବାସ୍ତବ ସଙ୍ଘଟିତ ଭିତରେ ମାତ୍ର ଗୋଟିଏ ମାସର ତଫାତ୍ ।

ଦୈବର ସାମାନ୍ୟ ଇଙ୍ଗିତରେ ୧୫ ହଜାରରୁ ଅଧିକ ଲୋକ ସଲିଳ ସମାଧିରେ ବୁଡ଼ିଗଲେ ।

ଏହାର ଦାଉରୁ ଏ ଅଞ୍ଚଳକୁ ଉଦ୍ଧାର କରିବାକୁ ଚିନ୍ତା କରୁ କରୁ ପୁଣି ଆଉ ମାସକ ପରେ ମଣିଷକୃତ ବିପର୍ଯ୍ୟୟ ପାକିସ୍ଥାନର । ପାକିସ୍ଥାନର ରକ୍ତପିପାସୁ ଆକ୍ରମଣ । ସେ ଲହର ଢେଉ ମାଡ଼ି ଆସିଥିଲା ଉତ୍କ୍ଷିପ୍ତ ସମୁଦ୍ର ଭଳି, ବଙ୍ଗଳା ଦେଶର ମାଟି ଉପରକୁ । ତା ପୁଣି ଫେରି ଯାଉଛି ଯେଉଁଠୁ ଆସିଥିଲା ସେହି ପଶ୍ଚିମ ପାକିସ୍ଥାନର ମାଟି ଉପରକୁ । ଓଡ଼ିଶାର ନୀଳ ସଲୀଳ ଭିତରେ ୧୫ ହଜାର ନର, ନାରୀ, ଶିଶୁ, ଅଜସ୍ର ଜୀବ ଜଗତ ସମାଧି ଲଭିଲା ଭଳି ପାକିସ୍ଥାନର ରକ୍ତ-ପିପାସାର ସମୁଦ୍ର ଭିତରେ ବଙ୍ଗଳା ଦେଶର ୧୫ ହଜାରରୁ ଅଧିକ ଲୋକ ଲୀନ ହୋଇଗଲେ । ଆଜି ସେଠାରେ ଜନ୍ମ ନେଇଛି ସୁନାର ବଙ୍ଗଳା ଦେଶ ।

ଦୈବ ସାଙ୍ଗରେ ସଂଗ୍ରାମ, ମଣିଷ ସାଙ୍ଗରେ ସଂଗ୍ରାମ । ପୁଣି ଡାକରା ଆସିଛି ପେଟ ପାଇଁ ସଂଗ୍ରାମ କରିବାକୁ । ସବୁହିଁ ଜୀବନ ସଂଗ୍ରାମ । ତେଣୁ ଗ୍ଲ ସବୁଜ ସଂଗ୍ରାମ ସ୍ୱାଗତ କରି, ଜବାନର ବିଜୟ ପରେ କିଶାନର ଜୟ ହେଉ ଏହା ଦେଶବାସୀଙ୍କର କାମ୍ୟ ।

(ଶ୍ରୀ ସେଠ ଦଳିତ ଜାତିସଂଘର କାର୍ଯ୍ୟକଳାପରେ ନିଜର ଅଧିକାଂଶ ସମୟ ଅତିବାହିତ କରିଛନ୍ତି । ଓଡ଼ିଶା ବିଧାନସଭାର ସେ ହେଉଛନ୍ତି, ନିମାପଡ଼ା ନିର୍ବାଚନମଣ୍ଡଳୀର ପ୍ରତିନିଧ ।)

———

*With best complements from*
*The Largest Ore Transport Organisation of Orissa*

**THE ORISSA STATE COMMERCIAL TRANSPORT CORPORATION LIMITED**

**CUTTACK-1**

( A GOVERNMENT OF ORISSA UNDERTAKING )

**ENQUIRE FOR DETAILS TO :**

**THE MANAGING DIRECTOR**

**TELEPHONE—CK 1197** **GRAM—"PORTRANS"**

ଡା: ବେଣୁଧର ବଳିଆର ସିଂ

# କୃଷି ଓ କୃଷକ

ଆମର ସୁବିଶାଳ ଜନ୍ମଭୂମି ଭାରତବର୍ଷ ଏକ କୃଷିପ୍ରଧାନଦେଶ ଓ ଏ ଦେଶର ଛପନ କୋଟି ଲୋକଙ୍କ ମଧ୍ୟରୁ ଶତକଡ଼ା ପ୍ରାୟ ୮୫ ଭାଗ କୃଷି ଉପରେ ନିର୍ଭର କରନ୍ତି । ଭାରତ ବର୍ଷର କୃଷିକ୍ଷେତ୍ରର ପରିମାଣ ମଧ୍ୟ ଯଥେଷ୍ଟ ଅଧିକ । ମାତ୍ର ଘୋର ଦୁଃଖ ଓ ପରିତାପର ବିଷୟ ଯେ ସ୍ୱାଧୀନତାର ୨୫ ବର୍ଷପରେ ମଧ୍ୟ, ବର୍ତ୍ତମାନ ଭାରତ ଅନ୍ୟାନ୍ୟ ଉନ୍ନତ ଦେଶମାନଙ୍କ ଅପେକ୍ଷା ପଛରେ ପଡ଼ିଛି । ଯଦିଓ ଆମର ଲୌହର ମାନବ ସର୍ଦ୍ଦାର ପଟେଲ କହିଥିଲେ"—The best culture of India is agriculture".

ସ୍ୱାଧୀନତାର ପରବର୍ତ୍ତୀ କାଳରେ ମିଶ୍ରିତ ଅର୍ଥନୀତି ଫଳରେ ଶିଳ୍ପ ପ୍ରସାର ଆରମ୍ଭ ହେଲା । ଦେଶର ବିଭିନ୍ନ ପ୍ରାନ୍ତରେ ବୃହତ ଓ ମଧ୍ୟମ ଧରଣର କଳ କାରଖାନା ଗଢ଼ି ଉଠିଛି ସତ, ମାତ୍ର ଅପର ପକ୍ଷରେ ଦେଖାଗଲା ଯେ, ଦେଶର ଜନସଂଖ୍ୟା ଅସ୍ୱାଭାବିକ ଭାବରେ ବୃଦ୍ଧିପାଇ ଓ କୃଷିକ୍ଷେତ୍ର ଓ କୃଷକର ଅଭାବ ନ ଥାଇ ମଧ୍ୟ ଉପଯୁକ୍ତ ଚେଷ୍ଟା ଓ ଉନ୍ନତ କୃଷି ଉଦ୍‌ଯୋଗ ବିନା ଦେଶରେ ଖାଦ୍ୟାଭାବ ଦେଖାଦେଲା । ତେଣୁ ଏ ବିଶାଳ ଜନସମୁଦ୍ରକୁ ସମ୍ଭାଳିବାକୁ ହେଲେ କୃଷି ଓ କୃଷକର ସଂସ୍କାର ସର୍ବାଦୌ ଆବଶ୍ୟକ ।

ସୁଖର କଥା ଯେ ତୃତୀୟ ଓ ଚତୁର୍ଥ ପଞ୍ଚବାର୍ଷିକ ଯୋଜନା କାଳରେ 'କୃଷି ଓ କୃଷକ'ର ଉନ୍ନତି ବିଧାନପାଇଁ ଅଗ୍ରାଧିକାର ଦିଆଯାଇଛି । ମାତ୍ର ତାହା ପ୍ରକୃତପକ୍ଷେ କାର୍ଯ୍ୟକାରୀ ହେଉନାହିଁ ପରିସଂଖ୍ୟାନରୁ ଜଣାପଡ଼େ, ଏ ଦେଶର ୪୮ ଲକ୍ଷ ଶିକ୍ଷିତ ବେକାର ଯୁବକ ମନସ୍ତାପରେ କାଳ କାଟୁଛନ୍ତି । ଏପରିକି ସେମାନେ ବିକ୍ଷୋଭ ପ୍ରଦର୍ଶନକରି କାରାବରଣ କରିବା ଶ୍ରେୟସ୍କର ମନେକରନ୍ତି । ଅଶିକ୍ଷିତ ବେକାରଙ୍କ କଥାତ ଛାଡ଼ ।

ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ଚିନ୍ତାଶୀଳ ବ୍ୟକ୍ତି ଅନୁଭବ କରୁଛନ୍ତି ଯେ 'କୃଷି ଓ କୃଷକ' ସମସ୍ୟାର ବାସ୍ତବ ସମାଧାନ ବିନା ଦେଶର ସାମାଜିକ, ଆର୍ଥିକ ତଥା ନୈତିକ ମାନଦଣ୍ଡ ଉନ୍ନତି ସମ୍ଭବ ନୁହେଁ । ଅବଶ୍ୟ ବିଗତ ଦଶନ୍ଧି ମଧ୍ୟରେ କୃଷି ଓ କୃଷକର ଜ୍ଞାନ ପରିସର ବୃଦ୍ଧିପାଇଁ ମୃତ୍ତିକା ସଂରକ୍ଷଣ, ଜଳଯୋଗାଣ, ଉନ୍ନତ ବିହନ, ଉନ୍ନତ କୃଷି ପ୍ରଣାଳୀ, ସାର ପ୍ରୟୋଗ, ଅଧିକ ଅମଳ କ୍ଷମ ଧାନ, ଗହମ, ମାଣ୍ଡିଆ ପ୍ରଭୃତି ଇତ୍ୟାଦି ସମ୍ପର୍କରେ ଶିକ୍ଷା ଦିଆଯାଉଥିବା ବିଶେଷ ଉଲ୍ଲେଖ ଯୋଗ୍ୟ । ମାତ୍ର ତାହା ସମୁଦ୍ରକୁ ଶଂଖେ ପଣା ଭଳି । ଆମ ଦେଶର ଅଧିକାଂଶ ଚାଷୀ ଅଶିକ୍ଷିତ ଓ ଗରିବ । ସେମାନେ ଉନ୍ନତଧରଣର ଚାଷ ପ୍ରଣାଳୀ ପ୍ରତ୍ୟକ୍ଷ ଭାବରେ ବାରମ୍ବାର ସ୍ୱଚକ୍ଷୁରେ ନ ଦେଖିଲେ ଓ ସର୍ବବିଧ ଆର୍ଥିକ ସହଯୋଗ ନ ପାଇଲେ, ସେହି ଚିରାଚରିତ ପ୍ରଣାଳୀରେ ସେମାନେ ଯେ ଚାଷକରିବେ, ଏହା ନିତାନ୍ତ ସ୍ୱାଭାବିକ । ଦେଶ ଖାଦ୍ୟଶସ୍ୟରେ ସ୍ୱାବଲମ୍ବୀ ନହୋଇ ପାରୁଥିବାର ଏହା ହେଉଛି ଅନ୍ୟତମ ମୁଖ୍ୟ କାରଣ ।

ଆମର ଯୋଜନାକାରୀ ଓ ସରକାରୀ ସଂସ୍ଥା, ଏପରି ଗତାନୁଗତିକ ଶିଥିଳ ପନ୍ଥାରେ ଗତିକରୁଛି ଯେ ତାହାର ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ବିନା ଏ ସମସ୍ୟାର ସମାଧାନ ସମ୍ଭବ ନୁହେଁ । ଯୋଜନା ଓ କାର୍ଯ୍ୟର ସମନ୍ୱୟ ରକ୍ଷା କରିବାପାଇଁ ଦୃଢ଼ ପଦକ୍ଷେପ ନିଆ ନ ଗଲେ ଅବସ୍ଥା ଅସମ୍ଭାଳ ହେବ । ଡିସେମ୍ବର ମାସର ଜରୁରୀକାଳୀନ ପରିସ୍ଥିତିରେ ଦେଶର ସର୍ବତ୍ର ଧ୍ୱନି ଉଠିଲା 'ଜୟ ଜବାନ ଓ ଜୟ କିଷାନ' କାହିଁକି ନା କୃଷକର ସକ୍ରିୟ ସମର୍ଥନ ବିନା ଦେଶମାତୃକାର ସ୍ୱାଧୀନତା ବିପଦାପନ୍ନ । କିନ୍ତୁ ଦେଶର ଅଗଣିତ କୃଷକ ଭୂମିହୀନ । ବହୁ ସ୍ଥଳରେ ଅନେକଙ୍କର ଭୂମି ଥାଇମଧ୍ୟ ସେମାନେ ଜଳସେଚନର ସୁବିଧାରୁ ବଞ୍ଚିତ । ଉନ୍ନତ ଧରଣର ବ୍ୟୟ ବହୁଳ ଚାଷତ ଦୂରର କଥା, ସାଧାରଣ ଚାଷପାଇଁ ତା ଅଣ୍ଟାରେ ଧନନାହିଁ । ସମବାୟ ବ୍ୟାଙ୍କ, ଜାତୀୟକରଣ ବ୍ୟାଙ୍କ ଇତ୍ୟାଦି କାର୍ଯ୍ୟତଃ ଗରିବ ଚାଷୀମାନଙ୍କ ପକ୍ଷେ ନିରର୍ଥକ ।

କୃଷକମାନଙ୍କୁ ବୈଜ୍ଞାନିକ କୃଷିପ୍ରଣାଳୀ ସମ୍ପର୍କରେ ଶିକ୍ଷାଦାନ ଦେବାରେ ସରକାରୀ କଳ ଅସମର୍ଥ ମନେହୁଏ । କୃଷିବିଭାଗ ଦ୍ୱୈତ ଶାସନାଧୀନରେ ଥାଇ ଦୁଇଘର ଚୁଣିଆ ଉପାସ ରହିବାଭଳି ଅବସ୍ଥାରେ ରହିଛି । ଯଥା:—କୃଷିବିଭାଗ ଓ ଗ୍ରାମଗୋଷ୍ଠୀ ବିଭାଗ ତଥା ବ୍ଳକ ଉନ୍ନୟନ ଅଫିସରମାନେ ମହାତ୍ମା ଗାନ୍ଧୀ ଓ ପଣ୍ଡିତ ନେହରୁଙ୍କ ଚିନ୍ତାଧାରାକୁ ରୂପାୟିତ କରିବାପାଇଁ ସୃଷ୍ଟି ହୋଇଥିଲେ ମଧ୍ୟ କୂଅ ପୋଖରୀ ଖନନ ଓ ରାସ୍ତାଘାଟ ଉନ୍ନୟନ, ସେମାନଙ୍କର କର୍ମ ସର୍ବସ୍ୱହୋଇଛି । ଗ୍ରାମସେବକମାନେ (Basic unit in agriculture ) ନିସହାୟ ଅବସ୍ଥାରେ ଅଛନ୍ତି । ବ୍ଳକ ଉନ୍ନୟନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ରହି କାର୍ଯ୍ୟ କରିବେ କି କିମ୍ବା କୃଷି ଉନ୍ନୟନ ଅଧିକାରୀଙ୍କ ନିର୍ଦ୍ଦେଶ ମାନି ଚଳିବେ, ଜାଣି ପାରୁନାହାନ୍ତି ।

କୃଷକମାନେ ବ୍ଳକ ବା କୃଷି ବିଭାଗ କେଉଁଠାରୁ ହେଲେ ସମୟୋପଯୋଗୀ ସାହାଯ୍ୟ ପାଇପାରୁନାହାନ୍ତି ବୋଲି ଅଭିଯୋଗ ହେଉଛି । ବିହନ, କଳ, ସାର ଓ ଋଣ ଇତ୍ୟାଦି ନ ପାଇ ଚାଷୀ ଅବହେଳିତ ମନେକରୁଛି । ସେ ନିଜକୁ ଆଜି ନିସହାୟ ମନେକରି କପାଳରେ ହାତମାରି ରହୁଛି । ନାଲିଫିତାର କାରବାରରେ ଲଙ୍ଗଳ ଯୋଗୁଁ ଧରୁଥିବା ମଳିମୁଣ୍ଡିଆ ଆଦର୍ଶ ଚାଷୀ ବିଦେଶ ଭ୍ରମଣରେ ଯାଇ ବାହ୍ୟଜ୍ଞାନ ଅର୍ଜନ କରିବାତ ଦୂରର କଥା, ନିଜ ପଞ୍ଚାୟତରେ ଆଦର୍ଶ କୃଷି ଫାର୍ମଟିଏ ଦେଖିବାର କଳ୍ପନା ବି କରି ପାରୁନାହାନ୍ତି ।

ଗ୍ରାମବହୁଳ ଏ ଦେଶର ଗତି ଏଭଳି କେତେଦିନ ଚାଲିବ ? ଗାଁ ଗହଳରେ ଅର୍ଥନୀତି ଅତି ଶୋଚନୀୟ ହେବାକୁ ବସିଲାଣି । କୃଷିର ମୁଖ୍ୟ ଅଙ୍ଗ ଜଳସେଚନର ବିଶେଷ ସୁବିଧାନାହିଁ । କେନାଲ ବା ଉଠାଜଳସେଚନ କଥା ଉଠିଲାବେଳେ ପ୍ରିୟାପ୍ରୀତି ତୋଷଣକୁ ଅଗ୍ରାଧିକାର ଦିଆଯାଉଛି ବୋଲି ଅଭିଯୋଗ ହେଉଛି । ବର୍ଷ ବର୍ଷ ଧରି ଧୋଇରେ ସର୍ବସ୍ୱାନ୍ତ ଚାଷିରାଇ ଅସ୍ଥିକଙ୍କାଳ ହୋଇଛି । ଏ ସବୁର ପ୍ରତିକାର ଚିନ୍ତା ନକଲେ ଅବସ୍ଥା ଅସମ୍ଭାଳ ହେବ । ଦେଶର ସନ୍ଧିସନ୍ଧି—ବେଳେ, ଦେଶମାତୃକାର ପୂଜାକରିବା ପାଇଁ ନିଶ୍ଚୟ ଚାଷିରାଇ ଆଗେଇ ଆସିବ । ମୁଣ୍ଡଫାଳ ଖରାରେ ମାରି, ଲହୁକୁ ଲୁହକରି, ଶୀତକାଳର ଖରାବର୍ଷାକୁ ତିଳେମାତ୍ର ଭ୍ରୂକ୍ଷେପ ନକରି ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ କରିବ । କିନ୍ତୁ ସେ ଅବହେଳିତ ନିସହାୟ । ତାର ଶସ୍ୟକ୍ଷେତ୍ର ପ୍ରାକୃତିକ ବିପଦଗ୍ରସ୍ତ ହେଲେ, ତାହାର କେହି ସାହାଭରସା ନାହିଁ । ତା'ର ଦରକାର ଜମି, ପାଣି, ବିହନ, ବଳଦ ଓ ଆଧୁନିକ ବୈଜ୍ଞାନିକ ଶିକ୍ଷା ଓ କୁଟୀର ଶିଳ୍ପ—କିଏ ଦେବ । ସରକାର, ଜାତୀୟ ସରକାର ଅଲବତ୍ ଦେବ । ଆମେରିକାର ଟେନେସୀ ଭ୍ୟାଲୀ ଏ ଦିଗରେ ପଥପ୍ରଦର୍ଶକ ହେଉ ।

---

( ଲେଖକ ଡା: ଚକ୍ଷୁରୋଗ ଚିକିତ୍ସକ ହିସାବରେ ଓଡ଼ିଶାରେ ଖ୍ୟାତି ଅର୍ଜନ କରିସାରି ବର୍ତ୍ତମାନ ବିଧାନ ସଭାର ସଦସ୍ୟ ଅଛନ୍ତି । )

## ଲକ୍ଷ୍ମୀନାରାୟଣ ରାୟସିଂହ

# ଏକ ଐତିହାସିକ ଦୀର୍ଘସ୍ଥାୟୀ ବନ୍ଧୁତା

ବିଂଶ ଶତାବ୍ଦୀର ଏହି ଶେଷାର୍ଦ୍ଧରେ ଏକ ସ୍ୱାଧୀନ 'ବାଂଲାଦେଶ'ର ଜନ୍ମ, ଇତିହାସ ଗର୍ଭଜାତ ସନ୍ତାନର ମୁଖଦର୍ଶନ, କେବଳ ଭାରତ ନୁହେଁ, ସମଗ୍ର ପୃଥିବୀରେ ଏକ ସୁଦୂରପ୍ରସାରୀ ଭବିଷ୍ୟତର ଦ୍ୱାର ଉନ୍ମୁକ୍ତ କରିଦେଇଛି । ଏହାର ଜନ୍ମରୁ ପ୍ରମାଣିତ ହୋଇଗଲା ଯେ ଗଣତାନ୍ତ୍ରିକ ଚେତନାପ୍ରବୁଦ୍ଧ ଗୋଟାଏ ଜାତିକୁ ଚମିସ୍ତ୍ରାର ଅତଳ ଗହ୍ୱରରେ ନିକ୍ଷେପ କରିବା ଯେ କୌଣସି ଶକ୍ତି ପକ୍ଷରେ ଧୃଷ୍ଟତା । ସମସ୍ତ ପ୍ରକାର ଅବର୍ଣ୍ଣନୀୟ ଅତ୍ୟାଚାର ସତ୍ତ୍ୱେ ଅଦ୍ଭୁତ ମନୋବଳରେ ବଳୀୟାନ ଜନସାଧାରଣ ଶେଷରେ ଅସାଧାରଣ କରି ଗୋଟାଏ ହିଂସ୍ର ସଶସ୍ତ୍ର ବାହିନୀକୁ ନତଜାନୁ କରାଇଦେଲେ— ସମସ୍ତଙ୍କ ସମ୍ମୁଖରେ, ଦିବାଲୋକରେ ।

ପୃଥିବୀରେ ଏହି ନବ ଅଭ୍ୟୁଦୟର ପଶ୍ଚାତରେ ଯେଉଁ ଆଲୋଡ଼ନ ଓ ଏକତା ସମଗ୍ର ଭାରତବର୍ଷରେ ସୃଷ୍ଟିହେଲା, ତାହା ଥିଲା ଭାରତର ମାନବିକତା, ଧର୍ମନିରପେକ୍ଷତା ଓ ଗୋଷ୍ଠୀନିରପେକ୍ଷ ନୀତିର ଚରମ ସାର୍ଥକତାର ସ୍ୱରୂପ ପ୍ରକାଶ । ଏହି ସ୍ୱରୂପର ମୂଳପିଣ୍ଡ ଗଢି ଉଠିଛି ସାମ୍ରାଜ୍ୟବାଦ ବିରୋଧି, ଔପନିବେଶବାଦ ବିରୋଧି ଚେତନାରୁ । ପୃଥିବୀର ଯେ କୌଣସି ଜାତୀୟ ମୁକ୍ତି ସଂଗ୍ରାମକୁ ଭାରତ ଏହି ଭିତ୍ତି ଉପରେ ଠିଆହୋଇ ସମର୍ଥନ କରି ଆସିଛି ।

ଏହି ପରିପ୍ରେକ୍ଷୀରେ ଭାରତ—ସୋଭିଏତ୍ ବନ୍ଧୁତା ଚୁକ୍ତି 'ବାଙ୍ଗଲାଦେଶ'ର ଜନ୍ମଠାରୁ ପଥରରେ କଷି ହୋଇଯାଇଛି । ସୋଭିଏତ ଋଷର ଦୃଷ୍ଟିଭଙ୍ଗୀ ଏ କ୍ଷେତ୍ରରେ ସ୍ପଷ୍ଟ । ଜାତୀୟ ମୁକ୍ତି ସଂଗ୍ରାମ ମୂଳତଃ ସାମ୍ରାଜ୍ୟବାଦର ନିୟନ୍ତ୍ରଣରୁ ମୁକ୍ତି ବୋଲି ସୋଭିଏତ ଋଷ ଏ ଦିଗରେ ନିଷ୍ପତ୍ତିମୂଳକ ଭୂମିକା ଗ୍ରହଣ କରିଛି । ସାମ୍ରାଜ୍ୟବାଦୀ ଦେଶ ଓ ବର୍ତ୍ତମାନ ଯୁଗର ନୂଆ ଉପନିବେଶବାଦୀ ଦେଶମାନେ ପୃଥିବୀର ଏସିଆ, ଆଫ୍ରିକା ଓ ଲାଟିନ ଆମେରିକାରେ ସେମାନଙ୍କର ଶୋଷଣ ଓ କର୍ତ୍ତୃତ୍ୱ ପ୍ରତିଷ୍ଠା ପାଇଁ ବିଭିନ୍ନ ଦେଶକୁ ପଦାନତ କରି ରଖି, ସେସବୁ ଦେଶର ଜନସାଧାରଣଙ୍କ ସ୍ୱାଧୀନତାର ଦାବୀକୁ କମାଣ ଓ ବନ୍ଧୁକ ମୁନରେ ଦବାଇବାର ଚେଷ୍ଟାକରି ଆସିଛନ୍ତି । ସେ ଦେଶମାନଙ୍କୁ ସାହାଯ୍ୟ ଦେବା ଆଳରେ ଶାସନକଳକୁ ନିଜ ଉଦ୍ଦେଶ୍ୟ ସାଧନର ମାଧ୍ୟମ କରି ଆସିଛନ୍ତି ଓ ନାନା ପ୍ରକାର ସାମରିକ ଅଭ୍ୟୁତ୍ଥାନ ସୃଷ୍ଟି କରାଇ ଆସୁଛନ୍ତି । ଫଳରେ ପୃଥିବୀରେ ଶାନ୍ତି ବିଘ୍ନିତ ହେଉଛି । ନିଜର ସ୍ୱାର୍ଥାନୁକୂଳ ଦେଶ ତଥା ସାହାଯ୍ୟ ଜାଲରେ ଛନ୍ଦି ହୋଇଥିବା ଦେଶମାନଙ୍କୁ ନେଇ ସାମରିକ ମେଣ୍ଟ ଗଠନ କରୁଛନ୍ତି । କିନ୍ତୁ ସ୍ୱାଧୀନତା ଓ ସ୍ୱାଧିକାର ରକ୍ଷା ଲାଗି ଶାନ୍ତି ଓ ମୈତ୍ରୀ ଭିତ୍ତିରେ ଅନୁଷ୍ଠିତ ହୋଇଥିବା ସୋଭିଏତ୍—ଭାରତ ଚୁକ୍ତିର ସୁଦୂରପ୍ରସାରୀ ଐତିହାସିକ ଗୁରୁତ୍ୱ ଅପରିସୀମ । ଏହି ଚୁକ୍ତି

ସାମ୍ରାଜ୍ୟବାଦ ବିରୋଧି ସଂଗ୍ରାମରେ ଏକ ନୂତନ ଦିଗର ଉନ୍ମୋଚନ କରିଛି। ଏହି ମୈତ୍ରୀ ଚୁକ୍ତିଟି ସମ୍ପୂର୍ଣ୍ଣ ହୋଇଛି ୧୯୭୧ ମସିହା ଅଗଷ୍ଟ ୯ ତାରିଖ ଦିନ।

ଏହି ଚୁକ୍ତି ସାମରିକ ଚୁକ୍ତି ନୁହେଁ କିମ୍ବା ନୂଆ ଧରଣର ସାମରିକ ମେଣ୍ଟ ନୁହେଁ। ଦୁଇଟି ଭିନ୍ନ ରାଜନୈତିକ ଓ ସାମାଜିକ ବ୍ୟବସ୍ଥାଧୀନ ରାଷ୍ଟ୍ର ମଧ୍ୟରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ସହଯୋଗିତା ଏହି ଚୁକ୍ତିର ଭିତ୍ତି।

ଯୁଦ୍ଧ କରିବା ଓ କରାଇବା ସାମ୍ରାଜ୍ୟବାଦର ଧର୍ମ। ସାମ୍ରାଜ୍ୟବାଦୀ ଦେଶ ଯେତେବେଳେ କୌଣସି ଦେଶ ସହିତ ଚୁକ୍ତି କରେ ସେତେବେଳେ ସେ ଦେଶର ଶାନ୍ତି ଓ ସାର୍ବଭୌମତ୍ୱକୁ ବିପନ୍ନ କରେ। କିନ୍ତୁ ସମାଜତନ୍ତ୍ର ଯୁଦ୍ଧ ଓ ପର ରାଷ୍ଟ୍ର କରାୟତ୍ତ କରିବାର ବିରୋଧି। ଶାନ୍ତି ହେଉଛି ସମାଜତନ୍ତ୍ରର ଅବିଚ୍ଛିନ୍ନ ଅଙ୍ଗ। ସାମ୍ରାଜ୍ୟବାଦ ହେଉଛି ସଦ୍ୟ ସ୍ୱାଧୀନ ଦେଶ ତଥା ସମାଜବାଦର ପ୍ରଧାନ ଶତ୍ରୁ। ଯୋଡିଏ ସାର୍ବଭୌମ ସ୍ୱାଧୀନ ଗଣତାନ୍ତ୍ରିକ ରାଷ୍ଟ୍ରର ଜାତୀୟ ସ୍ୱାର୍ଥରକ୍ଷା ଓ ଆନ୍ତର୍ଜାତିକ ସାମ୍ରାଜ୍ୟବାଦ ବିରୁଦ୍ଧରେ ବିଶ୍ୱଶାନ୍ତିକୁ ଦୃଢ଼ତର କରିବା ପକ୍ଷରେ ଉଭୟ ଦେଶର ଏହି ଚୁକ୍ତି ଅପରିହାର୍ଯ୍ୟ।

ଏହି ଚୁକ୍ତିର ତୃତୀୟ ଦଫାରେ କୁହାଯାଇଛି—"ଜାତି, ଧର୍ମ ନିର୍ବିଶେଷରେ ସମସ୍ତ ମଣିଷ ଓ ଜାତିର ସମଅଧିକାରର ସୁଉଚ୍ଚ ଆଦର୍ଶ ପ୍ରତି ଆନୁଗତ୍ୟ ଦ୍ୱାରା ପରିଶ୍ରଳିତ ହୋଇ ଚୁକ୍ତିର ପକ୍ଷ ଦ୍ୱୟ ଦୃଢ଼ତାର ସହିତ ସମସ୍ତ ପ୍ରକାର ଉପନିବେଶିକତା ଓ ବର୍ଣ୍ଣବୈଷମ୍ୟର କଠୋର ନିନ୍ଦା କରୁଛି ଏବଂ ସେଗୁଡ଼ିକୁ ଚୂଡ଼ାନ୍ତ ଓ ସଂପୂର୍ଣ୍ଣ ଭାବେ ପୋଛି ଦେବା କଥା ପୁନରାୟ ଦୃଢ଼ତାର ସହିତ ଘୋଷଣା କରୁଛି।

ଚୁକ୍ତିର ପକ୍ଷଦ୍ୱୟ ଏହି ଲକ୍ଷ୍ୟ ପୂରଣପାଇଁ ଅନ୍ୟାନ୍ୟ ଦେଶ ସହିତ ସହଯୋଗିତା କରିବେ ଏବଂ ଉପନିବେଶିକତା ଓ ବର୍ଣ୍ଣ-ବୈଷମ୍ୟ ବିରୁଦ୍ଧରେ ସଂଗ୍ରାମରେ ଜନସାଧାରଣଙ୍କର ନ୍ୟାୟ-ସଙ୍ଗତ ଆଶା ଆକାଂକ୍ଷାକୁ ସମର୍ଥନ ଯୋଗାଇବେ।"

ଏହି ଦଫାର ଉଲ୍ଲିଖିତ ଧାରାରେ ସୋଭିଏତ୍ ୟୁନିୟନ ସହିତ ଭାରତ ମଧ୍ୟ ବିଶ୍ୱ-ସାମ୍ରାଜ୍ୟବାଦର ଉପନିବେଶିକ ବ୍ୟବସ୍ଥା ବିରୁଦ୍ଧରେ ଦଣ୍ଡାୟମାନ। ଯେହେତୁ ଭାରତ ତାର ଜାତୀୟ ଆନ୍ଦୋଳନର ପ୍ରାରମ୍ଭରୁ ହିଁ ସାମ୍ରାଜ୍ୟବାଦ ବିରୋଧି ଭୂମିକା ଗ୍ରହଣ କରି ଆସିଛି, ସେହେତୁ ଏହି ଚୁକ୍ତିର ଧାରାଟି ସେହି ଭିତ୍ତିକୁ ଆହୁରି ଦୃଢ଼ କରିଛି।

ଭାରତ—ସୋଭିଏତ ମୈତ୍ରୀ ଚୁକ୍ତି ହେଉଛି ଭାରତ ସାର୍ବଭୌମତ୍ୱର ରକ୍ଷାକବଚ ଏବଂ ସ୍ୱାଧୀନତାକୁ ଶକ୍ତିଶାଳ କରିବା ପକ୍ଷରେ ଶ୍ରେଷ୍ଠ ଅବଦାନ। ଭାରତ ବାରମ୍ବାର ପ୍ରତିବେଶୀ ରାଷ୍ଟ୍ରଦ୍ୱାରା ଆକ୍ରାନ୍ତ ହୋଇଛି। ପାକିସ୍ତାନ ଏବଂ ଚୀନ୍ ଭାରତ ଆକ୍ରମଣ କରିଛନ୍ତି। ଚୀନ ପଞ୍ଚଶୀଳ ଚୁକ୍ତି ଉଲ୍ଲଂଘନ ନ କରିଥିଲେ, ଇଙ୍ଗ-ମାର୍କିନ ସାମ୍ରାଜ୍ୟବାଦ ଦ୍ୱାରା ପ୍ରରୋଚିତ ହୋଇ ପାକିସ୍ତା ଯଦି ତାସକନ୍ଦ ଚୁକ୍ତି ଭଙ୍ଗ ନ କରିଥାନ୍ତା, ତା'ହେଲେ ମାର୍କି ସାମ୍ରାଜ୍ୟବାଦ ମଧ୍ୟ ଦକ୍ଷିଣ-ପୂର୍ବ ଏସିଆରେ ଶାନ୍ତି ବି କରିବାର ସୁଯୋଗ ପାଇ ନ ଥାନ୍ତା। ଏହି ପରିସ୍ଥିତିରେ ଭାରତ ସୋଭିଏତର ମୈତ୍ରୀ ଚୁକ୍ତିର ହୁଏତ ପ୍ରୟୋଜନ ହୋଇ ନ ଥାନ୍ତା।

କିନ୍ତୁ ସୋଭିଏତ ବିଦ୍ୱେଷ ଫଳରେ ଚୀନ, ମାର୍କିନ ସାମ୍ରାଜ୍ୟ ବାଦର ଆକ୍ରମଣାତ୍ମକ କାର୍ଯ୍ୟ ବିରୁଦ୍ଧରେ ବଳିଷ୍ଠ ପଦକ୍ଷେ ନେବାରେ ବାରମ୍ବାର ଅସ୍ୱୀକାର କରିଛି ବରଂ ମାର୍କିନ ସାମ୍ରାଜ୍ୟ ବାଦୀଙ୍କ ସହ ଦୀର୍ଘକାଳ ଯାବତ୍ ଗୋପନ ଶଳା ପରାମର୍ଶରେ ବ୍ୟସ୍ତ ରହି ଏବେ ଖୋଲାଖୋଲି ସହଯୋଗ ପ୍ରତିଷ୍ଠା କରିଛି। ସବୁଠାରୁ ବଡ଼ ଉଦାହରଣ ଗତ ଜାତିସଂଘ ଅଧିବେଶନ ତ ନିରାପତ୍ତା ପରିଷଦରେ ଆମେରିକାର ପ୍ରସ୍ତାବ ଏବଂ ପାକିସ୍ତାନକୁ ଖୋଲାଖୋଲି ସମର୍ଥନ।

ଦକ୍ଷିଣ-ପୂର୍ବ ଏସିଆରେ ମାର୍କିନ ସାମ୍ରାଜ୍ୟବାଦ ଯୁ ଘାଟି ଗଢ଼ିବାକୁ ଚାହେଁ। ନିକସନଙ୍କ ଚୀନଗସ୍ତକୁ ଦକ୍ଷିଣ ଭିଏତ ନାମର ଅସ୍ଥାୟୀ ବିପ୍ଳବୀ ସରକାର ଉଦ୍‌ବେଗ ପ୍ରକାଶ କରି ସତ୍ତ୍ୱେ ଚୀନ ନିକସନଙ୍କୁ ଆମନ୍ତ୍ରଣ ଜଣାଇଛି। ପ୍ରକୃତରେ, ଦକ୍ଷି ପୂର୍ବ ଏସିଆରେ ଯାହା ଘଟୁଛି ତାହା ଭବିଷ୍ୟତର ଜାତୀୟ ମୁ ସଂଗ୍ରାମ ପକ୍ଷରେ କେବଳ ବିଷାଦଜନକ ନୁହେଁ, ଭାରତ ସାର୍ବଭୌମତ୍ୱ ପକ୍ଷରେ ମଧ୍ୟ ବିପଦଜନକ। ସୋଭିଏତ ବିରୋ ଘାଟି ଓ ଆଣବିକ ଯୁଦ୍ଧର ସଂପ୍ରସାରଣର ବିପଦ କ୍ରମଶଃ ବଢ଼ୁଛି। ଏହା ହେଉଛି ଆମେରିକା ସାମ୍ରାଜ୍ୟବାଦର ବିଶ୍ୱ ରଣ କୌଶଳ ଅଂଶବିଶେଷ। ବିଶ୍ୱବ୍ୟାପୀ ସାମ୍ରାଜ୍ୟବାଦ ଯେତେ ଦୁର୍ବଳ ହେଉ ତେତେ ତାର ଆକ୍ରମଣାତ୍ମକ ମନୋଭାବ ବୃଦ୍ଧି ପାଉଛି। ଏ ବର୍ଦ୍ଧିତ ବିପଦ ପ୍ରତି ଏ ଚୁକ୍ତି ଏକ ରକ୍ଷାକବଚ।

ଏ ଚୁକ୍ତିର ପ୍ରଥମ ଦଫାରେ କୁହା ଯାଇଛି—"ଚୁକ୍ତି ସଂଶ୍ଳି ପକ୍ଷଦ୍ୱୟ ଅତ୍ୟନ୍ତ ଗୁରୁତ୍ୱସହକାରେ ଘୋଷଣା କରୁଛନ୍ତି ଯେ ଦୁଇ ଦେଶର ଏବଂ ସେମାନଙ୍କ ଜନସାଧାରଣଙ୍କ ମଧ୍ୟରେ ସ୍ଥା ଶାନ୍ତି ଓ ବନ୍ଧୁତ୍ୱ ଅତୁଟ ରହିବ। ଦୁଇଦେଶ ହିଁ ଏକ ଅନ

ସ୍ୱାଧୀନତା, ସାର୍ବଭୌମତ୍ୱ ଓ ଆଞ୍ଚଳିକ ଅଖଣ୍ଡତା ପ୍ରତି ସମ୍ମାନ ପ୍ରଦର୍ଶନ କରିବେ ଏବଂ କାହାରି ଆଭ୍ୟନ୍ତରୀଣ ବ୍ୟାପାରରେ କେହି ହସ୍ତକ୍ଷେପ କରିବେ ନାହିଁ । ସମତା ଓ ପାରସ୍ପରିକ କଲ୍ୟାଣ ତଥା ଉଲ୍ଲିଖିତ ନୀତିଗୁଡ଼ିକ ଭିତ୍ତିରେ ଚୁକ୍ତିର ପକ୍ଷଦ୍ୱୟ ଦେଶ ମଧ୍ୟରେ ବିଦ୍ୟମାନ ସୁପ୍ରତିବେଶୀମୂଳକ ମନୋଭାବ, ଆନ୍ତରିକ ବନ୍ଧୁତ୍ୱ ଓ ବ୍ୟାପକ ସହଯୋଗିତାକୁ ଆହୁରି ପ୍ରସାରିତ ଓ ସଂହତ କରିବେ ।''

ଏଥିରେ ସ୍ୱାଧୀନତା, ସାର୍ବଭୌମତ୍ୱ ଓ ଆଞ୍ଚଳିକ ଅଖଣ୍ଡତା ପ୍ରତି ସମ୍ମାନ ପ୍ରଦର୍ଶନ କଥା ସ୍ପଷ୍ଟ ଭାଷାରେ କୁହାଯାଇଛି । ସୋଭିଏତ୍ ବିରୋଧୀ ପ୍ରତିକ୍ରିୟାଶୀଳମାନଙ୍କର ଏହି ଚୁକ୍ତି ବିରୁଦ୍ଧରେ ଯେତେ ଯାହା ପ୍ରଚାର ସେ ସମସ୍ତ ଏହାଦ୍ୱାରା ଖଣ୍ଡିତ ହେଉଛି ।

ଏହି ଚୁକ୍ତି କେବଳ ଏପରି ରାଜନୈତିକ ନିର୍ଦ୍ଦିଷ୍ଟତାରେ ସୀମିତ ନୁହେଁ, ଅର୍ଥନୈତିକ କ୍ଷେତ୍ରରେ ମଧ୍ୟ ଏହାର ଗୁରୁତ୍ୱ ସଂପ୍ରସାରିତ । ଏହି ଚୁକ୍ତିରେ ଉଭୟ ଦେଶ ମଧ୍ୟରେ ଅର୍ଥନୈତିକ, ବୈଜ୍ଞାନିକ ଓ କୃତ୍‌କୌଶଳଗତ ସହଯୋଗିତା ଉପରେ ବିପୁଳ ଗୁରୁତ୍ୱ ଆରୋପ କରାଯାଇଛି । ଏହାଫଳରେ ଉଭୟ ଦେଶମଧ୍ୟରେ ବାଣିଜ୍ୟିକ ସଂପର୍କ ପ୍ରସାରିତ ହେବ । ଭାରତ ଶିଳ୍ପ ବିକାଶ କ୍ଷେତ୍ରରେ ଲାଭବାନ ହେବ ।

ଏହାର ସୁଦୂରପ୍ରସାରୀ ତାତ୍ପର୍ଯ୍ୟ ହେଉଛି ବିଶ୍ୱପୁଞ୍ଜିବାଦୀ ବଜାର ଉପରେ ଭାରତର ନିର୍ଭରଶୀଳତା କ୍ରମେ କ୍ରମେ ହ୍ରାସ ପାଇବାର ସମ୍ଭାବନା ବଢ଼ିବ । ଭାରତରେ ଅର୍ଥନୈତିକ ସ୍ୱାଧୀନତା ଅର୍ଜନ ପକ୍ଷରେ ଏହି ଚୁକ୍ତି ଏକ ସହାୟକ ଶକ୍ତି । ଆମ ଦେଶରେ ଜାତୀୟ ଗଣତାନ୍ତ୍ରିକ ବିପ୍ଳବ ସମାଧାନ ପଥରେ ଓ ସମାଜବାଦୀ ଅଗ୍ରଗତି ପକ୍ଷରେ ଏହି ଚୁକ୍ତି ହେଉଛି ଏକ ଅମୂଲ୍ୟ ସଂପଦ ।

ଏହି ଚୁକ୍ତିର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଥିଲା ୧୯୫୫ ମସିହାରେ । ସେହି ବର୍ଷର ଅର୍ଥନୈତିକ ଚୁକ୍ତି ଫଳରେ ଭିଲାଇ ଇସ୍ପାତ କାରଖାନା ପ୍ରତିଷ୍ଠା ହୋଇଥିଲା । ସେହି ଚୁକ୍ତି ପରିଣତି ଲାଭ କରିଛି ଏହି ମୈତ୍ରୀ ଚୁକ୍ତିରେ ।

ଯେଉଁମାନେ ଭାରତର ଘୋଷିତ ନୀତି ସମାଜବାଦ ପ୍ରତିଷ୍ଠା ପ୍ରତି ବିତସ୍ପୃହ, ସେମାନେ ଯେ ସ୍ୱାଭାବିକ ଭାବେ ଏହା ବିରୁଦ୍ଧରେ ନାନା ଆକାରେ ପ୍ରଚାର କରିବେ, ଏଥିରେ ଆଶ୍ଚର୍ଯ୍ୟ ହେବାର ନାହିଁ ; କିନ୍ତୁ ଆଗାମୀ କୋଡ଼ିଏ ବର୍ଷପାଇଁ ଏହା ଯେ ଭାରତର ସର୍ବାତ୍ମକ ଅଗ୍ରଗତି ପକ୍ଷରେ ଏକ ଉଜ୍ଜ୍ୱଳ ଆଲୋକସ୍ତମ୍ଭ ସ୍ୱରୂପ ଏହା ନିଶ୍ଚିତ ।

( ଲେଖକ ଶ୍ରୀ ଗୟସିଂହ ହେଉଛନ୍ତି ଖୋର୍ଦ୍ଧା ପ୍ରାଣନାଥ ମହାବିଦ୍ୟାଳୟର ଅଧ୍ୟାପକ )

Phones : BBS 646
BBS 983

Gram : ORICON

*With best complements of :*

# THE ORISSA CONSTRUCTION CORPORATION LIMITED

( A GOVERNMENT OF ORISSA UNDERTAKING )

**BHUBANESWAR**

DESIGNERS AND CONSTRUCTORS WITH WIDE EXPERIENCE IN CONSTRUCTION OF BRIDGES, DAMS, AERODROMES, HARBOUR AND IRRIGATION WORKS, CONCRETE ROADS, FACTORY BUILDINGS, TOWNSHIPS, QUARRY OPERATION, ETC.

**OUR SPECIALITY** **QUALITY WORK**

ଦଣ୍ଡପାଣି ବେହେରା

# ବଙ୍ଗଳାଦେଶର ଐତିହାସିକ ପୃଷ୍ଠଭୂମି

୧୯୭୧ ମସିହା ୧୬ ତାରିଖ ଡିସେମ୍ବର ଅପରାହ୍ଣରେ ବଙ୍ଗଳାଦେଶ ମୁକ୍ତ ହେଲା । ଗତ ଚବିଶ ବର୍ଷର ପାକିସ୍ଥାନୀ ଔପନିବେଶିକ ଶୃଙ୍ଖଳାରୁ ମୁକ୍ତ ହୋଇ ବଙ୍ଗଳାଦେଶ ଏକ ମୁକ୍ତ, ସ୍ୱାଧୀନ, ସାର୍ବଭୌମ ରାଷ୍ଟ୍ରରୂପେ ଆତ୍ମପ୍ରକାଶ କଲା । ବଙ୍ଗଳାଦେଶର ମୁକ୍ତି ସଂଗ୍ରାମର ପଛପୁରୋଧା ଥିଲା ଶାନ୍ତି ଓ ଗଣତନ୍ତ୍ରକାମୀ ଭାରତ । ସ୍ୱାଧୀନ ବଙ୍ଗଳାଦେଶର ଆତ୍ମପ୍ରକାଶ ସମସାମୟିକ ମାନବ ଇତିହାସରେ ଏକ ଅଦ୍ୱିତୀୟ ଘଟଣା ଏବଂ ଅସାଧାରଣ ମୁକ୍ତିକାମୀ ଜନବିପ୍ଳବ । ଏହି ବିପ୍ଳବର ଐତିହାସିକ ପୃଷ୍ଠଭୂମିର ନିହିତ୍ ଅବତାରଣା ମଣିଷର ଜନ୍ମଜାତ ମୁକ୍ତି-ଆକାଂକ୍ଷାକୁ ସମ୍ୟକ୍ ରୂପଦାନ କରେ ।

୧୯୪୭ ସାଲ ୧୪ ତାରିଖ ଦିନ ଇସଲାମ୍ ଧର୍ମଭିତ୍ତିରେ ପାକିସ୍ଥାନର ସୃଷ୍ଟି ହେଲା ; କିନ୍ତୁ ପରସ୍ପରଠାରୁ ବାରଶହ ମାଇଲ ଦୂରତ୍ୱରେ ଅବସ୍ଥିତ ପଶ୍ଚିମ ଓ ପୂର୍ବ ଭାଗରେ ପାକିସ୍ଥାନର ଜନ୍ମ ହେଲା । ଉଭୟ ଭାଗର ସଂଖ୍ୟାଧିକ ଲୋକ ହେଲେ ମୁସଲମାନ । ଯଦିଚ ଉଭୟ ଭାଗର ସମଧର୍ମ ହେଲା ଇସଲାମ୍, ତଥାପି ପ୍ରତ୍ୟେକ ଭାଗ ନିଜସ୍ୱ ସ୍ୱତନ୍ତ୍ର ସାଂସ୍କୃତିକ ପରିବେଶ ମଧ୍ୟରେ ସ୍ଥିତ ଓ ବର୍ଦ୍ଧିତ । ବାରଶହ ମାଇଲର ଭୌଗୋଳିକ ଦୂରତ୍ୱ ଉଭୟ ଭାଗ ମଧ୍ୟରେ ସୃଷ୍ଟି କରିଥିଲା ବ୍ୟାପକ ସାଂସ୍କୃତିକ ବ୍ୟବଧାନ ।

ସମୟର ଚକ୍ର ଘୂର୍ଣ୍ଣନ ସହ ତାଳ ଦେଇ ପଶ୍ଚିମ ପାକିସ୍ଥାନୀ ଶାସକବର୍ଗ ପୂର୍ବବଙ୍ଗରେ କ୍ରମବର୍ଦ୍ଧନ କଲେ ଔପନିବେଶିକ ଶୋଷଣ ଓ ଅତ୍ୟାଚାର । ପୂର୍ବପାକିସ୍ଥାନର ଭୌଗୋଳିକ ବିସ୍ତୃତି ହେଲା ପଞ୍ଚାବନ ହଜାର, ଏକ ଶତ, ସତାଇଶି ବର୍ଗମାଇଲ ଏବଂ ଏହାର ଜନସଂଖ୍ୟା ହେଲା ପଞ୍ଚସତରୀ ନିୟୁତ । ଏହି ସମଗ୍ର ଜନସଂଖ୍ୟାର ମାତୃଭାଷା ହେଲା ବଙ୍ଗଳା ।

ପାକିସ୍ଥାନୀ ସରକାର କଳେ, ବଳେ, କୌଶଳେ ଉର୍ଦ୍ଦୁ ଭାଷାକୁ ପାକିସ୍ଥାନର ଜାତୀୟ ଭାଷା ଭାବେ ଘୋଷଣା କରିବାକୁ ଯତ୍ପରୋନାସ୍ତି ଉଦ୍ୟମ କଲେ । ଏହି ଉଦ୍ୟମର ବିରୋଧ କରି ବଙ୍ଗବାସୀ ଜନତା ତୁମୁଳ ଆନ୍ଦୋଳନ କଲେ । ୧୯୪୭ ସାଲ ନଭେମ୍ବର ୧୬ ତାରିଖରେ ଉର୍ଦ୍ଦୁ ବଦଳରେ ବଙ୍ଗଳା ଭାଷାକୁ ଜାତୀୟ ଭାଷା କରାଯାଉ ବୋଲି ଢାକା ସହରରେ ମାନ୍ୟଗଣ୍ୟ ନାଗରିକମାନେ ଦାବୀ କଲେ ।

ପୂର୍ବବଙ୍ଗର ଭାଷା ଆନ୍ଦୋଳନକୁ ଦମନ କରିବା ପାଇଁ ପଶ୍ଚିମ ପାକିସ୍ଥାନୀ ଶାସକବର୍ଗ ଚକ୍ରାନ୍ତ କଲେ । ପ୍ରଥମ ଚକ୍ରାନ୍ତମୂଳକ ପଦକ୍ଷେପ ହେଲା ଯେ ବଙ୍ଗାଳୀମାନଙ୍କ ଉପରେ ଉର୍ଦ୍ଦୁ ଭାଷାକୁ ଜାତୀୟ ଭାଷା ଭାବେ ଜବରଦସ୍ତ ଲଦି ଦେବାର ଉଦ୍ୟମ ; କିନ୍ତୁ ଘଟଣାବଶତଃ ପଶ୍ଚିମ ପାକିସ୍ଥାନର ଏହି ଚକ୍ରାନ୍ତ ଫସର ଫାଟିଲା ଏବଂ ବଙ୍ଗଳା ଭାଷାକୁ ଅନ୍ୟ ଏକ ଜାତୀୟ ଭାଷା ଭାବେ ଘୋଷଣା କରାଗଲା । ଏହା ବଙ୍ଗୀୟ ଗଣ ଆନ୍ଦୋଳନକୁ ସମ୍ବଳପର ହେଲା । ତତପରେ ପାକିସ୍ଥାନୀ ଶାସକ-

ଉର୍ଦ୍ଦୁ ବଙ୍ଗଳାଲିପି ସ୍ଥାନରେ ଆରବୀୟ ଲିପି ପ୍ରବର୍ତ୍ତନ ପାଇଁ ଚକ୍ରାନ୍ତ କଲେ । ଏହି ଚକ୍ରାନ୍ତର ଲକ୍ଷ୍ୟ ହେଲା ବଙ୍ଗଳା ଭାଷାର କୌଶଳପୂର୍ଣ୍ଣ ବିଧିବଦ୍ଧ ହତ୍ୟା ।

ବଙ୍ଗଳା ଭାଷା ଓ ସଂସ୍କୃତିକୁ ତିଳ ତିଳ କରି ହତ୍ୟା କରିବାର ଉଦ୍ୟମ ବିରୁଦ୍ଧରେ ପୂର୍ବବଙ୍ଗରେ ଉନ୍ମୋଚିତ ହେଲା ତୁମୁଳ ଗଣବିକ୍ଷୋଭ । ପଶ୍ଚିମ ପାକିସ୍ଥାନୀ ଶାସକଙ୍କ ଅଣବଙ୍ଗଳା ଏବଂ ଅଣବଙ୍ଗଳା ସ୍ୱାର୍ଥବିରୋଧୀ ମନୋଭାବର ବିରୋଧ କରି ବଙ୍ଗବାସୀ ଜନସାଧାରଣ ଆନ୍ଦୋଳନ କଲେ । ପଶ୍ଚିମ ପାକିସ୍ଥାନର ଔପନିବେଶିକ ମନୋଭାବର ବିରୋଧ କରି ପୂର୍ବ ବଙ୍ଗରେ ଗର୍ଜି ଉଠିଲା ବ୍ୟାପକ ଗଣସଂଗ୍ରାମ ।

୧୯୪୮ ସାଲ ମାର୍ଚ୍ଚ ୨୧ ତାରିଖରେ ପାକିସ୍ଥାନର ଜନକ ଜନାବ ମହମ୍ମଦ ଅଲି ଜିନ୍ନା ଢାକାଠାରେ "ଉର୍ଦ୍ଦୁ ଏବଂ ଉର୍ଦ୍ଦୁ ହିଁ କେବଳ" ପାକିସ୍ଥାନର ଜାତୀୟ ଭାଷା ହେବାକୁ ହକଦାର ବୋଲି ପୁନରପି ଆବାଜ ଦେଲେ । ଜିନ୍ନା ସାହେବଙ୍କର ଏହି ଆବାଜର ବିରୋଧ କରି ବଙ୍ଗଳା ମୁସଲିମ୍ ଛାତ୍ର ସମାଜ ସ୍ୱରୋତ୍ତୋଳନ କଲା ।

ବଙ୍ଗାଳୀମାନେ ନିଜସ୍ୱ ଭାଷା ଓ ଐତିହ୍ୟର ସଂରକ୍ଷଣ ପାଇଁ ବଦ୍ଧସଂକଳ୍ପ ହେଲେ । ବଙ୍ଗଳା ଭାଷା ଆନ୍ଦୋଳନକୁ "ନିନ୍ଦନୀୟ ହିନ୍ଦୁ ଷଡ଼ଯନ୍ତ୍ର" ଏବଂ "ଭାରତୀୟ ମନ୍ତ୍ରଣା" ଆଖ୍ୟା ଦେଇ ତାକୁ ଦମନ କରିବାକୁ ଚକ୍ରାନ୍ତ କରାଗଲା ; କିନ୍ତୁ ଏହି ଚକ୍ରାନ୍ତକୁ ଉଚ୍ଛେଦ କରିବା ପାଇଁ କ୍ରମଶଃ ସମସ୍ତ ବଙ୍ଗବାସୀ ଐକ୍ୟବଦ୍ଧ ହେଲେ ।

ବଙ୍ଗଳାଲିପି ସ୍ଥାନରେ ଆରବୀୟ ଲିପିର ପ୍ରବର୍ତ୍ତନ ପାଇଁ ପୂର୍ବବଙ୍ଗର ଠାଏ ଠାଏ "ଲିପିଶିକ୍ଷା ବିଦ୍ୟାଳୟ" ମାନ ସ୍ଥାପିତ ହେଲା । ଏହି ବିଦ୍ୟାଳୟମାନଙ୍କର ସ୍ଥାପନ ଓ ସଂରକ୍ଷଣ ବିରୋଧରେ ବଙ୍ଗବାସୀ ଆନ୍ଦୋଳନ କଲେ ।

୧୯୫୦ ସାଲରେ ଭାଷା ଆନ୍ଦୋଳନକୁ ଏକ "କୁତ୍ସିତ ସାଂପ୍ରଦାୟିକ ଆନ୍ଦୋଳନ" ବୋଲି ଆଖ୍ୟା ଦେଲେ । ଫଳତଃ ଅଗଣିତ ସଂଖ୍ୟାଲଘୁ ନରନାରୀ ଏକ ଅବାଞ୍ଛନୀୟ ପଶ୍ଚିମ ପାକିସ୍ଥାନୀକୃତ ସାଂପ୍ରଦାୟିକ ଦଙ୍ଗାର ଶୀକାର ହେଲେ । ହେଲେ ବି, ଭାଷା ଆନ୍ଦୋଳନର ପ୍ରଜ୍ଜ୍ୱଳିତ ବହ୍ନିର ନିର୍ବାପନ ହେଲାନାହିଁ ।

୧୯୫୧ ସାଲ ଏପ୍ରିଲ ଛଅ ତାରିଖରେ ବଙ୍ଗଳା ଭାଷାକୁ ଜାତୀୟ ଭାଷାର ସମ୍ମାନ ଦାବୀ କରି ଢାକାଠାରେ "ଜାତୀୟ ଭାଷା ଦିବସ" ପାଳିତ ହେଲା । ୧୯୫୨ ସାଲ ଫେବୃୟାରୀ ମାସରେ ଢାକା ଛାତ୍ରଛାତ୍ରୀମାନେ ଉର୍ଦ୍ଦୁ ଭାଷାକୁ ଜାତୀୟ ଭାଷା ନ କରାଯାଉ ବୋଲି ଏକ ମାସବ୍ୟାପୀ ପ୍ରତିବାଦ-ଶୋଭାଯାତ୍ରାର ଆୟୋଜନ କରିଥିଲେ । ଫେବୃୟାରୀ ଏକୋଇଶି ଓ ବାଇଶିକୁ "କଳା ଦିବସ" ଭାବେ ପାଳନ କରାଗଲା । କାରଣ ଏହି ଦୁଇଦିନରେ ଢାକା ଛାତ୍ରଛାତ୍ରୀଗଣ ସରକାରୀ ବନ୍ଧୁକ-ଗୁଳିର ଶୀକାର ହେବେ ଏବଂ ନଅ ଜଣ ଛାତ୍ରଙ୍କ ମୃତ୍ୟୁ ଘଟିଲା । ସେଇଦିନଠାରୁ ଫେବୃୟାରୀ ୨୧କୁ "ଶହୀଦ ଦିବସ" ଭାବେ ପାଳନ କରାଗଲା ।

ଏହି ଘଟଣାର ପରେ ପରେ ଦୀର୍ଘଦିନପାଇଁ ଢାକା ବିଶ୍ୱବିଦ୍ୟାଳୟକୁ ବନ୍ଦ କରିଦିଆଗଲା ଏବଂ ଅନେକ ଛାତ୍ର ଓ ଶ୍ରମିକ ନେତାଙ୍କୁ ଗିରଫ କରାଗଲା । ତଥାପି ଭାଷା ଆନ୍ଦୋଳନର ସଙ୍କୋଚନ ହେଲାନାହିଁ ।

ଭାଷା ଆନ୍ଦୋଳନକୁ ଅଧିକ ଶାଣିତ କରିବା ଏବଂ ପୂର୍ବବଙ୍ଗ ପାଇଁ ଅଧିକ ସ୍ୱାୟତ୍ତଶାସନ ଅଧିକାର ହାସଲ କରିବା ଲକ୍ଷ୍ୟ ରଖି ଶେଖ୍ ମୁଜିବୁର ରହମାନ ଏକ ଅଣ-ସାଂପ୍ରଦାୟିକ ଗଣ-ଆନ୍ଦୋଳନର ସଂଗଠନ କଲେ ଏବଂ ସେ ଏହାର ନେତୃତ୍ୱ ଗ୍ରହଣ କଲେ ।

ଏହି ଭାଷା ଆନ୍ଦୋଳନରେ ୧୯୫୩ ସାଲ ଫେବୃୟାରୀ ମାସ ଶେଷ ସୁଦ୍ଧା ୧,୮୩୬ ଜଣ ଭାଷା ସଂଗ୍ରାମୀଙ୍କ ମୃତ୍ୟୁ ଘଟିଥିଲା ।

୧୯୫୩ ସାଲ ଅକ୍ଟୋବର ଛଅ ତାରିଖରେ ପୂର୍ବବଙ୍ଗର ସଂଖ୍ୟାଲଘୁ ସଂପ୍ରଦାୟର ଅନ୍ୟତମ ନେତା ଶ୍ରୀ ସତୀନ୍ ସେନ୍ କଲିକତାଠାରେ "ଦ୍ୱିୟ-ଜାତି ସିଦ୍ଧାନ୍ତ" ଭଣ୍ଡୁର ପ୍ରମାଣିତ ହେଲା ବୋଲି ବର୍ଣ୍ଣନା କରିଥିଲେ । ବଙ୍ଗୀୟ ମୁସଲମାନ ଜନସାଧାରଣ ଏକ ନୂତନ ଜାତୀୟ ଜାଗରଣର ଉନ୍ମେଷରେ ଉଦ୍‌ବେଳିତ ହେଲେଣି ବୋଲି ସେ ମତ ପ୍ରକାଶ କରିଥିଲେ ।

୧୯୫୪ ସାଲ ମାର୍ଚ୍ଚ ମାସରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ "ଅଣ-ମୁସଲିମ୍ ଲିଗ୍-ମିଳିତ-ସାମୁଖ୍ୟ" ତିନିଶହ ନଅରୁ ଦୁଇଶହ ପଚଶଟି ସ୍ଥାନ ଲାଭ କରିଥିଲେ । ମୁସଲିମ୍ ଲିଗ୍ କେବଳ ନଅଟି ସ୍ଥାନ ଲାଭ କରିଥିଲେ ।

୧୯୫୪ ସାଲ ଏପ୍ରିଲ ତିନି ତାରିଖରେ ଶ୍ରୀ ଏ. କେ. ଫଜଲୁଲ ହକ୍‌ଙ୍କ ନେତୃତ୍ୱରେ ପ୍ରଥମ ଗଣତାନ୍ତ୍ରିକ ମିଳିତ ସାମୁଖ୍ୟ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ କରିଥିଲା ।

ଶ୍ରୀ ହକ୍ ସେହି ବର୍ଷ ମେ ୨ ତାରିଖରେ କଲିକତାଠାରେ 'ଭୁଲ ବଙ୍ଗଳାଭିତ୍ତିକ ବ୍ୟବଧାନକୁ ଭାଙ୍ଗି ଦେବି ବୋଲି ଘୋଷଣା କରିଥିଲେ।

୧୯୫୪ ସାଲ ମେ ସାତ ତାରିଖରେ ପାକିସ୍ଥାନ ସମ୍ବିଧାନ ପ୍ରଣୟନକାରୀ ସଂସଦ ଉଭୟ ବଙ୍ଗଳା ଏବଂ ଉର୍ଦ୍ଦୁ ପାକିସ୍ଥାନର ଜାତୀୟ ଭାଷା ହେବା ଉଚିତ ବୋଲି ଏକ ପ୍ରସ୍ତାବ ଗ୍ରହଣ କରିଥିଲେ।

ଶ୍ରୀ ହକ୍‌ଙ୍କର ଜନପ୍ରିୟ ମନ୍ତ୍ରିମଣ୍ଡଳକୁ ପାକିସ୍ଥାନୀ ଶାସକ ବର୍ଗ ଓ ପୁଂଜିପତିମାନେ ନାପସନ୍ଦ କଲେ। ଫଳସ୍ୱରୂପ ନାରାୟଣଗଞ୍ଜସ୍ଥ ଆଦମ୍‌ଜୀ ଜୁଟୋ କାରଖାନାରେ ଏକ ଭୟଙ୍କର ସାମ୍ପ୍ରଦାୟିକ ଦଙ୍ଗା ଦେଖାଯାଇଥିଲା।

ସେହି ବର୍ଷ ମେ ୨୩ ତାରିଖରେ ଶ୍ରୀ ହକ୍ ପାକିସ୍ଥାନୀ ପ୍ରଧାନମନ୍ତ୍ରୀ ମହମ୍ମଦ ଅଲିଙ୍କ ସହ ସାକ୍ଷାତ କଲେ। ଶାନ୍ତି ଓ ଶୃଂଖଳା ପ୍ରଶ୍ନ ନେଇ ଉଭୟଙ୍କ ମଧ୍ୟରେ ଗୁରୁତର ମତଭେଦ ଦେଖାଗଲା।

୧୯୫୪ ସାଲ ମେ ୩୦ ତାରିଖରେ ହକ୍ ମନ୍ତ୍ରିମଣ୍ଡଳକୁ ଗଭର୍ଣ୍ଣର-ଜେନେରାଲ ଗୋଲାମ ମହମ୍ମଦ ବରଖାସ୍ତ କଲେ। ଜେନେରାଲ୍ ଇସ୍କନ୍ଦର ମୀର୍ଜାଙ୍କୁ ପୂର୍ବବଙ୍ଗର ନୂତନ ଶାସନ ମୁଖ୍ୟ ଭାବେ ନିଯୁକ୍ତ କରାଗଲା। ଶ୍ରୀ ହକ୍‌ଙ୍କୁ ତାଙ୍କ ଘରେ ନଜର ବନ୍ଦୀ କରି ରଖାଗଲା। ଶେଖ ମୁଜିବୁର ରହମାନଙ୍କୁ ଗିରଫ କରାଗଲା। ଅନେକ ନେତାଙ୍କୁ କାରାରୁଦ୍ଧ କରାଗଲା। ସମସ୍ତ ରାଜନୈତିକ କାର୍ଯ୍ୟକଳାପକୁ ପୂର୍ବବଙ୍ଗରେ ନିଃଶେଷ କରାଗଲା।

୧୯୫୪ ସାଲ ଜୁନ୍ ଏକ ତାରିଖରେ ଶ୍ରୀ ହକ୍‌ଙ୍କୁ ପାକ୍ ସରକାର "ଦେଶଦ୍ରୋହୀ ଓ ରାଷ୍ଟ୍ରବିରୋଧୀ" ଆଦି ଅଭିଯୋଗରେ ଅଭିଯୁକ୍ତ କଲେ।

୧୯୫୫ ସାଲ ଜୁନ ମାସରେ ଶ୍ରୀ ଆବୁ ହୋସେନ୍‌ଙ୍କ ନେତୃତ୍ୱରେ ଏକ ନୂତନ ମିଳିତ ସାମୁଖ୍ୟ ମନ୍ତ୍ରିମଣ୍ଡଳ ଶାସନ କାର୍ଯ୍ୟଭାର ଗ୍ରହଣ କଲେ। ସେହି ସମୟରେ ପାକିସ୍ଥାନର କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଘୋର ଅନ୍ତର୍ଦ୍ୱନ୍ଦ୍ୱ ଦେଖା ଦେଇଥିଲା।

୧୯୫୬ ସାଲ ସେପ୍‌ଟେମ୍ବର ବାର ତାରିଖରୁ ୧୯୫୭ ସାଲ ଅକ୍‌ଟୋବର ଏଗାର ତାରିଖ ଯାଏ ଶ୍ରୀ ସୁରାବର୍ଦ୍ଦି ପାକିସ୍ଥାନର ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ।

୧୯୫୮ ସାଲ ଅକ୍‌ଟୋବର ସାତ ତାରିଖରେ ପ୍ରଧାନମନ୍ତ୍ରୀ ଶ୍ରୀ ଫିରୋଜ ଖାନ୍‌ନୁନ୍ ତାଙ୍କର ମନ୍ତ୍ରିମଣ୍ଡଳକୁ ଏକାଦିନରେ ଦୁଇଥର ଅଦଳବଦଳ କରିଥିଲେ। ସେହିଦିନ ରାଷ୍ଟ୍ରପତି ଇସ୍କନ୍ଦର ମିର୍ଜା ଦେଶର ସମ୍ବିଧାନକୁ ବାତିଲ କରିଦେଲେ ଏବଂ ଉଭୟ କେନ୍ଦ୍ର ଓ ପ୍ରାଦେଶିକ ସରକାରମାନଙ୍କୁ ଭାଙ୍ଗିଦେଲେ।

୧୯୫୮ ସାଲ ଅକ୍‌ଟୋବର ୨୭ ତାରିଖରେ ରାଷ୍ଟ୍ରପତି ମିର୍ଜା ପଦଚ୍ୟୁତ ହେଲେ ଏବଂ ସେହି ଦିନ ଜେନେରାଲ ଆୟୁବ ଖାଁ ଦେଶର ଶାସନମୁଖ୍ୟ ଭାବେ ଅଧିଷ୍ଠିତ ହେଲେ। ଏହି ଦିବସଟିକୁ ଏକ ଐତିହାସିକ ଦିବସ ଭାବେ ବର୍ଣ୍ଣନା କରାଯାଏ। ୧୯୪୮ ରୁ ୧୯୫୮ ଯାଏ ଦୀର୍ଘ ଦଶବର୍ଷ ମଧ୍ୟରେ ଆଠଟି ସରକାରର ସ୍ଥାପନ ଓ ଅବସାନ ଘଟିଥିଲା।

ରାଷ୍ଟ୍ରପତି ଆୟୁବ ଖାଁ ଦଶବର୍ଷ ଯାଏ ଶାସନରେ ଅଧିଷ୍ଠିତ ହୋଇ ରହିଲେ। ତାଙ୍କର ରହଣି କାଳରେ ସେ ଏକ ସମ୍ବିଧାନ ପ୍ରଣୟନ କରିଥିଲେ। ଏହି ସମ୍ବିଧାନକୁ ସେ "ମୌଳିକ ଗଣତନ୍ତ୍ର" ବୋଲି ଆଖ୍ୟା ଦେଇଥିଲେ। ସମ୍ବିଧାନଟି ନିତାନ୍ତ ଅଗଣତାନ୍ତ୍ରିକ ଥିଲା ଏବଂ ଏହା ପାକିସ୍ଥାନର ଉଭୟ ମହଲରେ ଚାଲୁଥିବା ଅସନ୍ତୋଷର ବହ୍ନିରେ ଘୃତ ସଂଯୋଗ କଲା। ତାଙ୍କର ଶାସନର ଶେଷାର୍ଦ୍ଧରେ ପୂର୍ବ ବଙ୍ଗଳାର ଗଣ ଆନ୍ଦୋଳନ ଅତ୍ୟନ୍ତ ଉଗ୍ର ଆକାର ଧାରଣ କଲା। ଆୟୁବ୍ ଭୟଙ୍କର ପରିସ୍ଥିତିର ସମ୍ମୁଖୀନ ହେଲେ ଏବଂ ତାଙ୍କର ଶାସନ କାଳରେ ପାକିସ୍ଥାନର ବିଭକ୍ତିର ଆଶଙ୍କା କରି ସେ ଭୟଭୀତ ହେଲେ।

ଇତ୍ୟବସରରେ ୧୯୬୫ ସାଲର ଭାରତ-ପାକ ଯୁଦ୍ଧ ପାକିସ୍ଥାନର୍, ବିଶେଷ କରି ପୂର୍ବବଙ୍ଗର ଅର୍ଥନୀତିକୁ ଧ୍ୱଂସ କରିଦେଲା। ପୂର୍ବବଙ୍ଗ ପଶ୍ଚିମ ପାକିସ୍ଥାନର ଉଦ୍ଧତ ଔପନିବେଶିକ ଶୋଷଣରେ ମର୍ଦ୍ଦିତ ଓ ମ୍ରିୟମାଣ ହେଲା।

୧୯୬୮ ରେ "ଅଗରତଲା ଷଡ଼ଯନ୍ତ୍ର ମାମଲା" ଦ୍ୱାହିରେ ଶେଖ ମୁଜିବୁର ରହମାନଙ୍କୁ ବନ୍ଦୀ ଏବଂ ବିଚାର କରାଗଲା।

ପୂର୍ବବଙ୍ଗରେ ପ୍ରତିବାଦ ଆନ୍ଦୋଳନର ତରଙ୍ଗ ଛୁଟିଲା। ଏହି ଆନ୍ଦୋଳନର ସ୍ରୋତ ପଶ୍ଚିମ ପାକିସ୍ଥାନ ପଟେ ବି ଛୁଟିଲା। ପଶ୍ଚିମ ପାକିସ୍ଥାନର ଛାତ୍ର ସମାଜ ଆୟୁବଙ୍କୁ ଶାସନ ଚ୍ୟୁତ କରିବାର ସଙ୍କଳ୍ପ ନେଲେ। ଜିନ୍ନାଙ୍କର ଜୟନ୍ତୀ ପାଳିତ ହୋଇପାରିଲା ନାହିଁ। ଏହି ସବୁ ଘଟିଲା ୧୯୬୮ ଡ଼ିସେମ୍ବର ମାସରେ। ପରିଶେଷରେ ଆୟୁବ ମୁଣ୍ଡ ନୁଆଁଇଲେ।

୧୯୬୯ ଜାନୁଆରୀ ଏକରେ ଅଗରତଲା ଷଡ଼ଯନ୍ତ୍ର ମାମଲାକୁ ପ୍ରତ୍ୟାହାର କରି ନିଆଗଲା। ମୁଜିବୁର ଓ ତାଙ୍କର ସହଯୋଗୀମାନଙ୍କୁ ଖଲାସକରି ଦିଆଗଲା।

ସେହିବର୍ଷ ମାର୍ଚ୍ଚ ୨୫ ରେ ଆୟୁବ ଖାଁ ଶାସନଭାର ତ୍ୟାଗ କଲେ ଏବଂ ତାଙ୍କର ସ୍ଥାନ ଅଧିକାର କଲେ ସେନାଧ୍ୟକ୍ଷ ଆଗା ମହମ୍ମଦ ୟାହିୟା ଖାଁ । ସେ ପଠାଣ ଜାତିର ଲୋକ ।

ସେହିବର୍ଷ ନଭେମ୍ବର ୨୮ ରେ ସାବାଳକ ଭିତ୍ତିରେ ଗଣତନ୍ତ୍ରର ପ୍ରବର୍ତ୍ତନ କରିବା ପାଇଁ ୟାହିୟା ଘୋଷଣା କଲେ । ସିନ୍ଧୁ, ପଞ୍ଜାବ, ବେଲୁଚିସ୍ତାନ ଏବଂ ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶର ପୁନର୍ଗଠନ କରାଗଲା ।

୧୯୭୦ ଅକ୍ଟୋବର ପାଞ୍ଚରେ ନିର୍ବାଚନ ହେବାର ଘୋଷଣା କରାଗଲା । କିନ୍ତୁ ପରେ ଏହି ନିର୍ବାଚନ ତାରିଖକୁ ଡିସେମ୍ବର ସାତକୁ ଘୁଞ୍ଚାଇ ଦିଆଗଲା । ୧୯୭୦ ଜାନୁୟାରି ପହିଲାରୁ ଅସୀମିତ ରାଜନୈତିକ ସ୍ୱାଧୀନତା ଲୋକଙ୍କୁ ଅର୍ପଣ କରାଗଲା ।

ସମଗ୍ର ଶହେ ପଚିଶ ନିୟୁତ ଜନସଂଖ୍ୟାରୁ ପୂର୍ବବଙ୍ଗର ଚିରିଶ ନିୟୁତ ଲୋକଙ୍କୁ ଏବଂ ପଶ୍ଚିମ ପାକିସ୍ତାନର ପଚିଶ ନିୟୁତ ଲୋକଙ୍କୁ ଭୋଟ ଦାନର ଅଧିକାର ଦିଆଗଲା ।

ପୂର୍ବବଙ୍ଗର ସଂସଦର ସ୍ଥାନ ସଂଖ୍ୟା ହେଲା ତିନି ଶହ ଏବଂ ଏହାଛଡ଼ା ଦଶଟି ସ୍ଥାନ ମହିଳାଙ୍କ ମନୋନୟନ ପାଇଁ ସଂରକ୍ଷିତ ଥିଲା । ଜାତୀୟ ସଂସଦରେ ପୂର୍ବବଙ୍ଗର ସ୍ଥାନ ହେଲା ଶହେ ବାଷଠି ଏବଂ ଏହାଛଡ଼ା ସାତଟି ସ୍ଥାନ ମହିଳାଙ୍କ ପାଇଁ ସଂରକ୍ଷିତ ରହିଲା । ଜାତୀୟ ସଂସଦର ମୋଟ ସ୍ଥାନସଂଖ୍ୟା ହେଲା ତିନି ଶହ ତିନି ଏବଂ ଏହାଛଡ଼ା ତେରଟି ଅଧିକ ମହିଳା ସ୍ଥାନ ।

୧୯୭୦ ସାଲ ନଭେମ୍ବର ମାସରେ ପୂର୍ବବଙ୍ଗରେ ଏକ ଅଭୂତପୂର୍ବ ପ୍ରଳୟଙ୍କରୀ ସାମୁଦ୍ରିକ ବାତ୍ୟାରେ ଲକ୍ଷ ଲକ୍ଷ ଲୋକଙ୍କର ଜୀବନହାନି ଘଟିଲା । ନଅଟି ଜାତୀୟ ସଂସଦ ନିର୍ବାଚନ ଏବଂ ଅଠରଟି ପ୍ରାଦେଶିକ ସଂସଦ ନିର୍ବାଚନକୁ ସ୍ଥଗିତ ରଖାଗଲା ।

ଛଅଦଫା ଦାବୀ ସୂତ୍ରରେ ଶେଖ ମୁଜିବୁର ରହେମାନ ଆୱାମୀ ଲିଗ୍ ଦଳକୁ ନିର୍ବାଚନରେ ପରିଚାଳନା କଲେ । ତାଙ୍କର ଦଳ ପ୍ରାଦେଶିକ ସଂସଦର ଶହେ ବାଷଠି ସ୍ଥାନରୁ ଶହେ ଅଠଟି ସ୍ଥାନ ଅଧିକାର କଲେ ଏବଂ ଜାତୀୟ ସଂସଦର ତିନି ଶହଟି ସ୍ଥାନରୁ ଦୁଇ ଶହ ଅଠାଅଶୀଟି ସ୍ଥାନ ଲାଭକଲେ । ମୁଜିବୁର ଏକା ୧୬୪,୦୭୧ ଭୋଟ ପାଇଲେ । ପାକିସ୍ତାନର କୌଣସି ନେତା ଏଯାଏଁ ଏତେସଂଖ୍ୟକ ଭୋଟ ପାଇ ନ ଥିଲେ ।

ନିର୍ବାଚନର ପରେ ୧୯୭୦ ସାଲ ଡିସେମ୍ବର ୯ରେ ଏକ ସ୍ୱାୟତ୍ତ-ଶାସନଭିତ୍ତିକ ସମ୍ବିଧାନ ଦାବୀ କଲେ । କିନ୍ତୁ ଏହା ପରିଷ୍କାର କଥା ଯେ ସେ କେଉଁଠି କି କେବେ ପୂର୍ବବଙ୍ଗକୁ ପାକିସ୍ତାନଠାରୁ ବିଚ୍ଛି
କରିଦେବା କଥା କହି ନଥିଲେ ।

୧୯୭୧ ସାଲ ଜାନୁୟାରୀ ୧୨ ତାରିଖରେ ଢାକାଠାରେ ମୁଜି
ଓ ୟାହିୟାଙ୍କ ମଧ୍ୟରେ ଆଲୋଚନା ଆରମ୍ଭ ହେଲା ।

ସେହିଦିନ ଜାତୀୟ ଆୱାମି ଲିଗ୍ ଦଳ ନେତା ମୌଲାନା ଭାସା
ଲାହୋର ପ୍ରସ୍ତାବବଳୀର କାର୍ଯ୍ୟକାରୀତା ଦାବି କରିଥିଲେ ।
ଦାବି କଲେ, "ପୂର୍ବବଙ୍ଗରେ ପଶ୍ଚିମ ପାକିସ୍ତାନର ଶୋ
ବନ୍ଦହେଉ ।"

୧୯୭୧ ସାଲ ଜାନୁୟାରୀ ୧୪ ରେ ରାଷ୍ଟ୍ରପତି ୟାହିୟା
ଶେଖ୍ ମୁଜିବୁରଙ୍କୁ "ପାକିସ୍ତାନର ଭବିଷ୍ୟତ ପ୍ରଧାନ ମନ୍ତ୍ରୀ" ବୋ
ଅଭିବାଦନ କରିଥିଲେ ।

ଫଳତଃ ସମସ୍ତେ ଆଶ୍ୱସ୍ତି ଅନୁଭବ କରିଥିଲେ ଏବଂ
ଅନ୍ଧକାର ଯୁଗର ଅବସାନ ହେବବୋଲି ସମସ୍ତେ ଆଶା ପୋଷ
କଲେ ।

ପଶ୍ଚିମ ପାକିସ୍ତାନକୁ ପ୍ରତ୍ୟାବର୍ତ୍ତନ କଲାପରେ ୟାହିୟା ପିପୁଲ୍
ପାର୍ଟି ଦଳର ନେତା ଶ୍ରୀ ଭୁଟ୍ଟୋଙ୍କ ସହ ଆଲୋଚନା ଆରମ୍ଭ କଲେ

୧୪ ଫେବୃୟାରୀରେ ଜାତୀୟ ସଂସଦ ମାର୍ଚ୍ଚ ତିନି ତାରିଖ
ଅନୁଷ୍ଠିତ ହେବାର ଘୋଷଣା କରାଗଲା ।

ଶ୍ରୀ ଭୁଟ୍ଟୋ ବୁଝି ହୁଡ଼ିଲେ । ସେ ଶେଖ ମୁଜିବ ତାଙ୍
ଛଅଦଫା ଦାବି ତ୍ୟାଗ ନ କଲେ କୌଣସି ଆଲୋଚନାରେ ଏହି
କୌଣସି ଅଂଶ ଗ୍ରହଣ କରିବେନାହିଁ ବୋଲି ଜିଦ୍ ଧରିଲେ
ଫେବୃୟାରୀ ଅଠର ତାରିଖଯାଏଁ ମୁଜିବୁର-ଭୁଟ୍ଟୋଙ୍କ ମଧ୍ୟ
ଆଲୋଚନା ଆରମ୍ଭ କରାଇବା ପାଇଁ ୟାହିୟା ଚେଷ୍ଟା କରିଥିଲେ

ମାର୍ଚ୍ଚ ୧ ତାରିଖରେ ରାଷ୍ଟ୍ରପତି ୟାହିୟା ଭୁଟ୍ଟୋଙ୍କର ଜିଦ୍‌ଠାରେ
ଆତ୍ମ ସମର୍ପଣକଲେ ଏବଂ ଭୁଟ୍ଟୋଙ୍କ କଥାରେ ସେ ଅନିର୍ଦ୍ଦିଷ୍ଟ କା
ପାଇଁ ଜାତୀୟ ସଂସଦର ବୈଠକ ସମୟକୁ ସ୍ଥଗିତ ରଖିଲେ
ପୂର୍ବବଙ୍ଗର ଗଭର୍ଣ୍ଣର ଶ୍ରୀ ଏସ. ଏମ୍. ଆହସନ୍‌ଙ୍କୁ ବରଖାସ୍ତ କରାଗ
ଏବଂ ତାଙ୍କ ସ୍ଥାନରେ ଲେଫ୍‌ଟନାଣ୍ଟ ଜେନେରାଲ ୟାକୁବ୍ ଖାଁ
ସାମରିକ ଆଇନ ଶାସକ ଭାବେ ନିଯୁକ୍ତ କରାଗଲା ।

ଘଟଣାର ଗତି ଖରାପ ଆଡ଼କୁ ଗଡ଼ିବାରେ ଲାଗିଲା ।

ମାର୍ଚ୍ଚ ଦୁଇରେ ଢାକା ସହରରେ କର୍ଫ୍ୟୁ ଆଦେଶ ଜାରି ରହିଲ
ପୂର୍ବବଙ୍ଗକୁ ୟାହିୟା ଧ୍ୱଂସ କରିଦେବାକୁ ଦୃଢ଼ସଙ୍କଳ୍ପ ବୋଲି ଦର୍ଶ
ଗୁଜବ ହେଲା ।

ଏଭଳି ପରିସ୍ଥିତିର ଦ୍ୱାହିରେ ଛାତ୍ରମାନେ ପୂର୍ଣ୍ଣ ସ୍ୱାଧୀନତା ଦାବିକଲେ । ଏକ ପାକିସ୍ଥାନୀ ପତାକା ପୋଡ଼ିଦିଆଗଲା ବୋଲି ଶୁଣାଗଲା ।

ମାର୍ଚ୍ଚ ତିନିରେ ୟାହିୟା ଖାଁ ଏକ ଗୋଲଟେବୁଲ ବୈଠକରେ ଯୋଗଦେବା ପାଇଁ ଶେଖଙ୍କୁ ନିମନ୍ତ୍ରଣ କଲେ । କିନ୍ତୁ ଶେଖ ଉକ୍ତ ବୈଠକରେ ଯୋଗଦେବାକୁ ନାରାଜହେଲେ ।

ମାର୍ଚ୍ଚ ଛଅ ତାରିଖରେ ୟାହିୟା, ମାର୍ଚ୍ଚ ପଚିଶ ତାରିଖରେ ଜାତୀୟ ସଂସଦ ବସିବବୋଲି ବେତାର ଘୋଷଣାକଲେ ଏବଂ ଠିକ୍ ସେହି ସମୟରେ ସେ ଟୀକା ଖାଁଙ୍କୁ ପୂର୍ବବଙ୍ଗର ନୂତନ ଗଭର୍ଣ୍ଣରଭାବେ ନିଯୁକ୍ତ କଲେ ।

ମାର୍ଚ୍ଚ ସାତ ରବିବାରଦିନ ମୁଜିବୁର ରହମାନ ଢାକାର ରେସ୍‌କୋର୍ସ ମଇଦାନରେ ପାକ୍‌ସୈନିକଙ୍କ ଅମାନୁଷିକ ଦମନର ପ୍ରତିବାଦ କରିବାପାଇଁ ବଙ୍ଗବାସୀ ଐକ୍ୟବଦ୍ଧ ହେବାପାଇଁ ଐତିହାସିକ ଆହ୍ୱାନ ଦେଇଥିଲେ । ସେ ଚାରୋଟି ଦାବି ଉତ୍‌ଥାପନ କରିଥିଲେ । ସେଗୁଡ଼ିକ ହେଲା (୧) ସାମରିକ ଆଇନର ଅବସାନ, (୨) ସୈନିକମାନଙ୍କୁ ସେମାନଙ୍କର ନିବାସସ୍ଥଳୀକୁ ପ୍ରତ୍ୟାବର୍ତ୍ତନ, (୩) ନିର୍ବାଚିତ ପ୍ରତିନିଧିମାନଙ୍କୁ ଶାସନ ହସ୍ତାନ୍ତର ଏବଂ (୪) ଘଟିଯାଇଥିବା ନାରକୀୟ ଦମନର ଅନୁସନ୍ଧାନ ।

ସମଗ୍ର ପୂର୍ବବଙ୍ଗ ପରିଣାମତଃ ଅସହଯୋଗ ଆନ୍ଦୋଳନରେ ଆତ୍ମନିୟୋଜିତ ହେଲା ।

ମାର୍ଚ୍ଚ ୧୫ ରେ ମୁଜିବୁର ରହମାନ ବଙ୍ଗଳାଦେଶର ଶାସନଭାର ନିଜେ ନିଜ କ୍ଷମତାରେ ଗ୍ରହଣ କଲେ ଏବଂ ବଙ୍ଗବାସୀଙ୍କ ପାଇଁ ପଞ୍ଚତିରିଶଟି ନିର୍ଦ୍ଦେଶନାମା ଜାରିକଲେ ।

ସେହିଦିନ କଡ଼ା ନିରାପତ୍ତା ବ୍ୟବସ୍ଥା ମଧ୍ୟରେ ୟାହିୟା ଢାକା ଆସି ପହଞ୍ଚିଲେ । ଶେଖ ମୁଜିବୁର ତାଙ୍କୁ "ଆମର ଅତିଥି" ବୋଲି ସମ୍ବର୍ଦ୍ଧନା କରିଥିଲେ ।

ମାର୍ଚ୍ଚ ୧୬ ରେ ମୁଜିବୁର ୟାହିୟା ଖାଁଙ୍କ ସହ ଆଲୋଚନା କଲେ । ପରଦିନ ମଧ୍ୟ ଏହି ଆଲୋଚନା ଚାଲିଲା । ଇତ୍ୟବସରରେ ରାଷ୍ଟ୍ରପତି ୟାହିୟା ଭୁଟ୍ଟୋଙ୍କୁ ଢାକା ଆସିବାକୁ ନିର୍ଦ୍ଦେଶ ଦେଲେ ।

ତୀବ୍ର ପ୍ରତିବାଦ ପ୍ରଦର୍ଶନ ମଧ୍ୟରେ ଭୁଟ୍ଟୋ ମାର୍ଚ୍ଚ ୨୧ ରେ ଢାକା ପହଞ୍ଚିଲେ । ମାର୍ଚ୍ଚ ୨୨ ରେ ମୁଜିବଙ୍କୁ ଶାସନ ଭାର ହସ୍ତାନ୍ତର କରାଯାଉଥିବା କଥା ଶୁଣାଗଲା । ପଚିଶ ତାରିଖରେ ଜାତୀୟ ସଂସଦ ବସୁଥିବା ସମୟକୁ ପୁଣିଥରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଘୁଞ୍ଚାଇ ଦିଆଗଲା । ସେହିଦିନ ୟାହିୟା, ମୁଜିବ ଏବଂ ଭୁଟ୍ଟୋଙ୍କ ଢାକାଠାରେ ସାକ୍ଷାତ୍ ହେଲା ।

ମାର୍ଚ୍ଚ ୨୪ ରେ ରାଷ୍ଟ୍ରପତି ୟାହିୟା ମୁଜିବୁଙ୍କ ଦ୍ୱାରା ଉତ୍‌ଥାପିତ ଚାରୋଟି ଦାବି ଗ୍ରହଣ କରିଥିବା କଥା ପ୍ରକାଶ ପାଇଲା ।

ମାର୍ଚ୍ଚ ୨୫ ମଧ୍ୟରାତ୍ରି ଠାରୁ ସାମରିକ ଦମନତାଣ୍ଡବ ଆରମ୍ଭ ହେଲା । ଘରଦ୍ୱାର ପୋଡ଼ି ଦିଆଗଲା ଏବଂ ଅସଂଖ୍ୟ ନରନାରୀଙ୍କୁ ନିର୍ମମଭାବେ ହତ୍ୟା କରାଗଲା । ଠିକ ତା ପୂର୍ବରୁ ୟାହିୟା ବିମାନ ଯୋଗେ ପୂର୍ବବଙ୍ଗରୁ ପଶ୍ଚିମ ପାକିସ୍ଥାନକୁ ଉଡ଼ିଯାଇଥିଲେ ।

ସମଗ୍ର ପ୍ରଦେଶରେ ଦମନ, ଶୋଷଣ, ହତ୍ୟା ଏବଂ ନାରୀଧର୍ଷଣର ଝଡ଼ ଛୁଟିଲା । ଆଓ୍ୱାମୀ ଲିଗ ଦଳର ନେତାମାନଙ୍କୁ ଖୋଜାଗଲା ଏବଂ ସେମାନଙ୍କ ମଧ୍ୟରୁ ମୁଜିବୁଙ୍କସମେତ ଅନେକଙ୍କୁ ବନ୍ଦୀ କରାଗଲା । ଢାକା ବିଶ୍ୱବିଦ୍ୟାଳୟ, ବିଭିନ୍ନ ଶିକ୍ଷା—ସଂସ୍କୃତି ଅନୁଷ୍ଠାନ ଏବଂ ଅନ୍ୟାନ୍ୟ ସାଧାରଣ ଅନୁଷ୍ଠାନମାନ ପାକ୍ ସେନାନୀର ନାରକୀୟ ବିଭତ୍ସତାର କ୍ରୀଡ଼ାସ୍ଥଳୀ ହେଲା ।

୨୬ ମାର୍ଚ୍ଚରେ "ସ୍ୱାଧୀନ ବଙ୍ଗଳା ବେତାର କେନ୍ଦ୍ର" ବଙ୍ଗଳାଦେଶର ସ୍ୱାଧୀନତା ଘୋଷଣା କଲା । ତାରି ସଙ୍ଗେ ତାଳଦେଇ ୟାହିୟା ମୁଜିବୁଙ୍କୁ ଦେଶଦ୍ରୋହୀ ବୋଲି ଘୋଷଣା କଲେ ।

ପାକ୍‌ସେନାନୀକୃତ ଜଘନ୍ୟ ହତ୍ୟାକାଣ୍ଡର କାହାଣୀମାନ କେବଳ ବଙ୍ଗଳାଦେଶରେ ସୀମିତ ରହିଲା ନାହିଁ, ତାହା କ୍ରମଶଃ ସମଗ୍ର ବିଶ୍ୱର କର୍ଣ୍ଣକୁହରରେ ପ୍ରବେଶ କଲା । ପୃଥିବୀର ସର୍ବତ୍ର ପାକ୍ ସେନାନୀର ଗଣହତ୍ୟାର ନିନ୍ଦାବାଦ କରାହେଲା । ଏହି ନିର୍ମମ ଗଣହତ୍ୟାରୁ ରକ୍ଷା ପାଇବାପାଇଁ ଲକ୍ଷ ଲକ୍ଷ ପୂର୍ବବଙ୍ଗବାସୀ ଭାରତକୁ ଶରଣାର୍ଥୀଭାବେ ଆସିବାରେ ଲାଗିଲେ ଏବଂ ବର୍ତ୍ତମାନ ତାଙ୍କର ସଂଖ୍ୟା ହେଲା ୭·୫ ନିୟୁତ ।

ମୁଜିବୁଙ୍କୁ ତାଙ୍କର ଧାନ୍‌ମଣ୍ଡି ନିବାସରେ ୨୬ ମାର୍ଚ୍ଚର ଅର୍ଦ୍ଧରାତ୍ରିରେ ଗିରଫ କରାଗଲା ଏବଂ ତାଙ୍କୁ ପଶ୍ଚିମ ପାକିସ୍ଥାନକୁ ଅଣାଗଲା ।

ମୁକ୍ତି ସଂଗ୍ରାମ ଦିନକୁଦିନ ବଙ୍ଗଳାଦେଶରେ କ୍ରମବର୍ଦ୍ଧିଷ୍ଣୁ ହେଲା । ମୁକ୍ତି ଫୌଜ ଗଢ଼ାଗଲା ଏବଂ ଏଇ ମୁକ୍ତି ଫୌଜକୁ ମୁକ୍ତିବାହିନୀ ବୋଲି ଆଖ୍ୟା ଦିଆଗଲା ।

ଅନେକ ଆଓ୍ୱାମୀ ଲିଗ୍ ନେତା ନିଜ ଦେଶଛାଡ଼ି ଭାରତକୁ ଆସିଗଲେ । ସେମାନେ ଅସ୍ତ୍ରଶସ୍ତ୍ର ଏବଂ ଅନ୍ୟାନ୍ୟ ସାହାଯ୍ୟ ସଂଗ୍ରହ କାର୍ଯ୍ୟରେ ଲାଗିଲେ । ୧୯୭୧ ଏପ୍ରିଲ ୧୭ ତାରିଖରେ ମୁଜିବୁର

ନଗରଠାରେ ନୂତନ ସାର୍ବଭୌମ ସାଧାରଣତନ୍ତ୍ର ବଙ୍ଗଳାଦେଶର ଜନ୍ମ ଘୋଷଣା କରାଗଲା । ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ "ଆମାର ସୋନାର ବଙ୍ଗଳା" କୁ ଜାତୀୟ ସଙ୍ଗୀତ ଭାବେ ଗ୍ରହଣ କରାଗଲା । ଏହି ସାଧାରଣତନ୍ତ୍ରର ଏକ ନୂତନ ପତାକା ଏବଂ ସ୍ୱତନ୍ତ୍ର ବେତାର କେନ୍ଦ୍ର ରହିଲା । ଏତଦ୍‌ବ୍ୟତୀତ ବଙ୍ଗଳାଦେଶ ସରକାର ନିଜର ଡାକ ମୁଦ୍ରା ପ୍ରଚଳନ କଲେ ।

ଶେଖ ମୁଜିବୁର ରହମାନଙ୍କୁ ଏହି ସାଧାରଣତନ୍ତ୍ରର ରାଷ୍ଟ୍ରପତି ଭାବେ ଘୋଷଣା କରାଗଲା । ସୟଦ୍ ନଜରୁଲ ଇସଲାମ ଅସ୍ଥାୟୀ ରାଷ୍ଟ୍ରପତିଭାବେ ଘୋଷିତ ହେଲେ । ଶ୍ରୀ ତାଜୁଦ୍ଦିନ ଅହମଦ ଏହାର ପ୍ରଧାନମନ୍ତ୍ରୀ ହେଲେ ।

ଅସ୍ଥାୟୀ ରାଷ୍ଟ୍ରପତି ବଙ୍ଗଳାଦେଶରେ ଅଚିରେ ମାନବିକତା ଓ ଗଣତନ୍ତ୍ରର ଶାସନ ପ୍ରବର୍ତ୍ତନର ଲକ୍ଷ୍ୟ ଘୋଷଣା କଲେ ।

ମୁକ୍ତିବାହିନୀ ବଙ୍ଗଳାଦେଶର ପ୍ରାୟ ଏକ-ତୃତୀୟାଂଶ ପାକ୍ ଦଖଲକାରୀ ସେନାମାନଙ୍କ କର୍ତ୍ତୃତ୍ୱରୁ ମୁକ୍ତ କଲେ । ବଙ୍ଗଳାଦେଶ ପାକିସ୍ଥାନକୁ ଚିରଦିନପାଇଁ ଖସିଯିବା ଆସନ୍ନ ମନେକରି ଏବଂ ସେଉଳି ପରିସ୍ଥିତିରୁ ପାକିସ୍ଥାନକୁ ବଞ୍ଚାଇବା ଲକ୍ଷ୍ୟରେ ଅନ୍ୟାୟ ଭାବରେ ପାକିସ୍ଥାନ ଡିସେମ୍ବର ତିନି, ୧୯୭୧ ସାଲରେ ଭାରତ ଉପରେ ନଗ୍ନ ଆକ୍ରମଣ କଲା ।

ଏଇ ନଗ୍ନ ଆକ୍ରମଣକୁ ମୁକାବିଲା କରିବାପାଇଁ ଭାରତୀୟ ଯବାନମାନେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର ବଳିଷ୍ଠ ଇଙ୍ଗିତରେ ପଶ୍ଚିମ ପାକିସ୍ଥାନ ଏବଂ ବଙ୍ଗଳାଦେଶକୁ ମାଡ଼ିଗଲେ । ଇତ୍ୟବସରରେ ଡିସେମ୍ବର ଛଅ ତାରିଖ ଦିନ ଭାରତ ବଙ୍ଗଳାଦେଶକୁ ଏକ ସ୍ୱାଧୀନ ସାର୍ବଭୌମ ପ୍ରଜାତନ୍ତ୍ରୀ ଗଣତାନ୍ତ୍ରିକ ଦେଶରୂପେ ସ୍ୱୀକାର କଲା । ପରବର୍ତ୍ତୀ ଦିନ ଡିସେମ୍ବର ସାତରେ ଭୁଟାନ ଭାରତର ପଥ ଅନୁସରଣକରି ସ୍ୱାଧୀନ ବଙ୍ଗଳାଦେଶକୁ ସ୍ୱୀକୃତି ଦାନକଲା ।

ଡିସେମ୍ବର ୧୬ ରେ ଭାରତୀୟ ଜଳ, ସ୍ଥଳ, ବିମାନବାହିନୀ ତଥା ମୁକ୍ତିବାହିନୀର ସମବେତ ଚେଷ୍ଟାରେ ବଙ୍ଗଳାଦେଶ ଦଖଲକାରୀ ପାକ୍‌ସେନାମାନଙ୍କ କବଳରୁ ସମ୍ପୂର୍ଣ୍ଣ ମୁକ୍ତ ହେଲା । ରାଜଧାନୀ ଢାକା ସହରକୁ ଏକ "ମୁକ୍ତ ଦେଶର ମୁକ୍ତ ସହର" ବୋଲି ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଡିସେମ୍ବର ଷୋହଳ ଅପରାହ୍ଣରେ ଘୋଷଣା କଲେ ।

ବଙ୍ଗଳାଦେଶ ଆଜି ସ୍ୱାଧୀନ । ଏହି ସ୍ୱାଧୀନତା ହାସଲ ପାଇଁ ଲକ୍ଷ ଲକ୍ଷ ମୁକ୍ତିକାମୀ ନରନାରୀ ଦେଇଥିବା ପ୍ରାଣବଳିର ସମଗ୍ର ବିଶ୍ୱ ଇତିହାସରେ ପଟାନ୍ତର ନାହିଁ । ରକ୍ତସ୍ନାତ ବଙ୍ଗଳାଦେଶ ମାନବୀୟ ମୁକ୍ତି ଓ ଗଣତନ୍ତ୍ରର ଉଜ୍ଜ୍ୱଳ ସ୍ମାରକୀ । ପୃଥିବୀର ସମସ୍ତ ସଂଘଟିତ ବିପ୍ଳବ ମଧ୍ୟରେ ଏହାର ସ୍ଥାନ ଯଥେଷ୍ଟ ଉଚ୍ଚରେ । ବଙ୍ଗଳା-ଦେଶର ମୁକ୍ତି ହାସଲପାଇଁ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ମୁଖ୍ୟତଃ ଦାୟୀ କହିଲେ ସତ୍ୟର ଅପଳାପ ହେବନାହିଁ ; ଅତଏବ ସେ ଆମର ଚିର ଅଭିନନ୍ଦନୀୟା । ସେଉଳି ବଙ୍ଗଳାଦେଶର ଜନକ ମୁଜିବୁର ରହେମାନ ମଧ୍ୟ ଆମର ଚିର ସମ୍ମାନନୀୟ । କାରଣ, ତାଙ୍କର ସ୍ୱପ୍ନର ବାସ୍ତବ ରୂପରେଖ ହେଲା ସଦ୍ୟଜାତ ବଙ୍ଗଳାଦେଶ । ଯେଉଁ ଭାରତୀୟ ସୈନ୍ୟ ଏବଂ ମୁକ୍ତିବାହିନୀର ମୁକ୍ତି ଯୋଦ୍ଧାମାନେ ବଙ୍ଗଳାଦେଶର ମୁକ୍ତି ଯଜ୍ଞରେ ଆତ୍ମାହୁତି ଦେଇଛନ୍ତି, ସେମାନେ ଆମର କାହିଁକି ସମଗ୍ର ବିଶ୍ୱଜନତାର ପରମ ପୂଜ୍ୟ । ସୋନାର ବଙ୍ଗଳାଦେଶ ଆମର ଚିର ଅଭିନନ୍ଦନୀୟ । "ଜୟ ବଙ୍ଗଳା" ଏବଂ "ଜୟହିନ୍ଦ୍" ।

(ଶ୍ରୀ ବେହେରା ଭଞ୍ଜନଗର କଲେଜରେ ଇତିହାସ ବିଭାଗର ଅଧ୍ୟାପକଭାବେ କାମ କରୁଛନ୍ତି) ।



ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ୧୯୭୧ ଡିସେମ୍ବର ୨୪ ତାରିଖରେ ଅମ୍ବାଲାଠାରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଉଛନ୍ତି



ଭାରତୀୟ ନୌବାହିନୀ ଦ୍ୱାରା ଧରାହୋଇଥିବା ପାକିସ୍ତାନୀ ଜାହାଜଗୁଡ଼ିକୁ କଲିକତା ବନ୍ଦରରେ ଅଟକ ରଖାଯାଇଛି ।

## ଶତେ ଯୁଦ୍ଧ ସମ୍ବାଦ

କରାଚିବନ୍ଦରଠାରୁ କିୟତ ଦୂରରେ ହୋଇଥିବା ନୌ ଯୁଦ୍ଧରେ ଦୁଇଟି ପାକିସ୍ତାନୀ ଡେଷ୍ଟ୍ରୟରକୁ ସଳିଳ ସମାଧି ଦିଆଯାଇଛି ।



ଉପର :—ପଚିଶ-ଶହ-ଟନ ଓଜନ ବିଶିଷ୍ଟ ଖାଇବର୍ ନାମକ ଏହି ଯୁଦ୍ଧ ଜାହାଜରେ ତିନିଶହରୁ ଉର୍ଦ୍ଧ୍ୱ ସୈନ୍ୟସାମନ୍ତ ଥିଲେ ।

ତଳ—ସତର-ଶହ ଟନ ଓଜନ ବିଶିଷ୍ଟ ଶାହାଜାହାନ ନାମକ ଏହି ଜାହାଜରେ ଦୁଇଶହ ସୈନ୍ୟ ସାମନ୍ତ ଥିଲେ ।



ଚିଟାଗଙ୍ଗ ହିଁ ଲକ୍ଷ୍ୟସ୍ଥାନ । ଆମର ବିକ୍ରାନ୍ତ ନାମକ ଯୁଦ୍ଧ ଜାହାଜରୁ ବିମାନଗୁଡ଼ିକ ଯାଇ ବଙ୍ଗଳା ଦେଶରେ ଥିବା ଶତ୍ରୁର ବନ୍ଦରଗୁଡ଼ିକ ଉପରେ ଦିନରାତି ବୋମା ବୃଷ୍ଟି କରିଥିଲେ ।

## ଚଟେଇ ଯୁଦ୍ଧ ସମ୍ବାଦ

ଆମର ଯବାନମାନେ ଟ୍ୟାଙ୍କରେ ଶତ୍ରୁ ସୈନ୍ୟ ମଧ୍ୟକୁ ମାଡ଼ି ଯାଉଛନ୍ତି ।





ବିମାନ ଆକ୍ରମଣ ପ୍ରତିରକ୍ଷା ରେଜିମେଣ୍ଟର ବିମାନ ବିଧ୍ୱଂସକାରୀ ସୈନିକମାନେ ଅମୃତସରଠାରେ ପାକିସ୍ଥାନୀ ବିମାନଗୁଡ଼ିକୁ ଖସାଇ ପକାଇବାରେ ଖୁବ୍ ଚମତ୍କାର କାର୍ଯ୍ୟ କରିଥିବାରୁ ସେମାନଙ୍କର ଅଧ୍ୟକ୍ଷ ସେମାନଙ୍କୁ ଅଭିନନ୍ଦନ କରିଥିଲେ ।

## ଶତ୍ରେ ଯୁଦ୍ଧ ସମ୍ବାଦ

ରାଜସ୍ଥାନ ରଣ କ୍ଷେତ୍ରରେ ଯବାନମାନେ ଏକ ଓଜନଦାର ମୋର୍ଟାର ସ୍ଥାପନ କରୁଛନ୍ତି । ଏହା ସଂଗେ ସଂଗେ ପୋଟିଏ ଗାଡ଼ିରୁ ଅସ୍ତ୍ର ଶସ୍ତ୍ର ଉତାରୁଛନ୍ତି ।





ଖେମକରଣ ରଣ କ୍ଷେତ୍ରରେ ପାକିସ୍ତାନର ସେଚର ନାମତ
ଏକ ଗ୍ରାମର ସୀମାନ୍ତରେ ଭାରତୀୟ କମାଣ୍ଡର ଗୁଳି
ନିକ୍ଷେପ କରଯାଉଛି ।

## ଶତ୍ରେ ଯୁଦ୍ଧ ସମ୍ବାଦ



ରକ୍ଷ ଆମେରିକାର ଦିଇଥିବା କେତେକ ପାକିସ୍ତାନୀ ରେଡ଼ିଓ
ନ୍ସମିଟର ଓ ଅନ୍ୟାନ୍ୟ ଯନ୍ତ୍ରପାତି ପଞ୍ଜାବର ଗୋଟିଏ
ଖୁଆ ଘାଟିର ଏକ ସ୍ଥାନରେ ଖଞ୍ଜା ହୋଇଥିଲା । ଆମ
ସୈନ୍ୟମାନେ ସେ ସବୁ କବଜ କରିଥିଲେ । ଆମର ବେତାର
ର୍ଯ୍ୟକ୍ରମରେ ବିଶୃଙ୍ଖଳା ଘଟାଇ ଶତ୍ରୁ ପକ୍ଷର ଆକ୍ରମଣକୁ
ଦମ କରିବା ପାଇଁ ଏସବୁ ଯନ୍ତ୍ରପାତି ବ୍ୟବହାର
କରଯାଉଥିଲା ।



ଆମର ଯବାନମାନେ ବରଫାବୃତ ପର୍ବତମାଳା ଅତିକ୍ରମ କରୁଛନ୍ତି ।

## ଚଳିତ ଯୁଦ୍ଧ ସମ୍ବାଦ

ଏକ ବରଫାଚ୍ଛାଦିତ ଅଞ୍ଚଳରେ ଆମ ଯବାନ





ଏକ ଜନମାନବହୀନ ଅଞ୍ଚଳରେ ଆମ ବୀର ଯବାନମାନେ
ଶିବିର ସ୍ଥାପନ କରୁଛନ୍ତି ।

## ଚିତ୍ରେ ଯୁଦ୍ଧ ସମ୍ବାଦ

ଯବାନମାନେ ଏକ ତୁଷାରବୃତ ଅଞ୍ଚଳ ଅତିକ୍ରମ କରୁଛନ୍ତି





ବିମାନ ବାହିନୀର ମୁଖ୍ୟ ପି. ସି. ଲାଲ ଆହତ ହୋଇଥିବା ସ୍କ୍ୱାଡ୍ରନ ଲିଡର ଡି. କେଲରଙ୍କ ସହିତ କଥାବାର୍ତ୍ତା କରୁଛନ୍ତି ।

## ଶତ୍ରୁ ଯୁଦ୍ଧ ସମ୍ବାଦ



ପାକିସ୍ତାନୀ ସୈନ୍ୟମାନେ ବଙ୍ଗଳା ଦେଶ ଅଧିକାର କରି ରହିଥିବା ବେଳେ ନିରୀହ ଲୋକଙ୍କ ଉ
ଅକଥନୀୟ ଅତ୍ୟାଚାର କରିଥିଲେ । ଫରିଦପୁର ବଙ୍ଗୀୟ ନାରୀମାନେ ସେମାନଙ୍କ ଉ
ହୋଇଥିବା ଅତ୍ୟାଚାର ଓ ନିର୍ଯାତନାର କାହାଣୀ କାନ୍ଦି କାନ୍ଦି ବର୍ଣ୍ଣନା କରୁଛନ୍ତି ।



ସ୍ୱର୍ଗତ ବୈମାନିକ ପ୍ରକାଶ କୁମାର ସାହୁ—ଜାତୀୟ ପ୍ରତିରକ୍ଷା ଏକାଡେମୀରୁ ଶିକ୍ଷା ସମାପ୍ତ ପରର ଫଟୋ



ଶ୍ରୀ ପ୍ରକାଶ କୁମାର ସାହୁ ବିମାନ ଚଳାଇବା ପୂର୍ବରୁ ପ୍ରସ୍ତୁତ ହେଉଛନ୍ତି ।

## ମାତୃଭୂମିର ସେବାରେ



ଶ୍ରୀ ସାହୁ ଯୁଗୋସ୍ଲାଭିଆର ବିମାନ ବାହିନୀ ପ୍ରତିଷ୍ଠାନରେ ତାଲିମ ଶେଷରେ ସର୍ବୋତ୍କୃଷ୍ଟ ବିମାନ ଚାଳକରୂପେ 'ଟ୍ରଫି' ଲାଭ କରୁଛନ୍ତି ।



ନିଜର ହଣ୍ଟର ଫାଇଟର ନିକଟରେ ଶ୍ରୀ ସାହୁ



ମେଜର ପ୍ରଭାସ ଚନ୍ଦ୍ର ମହାପାତ୍ର ଯୋଧପୁରଠାରେ ହେଲିକପ୍ଟର ଚାଳନା ଶିକ୍ଷା କରିଥିଲେ । ଚିତ୍ରରେ ଶ୍ରୀ ମହାପାତ୍ର ତାଙ୍କ ହେଲିକପଟର ନିକଟରେ ଛିଡ଼ା ହୋଇଛନ୍ତି

## ମାତୃଭୂମିର ସେବାରେ

ନିଜର ଉଡ଼ୁଆ ବିମାନ ନିକଟରେ ମେଜର ମହାପାତ୍ର





ଲେଫଟନାଣ୍ଟ ଜେନେରାଲ ଜଗଜିତ ସିଂହ ଅରୋରା



ପୂର୍ବାଞ୍ଚଳ ନୌବାହିନୀ ଦାୟିତ୍ୱରେ ଥିବା ରିଅର ଆଡ଼ମିରାଲ
ଶ୍ରୀ ହରିଲାଲ ଶର୍ମା



। କ୍ୟାପ୍ଟେନ୍ ଶ୍ରୀ ପ୍ରମୋଦଚନ୍ଦ୍ର ସ୍ୱାଇଁ ।

କ୍ୟାପ୍ଟେନ୍ ସ୍ୱାଇଁ କଟକ ଜିଲ୍ଲା ଖଇରାଡ଼ ଗ୍ରାମର ଶ୍ରୀ ଦମନ ଲୋଚନ ସ୍ୱାଇଁଙ୍କର ଏକ ମାତ୍ର ସନ୍ତାନ । କ୍ୟାପ୍ଟେନ୍ ସ୍ୱାଇଁ ବର୍ତ୍ତମାନ ପଶ୍ଚିମାଞ୍ଚଳ ରଣାଙ୍ଗନରେ ନିଯୁକ୍ତ ହୋଇଛନ୍ତି ।

# ଦେଶରକ୍ଷା କାର୍ଯ୍ୟରେ ନିଯୁକ୍ତ ଓଡ଼ିଆ



କ୍ୟାପ୍ଟେନ୍ ଶ୍ରୀ ରବୀନ୍ଦ୍ର କୁମାର ମହାନ୍ତି ।

କ୍ୟାପ୍ଟେନ୍ ମହାନ୍ତି କଟକ ଜିଲ୍ଲାର କୁଆମରେଇ ଗ୍ରାମର ଶ୍ରୀ ଭିକାରୀ ଚରଣ ମହାନ୍ତିଙ୍କ ଜ୍ୟେଷ୍ଠ ପୁତ୍ର । ଭାରତୀୟ ସୈନ୍ୟ ବାହିନୀରେ ସେ ହେଉଛନ୍ତି ପ୍ରଥମ ଓଡ଼ିଆ ଅଟୋମୋବାଇଲ ଇଞ୍ଜିନିୟର । କ୍ୟାପ୍ଟେନ୍ ମହାନ୍ତି ବର୍ତ୍ତମାନ ପୂର୍ବାଞ୍ଚଳ ରଣାଙ୍ଗନର ଇ. ଏମ୍. ଇ. ୟୁନିଟ୍ ଦାୟିତ୍ୱରେ ଅଛନ୍ତି ।



କ୍ୟାପ୍‌ଟେନ୍ ମହାପାତ୍ର ବାଲେଶ୍ୱର ସହର ନିକଟବର୍ତ୍ତୀ ମଣ୍ଡ-କାଣପୁର ଗ୍ରାମର ଶ୍ରୀ ଭୈରବ ଚନ୍ଦ୍ର ମହାପାତ୍ରଙ୍କର ଦ୍ୱିତୀୟ ସନ୍ତାନ । କ୍ୟାପ୍‌ଟେନ୍ ମହାପାତ୍ର ବର୍ତ୍ତମାନ ପୂର୍ବାଞ୍ଚଳରେ ନିଯୁକ୍ତ ହୋଇଛନ୍ତି ।

କ୍ୟାପଟେନ ଶ୍ରୀ ଶରତ କୁମାର ମହାପାତ୍ର ।

କ୍ୟାପ୍‌ଟେନ୍ ଶ୍ରୀ ଦୀଲିପ୍ କୁମାର ରା



କ୍ୟାପଟେନ ରାୟ କଟକ ଜିଲ୍ଲା ପଇଲୋ ଗ୍ରାମର ଅବସରପ୍ରାପ୍ତ ଡେପୁଟି ପୋଲିସ ସୁପରିନଟେଣ୍ଡେଣ୍ଟ ଶ୍ରୀ ସୁରେଶ ଚନ୍ଦ୍ର ରାୟଙ୍କ ପୁତ୍ର । ବର୍ତ୍ତମାନ ସେ ପଶ୍ଚିମାଞ୍ଚଳରେ ଅବସ୍ଥାପିତ ହୋଇଛନ୍ତି ।

ମେଜର ଶତପଥୀ, କଟକ ଜିଲ୍ଲା ସଦର ସବଡ଼ିଭିଜନ ଅନ୍ତର୍ଗତ ସତ୍ୟଭାମାପୁର ଗ୍ରାମର ଶ୍ରୀ ସୁରେଶଚନ୍ଦ୍ର ଶତପଥୀଙ୍କର ଦ୍ୱିତୀୟ ସନ୍ତାନ । ସେ ବର୍ତ୍ତମାନ ଶିଲଂ ଠାରେ ଅବସ୍ଥାପିତ ହୋଇଛନ୍ତି ।



ମେଜର ଶ୍ରୀ ବିଧୁଭୂଷଣ ଶତପଥୀ ।



ମିସ୍ ଶତପଥୀ କଟକ ଜିଲ୍ଲା ସଦର ସବଡ଼ିଭିଜନ ଅନ୍ତର୍ଗତ ସତ୍ୟ-ଭାମାପୁର ଗ୍ରାମ ନିବାସୀ ଶ୍ରୀ ସୁରେଶ ଚନ୍ଦ୍ର ଶତପଥୀଙ୍କର କନ୍ୟା । ସେ ବର୍ତ୍ତମାନ ବରୋଦା ମିଲିଟାରୀ ହାସ୍‌ପାତାଲରେ ଅବସ୍ଥାପିତ ହୋଇଛନ୍ତି ।

କ୍ୟାପଟେନ ଡକ୍ଟର ମିସ ମିନତି ଶତପଥୀ,
ଏମ୍. ବି., ବି. ଏସ୍., ଏ. ଏମ୍. ସି.

ସେକେଣ୍ଡ ଲେଫଟ୍‌ନାଣ୍ଟ ଶରଦା ପ୍ରସାଦ ପଟ୍ଟନାୟକ ।

ଶ୍ରୀ ପଟ୍ଟନାୟକ ଗଞ୍ଜାମ ଜିଲ୍ଲା ଖଲିକୋଟ ଟାଉନର ଅବସର-ପ୍ରାପ୍ତ ଅବକାରୀ ଇନ୍‌ସ୍‌ପେକ୍ଟର ଶ୍ରୀ ଗୌର ଚନ୍ଦ୍ର ପଟ୍ଟନାୟକଙ୍କର ଚତୁର୍ଥ ସନ୍ତାନ । ବର୍ତ୍ତମାନ ସେ ପଶ୍ଚିମାଞ୍ଚଳ ରଣାଙ୍ଗନରେ ଅବସ୍ଥାପିତ ହୋଇଛନ୍ତି ।



ମେଜର ଆଗ୍ରୱାଁ ୧୯୬୧ ମସିହାରେ ଶିକ୍ଷା ବିଭାଗର ଇଂରାଜୀ ଅଧ୍ୟାପକ ରୂପେ ଯୋଗ ଦେଇଥିଲେ । ୧୯୬୨ ମସିହାରେ ସେ ସେକେଣ୍ଡ ଲେଫଟନାଣ୍ଟରୂପେ ଯୋଗ ଦେବା ପୂର୍ବରୁ ଶିକ୍ଷା ବିଭାଗର ସହକାରୀ ନିର୍ଦ୍ଦେଶକ ରୂପେ କାର୍ଯ୍ୟ କରୁଥିଲେ । ତାଙ୍କର ବାପା ଶ୍ରୀ ବି. ରଙ୍ଗନାଥନ୍ ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଅଧୀନରେ ଇଂରାଜୀ ବିଶେଷଜ୍ଞରୂପେ କାର୍ଯ୍ୟ କରୁଛନ୍ତି ।



ମେଜର ଶ୍ରୀ କେ. ଏମ୍. ଆଗ୍ରୱାଁ ।



ଶ୍ରୀ ହରିହର ପୃଷ୍ଟି ।

ଶ୍ରୀ ପୃଷ୍ଟି ପୁରୀ ଜିଲ୍ଲା ମାଣିକ ଗୋଡ଼ୀ ଗ୍ରାମର ଅବସରପ୍ରାପ୍ତ ଏ. ଏସ୍. ଆଇ. ଶ୍ରୀ ଜନାର୍ଦ୍ଦନ ପୃଷ୍ଟିଙ୍କର ପୁତ୍ର । ବର୍ତ୍ତମାନ ସେ ପଶ୍ଚିମ ରଣାଙ୍ଗନରେ ନାଏବ ସୁବାଦାର ରୂପେ ନିଯୁକ୍ତ ହୋଇଛନ୍ତି ।

ସେକେଣ୍ଡ ଲେଫଟନାଣ୍ଟ ଶ୍ରୀ ବିଜୟକୁମାର ମହାନ୍ତି ।



ଶ୍ରୀ ମହାନ୍ତି ଗଞ୍ଜାମ ଜିଲ୍ଲା କବେଇକୋଳି ଗ୍ରାମର ଶ୍ରୀ ସନ୍ନ୍ୟାସୀ ମହାନ୍ତିଙ୍କର ଜ୍ୟେଷ୍ଠ ସନ୍ତାନ । ବର୍ତ୍ତମାନ ସେ ପୁନା ମିଲିଟାରୀ ତାଲିମ କେନ୍ଦ୍ରରେ ତାଲିମ୍ ପାଉଛନ୍ତି ।

ମେଜର ମହାପାତ୍ର ପୁରୀ ଜିଲ୍ଲା ଟାଙ୍ଗୀ ଥାନା ଅନ୍ତର୍ଗତ କାଶୀପୁର ଗ୍ରାମର ଶ୍ରୀ ଜାନକୀ ବଲ୍ଲଭ ମହାପାତ୍ରଙ୍କର ପୁତ୍ର । ସେ ବର୍ତ୍ତମାନ ପୂର୍ବାଞ୍ଚଳରେ ଅବସ୍ଥାପିତ ହୋଇଛନ୍ତି ।



ମେଜର ଶ୍ରୀ ପ୍ରଭାସ ଚନ୍ଦ୍ର ମହାପାତ୍ର ।



ପୁରୀ ଜିଲ୍ଲା ଚନ୍ଦକା ଥାନା ଅନ୍ତର୍ଗତ ଛତାବର ଗ୍ରାମରେ ଶ୍ରୀ ମିଶ୍ରଙ୍କ ଜନ୍ମ । ବର୍ତ୍ତମାନଃ ସ ଚଣ୍ଡୀଗଡ଼ କମାଣ୍ଡୋ ହାସପାତାଳରେ ଲାନ୍ସ ନାଏକ ରୂପେ ନିଯୁକ୍ତ ହୋଇଛନ୍ତି ।

ଶ୍ରୀ ଶ୍ରୀବତ୍ସ ମିଶ୍ର ।



ଶ୍ରୀ ସାହୁ ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ଇନ୍ଦିପୁର ଗ୍ରାମର ଶ୍ରୀ ଜଳଧର ସାହୁଙ୍କର କନିଷ୍ଠ ପୁତ୍ର । ବର୍ତ୍ତମାନ ସେ ପଶ୍ଚିମ ରଣାଙ୍ଗନରେ ଆର୍ମି ସିଗ୍ନାଲର ରୂପେ ନିଯୁକ୍ତ ହୋଇଛନ୍ତି ।

ଶ୍ରୀ ଭଗବାନ ସାହୁ ।



ଶ୍ରୀ ବଳରାମ ବାରିକ।

ଶ୍ରୀ ବାରିକ କଳାହାଣ୍ଡି ଜିଲ୍ଲା ଜିଜିଆ ଗ୍ରାମର ଶ୍ରୀ ଯୋଗେନ୍ଦ୍ର ବାରିକଙ୍କର ସନ୍ତାନ। ସେ ବର୍ତ୍ତମାନ ପଶ୍ଚିମାଞ୍ଚଳର ଏକ ଜବାନ୍ ରୂପେ କାର୍ଯ୍ୟ କରୁଛନ୍ତି।



କ୍ୟାପେଟେନ୍
କପିଳେଶ୍ୱର ପ୍ରସାଦ ଧଳ ସାମନ୍ତ।

କ୍ୟାପେଟେନ୍ ଧଳ ସାମନ୍ତ ସମ୍ବଲପୁର ଜିଲ୍ଲା ଜଜ୍ ଶ୍ରୀ ରଘୁନାଥ ଧଳ ସାମନ୍ତଙ୍କର ଏକମାତ୍ର ସନ୍ତାନ। କଟକ ଜିଲ୍ଲା ବାଙ୍କି ଥାନା ଅନ୍ତର୍ଗତ ଡମପଡ଼ାରେ ତାଙ୍କର ଜନ୍ମ। ବର୍ତ୍ତମାନ ସେ ପୂର୍ବାଞ୍ଚଳ ରଣାଙ୍ଗନରେ ନିଯୁକ୍ତ ହୋଇଛନ୍ତି।



ମେଜର ସୁଧାଂଶୁ ଶେଖର ନାୟକ।

ମେଜର ନାୟକ ପୁରୀଜିଲ୍ଲାର ପଣ୍ଡା ଗ୍ରାମର ଶ୍ରୀ ରାମଚନ୍ଦ୍ର ନାୟକଙ୍କର ସନ୍ତାନ। ବର୍ତ୍ତମାନ ସେ ବଙ୍ଗଳା ଦେଶରେ ଅବସ୍ଥାପିତ ହୋଇଛନ୍ତି।



ସେକେଣ୍ଡ ଲେଫ୍‌ଟନାଣ୍ଟ ପାର୍ଥ ମହାପାତ୍ର।

ମୟୂରଭଞ୍ଜ ଜିଲ୍ଲା ବାରିପଦା ସହରରେ ଶ୍ରୀ ମହାପାତ୍ରଙ୍କ ଜନ୍ମ। ସେ ବର୍ତ୍ତମାନ କାଶ୍ମୀର ଅଞ୍ଚଳରେ ସାମରିକ ବିଭାଗରେ ସିଗ୍‌ନାଲର ରୂପେ କାର୍ଯ୍ୟ କରୁଛନ୍ତି।

ଶ୍ରୀ ସିଂହଦେଓ ଢେଙ୍କାନାଳ ସହରର ଶ୍ରୀ ଗୌରେନ୍ଦ୍ର ପ୍ରତାପ ସିଂହଦେଓଙ୍କ କନିଷ୍ଠ ପୁତ୍ର । ସେ ବର୍ତ୍ତମାନ ପଶ୍ଚିମ ରଣାଙ୍ଗନରେ ଫ୍ଲାଇଙ୍ଗ୍ ଅଫିସର ରୂପେ ନିଯୁକ୍ତ ହୋଇଛନ୍ତି ।



ଶ୍ରୀ ବିରଜା ଶଙ୍କର ସିଂହଦେଓ ।



କର୍ପୋରାଲ ଜେ. କେ. କର୍

ମୟୂରଭଞ୍ଜ ଜିଲ୍ଲା କୁଲିଆନା ଗ୍ରାମର ଶ୍ରୀ କୃପାସିନ୍ଧୁ ଗିରିଙ୍କ ଜ୍ୟେଷ୍ଠ ପୁତ୍ର । ସେ ବର୍ତ୍ତମାନ ନୂଆଦିଲ୍ଲୀସ୍ଥ ବିମାନବାହିନୀ ଷ୍ଟେସନରେ ଇନ୍‌ଷ୍ଟ୍ରକ୍ଟର ରୂପେ ନିଯୁକ୍ତ ହୋଇଛନ୍ତି ।

ଶ୍ରୀ କର ସୁନ୍ଦରଗଡ଼ ଜିଲ୍ଲା ଆଇବାହାଲ ଗ୍ରାମର ଶ୍ରୀ ନଟବର କଙ୍କର କନିଷ୍ଠ ପୁତ୍ର । ସେ ନୂଆଦିଲ୍ଲୀଠାରେ କର୍ପୋରାଲ୍ ରୂପେ ନିଯୁକ୍ତ ହୋଇଛନ୍ତି ।



କର୍ପୋରାଲ ରାମଚନ୍ଦ୍ର ଗିରି ।

ଶ୍ରୀ ପଟ୍ଟନାୟକ ଗଞ୍ଜାମ ଜିଲ୍ଲା ଖଲିକୋଟ ଗ୍ରାମର ଶ୍ରୀ ଗୌର ଚନ୍ଦ୍ର ପଟ୍ଟନାୟକଙ୍କ ଜ୍ୟେଷ୍ଠ ପୁତ୍ର । ସେ ବର୍ତ୍ତମାନ ପଶ୍ଚିମାଞ୍ଚଳ ରଣାଙ୍ଗନରେ ନିଯୁକ୍ତ ହୋଇଛନ୍ତି ।



ଲେଫ୍ଟନାଣ୍ଟ ବିରଜା ପ୍ରସାଦ ପଟ୍ଟନାୟକ ।



ପୁରୀଜିଲ୍ଲା ବେଗୁନିଆ ଥାନା ଅନ୍ତର୍ଗତ ଛନିଆ ଗ୍ରାମର ଶ୍ରୀ ତ୍ରିନାଥ ପାଇକରାୟଙ୍କ ପୁତ୍ର । ସେ ବର୍ତ୍ତମାନ ତାମ୍ବରାମସ୍ଥ ବିମାନବାହିନୀ ତାଲିମ କେନ୍ଦ୍ରରେ ତାଲିମ ନେଉଛନ୍ତି ।

ଶ୍ରୀ ବଂଶୀଧର ବିଶ୍ୱାଳ ।

ଢେଙ୍କାନାଳ ଜିଲ୍ଲା ପାଟରପଡ଼ା ଗ୍ରାମରେ ଶ୍ରୀ ବିଶ୍ୱାଳଙ୍କ ଜନ୍ମ । ସେ ବର୍ତ୍ତମାନ ଭାରତୀୟ ବିମାନବାହିନୀରେ ଇନ୍‌ଷ୍ଟ୍ରକ୍ଟର ରୂପେ ନିଯୁକ୍ତି ପାଇଛନ୍ତି ।



ଶ୍ରୀ ପ୍ରମୋଦ କୁମାର ପାଇକରାୟ ।



ଲେଫ୍ଟନାଣ୍ଟ ରାଜକିଶୋର ପଣ୍ଡା

ଆକାଶଛତା ବାହିନୀରେ ଲେଫଟନାଣ୍ଟ ରୂପେ ଶ୍ରୀ ପଣ୍ଡା ନିଯୁକ୍ତ ହୋଇଛନ୍ତି ।



ଲେଫ୍ଟନାଣ୍ଟ ଶୈଳେନ୍ଦ୍ର ନାରାୟଣ ମହାନ୍ତି, ଆଇ. ଏନ୍ ;
ନାଭାଲ ଏକାଡେମୀ, କୋଚିନ ।

ଶ୍ରୀ ମହାନ୍ତି କଟକ ଜିଲ୍ଲା ପାଟକୁରା ଥାନା ଅନ୍ତର୍ଗତ ନଗେଶ-ପୁର ଗ୍ରାମର ଶ୍ରୀ ଉମାଚରଣ ମହାନ୍ତିଙ୍କର ପୁତ୍ର ।



ଲେଫ୍ଟନାଣ୍ଟ ହିମାଂଶୁ କୁମାର ସାହୁ, ଆଇ. ଏନ୍ ;
ଲେଫ୍ଟନାଣ୍ଟ ସାହୁଙ୍କର ପିତା ଶ୍ରୀ ହରେକୃଷ୍ଣ ସାହୁ ବର୍ତ୍ତମାନ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗରେ କାମ କରୁଛନ୍ତି ।



ଶ୍ରୀ ବିପ୍ର ଚରଣ ମହାପାତ୍ର

ଶ୍ରୀ ମହାପାତ୍ର ପୁରୀଜିଲ୍ଲା ଡାଙ୍ଗୁରା ଗ୍ରାମର ସ୍ୱର୍ଗତ ବେଣୁ ମହାପାତ୍ରଙ୍କର ପୁତ୍ର । ସେ ବର୍ତ୍ତମାନ ଭାରତୀୟ ନୌବାହିନୀରେ ମାଷ୍ଟର ଚିଫ ରୂପେ କାର୍ଯ୍ୟ କରୁଛନ୍ତି ।



ଶ୍ରୀ ପ୍ରଭାସ ଚନ୍ଦ୍ର ସୁବୁଦ୍ଧି ।

ଶ୍ରୀ ସୁବୁଦ୍ଧି ପୁରୀଜିଲ୍ଲା ଭୁବନେଶ୍ୱର ଥାନା ଅନ୍ତର୍ଗତ ସିଙ୍ଗୁଆ ଗ୍ରାମର ଶ୍ରୀ ଦୁର୍ଯ୍ୟୋଧନ ସୁବୁଦ୍ଧିଙ୍କର ଜ୍ୟେଷ୍ଠ ପୁତ୍ର । ସେ ବର୍ତ୍ତମାନ ବମ୍ବେଠାରେ ମେକାନିକାଲ୍ ଆସିଷ୍ଟାଣ୍ଟ ରୂପେ କାର୍ଯ୍ୟ କରୁଛନ୍ତି ।



ଶ୍ରୀ ସନାତନ ସାହୁ ।

ଶ୍ରୀ ସାହୁ କଟକ ଜିଲ୍ଲା ପାରକୁଦ ଗ୍ରାମର ଶ୍ରୀ ଦୋଳଗୋବିନ୍ଦ ସାହୁଙ୍କର ପୁତ୍ର । ସେ ବମ୍ବେଠାରେ ସେକେଣ୍ଡ ସିଗ୍ନାଲମ୍ୟାନ ରୂପେ କାର୍ଯ୍ୟ କରୁଛନ୍ତି ।



ଲେଫ୍‌ଟନାଣ୍ଟ ବିକ୍ରମ ଭୂଷଣ ଶତପଥୀ, ଆଇ. ଏନ୍ (ଇ)

ଲେଫ୍‌ଟନାଣ୍ଟ ଶତପଥୀ କଟକ ଜିଲ୍ଲା ସଦର ସବ୍‌ଡିଭିଜନ ଅନ୍ତର୍ଗତ ସତ୍ୟଭାମାପୁର ଗ୍ରାମର ଶ୍ରୀ ସୁରେଶ ଚନ୍ଦ୍ର ଶତପଥୀଙ୍କ ପୁତ୍ର । ସେ ବମ୍ବେ ଡକ୍‌ୟାର୍ଡ଼ ଠାରେ ଭାରତୀୟ ନୌବାହିନୀର ଇଂଜିନିୟରିଂ ବିଭାଗରେ କାର୍ଯ୍ୟ କରୁଛନ୍ତି ।



ଲେଫଟନାଣ୍ଟ କମାଣ୍ଡର ବିଭୂତି ଭୂଷଣ ଶତପଥୀ, ଆଇ. ଏନ. (ଇ)

ଶ୍ରୀ ଶତପଥି କଟକ ଜିଲ୍ଲା ସଦର ସବ୍‌ଡିଭିଜନ ଅନ୍ତର୍ଗତ ସତ୍ୟଭାମାପୁର ଗ୍ରାମର ଶ୍ରୀ ସୁରେଶ ଚନ୍ଦ୍ର ଶତପଥୀଙ୍କର ଜ୍ୟେଷ୍ଠ ପୁତ୍ର । ସେ ନୂଆଦିଲ୍ଲୀଠାରେ ଥିବା ନାଭାଲ୍ ହେଡ୍‌କ୍ୱାଟର ବିମାନ ରକ୍ଷଣାବେକ୍ଷଣ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ରୂପେ କାର୍ଯ୍ୟ କରୁଛନ୍ତି ।

ବ୍ରଜ ବିହାରୀ ମିଶ୍ର

# ଗଣତନ୍ତ୍ର ସମାଜରେ ପୁଲିସର ଆଭିମୁଖ୍ୟ

ଭାରତ ବର୍ଷ ସମଗ୍ର ବିଶ୍ୱରେ ଏକ ବୃହତ୍ତମ ଓ ସର୍ବଶ୍ରେଷ୍ଠ ଗଣତାନ୍ତ୍ରିକ ରାଷ୍ଟ୍ର । ନିଷ୍ପେଷିତ ଓ ଅବହେଳିତ କୋଟି ଜନତାଙ୍କ ଯୁଗଯୁଗର ଆଶା ଆକାଂକ୍ଷାକୁ ରୂପାୟିତ କରିବାକୁ ଏବଂ ସର୍ବୋପରି ମାନବିକ ଅଧିକାର ତଥା ମୂଲ୍ୟବୋଧକୁ ବିଶ୍ୱସମ୍ମୁଖରେ ଆଦର୍ଶରୂପେ ଟେକି ଧରିବାକୁ ୨୨ ବର୍ଷ ପୂର୍ବେ ଏହି ପବିତ୍ର ଦିବସରେ ଆମର ସମ୍ବିଧାନ ଗୃହୀତ ହୋଇଥିଲା । ଭାରତବର୍ଷ ପରି ଏକ ସାର୍ବ-ଭୌମ ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ସାଧାରଣତନ୍ତ୍ର ରାଷ୍ଟ୍ରର ନାଗରିକ ରୂପେ ଆମେ ଏହି ଆଦର୍ଶ ପଥରେ ସଗୌରବେ ଅଗ୍ରସର ହୋଇଛୁ । ଏହି ଆଦର୍ଶର ପ୍ରତିଷ୍ଠା ପାଇଁ ବଙ୍ଗଳାଦେଶର ମୁକ୍ତିକାମୀ ଜନତା ଶୋଷଣ, ଅତ୍ୟାଚାର ଓ ଗଣହତ୍ୟା ବିରୁଦ୍ଧରେ ଯେଉଁ ଗଣ ଆନ୍ଦୋଳନ କରିଥିଲେ ତାହାକୁ ସାଫଲ୍ୟମଣ୍ଡିତ କରିବାପାଇଁ ଆମେ ବହିଃଶତ୍ରୁର ମୁକାବିଲା କରିଛୁ । ସମଗ୍ର ବିଶ୍ୱରେ ଏପରି ଆଦର୍ଶ ତଥା ଦୃଷ୍ଟାନ୍ତର ପଟାନ୍ତର ନାହିଁ ।

ଗଣତାନ୍ତ୍ରିକ ଉପାୟରେ ଜୀବନ ଯାପନ କରିବାକୁ ହେଲେ ସମ୍ବିଧାନସମ୍ମତ ଆଇନର ଶାସନ ପ୍ରତିଷ୍ଠିତ ହେବା ଅତ୍ୟନ୍ତ ଜରୁରୀ । ଏହା ଫଳରେ ସମ୍ବିଧାନ ବର୍ଣ୍ଣିତ ମୌଳିକ ଅଧିକାର ଏବଂ ସୁବିଧାସୁଯୋଗ ପ୍ରତ୍ୟେକ ନାଗରିକଙ୍କୁ ମିଳିପାରିବ । ଦେଶରେ ଆଇନର ଶାସନ ପ୍ରତିଷ୍ଠା ଦିଗରେ ପୁଲିସକୁ ମୁଖ୍ୟ ଭୂମିକା ଗ୍ରହଣ କରିବାକୁ ପଡ଼ିଥାଏ । ରାଷ୍ଟ୍ରର ମୌଳିକ କର୍ତ୍ତବ୍ୟ ହେଉଛି, ପ୍ରତ୍ୟେକ ନାଗରିକ ତଥା ସମାଜର ଧନ ଓ ଜୀବନର ନିରାପତ୍ତା ବ୍ୟବସ୍ଥା କରିବା, ଏହା ବ୍ୟତିରେକେ ବ୍ୟକ୍ତି ତଥା ସମାଜର ବିକାଶ ବା କୌଣସି ଉନ୍ନୟନମୂଳକ ଯୋଜନା ଅସମ୍ଭବ । ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଆଜି ରାଷ୍ଟ୍ର ତରଫରୁ ପୁଲିସ ସଙ୍ଗଠନ ଉପରେ ନ୍ୟସ୍ତ ।

ଆଜିର ଏ ବିଶାଳ ପୁଲିସ ସଙ୍ଗଠନ ଭାରତୀୟ ଗଣତାନ୍ତ୍ରିକ ଆଦର୍ଶର ଏକ ପ୍ରତିବିମ୍ବ । ସମାଜର ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣ, ଭାଷା ଓ ଶ୍ରେଣୀର ବ୍ୟକ୍ତିଙ୍କୁନେଇ ଗଢ଼ିଉଠିଛି ଏହି ପୁଲିସ-ବାହିନୀ । ଗଣ ଜୀବନର ପ୍ରଗତି ଓ ସୁଖଦୁଃଖର ପ୍ରବାହରେ ନିଜକୁ ସମଭାବରେ ମିଶାଇଦେଇ ପୁଲିସ ଆଗେଇ ଚାଲିଛି ସେବା ଓ କଲ୍ୟାଣର ମନ୍ତ୍ର ନେଇ । ଆଜି ଲୋକ-ପ୍ରତିନିଧିମୂଳକ ଶାସନ ସଂସ୍ଥାରେ ପୁଲିସ ବିଭାଗ ଏକ ବିଶିଷ୍ଟ ତଥା ଅତ୍ୟାବଶ୍ୟକ ବିଭାଗ ରୂପେ ପରିଗଣିତ ହେଉଛି । ଓଡ଼ିଶାରେ ପୁଲିସ ବିଭାଗର ସୃଷ୍ଟି ହୋଇଛି ସ୍ୱାଧୀନତା ଲାଭର ୧୧ ବର୍ଷ ପୂର୍ବରୁ ।

ପରାଧୀନ ଭାରତରେ ପୁଲିସକୁ ବିଦେଶୀ ଶାସକଙ୍କ ମନମୁଖୀ ତଥା ଜନସ୍ୱାର୍ଥବିରୋଧୀ ଆଇନକାନୁନକୁ କାର୍ଯ୍ୟକାରୀ କରିବାକୁ ପଡୁଥିଲା । ସେତେବେଳେ କ୍ଷମତା ଓ ଶକ୍ତି ପ୍ରୟୋଗ କରି ପୁଲିସ ଯେ କୌଣସି କାର୍ଯ୍ୟ ସହଜରେ ହାସଲ କରିପାରୁଥିଲେ । ଫଳରେ ପୁଲିସ ପ୍ରତି ଜନସାଧାରଣଙ୍କର ଶ୍ରଦ୍ଧା ସମ୍ମାନ ପରିବର୍ତ୍ତେ ଘୃଣା, ଭୟ ଓ ଦ୍ୱେଷ ଭାବ ଜାତ ହେଉଥିଲା । ସେତେବେଳର

ସରକାରଙ୍କ ଦୃଷ୍ଟିକୋଣ ଜନସ୍ୱାର୍ଥବିରୋଧୀ ଥିବାରୁ, ଆଇନ ଅମାନ୍ୟ କରିବା ଏକ ଗୌରବମୟ କାର୍ଯ୍ୟ ରୂପେ ପ୍ରଂଶସିତ ହେଉଥିଲା । ସେ ଯୁଗରେ ଆଇନ ଶୃଙ୍ଖଳା ସମସ୍ୟା ରହିଲେ ମୁଖ୍ୟତଃ ଭାରତୀୟ ଦଣ୍ଡବିଧି ଆଇନ ବା ଅନ୍ୟାନ୍ୟ ଆଇନକାନୁନକୁ ଉଲ୍ଲଂଘନ କରିବା ବୁଝାଉଥିଲା ।

ଆଜି ସମୟ ଓ ପରିସ୍ଥିତିର ପରିବର୍ତ୍ତନ ସଙ୍ଗେ ସଙ୍ଗେ ପୁଲିସ କାର୍ଯ୍ୟର ପରିସର ମଧ୍ୟ ଯଥେଷ୍ଟ ପରିବର୍ତ୍ତିତ ହୋଇଛି ଏବଂ କାର୍ଯ୍ୟପ୍ରଣାଳୀ ଜନକଲ୍ୟାଣ ଅଭିମୁଖୀ ହୋଇଛି । ଫଳରେ ଯୁଗ ଯୁଗ ବ୍ୟାପୀ ରହିଥିବା ଅସହଯୋଗ ଓ ଉଦାସୀନ ମନୋଭାବରେ ଆଜି ଯଥେଷ୍ଟ ପରିବର୍ତ୍ତନ ଦେଖା ଦେଇଛି । ପୂର୍ବପରି ଆଜି ଦେଶରେ ପ୍ରଚଳିତ ଆଇନ ଜନସ୍ୱାର୍ଥବିରୋଧୀ ନ ଥିବାରୁ କୌଣସି ନା କୌଣସି ଆଧାରରେ ତାହାକୁ ଉଲ୍ଲଂଘନ କରିବା ଅଗଣତାନ୍ତ୍ରିକ କାର୍ଯ୍ୟ ରୂପେ ବିବେଚିତ ହେଉଛି । ଆଇନ-ଶୃଙ୍ଖଳା ପରିସ୍ଥିତିର ମୁକାବିଲା କରିବା ସମୟରେ ପୁଲିସ ଆଉ ପୂର୍ବପରି ନିର୍ବିଘ୍ନର ଭାବେ ଶକ୍ତି ପ୍ରୟୋଗ କରୁ ନାହାନ୍ତି । ଆଜି ପୁଲିସର କାର୍ଯ୍ୟ ପରିସର କେବଳ ଅପରାଧ ସମ୍ପର୍କୀୟ ଆଇନକୁ କାର୍ଯ୍ୟକାରୀ କରିବାରେ ସୀମିତ ନୁହେଁ । ଅପରପକ୍ଷରେ ପୁଲିସ ଆଜି ଜନସାଧାରଣଙ୍କ ନାଗରିକ ସ୍ୱାଧୀନତା ଓ ମୌଳିକ ଅଧିକାରର ସୁରକ୍ଷା, ସାମାଜିକ ନିରାପତ୍ତା, ସୀମାନ୍ତ ନିରାପତ୍ତା, ଯାନବାହନ ନିୟନ୍ତ୍ରଣ, ଅଗ୍ନି ନିରୋଧ, ଦୁର୍ନୀତି ନିବାରଣ, ବେଶ୍ୟା-ବୃତ୍ତି ନିରୋଧ, ଅଶ୍ଳୀଳ ସାହିତ୍ୟ ପ୍ରକାଶନ ନିରୋଧ, ବେଆଇନ ବ୍ୟବସାୟ ଧରପଗଡ଼, ଖାଦ୍ୟ ଓ ଔଷଧପତ୍ରରେ ବ୍ୟାପକ ଅପମିଶ୍ରଣର ଅନୁସଂଧାନ, ବାଳ ଅପରାଧ ସମସ୍ୟାର ଅନୁଧ୍ୟାନ ଏବଂ ସର୍ବୋପରି କ୍ରମବର୍ଦ୍ଧମାନ ପାରମ୍ପରିକ ଅପରାଧଗୁଡ଼ିକର ନିବାରଣ ଓ ପ୍ରତିକାର ଦିଗରେ ସର୍ବଦା କାର୍ଯ୍ୟରତ । ଏହିସବୁ କାର୍ଯ୍ୟକଳାପରେ ସମାଜର ଯେଉଁମାନେ (ଯଥା—ବିଚାର ପତି, ମାଜିଷ୍ଟ୍ରେଟ୍, ପ୍ରଶାସନିକ ଅଫିସର, ଆଇନଜ୍ଞ, ସମାଜସେବୀ ପ୍ରଭୃତି) ସଂପୃକ୍ତ ସେମାନଙ୍କ ସହିତ ଘନିଷ୍ଠ ସହଯୋଗ ଓ ସମନ୍ୱୟ ରକ୍ଷାକରି, ସାମୟିକ ମିଳିତ ଆଲୋଚନା-ପୂର୍ବକ କାର୍ଯ୍ୟପ୍ରଣାଳୀରେ କିପରି ସମୟୋପଯୋଗୀ ପରିବର୍ତ୍ତନ ଅଣାଯାଇପାରିବ ସେ ବିଷୟ ମଧ୍ୟ ସ୍ଥିର କରାଯାଇଥାଏ । ଏ ସବୁ ଦୃଷ୍ଟିରୁ ବିଶ୍ଳେଷଣକଲେ ପୁଲିସ ସଙ୍ଗଠନର ଦାୟିତ୍ୱ ତୁଳନାରେ ଯେତେ କର୍ମଚାରୀ ମୁତୟନ ହେବା କଥା ତାହା ହୋଇ ନାହିଁ ହୁଏତ ଏହା ଯୋଗୁ ବିଭିନ୍ନ ଅପରାଧର ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଛି ।

ଅର୍ଥନୈତିକ, ବୈଜ୍ଞାନିକ, ସାମାଜିକ, ରାଜ
ତଥା ନୈତିକ କ୍ଷେତ୍ରରେ ଦ୍ରୁତ ପରିବର୍ତ୍ତନ ହେଉଥିବାରୁ ଅ
ଧାରଣ ପ୍ରଣାଳୀ କ୍ରମଶଃ ଜଟିଳରୁ ଜଟିଳତର ହେଉଛି । ଅ
ପକ୍ଷରେ ଅପରାଧୀମାନେ ମଧ୍ୟ ଉନ୍ନତ ବୈଜ୍ଞାନିକ ପ୍ର
ଅନୁସରଣ କରୁଥିବାରୁ ପୁଲିସର ଦୈନନ୍ଦିନ କାର୍ଯ୍ୟ ଅ
ଅଧିକ ସମସ୍ୟାବହୁଳ ହୋଇ ପଡୁଛି । ଦାବି ହାସଲ ପ
ନିଜ ନିଜର ଅଧିକାର ସାବ୍ୟସ୍ତ କରିବାକୁ ବ୍ୟକ୍ତି ତଥା ଅନୁ
ଅଧିକ ତତ୍ପର ହେଉଥିବାରୁ ଏବଂ ହିଂସାତ୍ମ
ଆଚରଣ ପ୍ରଦର୍ଶନ କରି ଆଇନକୁ ନିଜ ହାତକୁ ନେବାକୁ ଚେ
କରୁଥିବାରୁ ସାମାଜିକ ଶାନ୍ତି ଓ ନିରାପତ୍ତା ବିପନ୍ନ ହେବା ସ
ସଙ୍ଗେ ସାମୂହିକ ସମ୍ପତ୍ତି ନଷ୍ଟ ହେବା ସ୍ୱାଭାବିକ । ସ୍ୱାଧୀ
ପ୍ରାପ୍ତିପରେ ଗତ ୨୪ବର୍ଷ ମଧ୍ୟରେ ଏହିପରି ଅନେକ ଅଶୋଭ
କାଣ୍ଡ ଘଟି ଯାଇଛି । ତନ୍ମଧ୍ୟରୁ ସୀମାଆନ୍ଦୋଳନ, ଭାଷା ଆ
ଗୋବଧ ନିରୋଧ, ସଂପ୍ରଦାୟିକ ଦଙ୍ଗା, ଜମିଦଖଲ ଆ
ଛାତ୍ର ଓ ଶ୍ରମିକଙ୍କ ଅସନ୍ତୋଷଜନିତ ଗଣ୍ଡଗୋଳ,
ପ୍ରଦେଶ ଗଠନ, ଦାବୀ, ତାଳଚେର–ବିମଳାଗଡ଼ ରେଳ
ଦାବୀ ଇତ୍ୟାଦି ଘଟଣା ଉଲ୍ଲେଖଯୋଗ୍ୟ ।
ଗୁରୁତର ଆଇନ–ଶୃଙ୍ଖଳା ପରିସ୍ଥିତିରେ ଅବସ୍ଥାକୁ ଆୟ
କରିବାକୁ ସଂପୃକ୍ତ ରାଜ୍ୟମାନଙ୍କର ପୁଲିସ ସଂସ୍ଥା ଯେ
ସାହସ, ଧୈର୍ଯ୍ୟ, ଦୃଢ଼ତା ଓ ଦକ୍ଷତାର ସହିତ
ସଂପାଦନ କରିଥିଲେ ତାହା ବାସ୍ତବରେ ପ୍ରଶଂସନୀୟ ।
ସମେତ ଆଉ କେତେକ ରାଜ୍ୟରେ ଦେଖା ଦେଇଥିବା ନକ୍ସ
ମାନଙ୍କ ହିଂସାକାଣ୍ଡ, ଶାନ୍ତି ଓ ନିରାପତ୍ତା ପ୍ରତି ଅନ୍ୟ ଏକ ଆ
ଏବେ ମଧ୍ୟ ଜନଶୂନ୍ୟ ଦୁର୍ଗମ ପାହାଡ଼ିଆ ଅଞ୍ଚଳମାନ
ବିପଦସଙ୍କୁଳ ପରିବେଶ ମଧ୍ୟରେ ପୁଲିସ ବାହିନୀର ଯବାନ
ସଜାଗ ଓ ସତର୍କ ଭାବେ ପ୍ରହରା କାର୍ଯ୍ୟରେ ନିଯୁକ୍ତ ରହି
କର୍ତ୍ତବ୍ୟରତ ଅବସ୍ଥାରେ ବହୁ ପୁଲିସ ଅଫିସର ଓ କର୍
ପ୍ରାଣବଳି ଦବାର ଦୃଷ୍ଟାନ୍ତ ଆଜି ବିରଳ ନାହିଁ । ଅତୀ
ବିଭିନ୍ନ ଆନ୍ଦୋଳନ ଫଳରେ ଦେଶରେ ଯେତେବେଳେ ଆଇ
ଶାନ୍ତି ଶୃଙ୍ଖଳା ବିପନ୍ନ ହୋଇଥିଲା, ସେତେବେଳେ
କେତେକ ଦେଶବାସୀ ଭାରତର ଗଣତନ୍ତ୍ର ଓ ଅଖଣ୍ଡ
ସ୍ଥାୟୀତ୍ୱ ବିଷୟରେ ସନ୍ଦେହ ପ୍ରକାଶ କରୁଥିଲେ । ସେ
ଆହୁରି ଚକିତ କରି ଦେଶ ଯେ ଅବିଚ୍ଛିନ୍ନ ଓ ଅଖଣ୍ଡ
ମୁଣ୍ଡ ଟେକି ପାରିଛି, ତାହା ଆମ ସମସ୍ତଙ୍କ ପକ୍ଷେ ଗୌ
ବିଷୟ । ଏ ଦିଗରେ ପୁଲିସ ବାହିନୀର ଉଲ୍ଲେଖନୀୟ
ସ୍ୱୀକାର୍ଯ୍ୟ ।

ସମାଜରେ ଦେଖାଦେଉଥିବା ଏହି ପରି ଅଶାନ୍ତି ଓ ଉପଦ୍ରବକୁ ସମାଧାନ କରିବା ପୁଲିସର କର୍ତ୍ତବ୍ୟ ହେଲେ ମଧ୍ୟ ଏଗୁଡ଼ିକର ଅନ୍ତର୍ନିହିତ କାରଣ ସବୁକୁ ଅନୁସନ୍ଧାନ ବା ଅନୁଶୀଳନ କରିବା ପୁଲିସର କର୍ତ୍ତବ୍ୟ ନୁହେଁ । ଅଶାନ୍ତି ବା ଉତ୍ତେଜନା, ସମାଜରେ ଲୁକ୍କାୟିତ ଅବସ୍ଥାରେ ଥିବା କୌଣସି ନା କୌଣସି ରୋଗର ହୁଏତ ବାହ୍ୟ ଲକ୍ଷଣ ହୋଇଥାଇପାରେ । କେବଳ ଏହି ବାହ୍ୟ ଲକ୍ଷଣଗୁଡ଼ିକୁ ନିବାରଣ କରିବା ପୁଲିସର ସାମାଜିକ କର୍ତ୍ତବ୍ୟ ।

ଦ୍ୱନ୍ଦମୂଳକ ସମସ୍ୟା—କୌଣସି ଆଇନଶୃଙ୍ଖଳା ପରିସ୍ଥିତିରେ ହେଉ ବା ସାଧାରଣ ଅପରାଧ ଅନୁସନ୍ଧାନ କରୁଥିବା ସମୟରେ ହେଉ, ପୁଲିସକୁ ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ଗୋରଖ ଧନ୍ଦା ମଧ୍ୟରେ ପଡ଼ିବାକୁ ହୋଇଥାଏ । ପ୍ରଥମ ଘଟଣାରେ ପୁଲିସ ଯଦି ହସ୍ତକ୍ଷେପ କରି କାହାକୁ ଗିରଫ କରେ ବା ଶକ୍ତି ପ୍ରୟୋଗ କରେ ବା ଅନ୍ୟାକିଛି କାର୍ଯ୍ୟାନୁଷ୍ଠାନ କରେ, ତେବେ ପୁଲିସ ଜୁଲମ କରିଛି ବୋଲି ସମାଲୋଚନା ହୁଏ । ତେଣୁ ଜୁଲମ ବା ଅତ୍ୟଧିକ ବଳପ୍ରୟୋଗ ଅଭିଯୋଗରେ ପୁଲିସକୁ ସମାଲୋଚନା କରି ତଦନ୍ତ କମିଶନ୍ ବସାଇବାକୁ ହୁଏତ ଦାବି କରାଯାଏ । ସେହିପରି ଉକ୍ତ ଘଟଣାରେ ଯଦି ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ କରେ ତେବେ ମଧ୍ୟ କର୍ତ୍ତବ୍ୟରେ ତ୍ରୁଟି ଅଥବା ନିଷ୍କ୍ରିୟତା ପାଇଁ ପୋଲିସକୁ ସମାଲୋଚନା କରାଯାଇ ଥାଏ । ଅପରାଧ ତଦନ୍ତ କ୍ଷେତ୍ରରେ ମଧ୍ୟ ସେହି ଦଶା । ଉଦାହରଣ ସ୍ୱରୂପ, ଜଣକର ଚୋରି ହେଲେ ଅଭିଯୋଗକାରୀ ଆଶାକରେ ଯେ ପୁଲିସ ସନ୍ଦେହଜନକ ଆସାମୀକୁ ପଚରାଉଚରା କରି ହେଉ ବା ଧମକ ଚମକ ଦ୍ୱାରା କିମ୍ବା ଅନ୍ୟ କୌଣସି ଉପାୟରେ ହେଉ, ତାଙ୍କର ଚୋରାଧନ ଉଦ୍ଧାର କରି ତାଙ୍କୁ ଫେରାଇ ଦେବେ । ଯଦି କୌଣସି ଉପାୟରେ ମଧ୍ୟ ଏହା ସମ୍ଭବ ନ ହୁଏ ତେବେ ପୁଲିସର ଦକ୍ଷତା ନାହିଁ ବୋଲି ସମାଲୋଚନା ହୁଏ । ସେହିପରି ଅପରପକ୍ଷରେ, ଅପରାଧର ଅନୁସନ୍ଧାନ ସମୟରେ କୌଣସି ଅନୁସନ୍ଧାନ ପଦ୍ଧତିରେ ଆସାମୀ ପକ୍ଷ ବିକ୍ଷୁବ୍ଧ ହୋଇ ବ୍ୟକ୍ତିଗତ ସ୍ୱାଧୀନତା ବା ମୌଳିକ ଅଧିକାର ଉପରେ ପୁଲିସ ଅଯଥା ହସ୍ତକ୍ଷେପ କରୁଛି ବୋଲି ଅଭିଯୋଗ କରିଥାଏ ।

ବୈଜ୍ଞାନିକ ପଦ୍ଧତିରେ ଅନୁସନ୍ଧାନ—ଆଜି ପୋଲିସ କେବଳ କେତେକ ଆଇନକାନୁନ ବିଷୟରେ ମୌଳିକ ଜ୍ଞାନ ଆହରଣ କରିଦେଲେ ବା ଗତାନୁଗତିକ ଭାବରେ ଅପରାଧର ଅନୁସନ୍ଧାନ କରିଦେଲେ ତାର ଦାୟିତ୍ୱ ଓ କର୍ତ୍ତବ୍ୟ ପୂରଣ ହୋଇ ପାରୁନାହିଁ । ଅପରାଧ ଘଟିଲେ ଗତାନୁଗତିକ ପନ୍ଥାରେ ପ୍ରଥମେ ସନ୍ଦେହଜନକ ଆସାମୀକୁ ଧରି ତା ପରେ ସୂକ୍ଷ୍ମ ପ୍ରମାଣ ବାହାରକରି ଅପରାଧ ସହିତ ସେହି ବ୍ୟକ୍ତିକୁ ସଂପୃକ୍ତ କରି ଅଭିଯୋଗ ଦାଖଲ କରିବା ସମୟ ଆଉ ନାହିଁ । ବିଜ୍ଞାନର ବିକାଶ ତଥା ଆନୁସଙ୍ଗିକ ସୁବିଧାର ସୁଯୋଗନେଇ ଅପରାଧୀମାନେ ଯେଉଁ ଚାଲାକିରେ ଅପରାଧ କରି ଅନ୍ତର୍ଦ୍ଧାନ ହୋଇ ଯାଉଛନ୍ତି, ସେସବୁ କ୍ଷେତ୍ରରେ ପୁଲିସକୁ ନିର୍ଭୁଲ ତଥ୍ୟ ସଂଗ୍ରହ କରି ଫଳପ୍ରଦ ଅନୁସନ୍ଧାନ ଚଳାଇବା ପାଇଁ ଉପଯୁକ୍ତ ବୈଜ୍ଞାନିକ ପ୍ରଣାଳୀ ଅବଲମ୍ବନ କରିବାକୁ ପଡୁଛି । ଅପରାଧ ଘଟିଲେ ଘଟଣାସ୍ଥଳରୁ ପ୍ରମାଣିତ ତଥ୍ୟ ସଂଗ୍ରହ କରି, ପ୍ରତ୍ୟେକ ସୂତ୍ରକୁ ବିଧିବଦ୍ଧ ଭାବେ ପରୀକ୍ଷା କରି ତାପରେ ଅପରାଧୀ ପାଖରେ ପହଂଚିବାକୁ ହେଉଛି । ଏ କ୍ଷେତ୍ରରେ ଯେତିକି ଶ୍ରମ ଓ ଧୈର୍ଯ୍ୟ ଆବଶ୍ୟକ ସେତିକି କ୍ଷିପ୍ରତା ମଧ୍ୟ ଆବଶ୍ୟକ । କାରଣ ଅପରାଧୀ ସର୍ବଦା ଆତ୍ମଗୋପନ କରିବାକୁ ଚେଷ୍ଟା କରିଥାଏ । ଏହି ପ୍ରତିଯୋଗିତାରେ ଅପରାଧୀ ସହିତ ପୁଲିସକୁ ସତତ ଅପରାଧୀର ପୁରୋଭାଗରେ ରହିବାକୁ ପଡ଼ିଥାଏ । ତେଣୁ ପୁଲିସ ଅଧିକ ଗତିଶୀଳ ହେବା ଉଚିତ । ଏ ଉଦ୍ଦେଶ୍ୟରେ ପୁଲିସ ୱାୟାର୍ଲେସ୍, ତାଲିମପ୍ରାପ୍ତ କର୍ମଚାରୀ ଯାନ-ବାହନ ଏବଂ ଗବେଷଣାଗତ ଜ୍ଞାନର କ୍ରମବିକାଶ ହେବା ଉଚିତ । ଅନ୍ୟାନ୍ୟ ରାଜ୍ୟ ଭଳି ଓଡ଼ିଶାରେ ମଧ୍ୟ ଫରେନ୍‌ସିକ୍ ବିଜ୍ଞାନାଗାର ସ୍ଥାପିତ ହୋଇ ପୁଲିସର ବୈଜ୍ଞାନିକ ଅନୁସନ୍ଧାନ କାର୍ଯ୍ୟରେ ସହାୟକ ହେଉଛି । ଏ ଦିଗରେ ଅନ୍ୟ ଏକ ଉଲ୍ଲେଖଯୋଗ୍ୟ ପଦକ୍ଷେପ ହେଲା ଭ୍ରାମ୍ୟମାଣ-ପୁଲିସ-ପ୍ରହରୀ । କଟକ, ଭୁବନେଶ୍ୱର ଓ ନୂଆରାଜଧାନୀ ର ୫ ଗୋଟି ଥାନା ଅଞ୍ଚଳରେ ୪ଟି ଏଭଳି ଭ୍ରାମ୍ୟମାଣ-ପୁଲିସ-ପ୍ରହରୀ ଦଳ ଗତ ଅଗଷ୍ଟ ମାସ ଠାରୁ ଦିନ ରାତି ପ୍ରହରୀ ଦେଉଛନ୍ତି । ସେମାନେ ସଂପୃକ୍ତ ଥାନା ଓ କନ୍‌ଟ୍ରୋଲ ରୁମ୍ ସହିତ ବେତାର ଯୋଗେ ଯୋଗାଯୋଗ ଓ ସମନ୍ୱୟ ରକ୍ଷାକରି ଅପରାଧ ନିୟନ୍ତ୍ରଣ ଓ ପ୍ରତିରୋଧ କରୁଛନ୍ତି । ଫଳରେ ସେ ଅଞ୍ଚଳମାନଙ୍କରେ ଅପରାଧ ଓ ଅସାମାଜିକ କାର୍ଯ୍ୟ-କଳାପର ସଂଖ୍ୟା ହ୍ରାସ ପାଉଥିବାର ଲକ୍ଷ୍ୟ କରାଯାଉଛି । ରାଜ୍ୟର ଅନ୍ୟ କେତେକ ଜନବହୁଳ ସହର ଓ ଶିଳ୍ପାଞ୍ଚଳରେ ଏହିପରି ଯୋଜନା କାର୍ଯ୍ୟକାରୀ କରାଯିବା ସଙ୍ଗେ ସଙ୍ଗେ ସମୟାନୁକ୍ରମେ ଗୁରୁତ୍ୱପୂର୍ଣ୍ଣ ଥାନାମାନଙ୍କରେ ବେତାର ଯନ୍ତ୍ର ସ୍ଥାପନ କରାଯିବାକୁ ପରିକଳ୍ପନା ରହିଛି । ଏହାଛଡ଼ା ଅନୁସନ୍ଧାନରେ ସାହାଯ୍ୟ କରିବା ନିମନ୍ତେ ସ୍ଥାନେ ସ୍ଥାନେ 'ପୁଲିସ କୁକୁର' ଶାଖାର ସାହାଯ୍ୟ ନିଆ ହେଉଛି । ଏହାର ସଂପ୍ରସାରଣ ମଧ୍ୟ ବିଚାରାଧୀନ ।

ଗଣତନ୍ତ୍ର ସମାଜରେ . .

ଅହିଂସା ଓ ସତ୍ୟାଗ୍ରହର ଆଧ୍ୟାତ୍ମିକ ଶକ୍ତିବଳରେ ସ୍ୱାଧୀନ ଭାରତ ଜନ୍ମଲାଭ କରିଛି । ଶାନ୍ତିପ୍ରିୟ ବିରାଟ ଜନତାଙ୍କ ଅଲକ୍ଷ୍ୟରେ ଓ ପ୍ରଗତିପଥର ଅନ୍ତରାଳରେ ଯେଉଁ ଅସାମାଜିକ ଲୋକମାନେ ଗୁଡ଼ି ସମାଜର ଧନଜୀବନକୁ ଧ୍ୱଂସ କରୁଛନ୍ତି ଏବଂ ଦେଶର ନିରାପତ୍ତା ବିପନ୍ନ କରୁଛନ୍ତି, ସେମାନଙ୍କ ବିରୁଦ୍ଧରେ ଅହରହ ସଂଗ୍ରାମ କରିବାକୁ ପୁଲିସ ସଙ୍ଗଠନ ସହିତ ଜନସାଧାରଣ ଓ ବୁଦ୍ଧିଜୀବୀ ସହଯୋଗ କଲେ ଦେଶର ଶାନ୍ତିଶୃଙ୍ଖଳା ବଜାୟ ରହିବ ।

ଶ୍ରୀ ମଣ୍ଣ ହେଉଛନ୍ତି ଓଡ଼ିଶା ସରକାରଙ୍କ ପୋଲିସ ବିଭାଗର ଇନ୍‌ସ୍‌ପେକ୍‌ଟର-ଜେନେରାଲ


ସଦ୍ୟ ସମ୍ବାଦ ଜାଣିବା ପାଇଁ ପଢ଼ନ୍ତୁ

ଓଡ଼ିଆରେ ପ୍ରକାଶିତ ନିରପେକ୍ଷ ଓ ନିର୍ଭୀକ ଜାତୀୟ ସମ୍ବାଦପତ୍ର

# ଦୈନିକ "ସ୍ୱରାଜ୍ୟ"

ସମ୍ପାଦକ—ଶ୍ରୀ ହରପ୍ରସାଦ ମହାପାତ୍ର

କେଦାର-ଗୌରୀ ରୋଡ଼, ପୋ. ଅ. ଭୁବନେଶ୍ୱର-୨, ଓଡ଼ିଶା

ଆପଣଙ୍କୁ ବିଶେଷ ଆକର୍ଷଣ କରିବ:—ଜାତୀୟ ଓ ଅନ୍ତର୍ଜାତୀୟ ଘଟଣାବଳୀ ଉପରେ ପ୍ରାଚ୍ୟ ଭୂଖଣ୍ଡର ପ୍ରବୀଣ ରାଷ୍ଟ୍ରନୀତିଜ୍ଞ ଚକ୍ରବର୍ତ୍ତୀ ରାଜଗୋପାଳାଚାରୀଙ୍କ ମତାମତ, ଧର୍ମ ଓ ଦର୍ଶନ ସମ୍ବନ୍ଧୀୟ ଆଲୋଚନା, ରାଜନୀତିକ ସମୀକ୍ଷା, ରବିବାସରୀୟ ସଂଖ୍ୟା, ପିଲଙ୍କ ପୃଷ୍ଠା, ରୂପରଙ୍ଗ, ଗଳ୍ପ, ଗୁଳୁ, ଚିତ୍ର, ଚଟଣୀ ପ୍ରଭୃତି ।

ଗଙ୍ଗାଧର ପାଇକରାୟ

# ଗଣତନ୍ତ୍ରର ସୁରକ୍ଷା

ଯୁଦ୍ଧର ଅବସାନ ଘଟିଛି । ଭାରତ ବିଜୟମଣ୍ଡିତ ହୋଇଛି । ଯେଉଁ ବିଦେଶୀ ଦେଶମାନେ ଭାରତକୁ ହୀନ ଚକ୍ଷୁରେ ଦେଖୁଥିଲେ, ସେମାନଙ୍କର ସେ ଗର୍ବ ଚୂର୍ଣ୍ଣ ହୋଇଛି । ଆନ୍ତର୍ଜାତୀୟ କ୍ଷେତ୍ରରେ ଭାରତର ଆତ୍ମ–ସମ୍ମାନ ଓ ମର୍ଯ୍ୟାଦା ବୃଦ୍ଧି ପାଇଛି । ଦେଶ ଭିତରେ, ଦେଶର ସବୁ ଦଳ ଓ ମତବାଦର ଲୋକେ ଯେପରି ଏକଜୁଟ ହୋଇ ଠିଆହେଲେ, ତାହା ଅତୀତରେ କେବେ ଦେଖାଯାଇ ନଥିଲା । ଏ ବିଜୟରେ ଆମେ ଆନନ୍ଦିତ ହେବା ସଙ୍ଗେ ସଙ୍ଗେ ଆମର ଭବିଷ୍ୟତ ଅଗ୍ରଗତି ଲାଗି ସେଥିରୁ ଶିକ୍ଷା ଗ୍ରହଣ କରିବାକୁ ହେବ ।

କେଉଁ ପ୍ରଶ୍ନ ନେଇ ଭାରତ–ପାକିସ୍ଥାନ ଯୁଦ୍ଧ ? ସମସ୍ତେ ଜାଣନ୍ତି ପାକିସ୍ଥାନରେ ଗଣତନ୍ତ୍ର ନାହିଁ । ଲୋକ ମତରେ ଶାସନ ହେଉନଥିଲା । ଥରେ ଲୋକଙ୍କୁ ଭୋଟ କ୍ଷମତା ମିଳିଲାକ୍ଷଣି ପୂର୍ବବଙ୍ଗର ଲୋକ ଚାହିଁଲେ ଯେ ତାଙ୍କ ଇଚ୍ଛା ଅନୁସାରେ ଶାସନ ଚାଲୁ । ସମସ୍ତେ ଚାହିଁଲେ ପଶ୍ଚିମ ପାକିସ୍ଥାନ ସେମାନଙ୍କ ଉପରେ ଯେଉଁ ଔପନିବେଶିକ ଶାସନ-ଶୋଷଣ ଚଳାଇଛି, ତାର ଅବସାନ ଘଟୁ ; କିନ୍ତୁ ଲୋକଙ୍କ ଭୋଟ ଦ୍ୱାରା ନିର୍ବାଚିତ ପ୍ରତିନିଧିଙ୍କ ହାତକୁ କ୍ଷମତା ନଦେଇ, ପଶ୍ଚିମ ପାକିସ୍ଥାନର ସାମରିକ ଗୋଷ୍ଠୀ ଓରଟି ଦମନର ତାଣ୍ଡବଲୀଳା ସୃଷ୍ଟିକଲେ । ସେ ପାଶବିକ ଅତ୍ୟାଚାର ବର୍ଣ୍ଣନାତୀତ । ୧୦ ଲକ୍ଷ ଲୋକଙ୍କୁ ହତ୍ୟା କରାଗଲା । ଆଉ ପ୍ରାୟ ଏକ କୋଟି ଲୋକ ପ୍ରାଣଧରି ଭାରତକୁ ପଳାଇଆସିଲେ । ମଣିଷ ସମାଜର ଇତି ହାସରେ କେବଳ ହିଟଲର ସମୟକୁ ଛାଡ଼ିଦେଲେ ଏପରି ବ୍ୟାପକ ଅତ୍ୟାଚାରର ପଟାନ୍ତର ନାହିଁ । ବଙ୍ଗଳାଦେଶର ନିର୍ବାଚିତ ପ୍ରତିନିଧିମାନେ ବଙ୍ଗଳାଦେଶରେ ସରକାର ଗଠନକରି ଚାହିଁଲେ ପାକିସ୍ଥାନ କବଳରୁ ସ୍ୱାଧୀନତା, । ଗଣତନ୍ତ୍ର, ଧର୍ମନିରପେକ୍ଷତା, ଓ ସମାଜବାଦ ନୀତିରେ ପରିଚାଳିତ ହେବା ସେମାନଙ୍କର ଲକ୍ଷ୍ୟ ।

ଏହା ଭାରତର ଘୋଷିତ ନୀତି ଓ ଆଦର୍ଶ ସହିତ ସମ୍ପୂର୍ଣ୍ଣ ମିଳିଗଲା । ଭାରତ କେବଳ ନିରସ୍ତ୍ର ଏକକୋଟି ଲୋକଙ୍କୁ ଆଶ୍ରୟ

---

ଶ୍ରୀ ପାଇକରାୟ ହେଉଛନ୍ତି ରାଜ୍ୟ ବିଧାନ ସଭାରେ କମ୍ୟୁନିଷ୍ଟ ଦଳର ନେତା

ଦେଇ ଦବାଇ ରଖିଇନାହିଁ, ସେମାନଙ୍କର ମୁକ୍ତି ସଂଗ୍ରାମକୁ ମଧ୍ୟ ସବୁମତେ ସାହାଯ୍ୟ କଲା । ଯାହିଆ ଦେଖିଲା ଯେ କେବଳ ପୂର୍ବବଙ୍ଗକୁ ସ୍ୱାଧୀନତା ଦେଇ ଅଥବା ଲୋକଙ୍କୁ ହତ୍ୟା-ଦମନ କରିଦେଇ ସେ ସେଠି ରକ୍ଷା ପାଇଯିବ ବୋଲି କିଛି ଲୁଚିଲା ତାହା ହେଉନାହିଁ । ତାକୁ ବଞ୍ଚିବାକୁ ହେଲେ ଭାରତର ସ୍ୱାଧୀନତା ଗଣତନ୍ତ୍ର ଓ ଧର୍ମ-ନିରପେକ୍ଷତାକୁ ମଧ୍ୟ ହତ୍ୟାକରିବାକୁ ପଡ଼ିବ । ତା ଛଡ଼ା ଅନ୍ୟ ପନ୍ଥା ନାହିଁ । ତେଣୁ ସେ ଭାରତ ଆକ୍ରମଣ କଲା ।

ସମସ୍ତେ ଜାଣନ୍ତି, ବ୍ରିଟିଶ-ସାମ୍ରାଜ୍ୟବାଦର ଚକ୍ରାନ୍ତ ଫଳରେ ଧର୍ମର ଦୁହାଇଦେଇ ପାକିସ୍ତାନ ଗଢ଼ାଗଲା । କୁହାଗଲା ଯେ, ଏହାଦ୍ୱାରା ହିନ୍ଦୁ ମୁସଲମାନ ସମସ୍ୟା ରହିବନାହିଁ । କିନ୍ତୁ ପାକିସ୍ତାନର ଏକମାତ୍ର ଆହ୍ୱାନ ହେଲା ଭାରତ ବିରୁଦ୍ଧରେ ଜେହାଦ୍ ଘୋଷଣା । ତାର ଜନ୍ମଦିନ୍ ସେ ଏପର୍ଯ୍ୟନ୍ତ ଭାରତ–ବିରୋଧୀ ଧ୍ୱନିଦେଇ ସେଠାର ଲୋକଙ୍କୁ ଭୁଲାଉଛି । ଆଉ ସେଠାରେ ଧନୀ, ଛତ୍ରପତି, ସାମନ୍ତବାଦୀ ଓ ସାମରିକଗୋଷ୍ଠୀ, ଲୋକଙ୍କୁ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ କରୁଛନ୍ତି ଓ ସେମାନଙ୍କୁ ଶୋଷଣ କରିବାରେ ଲାଗିଛନ୍ତି । ଫଳରେ ୨୩ ବର୍ଷ ମଧ୍ୟରେ ସେଠାରେ ଲୋକମତରେ ଶାସନ ଚାଲୁନାହିଁ । ଆଉ ଏହା ଫଳରେ ପାକିସ୍ତାନର ଶତକଡ଼ା ୬୦ ଭାଗ ଧନସମ୍ପତ୍ତି ବର୍ତ୍ତମାନ ମାତ୍ର ୨୨ ଟି ପରିବାର ହାତରେ ଆସି ଠୁଳ ହେଉଛି । ତେଣେ ସାଧାରଣ ଲୋକଙ୍କ ଅବସ୍ଥା ଅତି ଶୋଚନୀୟ । ବ୍ରିଟେନ ଯିଏ ପାକିସ୍ତାନ ସୃଷ୍ଟି କଲା, ଏବେ ତାକୁ ଲାଳନପାଳନ କରି ସାମରିକ ଶକ୍ତିରେ ବଳୀୟାନ କଲା ଆମେରିକା । କୀଟକ ବଳରେ ବିରାଟ ରଜା ଭଳି ଆମେରିକା ବଳରେ ପାକିସ୍ତାନ ଠିଆହୋଇଛି । ଆମେରିକା ପାକିସ୍ତାନକୁ ଏକ ଦିଗରେ ଶୋଷଣ କରୁଛି ଓ ଅନ୍ୟ ଦିଗରେ ତାକୁ ଭାରତର ସ୍ୱାଧୀନତା ଓ ଗଣତନ୍ତ୍ରକୁ ହତ୍ୟା କରିବା ଦିଗରେ ଲଗାଉଛି, ଯେପରି କି ଭାରତ, ପାକିସ୍ତାନଙ୍କ ଡରରେ ଭୟଭୀତ ହୋଇ ଆମେରିକାର ଶରଣାପନ୍ନ ହେବ । ସେହିପରି ମାଓବାଦୀ ଚୀନ୍ ପାକିସ୍ତାନକୁ ଭାରତ ବିରୁଦ୍ଧରେ ସବୁପ୍ରକାର ସାହାଯ୍ୟ ଓ ଉତ୍ସାହ ଦେଉଛି । ଅତଏବ, ଏ ଯୁଦ୍ଧ ହେଲା—ବଙ୍ଗଳାଦେଶର ଗଣତନ୍ତ୍ର ଓ ସ୍ୱାଧୀନତା ସଂଗ୍ରାମ ନୁହେଁ, ଭାରତର ସ୍ୱାଧୀନତା ଓ ଗଣତନ୍ତ୍ର ରକ୍ଷାପାଇଁ ସଂଗ୍ରାମ । ସାମ୍ରାଜ୍ୟବାଦ, ଔପନିବେଶିକତା ବିରୁଦ୍ଧରେ ସଂଗ୍ରାମ, ଧର୍ମ ନିରପେକ୍ଷତା ପାଇଁ ସଂଗ୍ରାମ, ଏପରି କି ପାକିସ୍ତାନର (ପଶ୍ଚିମ) ଗଣତନ୍ତ୍ର ସ୍ୱାଧୀନତା ଲାଗି ମଧ୍ୟ ସଂଗ୍ରାମ । ତେଣୁ ଆଜି ଆମେ ଦେଖୁଛେ ଏ ଯୁଦ୍ଧର ବିଜୟ ଫଳରେ (୧) ବଙ୍ଗଳା ଦେଶ ସ୍ୱାଧୀନ ହୋଇଛି । ଲୋକମତରେ ନିର୍ବାଚିତ ସରକାର ଶାସନ କ୍ଷମତା ଗ୍ରହଣ କରିଛି । ସେଠୁ ଆମେରିକା ସାମ୍ରାଜ୍ୟବାଦର ଶୋଷଣ ଲୋପପାଇଛି । (୨) ଭାରତର ସ୍ୱାଧୀନତା ଓ ଗଣତନ୍ତ୍ର ସୁରକ୍ଷିତ ହୋଇଛି । ଆମେରିକା "ବନ୍ଧୁମାନଙ୍କର" ମୁଖା ଖୋଲି ଯାଇଛି । (୩) ଧର୍ମର ଭିତ୍ତିରେ ଯେଉଁ ପାକିସ୍ତାନ ଗଠିତ ହୋଇଥିଲା ତାହା ଚିରଦିନ ପାଇଁ ଲୋପ ପାଇଛି । ପ୍ରମାଣ ହୋଇଛି, ଧର୍ମ ହେଉଛି ଶୋଷଣର ଗୋଟିଏ ପ୍ରଧାନ ଗିରି । ବଙ୍ଗଳା ଦେଶର ଧର୍ମ ନିରପେକ୍ଷତା, ଆମର ଧର୍ମ ନିରପେକ୍ଷତାକୁ ମଧ୍ୟ ଅଧିକ ଦୃଢ଼ୀଭୂତ କରୁଛି । ଏହା ମଧ୍ୟ ଆମେରିକା ପକ୍ଷପାତୀ ଲୋକେ ଓ ସାମ୍ପ୍ରଦାୟିକ ମତବାଦୀ ଲୋକଙ୍କ ଉପରେ ଏକ ଚରମ ଆଘାତ (୪) ଏ ବିଜୟ ଫଳରେ ପାକିସ୍ତାନରେ ମଧ୍ୟ ସାମରିକ ଏକଛତ୍ର ଶାସନର ପତନ ଘଟିବ । ସେଠାରେ ମଧ୍ୟ ଲୋକମତ ପ୍ରକାଶ ପାଇବ । (୫) ଏହା ମଧ୍ୟ ପ୍ରମାଣ କଲ ଯେ, ଗଣତନ୍ତ୍ର ଓ ସ୍ୱାଧୀନତାକୁ ବିକି ଆମେରିକା ସାମ୍ରାଜ୍ୟବାଦୀଙ୍କ ସାହାଯ୍ୟ ନେଇ କୌଣସି ଦେଶ ଛିଡ଼ାହୋଇ ନପାରେ । ସେ ଦିଗରେ ଯିବା ଅର୍ଥ ପାକିସ୍ତାନର ଦଶା ଭୋଗ କରିବା ।

ସବୁଠାରୁ ବଡ଼ କଥା ହେଲା ଭାରତର ପ୍ରକୃତ ବନ୍ଧୁ କିଏ ତାହା ମଧ୍ୟ ପ୍ରମାଣିତ ହେଲା । ସୋଭିଏଟ ରୁଷ ଓ ସାମ୍ୟବାଦୀ ଦେଶମାନେ କ୍ରମାଗତଭାବେ ରୁଷ-ଭାରତ ମୌଳିକ ବିଶ୍ୱାସକୁ ବୃଦ୍ଧିକରିବା ଦ୍ୱାରା ଭାରତର ଅର୍ଥନୈତିକ ସ୍ୱାଧୀନତା ଦୃଢ଼ୀଭୂତ ହୋଇଛି । ଭାରତ ଏବେ ଆମେରିକାର ଧମକକୁ ଫୁତ୍କାରରେ ଉଡ଼ାଇଦେବାକୁ ସକ୍ଷମ ହୋଇଛି । ରାଜନୈତିକ ଓ କୂଟନୈତିକ କ୍ଷେତ୍ରରେ, ଜାତିସଂଘରେ ବାରମ୍ବାର ନିଜର ଭେଟୋ ପ୍ରୟୋଗ କରି, ଏପରିକି ପୃଥିବୀର ୧୦୪ ଟି ରାଷ୍ଟ୍ର ବିରୁଦ୍ଧରେ ଯାଇ ଭାରତକୁ ରୁଷ ଯେପରି ସମର୍ଥନ ଦେଉଛି; ଆମେରିକା, ଚୀନ୍ ଓ ପାକିସ୍ତାନ ବିରୁଦ୍ଧରେ ଯୁଦ୍ଧକୁ ଡେରି ସେ ଯେପରି ଭାରତ ପକ୍ଷରେ ଠିଆହେବାର ସୂଚନା ଦେଇଥିଲା ବାସ୍ତବିକ ସେପରି ବନ୍ଧୁତ୍ୱର ନିଦର୍ଶନ ସମସ୍ତେ ନିଶ୍ଚୟ ସ୍ୱୀକାର କରିବେ । ରୁଷର ସାହାଯ୍ୟ–ସମର୍ଥନ ଓ ବନ୍ଧୁତ୍ୱ ବିନା ଭାରତ କେବେହେଲେ ତାର ଏ ମହାନ୍ ବିଜୟ ହାସଲ କରିବାରେ ସମର୍ଥ ହୋଇନଥାନ୍ତା । ଅନ୍ୟ ଦିଗରେ ପାକିସ୍ତାନରେ ସାମରିକ ଶାସନ ପ୍ରତିଷ୍ଠା, ବଙ୍ଗଳା ଦମନ-ଅତ୍ୟାଚାର ଏବଂ ସର୍ବଶେଷରେ ପାକିସ୍ତାନର ଭାରତ ଆକ୍ରମଣ ଏବଂ ଜାତିସଂଘରେ ଭାରତକୁ ଆକ୍ରମଣକାରୀ ବୋଲି ପ୍ରମାଣ କରାଇବା ଦିଗରେ ପୃଥିବୀର ସବୁ ଦେଶକୁ ଏକଜୁଟ୍ କରିବା ଇତ୍ୟାଦି ଲାଗି ଏକମାତ୍ର ଦାୟୀ ଆମେରିକା ।

# MOST POPULAR PROGRESSIVE NATIONAL DAILY

( in Oriya )

THE KALINGA

Members of the I. & E. N. S., I. L. N. A. AINES
A. B. C. membership being revived
Best medium for advertising
published from
CUTTACK

By

# THE KALINGA PUBLICATIONS

Equipped with up-to-date Press Machineries
Famous for fine workmanship

ANAND BHAWAN
TULSIPUR, CUTTACK-8

Gram: KALTIMES

Phone :401

*Editor :*
SURENDRA MOHANTY, M. P.

*Manager :*
RANGADHAR BISWAL

# ମ ନେ ର ଖ ନ୍ତୁ

ଗୋଟିଏ ବା ଦୁଇଟି ସନ୍ତାନ ଥିବା ଜନନୀ ଲୁପ୍ ଗ୍ରହଣ କରିବା ଉଚିତ ।

ସନ୍ତାନ ଜନ୍ମରେ ସମୟର ବ୍ୟବଧାନ ବୃଦ୍ଧି ନିମନ୍ତେ
ଲୁପ୍ ଅପରିହାର୍ଯ୍ୟ ।

* ଏହା ସୁବିଧାଜନକ ଗର୍ଭ-ନିରୋଧ ପ୍ରଣାଳୀ ।
* ଏହା ଦାମ୍ପତ୍ୟ ସୁଖରେ ପ୍ରତିବନ୍ଧକ ହୁଏ ନାହିଁ ଏବଂ ସୁଖମୟ ଜୀବନ ଯାପନରେ ସାହାଯ୍ୟ କରେ ।
* ସନ୍ତାନ ଜନ୍ମ ସମୟର ବ୍ୟବଧାନ ରକ୍ଷା କରିବା ଦ୍ୱାରା ସନ୍ତାନମାନଙ୍କର ସ୍ୱାସ୍ଥ୍ୟ ଓ ଲାଳନପାଳନରେ ଯତ୍ନ ନେବା ସମ୍ଭବ ହୋଇଥାଏ ।
* ଯଦି ଦମ୍ପତି ଆଉ ଏକ ସନ୍ତାନ ଇଚ୍ଛା କରନ୍ତି ତେବେ ଡାକ୍ତରଙ୍କ ସାହାଯ୍ୟରେ ଏହାକୁ ସୁବିଧାରେ ଗର୍ଭାଶୟରୁ ବାହାର କରି ଦିଆଯାଇପାରେ ।
* ଏହାକୁ ଅଳ୍ପ ସମୟ ମଧ୍ୟରେ ଗର୍ଭାଶୟ ମଧ୍ୟରେ ଦିଆଯାଇପାରେ ଓ ଏଥିରେ କୌଣସି ଅସୁବିଧା ହୁଏନାହିଁ ।
* ଏଥିରେ କୌଣସି ଅସ୍ତ୍ରୋପଚାରର ଦରକାର ହୁଏନାହିଁ ।
* ବିନା ଖର୍ଚ୍ଚରେ ଡାକ୍ତରଙ୍କ ଦ୍ୱାରା ହିଁ ଏହାକୁ ଲଗାଇ ଦିଆଯାଏ ।

ନିକଟସ୍ଥ ପରିବାର କଲ୍ୟାଣ ନିୟୋଜନ କେନ୍ଦ୍ରର ପରାମର୍ଶ ନିଅନ୍ତୁ

ରାଜ୍ୟ ପରିବାର ନିୟୋଜନ ସଂସ୍ଥା
ଭୁବନେଶ୍ୱର-୨

# ଚୀନର ନୂତନ ଶିକ୍ଷା ପଦ୍ଧତି



ହରପ୍ରସାଦ ମହାପାତ୍ର, ସମ୍ପାଦକ, 'ସ୍ୱରାଜ୍ୟ'

ବିକାଶୋନ୍ମୁଖୀ ଦେଶମାନଙ୍କରେ ଦେଖା ଦେଇଥିବା ଶିକ୍ଷିତ ବେକାର ସମସ୍ୟାକୁ ଦୃଷ୍ଟିରେ ରଖି ଚୀନ ତାର ନୂତନ ଶିକ୍ଷାପଦ୍ଧତି ପ୍ରଚଳନ କରିଛି। ସେଠାରେ ଯଦିଓ ପ୍ରାୟ ୧୦ କୋଟି ଛାତ୍ର ପ୍ରାଥମିକ ଶିକ୍ଷା ପାଆନ୍ତି, ସେଥିରୁ ମାତ୍ର କୋଟିଏ ଛାତ୍ର ମାଧ୍ୟମିକ ଶିକ୍ଷାପାଇଁ ଯୋଗ୍ୟ ବିବେଚିତ ହୁଅନ୍ତି। ମାଧ୍ୟମିକ ଶିକ୍ଷାପରେ ସେମାନଙ୍କୁ ୩ ବର୍ଷରୁ ୫ ବର୍ଷ ପର୍ଯ୍ୟନ୍ତ ଗ୍ରାମାଞ୍ଚଳରେ ଚାଷକାମ କିମ୍ବା ସହରାଞ୍ଚଳ କାରଖାନାରେ ଶ୍ରମିକଭାବେ କାର୍ଯ୍ୟ କରିବାକୁ ହୁଏ। ଶ୍ରମିକ ଜୀବନର ସଫଳ ପରିସମାପ୍ତି ଉପରେ ହିଁ ବିଶ୍ୱବିଦ୍ୟାଳୟରେ ଭର୍ତ୍ତିହେବା ପାଇଁ ପ୍ରାର୍ଥୀର ଯୋଗ୍ୟତା ବିଚାର ହୁଏ। ତଦ୍ୱାରା ପ୍ରତ୍ୟେକ ଲୋକ ଶ୍ରମର ମର୍ଯ୍ୟାଦା ଉପଲବ୍ଧି କରିବା ସଙ୍ଗେ ସଙ୍ଗେ ବିଶ୍ୱ-ବିଦ୍ୟାଳୟ ଶିକ୍ଷାପରେ ଶ୍ରମିକ ଜୀବନଯାପନ କରିବାକୁ ଘୃଣାବୋଧ କରନ୍ତି ନାହିଁ ଏବଂ ତା' ସଙ୍ଗେ ସଙ୍ଗେ ଉଚ୍ଚ ଶିକ୍ଷାର ପ୍ରବେଶ ଦ୍ୱାର ମଧ୍ୟ ସୀମିତ ହୋଇଯାଏ। ଅବଶ୍ୟ ମାଓସେତୁଙ୍ଗ ଏଥିପାଇଁ ତାଙ୍କର ସାମ୍ୟବାଦୀ ଯୁକ୍ତି ଦେଇଛନ୍ତି ଯେ "ବୁଦ୍ଧିଜୀବୀମାନଙ୍କ ମନରେ ଶ୍ରମିକ ଦୃଷ୍ଟିଭଙ୍ଗୀ ଆଣିବା ସମ୍ଭବ ହେଉନାହିଁ। ତେଣୁ ଶ୍ରମିକମାନଙ୍କୁ ହିଁ ବୁଦ୍ଧିଜୀବୀ କରିବା ଦରକାର ଏବଂ ସେଥିପାଇଁ ଏ ବ୍ୟବସ୍ଥା ପ୍ରଚଳିତ ହୋଇଛି। ତାହାହେଲେ ହିଁ ପ୍ରତିସ୍ତରରେ ପ୍ରତି ବିଷୟ ଶ୍ରମିକ ଦୃଷ୍ଟିକୋଣରୁ ବିଚାର ହୋଇପାରିବ।" ଯାହାହେଉ, ବର୍ତ୍ତମାନ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ଶିକ୍ଷା ଚୀନରେ ଅତି ସୀମିତ ଅବସ୍ଥାରେ ଅଛି ଏବଂ ସମ୍ପୃକ୍ତ କର୍ତ୍ତୃପକ୍ଷ ନାନା ଦିଗରୁ ବାଛବିଚାର କରି ପ୍ରାର୍ଥୀ ମନୋନୟନ କରନ୍ତି। ବିକାଶର ବର୍ତ୍ତମାନ ଅବସ୍ଥାରେ ଚୀନରେ ଅତି ଅଳ୍ପ ସଂଖ୍ୟକ ଉଚ୍ଚ ଶିକ୍ଷିତଙ୍କ କର୍ମନିଯୁକ୍ତି ପାଇଁ କ୍ଷେତ୍ର ଅଛି। ଅବଶ୍ୟ ୧୯୬୬ ମସିହାରେ ସଙ୍ଗଠିତ ହୋଇଥିବା ସାଂସ୍କୃତିକ ବିପ୍ଳବ ପୂର୍ବରୁ ସେଠାରେ ଶିକ୍ଷିତ ବେକାର ସମସ୍ୟା ଘନୀଭୂତ ହୋଇଥିଲା। କିନ୍ତୁ ୧୯୬୬ ଠାରୁ ୧୯୭୦ ପର୍ଯ୍ୟନ୍ତ ସମସ୍ତ ବିଶ୍ୱବିଦ୍ୟାଳୟ ବନ୍ଦକରି ଦିଆଯାଇ ଶିକ୍ଷାର ଅଗ୍ରଗତି ସ୍ଥଗିତ ରଖାଯିବା ଫଳରେ ତାହା ଆଉ ସମସ୍ୟା ଆକାରରେ ନାହିଁ। ବର୍ତ୍ତମାନ ପର୍ଯ୍ୟନ୍ତ ବି ଅନେକ ବିଶ୍ୱବିଦ୍ୟାଳୟ ଖୋଲି ନାହିଁ। ଏପରିକି ଖୋଦ୍ ପେକିଂରେ ଥିବା ୪୦ ଟି ଶିକ୍ଷାନୁଷ୍ଠାନ ମଧ୍ୟରୁ ମାତ୍ର ୧୦ ଟି ଖୋଲିଛି।

ଏହି କାର୍ଯ୍ୟକ୍ରମକୁ ବିଭିନ୍ନ ଅଞ୍ଚଳର ଓ ବିଭିନ୍ନ ମତବାଦର ଲୋକେ ନିଜ ବାଟରେ ବାଖ୍ୟା କରିପାରନ୍ତି। କିନ୍ତୁ ଭାରତ ଭଳି ଏକ ଜନବହୁଳ ବିକାଶୋନ୍ମୁଖୀ ରାଷ୍ଟ୍ର ଓ ତାର ନାଗରିକମାନଙ୍କର ଏଥିରୁ ଯଥେଷ୍ଟ ଶିକ୍ଷା ଓ ଅଭିଜ୍ଞତା ଅର୍ଜନ କରିବାର ଅଛି।

ପ୍ରଥମତଃ, ଦେଶର ଆବଶ୍ୟକତା ଓ କର୍ମସଂସ୍ଥାନର କ୍ଷେତ୍ର ପ୍ରତି ଲକ୍ଷ୍ୟ ରଖି ଉଚ୍ଚ ଶିକ୍ଷାର ବ୍ୟବସ୍ଥା ହେବା ଉଚିତ। ଅନ୍ୟାନ୍ୟ ବିକାଶୋନ୍ମୁଖୀ ରାଷ୍ଟ୍ରମାନଙ୍କରେ ଦେଖାଦେଇଥିବା ଶିକ୍ଷିତ ବେକାର ସମସ୍ୟାରୁ ରକ୍ଷାପାଇବା ଏବଂ ବେକାର ସଂଖ୍ୟା ହ୍ରାସ କରିବା ଦିଗରେ ଚୀନ ଯେଉଁ ଅଶ୍ରୁତପୂର୍ବ ପନ୍ଥା ଅନୁସରଣ କଲା, ଭାରତରେ ସେପରି ହୋଇଥିଲେ ନାହିଁ ନଥିବା କାଣ୍ଡ ଘଟିଯାଇଥାନ୍ତା। କିନ୍ତୁ ଚୀନରେ ଅନୁସୃତ ପନ୍ଥାର ଯଥାର୍ଥତା ଯାହା ହେଉନା କାହିଁକି ତାହା ଶାସକଗୋଷ୍ଠୀ ଯେପରି ଦୃଢ଼ତାର ସହ କାର୍ଯ୍ୟକାରୀ କଲେ ଏବଂ ଜନସାଧାରଣ ସ୍ୱଇଚ୍ଛାରେ ବା ଜୀବନବିକନରେ ତାହା ଗ୍ରହଣକଲେ ଉଚ୍ଚ ଶୃଙ୍ଖଳାବୋଧର ପରିଚୟ ଦେଲେ, ସେଥିରୁ ଅନେକ ଭାରତବାସୀଙ୍କର ନିଶ୍ଚୟ ଶିକ୍ଷା କରିବାର ଅଛି।

"ସୋୟାବିନ୍" ଚାଷ କରନ୍ତୁ।



ହାରାହାରି ୩୫୦ ଟଙ୍କା ଖର୍ଚ୍ଚକରି

୧୦୦୦ ଟଙ୍କା ଲାଭ କରନ୍ତୁ।

—କୃଷି ବିଭାଗ, ଓଡ଼ିଶା—

# ଆମର ନୂତନ ଧର୍ମପଦ



ପୂର୍ଣ୍ଣଚନ୍ଦ୍ର ହୋତା

ଡିସେମ୍ବର ୧୨ ତାରିଖ, ୧୯୭୧, ଅପରାହ୍ନ । ରାଜଧାନୀ ଦିଲ୍ଲୀ ହୋଇ ଉଠିଛି ଚଞ୍ଚଳ । ପାକ୍ ଆକ୍ରମଣ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ଭାଷଣ ଏଇମାତ୍ର ସରିଥାଏ । ସବୁ ଗଳି କନ୍ଦିରେ ଶରଣାର୍ଥୀଙ୍କ ବନ୍ୟା । ଠିକ୍ ସେତିକି ବେଳେ..........

ହଁ, ସେଇ ଗୁରୁତ୍ୱପୂର୍ଣ୍ଣ ସନ୍ଧ୍ୟା ସମୟରେ ଦିଲ୍ଲୀର ଆକାଶ ସୀମା ରକ୍ଷା କରିବା ଦାୟିତ୍ୱରେ ରହି ଶତ୍ରୁକୁ ଯେ ଅନିଶା କରୁଥିଲେ, ଠିକ୍ ସେତିକି ବେଳେ ସିଏ ଦେଖିଲେ ଯେ ନିଜ ବିମାନଟି ଭିତରେ ହିଁ ଶତ୍ରୁ କେଉଁଠି ଆତ୍ମଗୋପନ କରିଛି । ସେ ଶତ୍ରୁ ପାକିସ୍ଥାନର କୌଣସି ଯୁଦ୍ଧ ବିମାନ ନ ଥିଲା । ଥିଲା, ନିଜ ସ୍ୱଚାଳିତ ମିଗ୍—୨୧ର ନିର୍ଭର-ଯୋଗ୍ୟ ଇଞ୍ଜିନ ଭିତରେ କେଉଁଠି ଏକ ଯାନ୍ତ୍ରିକ ତ୍ରୁଟି ।

ବୈମାନିକ ତରୁଣ, ସତ । ମାତ୍ର ସେ ଖୁବ୍ ଦକ୍ଷ । ବୟସ ଥିଲା ମାତ୍ର ୨୨ ବର୍ଷ । କିନ୍ତୁ ତା' ପୂର୍ବରୁ ୧୯୭୦ ମସିହାରେ ସେ ଯୁଦ୍ଧ ବିମାନର ପୂର୍ଣ୍ଣ ନେତୃତ୍ୱକ୍ଷମ ପାଇଲଟ୍ ପଦବୀରେ ରହି, ସବୁଠାରୁ ଶ୍ରେଷ୍ଠ ବିବେଚିତ ବୈମାନିକ ଭାବେ ଟ୍ରଫି ପାଇ ସାରିଲା ପରେ ଅମ୍ବାଲାରେ ମିଗ୍—୨୧ରେ ଫ୍ଲାଇଂ ଅଫିସର ଭାବେ କାମ କରୁଥିଲେ । ଏହି ପଦବୀ ପାଇଁ ଯେଉଁ ମାତ୍ର ଛଅ ଜଣ ମନୋନୀତ ହୋଇଥିଲେ, ସେ ଥିଲେ ତାଙ୍କ ମଧ୍ୟରେ ଅନ୍ୟତମ । ଅପୂର୍ବ ମନୋବଳ ସାହସରେ ମଣ୍ଡିତ ଥିଲା ତାଙ୍କ ଚରିତ୍ର । ସେ ସବୁ ପ୍ରକାର ଚେଷ୍ଟା କରି ଇଞ୍ଜିନଟିକୁ ଆୟତ୍ତ କରିବାକୁ ଚେଷ୍ଟାକଲେ । ସବୁ କିନ୍ତୁ ନିଷ୍ଫଳ ହୋଇଗଲା । ସୁତରାଂ ହିଣ୍ଡନ୍ ଫେରିଯିବା ପରିବର୍ତ୍ତେ ସେ ଦିଲ୍ଲୀ ପାଲମ ବିମାନ ବନ୍ଦରରେ ଅବତରଣ କରିବାକୁ ବାଧ୍ୟ ହେଲେ । ପାଲମ୍ ମିଲିଟାରୀ ବେସ୍‌ର ରନ୍‌ୱେ ଉପରେ ଗଡ଼ି ଗଲିଲା ମିଗ୍—୨୧ ଭୟଙ୍କର ବେଗରେ । ସକଳ ପ୍ରଚେଷ୍ଟା ସତ୍ତ୍ୱେ ବି ଇଞ୍ଜିନକୁ ଆୟତ୍ତ କରି ହେଲାନାହିଁ ।

ବୈମାନିକ କ'ଣ ଆତ୍ମରକ୍ଷା ପାଇଁ ଚେଷ୍ଟା କରିବେ ?

ସମ୍ମୁଖରେ ବାରୁଦ ଭଣ୍ଡାର । ରନୱେ ଯେଉଁଠି ସରିଛି, ଠିକ ସେଇ ସାମନା । ବିମାନଟିକୁ ଛାଡ଼ି ଦିଆଗଲେ ବାରୁଦ ଭଣ୍ଡାରରେ ସାଂଘାତିକ ଧକ୍କା ଦେବ ଏବଂ ପାଲମ ବନ୍ଦର ପ୍ରବଳ ବିସ୍ଫୋରଣ ଫଳରେ ମୁହୂର୍ତ୍ତକରେ ହୋଇଯିବ ଧ୍ୱଂସ ।

ତେବେ ଅଗଣିତ ନରନାରୀଙ୍କୁ ରକ୍ଷା କରିବା ପାଇଁ ବିମାନଟିକୁ ପରିତ୍ୟାଗ କରି ଆକାଶ ଛତା ସାହାଯ୍ୟରେ ଆତ୍ମ ରକ୍ଷା କରିବାକୁ ଯିଏ ଶ୍ରେୟ ମନେ କରି ନ ଥିଲେ, ସେଇ ବୈମାନିକ ଏକ ଆସନ୍ନ ବିପଦ ଅନୁଭବ କରି ମଧ୍ୟ ବାରୁଦ ଭଣ୍ଡାରଟିକୁ ରକ୍ଷା କରିବାକୁ ନିଜର ପ୍ରଥମ କର୍ତ୍ତବ୍ୟ ବୋଲି ମନେକଲେ । ତେଣୁ, ବାରୁଦ ଭଣ୍ଡାରରେ ଧକ୍କା ଲଗିବା ପୂର୍ବରୁ ରନୱେ ବାହାରକୁ ସେ ବିମାନଟିର ଗତିପଥ ପରିବର୍ତ୍ତନ କରିଦେଲେ ।

ତାହା ଥିଲା ଏକ ଆତଙ୍କମୟ ଉତ୍କଣ୍ଠିତ ମୁହୂର୍ତ୍ତ । ବୈମାନିକ ଜାଣିଥିଲେ ଯେ ଉତ୍‌ଡ୍ରେ ବାହାରକୁ ଗଲେ ହିଁ ମିଗ୍‌ଟି ତଳମୁହଁ ହୋଇ ତାଙ୍କ ନିଜର ଅନିଷ୍ଟ ଘଟାଇବ, ତା' ସତ୍ତ୍ୱେ ନିଜର ନିରାପତା ଅପେକ୍ଷା ସେ ଅଧିକ ଗୁରୁତ୍ୱ ଦେଲେ ବାରୁଦ ଭଣ୍ଡାରଟିର ସୁରକ୍ଷା ଉପରେ ।

ବାରୁଦ ଭଣ୍ଡାରଟି ଏକ ଆକସ୍ମିକ ବିପଦରୁ ରକ୍ଷା ପାଇଯାଇ ସମଗ୍ର ପାଲମ ରହିଗଲା । କିନ୍ତୁ ବୈମାନିକ ଶ୍ରୀ ପ୍ରକାଶ କୁମାର ସାହୁ ସାଂଘାତିକ ଭାବେ ଆହତ ହୋଇ ଶେଷ ନିଃଶ୍ୱାସ ତ୍ୟାଗ କଲେ । ତାଙ୍କର ଆତ୍ମା ଅମର ହେଲା ଏବଂ ତାଙ୍କର ନାମ ଦେଶର ଗୌରବୋଜ୍ୱଳ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଲା ।

ଏ ତ୍ୟାଗର ପଟାନ୍ତର ନାହିଁ । ଯେଉଁ ଅପୂର୍ବ ସାହସ ଓ ନିର୍ଭୀକତା ପ୍ରଦର୍ଶନ କରି ଶ୍ରୀ ସାହୁ ଅଗଣିତ ନରନାରୀଙ୍କ ସମେତ ପାଲମକୁ ଏକ ଆକସ୍ମିକ ଅଥଚ ଏକ ଭୟଙ୍କର ବିପଦରୁ ରକ୍ଷା କଲେ, ତା'ର ଇତିହାସ ବାରଣ ବଢ଼େଇକୁ ରକ୍ଷା କରିବା ପାଇଁ ନିଜେ ପ୍ରାଣବଳି ଦେଇ ଥିବା ବାଳକ ଧର୍ମପଦର ସ୍ମୃତିରେ ହିଁ ପ୍ରତିଫଳିତ ।

ମାତ୍ର ୨୨ ବର୍ଷ ବୟସ ଏହି ବୀର ଓଡ଼ିଆ ତରୁଣ ସମଗ୍ର ଦେଶର ମୁଖ ଉଜ୍ୱଳ କରିଛନ୍ତି । ସେ ନୂତନ ଓଡ଼ିଶାର ନୂତନ ଧର୍ମପଦ ।

କଳାର ଶ୍ରେଷ୍ଠ ନିଦର୍ଶନ କୋଣାର୍କ ମନ୍ଦିର ପାଇଁ ପ୍ରାଣବଳି ଦେଇ-ଥିବା ବାଳକ ଧର୍ମପଦର ଯେପରି ପିଲାଦିନୁଁ ସ୍ଥାପତ୍ୟ ଶିଳ୍ପ ପାଇଁ ଅଶେଷ ଆଗ୍ରହ ଥିଲା, ଠିକ୍ ସେହିପରି ବୈମାନିକ ଶ୍ରୀ ସାହୁଙ୍କର ଶୈଶବାବସ୍ଥାରୁ ଉଡ଼ାଜାହାଜ ପାଇଁ ଏକ ସ୍ୱାଭାବିକ ଆକର୍ଷଣ ପରି-ଲକ୍ଷିତ ହେଉଥିଲା । ଛୋଟ ବୟସରେ କାଗଜରେ ଉଡ଼ାଜାହାଜ କରି ବରାବର ସେ ଖେଳୁଥିଲେ । ସ୍କୁଲରେ ପଢ଼ିବାବେଳେ ଏୟାର ଉଇଙ୍ଗ୍‌ସ୍‌ରେ ଭର୍ତ୍ତି ହେବାପାଇଁ ତାଙ୍କର ଅଦମ୍ୟ ଆଗ୍ରହ ଥିଲା । ଆପାତତଃ ତାଙ୍କର ସମଗ୍ର ସ୍କୁଲ ଜୀବନରେ ସବୁଠାରୁ ପ୍ରିୟ କାର୍ଯ୍ୟ ଥିଲା ମଡେଲ ଉଡ଼ାଜାହାଜ କରି ଉଡ଼ାଇବା ।

ଶ୍ରୀ ସାହୁ ପ୍ରଥମେ ସମ୍ବଲପୁର ଓ ପରେ କଟକର ମିଶନ ସ୍କୁ... ଅଧ୍ୟୟନ କରି ଭୁବନେଶ୍ୱର ସୈନିକ ସ୍କୁଲରେ ଭର୍ତ୍ତି ହୋଇଥିଲେ... ପ୍ରଥମ ବ୍ୟାଚ୍‌ରେ ସେଠାରୁ ବିମାନ ବାହିନୀ ପାଇଁ ମନୋନୀତ ହୋ... ନ୍ୟାସନାଲ ଡିଫେନ୍‌ସ୍ ଏକାଡେମୀ ଖଡ଼୍‌ଗବାସଲାରେ ଅଧ୍ୟ... କରିଥିଲେ । ସେ ପ୍ରଥମରୁ ହିଁ ଯୁଦ୍ଧ ବିମାନ ଚଳାଇବାକୁ ଚାହିଁ... ନେଇ ଆସିଛନ୍ତି । ଫାଇଟର ପରେ ହଣ୍ଟର ବିମାନର ପୂର୍ଣ୍ଣ ଯୋଗ୍ୟ... କ୍ଷମ ପାଇଲଟ୍ ରୂପେ ସେ ନିଷ୍ଠାର ନିଦର୍ଶନ ଦେଖାଇ ମିଗ୍-୨୧... ଦାୟିତ୍ୱ ଗ୍ରହଣ କରିଥିଲେ ।

କିନ୍ତୁ ଏଇ ଯୁଦ୍ଧ-ପ୍ରିୟ ବୀର ତରୁଣଟିର ହୃଦୟ ଭିତରେ ... ଦିବ୍ୟ ଦୈବୀ ଗୁଣ ଅହର୍ନିଶ ତରଙ୍ଗାୟିତ ହେଉଥିଲା, ତାହା ସେ ... ବ୍ୟକ୍ତିକୁ ମଧ୍ୟ ଅଭିଭୂତ କରିବ । ପ୍ରତ୍ୟହ ଈଶ୍ୱରୋପାସନା ... ସେ ଜଳ ମଧ୍ୟ ସ୍ପର୍ଶ କରୁ ନ ଥିଲେ । ବନ୍ଧୁ ସେବା ତାଙ୍କୁ ପ୍ରଚୁ... ଆନନ୍ଦ ପ୍ରଦାନ କରୁଥିଲା । ତାଙ୍କର ସବୁ ସହପାଠୀ ଓ ସାଥୀ... ମାନେ ତାଙ୍କ ନିକଟକୁ ନିଜ ନିଜର ଟ୍ରାନ୍‌ଜିଷ୍ଟର ରେଡ଼ିଓ ମରା... ପାଇଁ ବରାବର ଆଣୁଥିଲେ । ବନ୍ଧୁମାନଙ୍କୁ ଆପ୍ୟାୟିତ କ... ପାଇଁ ସେ ସତେ ଯେମିତି ଇଲେକ୍‌ଟ୍ରୋନିକ୍‌ସରେ ନିଜକୁ ଦକ୍ଷ ... ଗଢ଼ିବାକୁ ଚେଷ୍ଟା କରିଥିଲେ, ସମସ୍ତଙ୍କ ନୟନର ନେପଥ୍ୟରେ ।

ତାଙ୍କ ତିରୋଧାନ ଦେଶ ପାଇଁ ଏକ ଅପୂରଣୀୟ କ୍ଷତି । ତା... ପିତା ଶ୍ରୀ ପଦ୍ମନାଭ ସାହୁ, ଆଇ. ଏ.ଏସ୍., ଅତିରିକ୍ତ ଶିଳ୍ପ ନିର୍ଦ୍ଦେଶ... ଓଡ଼ିଶା ସରକାର ଓ ମାତା ଶ୍ରୀମତୀ କାଞ୍ଚନବାଳାଙ୍କୁ ଏଇ ଦୁଃଖ... ପ୍ରବୋଧନା ଦେବାକୁ ସିନା ଭାଷା ନାହିଁ । କିନ୍ତୁ ଏତିକି କୁହାଯା... ପାରିବ ଯେ, ସ୍ୱର୍ଗତ ପ୍ରକାଶ କୁମାରଙ୍କ ପରି ସନ୍ତାନକୁ ଜନ୍ମ ଦେ... ସେମାନେ ଧନ୍ୟ ହୋଇଛନ୍ତି ।

ବୀର ତ ମରେ ନାହିଁ
ସେ ଚିର ଅମର ।

'ହତୋ ବା ପ୍ରାପ୍ସ୍ୟସେ ସ୍ୱର୍ଗଂ,
ଜିତ୍ୱା ବା ଭୋକ୍ଷ୍ୟସେ ମହୀମ୍..

(ସ୍ୱର୍ଗତ ସାହୁଙ୍କର କେତେକ ଆଲୋକ ଚିତ୍ର ଏଇ ସଂଖ୍ୟା... ଅନ୍ୟତ୍ର ପ୍ରକାଶ ପାଇଛି ।)

ରୋହଣୀକୁମାର ସାହୁ

# ବିଦ୍ୟୁତ୍‌ଶକ୍ତି ସାହାଯ୍ୟରେ ଉଠା ଜଳସେଚନ

ସବୁଜ ବିପ୍ଳବ—ଶୁଣିଆଡେ ସବୁଜ ବିପ୍ଳବର ଆହ୍ୱାନ । କୃଷି ଉତ୍ପାଦନ ବୃଦ୍ଧି ପାଇଁ ସରକାରୀ ତଥା ବେସରକାରୀ ଉଭୟ ସ୍ତରରେ ଆଲୋଡନ । କୃଷି ଉପଯୋଗୀ ପ୍ରତ୍ୟେକ ଇଞ୍ଚ ଜମିକୁ ସଦୁପଯୋଗ କରିବାକୁ ହେବ । ଏଇ ଶପଥ ନେଇ ଆମେ ଆଗେଇ ଚାଲିବୁ; କିନ୍ତୁ ପ୍ରତି ପଦରେ ଆମ ପଥରୁଦ୍ଧ । ପ୍ରକୃତିର ଗତିରେ ଘୋର ବ୍ୟତିକ୍ରମ, ଅଦିନ ବର୍ଷା, ବର୍ଷା ଋତୁରେ ମରୁଡ଼ି, ଅପ୍ରତ୍ୟାଶିତ ଝଡ଼ ଏବଂ ପ୍ରବଳ ଝଞ୍ଜା । ତଥାପି ଆମକୁ ଆଗେଇ ବାକୁ ହେବ । ପ୍ରଶ୍ନଉଠେ—କିପରି ? ଆମ ଗାଁ ଗହଳର ଅଗଣିତ କମ୍ପୋଷ୍ଟ ଗାତଗୁଡ଼ିକରୁ ଓ ଦେଶରେ ଗଢ଼ିଉଠୁଥିବା ସରକାରୀ ତଥା ବେସରକାରୀ ସାରକାରଖାନାମାନଙ୍କରୁ ହୁଏତ ଆମେ ଆବଶ୍ୟକ ପରିମାଣର ସାର ପାଇ ପାରିବୁ । ଅନ୍ୟପକ୍ଷରେ ବ୍ଲକ୍ ସ୍ତରରୁ ଆରମ୍ଭକରି ଜିଲ୍ଲା ତଥା ପ୍ରାଦେଶିକ ସ୍ତରରେ ଥିବା କୃଷି ବିଶେଷଜ୍ଞମାନଙ୍କ ଠାରୁ ଆବଶ୍ୟକୀୟ କୃଷି ପରାମର୍ଶ ପାଇପାରିବୁ । ଆଧୁନିକ କୃଷିଉପକରଣ, ଉନ୍ନତ ବିହନ ଏବଂ ଅନ୍ୟାନ୍ୟ ଦରକାରୀ ରାସାୟନିକ ଦ୍ରବ୍ୟର ମଧ୍ୟ ଅଭାବ ରହିବନି; କିନ୍ତୁ ଏସବୁ ମିଳିବା ସତ୍ତ୍ୱେ ଆମର ଦରକାର ଜଳ । ବର୍ଷା ପାଣିକୁ ଚାହିଁ ରହିଲେ କେବଳ ଅନିଶ୍ଚିତତା ପଛରେ ଗୋଡ଼ାଇ-ବାକୁ ହେବ । ରାଜ୍ୟର ସବୁ ପ୍ରାନ୍ତରେ ଆମେ କେନାଲର ସୁବିଧା ପାଇପାରୁନା, ପାଇବାବି ସମ୍ଭବ ନୁହେଁ । ବହୁ ପରିଶ୍ରମପରେ କୂଅଖୋଳି ଓ ସେଥିରେ ଟେଣ୍ଡା ମାରି ଆମେ ସ୍ୱଳ୍ପ କିଛି ଜମିରେ ପାଣି ମଡ଼ାଇବାକୁ ସକ୍ଷମ ହୋଇଥାଉଁ । ଏତିକିରେ ଆମର ସବୁଜ ବିପ୍ଳବ କ'ଣ ସମ୍ଭବ ହେବ ? କିନ୍ତୁ ଏହାର ଉପାୟ ଅଛି । ଆମ ପାଦତଳେ ଥିବା ପ୍ରଚୁର ଜଳସମ୍ପଦର ଏବେ ବି ବିନିଯୋଗ ହୋଇନି । ଚିରସ୍ରୋତା ଜଳଧାରର ଚିରଚଞ୍ଚଳ ପ୍ରବାହରେ ପ୍ରଚୁର ଜଳରାଶି ଅନିୟନ୍ତ୍ରିତ ଭାବେ ଜଳଧିର ତରଙ୍ଗାୟିତ ବକ୍ଷରେ ଲୀନ ହୋଇ ଯାଉଛି । ଉକ୍ତ ଜଳରାଶିକୁ ଉତ୍ତୋଳନ କରି ଆମକୁ କାମରେ ଲଗାଇବାକୁ ହେବ । ଏଥିପାଇଁ ଆମର ସହାୟକ ହେଉଛି ବିଦ୍ୟୁତ୍‌ଶକ୍ତି, ଭୂତଳ ଖନନକାରୀ ବିରାଟକାୟ ଯାନ୍ତ୍ରିକ ରିଗ୍ ତଥା ଅନ୍ୟାନ୍ୟ ଉପକରଣ ଏବଂ ବିଭିନ୍ନ ଅଶ୍ୱଶକ୍ତି ବିଶିଷ୍ଟ ପାଣି ପମ୍ପ । ଆଉମଧ୍ୟ ଏ ଦିଗରେ ଆମକୁ ସାହାଯ୍ୟ କରିବା ପାଇଁ ଅଛନ୍ତି ଭୂତତ୍ତ୍ୱବିତ୍, ଜଳତତ୍ତ୍ୱବିତ୍, ଯନ୍ତ୍ରାଧ୍ୟକ୍ଷ, ବିଦ୍ୟୁତ୍ ଯନ୍ତ୍ରୀ ଓ କୁଶଳୀ କାରିଗରଗଣ । ବିଜ୍ଞାନ ଜଳସେଚନ କ୍ଷେତ୍ରରେ ସୃଷ୍ଟିକରିଛି ଏକ ନୂତନ ଅଧ୍ୟାୟ, ଏହା ହେଉଛି ଉଠାଜଳସେଚନ । ବର୍ଷର ଯେ କୌଣସି ସମୟରେ ଚାହିଦା ଅନୁସାରେ ନିୟନ୍ତ୍ରିତ ପରିମାଣରେ ଜଳଯୋଗାଇବା ହେଲା ଉଠାଜଳସେଚନର ପ୍ରଧାନ ବିଶେଷତ୍ୱ ।

ଏହି ଉଠାଜଳସେଚନ ପାଇଁ ବିଭିନ୍ନ ପଦ୍ଧତି ଅନୁସରଣ କରାଯାଇଥାଏ । କେତେକ କ୍ଷେତ୍ରରେ ଭୂଗର୍ଭରେଥିବା ଜଳରାଶିକୁ ନଳକୂପ ଦ୍ୱାରା ପମ୍ପ ସାହାଯ୍ୟରେ ଉତ୍ତୋଳନ କରି ପାଇପ୍ କିମ୍ବା ଛୋଟ ନାଳ ସାହାଯ୍ୟରେ କୃଷିକ୍ଷେତ୍ରକୁ ଜଳ ଯୋଗାଇଦିଆ-ଯାଇଥାଏ । ଏଭଳି ଯୋଜନା କାର୍ଯ୍ୟକାରୀ କରିବାରେ ସ୍ଥାନ-ବିଶେଷରେ ପ୍ରାୟ ଟ୧୦,୦୦୦ ରୁ ଟ୪୦,୦୦୦ ପର୍ଯ୍ୟନ୍ତ ଖର୍ଚ୍ଚ

ହୋଇଥାଏ ଏବଂ ଏହାଦ୍ୱାରା ୩୦ ଏକରରୁ ୧୦୦ ଏକର ପର୍ଯ୍ୟନ୍ତ ଜମିରେ ପାଣି ମଡ଼ାଯାଇ ପାରେ । ନଦୀ ଅବବାହିକାରେ କିମ୍ବା ତ୍ରିକୋଣ ଭୂମିମାନଙ୍କରେ ଜଳସ୍ତର ୧୫ ଫୁଟ ଠାରୁ ୫୦ ଫୁଟ ଗଭୀରରେ ଥିଲେ ଏବଂ ଜଳଧାରଣ ସ୍ତର ପର୍ଯ୍ୟନ୍ତ ହୋଇଥିଲେ, ସେହି ସ୍ଥାନମାନଙ୍କରେ ସ୍ୱଳ୍ପଗଭୀରତା ବିଶିଷ୍ଟ ନଳକୂପ ସାହାଯ୍ୟରେ ଜଳସେଚନ ପାଇଁ ପ୍ରକୃଷ୍ଟ କ୍ଷେତ୍ର ମିଳିଥାଏ । ଏହାଛଡ଼ା ଚିରସ୍ରୋତା ଜଳଧାରମାନଙ୍କରେ ଭାସମାନ ଛୋଟ ନୌକାରେ ପମ୍ପ ବସାଇ ଜଳ ଉତ୍ତୋଳନ କରି କୃଷି କ୍ଷେତ୍ରକୁ ଜଳ ସେଚନ କରାଯାଏ । ଏହି ପ୍ରଣାଳୀ ଦ୍ୱାରା ନଦୀକୂଳସ୍ଥ ସ୍ୱଳ୍ପ ଜମିକୁ ସୁବିଧାରେ ଜଳସେଚନ କରାଯାଇ ପାରିବ । ଏତଦ୍‌ ବ୍ୟତୀତ କୌଣସି ଏକ ଜଳାଧାରରୁ ଉଚ୍ଚଶକ୍ତି ସମ୍ପନ୍ନ ପମ୍ପ ସାହାଯ୍ୟରେ ସିଧାସଳଖ ଜଳ ଉତ୍ତୋଳନ କରି କୃଷି କ୍ଷେତ୍ରକୁ ଜଳ ଯୋଗାଇ ଦିଆଯାଏ । ଉପରୋକ୍ତ ଉଠାଜଳସେଚନ ଯୋଜନାରେ ପ୍ରାୟ ଟ୪୫,୦୦୦ ରୁ ଟ୫୦,୦୦୦ ପର୍ଯ୍ୟନ୍ତ ଖର୍ଚ୍ଚ ହୁଏ ଏବଂ ଏହାଦ୍ୱାରା ୧୦୦ ରୁ ୧୨୦ ଏକର ପର୍ଯ୍ୟନ୍ତ ଜମିରେ ପାଣି ମଡ଼ାଯାଇ ପାରିବ । ବିଭିନ୍ନ ଧରଣର ଉଠାଜଳସେଚନ ଯୋଜନା କଟକ ଜିଲ୍ଲାର ବାଙ୍କୀ, ବୟାଳିଶମୌଜା ଓ ବାଉଣିମୌଜା ଏବଂ ଗଞ୍ଜାମ ଜିଲ୍ଲାର ଆସ୍କା ଓ ବ୍ରହ୍ମପୁର ସବ୍‌ଡିଭିଜନ ତଥା ରାଜ୍ୟର ଅନ୍ୟାନ୍ୟ ବହୁସ୍ଥାନରେ କାର୍ଯ୍ୟକାରୀ କରାଯାଇଛି । ସଂପ୍ରତି ଖୋଳାକୂପରୁ କିପରି ଅଳ୍ପବ୍ୟୟରେ ପମ୍ପ ସାହାଯ୍ୟରେ ଜଳ ଉତ୍ତୋଳନ କରି ଜଳସେଚନ ହୋଇ ପାରିବ, ସେଥି ନିମନ୍ତେ କି ଯୋଜନା ପ୍ରସ୍ତୁତ କରାଯାଉଛି । ଅନେକ ସ୍ଥାନରେ ଖୋଳାକୂପ ସାହାଯ୍ୟରେ ଜଳସେଚନ ବାବଦ ଖର୍ଚ୍ଚ ସବୁଠାରୁ କମ୍ ପଡୁଥିବାର ଦେଖାଯାଉଛି ।

ସାରାରାଜ୍ୟରେ ଭୂତଳ ଜଳସମ୍ପଦର ପରିମାଣ ଏବଂ ପରିବ୍ୟାପ୍ତି ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରିବା ନିମନ୍ତେ ଜଣେ ଅଧୀକ୍ଷଣ ଯନ୍ତ୍ରୀ ଅଛନ୍ତି । ସେ ଅନ୍ୟାନ୍ୟ ବିଭାଗୀୟ ଇଞ୍ଜିନିୟର ଜଳତତ୍ତ୍ୱବିଦ୍ ଓ ଭୂତତ୍ତ୍ୱବିତ୍‌ମାନଙ୍କ ସହଯୋଗକ୍ରମେ ଏ ଦିଗରେ ଅନୁସନ୍ଧାନ କାର୍ଯ୍ୟ ଚଳାଉଛନ୍ତି । ରାଜ୍ୟର କେଉଁସ୍ଥାନରେ କି ପ୍ରକାର ଉଠାଜଳସେଚନ ପଦ୍ଧତି ଅନୁସରଣ କରାଗଲେ ଆର୍ଥିକ ତଥା ଅନ୍ୟାନ୍ୟ ଦିଗରୁ ସ୍ପୃହଣୀୟ ହେବ ସେ ସମ୍ବନ୍ଧରେ ନିର୍ଦ୍ଦିଷ୍ଟ ପରାମର୍ଶ ଦିଆଯାଉଥାଏ । ବର୍ତ୍ତମାନ ସୁଦ୍ଧା ରାଜ୍ୟର ପ୍ରାୟ ୧୯,୦୦୦ ବର୍ଗ ମାଇଲ ଅଞ୍ଚଳରେ ପ୍ରାରମ୍ଭିକ ଅନୁସନ୍ଧାନ ଓ ପ୍ରାୟ ୭,୦୦୦ ବର୍ଗମାଇଲ ପରିମିତ ଅଞ୍ଚଳରେ ଭୂଜଳ-ତାତ୍ତ୍ୱିକ ସର୍ଭେ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । ଏ ଧରଣର ବୈଜ୍ଞାନିକ ଅନୁସନ୍ଧାନ

ଫଳରେ ଭୂଗର୍ଭସ୍ଥ ଜଳ ତଥା ପ୍ରବହମାନ ଜଳାଧାର
ବହୁତଥ୍ୟ ହସ୍ତଗତ ହୋଇଛି ।

ଚାଷୀମାନଙ୍କୁ ନିଜ ଉଦ୍ୟମରେ ଉଠାଜଳସେଚନ
କାର୍ଯ୍ୟକାରୀ କରିବା ପାଇଁ ସରକାର ପ୍ରୋତ୍ସାହିତ
ଏ ଦିଗରେ ଚାଷୀମାନଙ୍କୁ ସାହାଯ୍ୟ କରିବା ପାଇଁ
ସୁଚିନ୍ତିତ ପରିକଳ୍ପନା ପ୍ରସ୍ତୁତ କରା ଯାଉଛି । ଏଭଳି ଉଠା
ସେଚନ ଯୋଜନା ପାଇଁ ବିଭିନ୍ନ ବ୍ୟାଙ୍କ୍ ତରଫରୁ ମଧ୍ୟ ଅଳ୍ପ
ସୁଧରେ ଋଣ ଯୋଗାଇ ଦିଆଯାଉଛି । ଏହାଛଡ଼ା ଉଠା
ସେଚନ ସଂସ୍ଥା ତରଫରୁ ସେମାନଙ୍କୁ ଆବଶ୍ୟକୀୟ ବୈ
ପରାମର୍ଶ ଦିଆଯାଉ ଥାଏ ଏବଂ ଆବଶ୍ୟକ ହେଲେ ଚାଷୀମା
ଅନୁରୋଧ କ୍ରମେ ନିର୍ମାଣ କାର୍ଯ୍ୟ ମଧ୍ୟ ହାତକୁ ନିଆ

ସରକାରୀ ଉଠାଜଳସେଚନ ଯୋଜନାଗୁଡ଼ିକରୁ ଜଳ
ହେଲେ ଉକ୍ତ ଯୋଜନା ଦାୟିତ୍ୱରେ ଥିବା ଉପସହକାରୀ
କିମ୍ବା ସହକାରୀ ଯନ୍ତ୍ରୀଙ୍କ ଜରିଆରେ ସରକାରଙ୍କ ସହ
ଫର୍ମରେ ଚୁକ୍ତିବଦ୍ଧ ହେବାକୁ ପଡ଼େ । ଏହାପରେ ଉକ୍ତ
ଜମିକୁ ଜଳ ଯୋଗାଇ ଦିଆଯାଇଥାଏ । ଏଥିପାଇଁ
ବିଶେଷରେ ନିର୍ଦ୍ଧାରିତ ହାରରେ (ଫସଲ ଅନୁଯାୟୀ)
ପୁରା କିମ୍ବା କେତେକାଂଶ ଅଗ୍ରିମ ଦେବାକୁ ପଡ଼େ ।

ଗତ ମାର୍ଚ୍ଚ ମାସ ଶେଷ ସୁଦ୍ଧା ରାଜ୍ୟର ବିଭିନ୍ନ
୨୨୯ ଟି ବିଦ୍ୟୁତ୍ ଚାଳିତ ନଳକୂପ ବସାଯାଇଛି ଏବଂ
ଉଚ୍ଚ ଶକ୍ତିସମ୍ପନ୍ନ ପମ୍ପ କରାଯାଇ ଥିବା ଉଠାଜଳ
ଯୋଜନାର କାର୍ଯ୍ୟମଧ୍ୟ ସଂପୂର୍ଣ୍ଣ ହୋଇ ସାରିଛି ।

ଏ ଧରଣର ଉଠାଜଳ ସେଚନ ଯୋଜନା ପ୍ରସ୍ତୁତ କଲା
ସାଧାରଣତଃ ଏହାର ଆର୍ଥିକ ଦିଗପ୍ରତି ଅଧିକ ଦୃଷ୍ଟି ଦିଆଯା
ଯୋଜନା ବାବଦ ଖର୍ଚ୍ଚ କିପରି ସବୁଠାରୁ କମ୍ ହେବ
ଚାଷୀମାନେ କିପରି ସର୍ବାଧିକ ଉପକାର ପାଇ ପାରିବେ ସେ
ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥାଏ ।

ଉଠାଜଳସେଚନ ସଂସ୍ଥା ତରଫରୁ ମରୁଡ଼ି ସମୟରେ
ଅନ୍ୟାନ୍ୟ ଜରୁରୀ ପରିସ୍ଥିତିରେ ଚାଷୀମାନଙ୍କୁ ଉଦ୍ଧାରରେ
ଚାଳିତ ପମ୍ପ ଯୋଗାଇ ଦିଆ ଯାଏ । ବର୍ତ୍ତମାନ ଭିନ୍ନ ଭିନ୍ନ
ସମ୍ପନ୍ନ ୨୬୫ ଟି ପମ୍ପ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମହଜୁଦ
ରହିଛି । ଚାଷୀମାନେ ନିର୍ଦ୍ଧାରିତ ଦେୟ ଦେଇ ଉଦ୍ଧାରରେ
ଗୁଡ଼ିକୁ ନେଇ ଜମିରେ ପାଣି ମଡ଼ାଇ ଥାଆନ୍ତି; କିନ୍ତୁ
ଯାଉଛି ଯେ ମହଜୁଦଥିବା ପମ୍ପ ତୁଳନାରେ ଚାଷୀ

ଜଳର ସୁବିଧା କ୍ରମଶଃ ବଢ଼ି ଚାଲିଛି । ତେଣୁ ଏହି ଯୋଜନାର ଅଧିକ ସଂପ୍ରସାରଣ ନିମନ୍ତେ ଉଦ୍ୟମ କରାଯାଉଛି ।

ଓଡ଼ିଶାରେ ବିଦ୍ୟୁତ୍‌ଚାଳିତ ଉଠାଜଳସେଚନ ଯୋଜନା ମାତ୍ର ୧୯୬୨ ବର୍ଷ ହେଲା ଆରମ୍ଭ ହୋଇଛି । ଏହି ଯୋଜନାର ସୂତ୍ରପାତ ହେଲା ପ୍ରଥମେ ଋଷିକୁଲ୍ୟା ଅବବାହିକାରେ ଏବଂ ଅଳ୍ପକାଳ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନକୁ ଏହା ସଂପ୍ରସାରିତ ହୋଇ ସାରିଛି । ଗ୍ରାମାଞ୍ଚଳ ବିଦ୍ୟୁତ୍ କରଣ ଯୋଜନା ମାଧ୍ୟମରେ ସମଗ୍ର ରାଜ୍ୟରେ ବିଦ୍ୟୁତ୍ ସରବରାହ କରାଯାଉ ଥିବା ଉଠାଜଳ-ସେଚନ ଯୋଜନାର ପ୍ରସାର ସମ୍ଭାବନା ପାଇଁ ଏକ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରାଯାଉଛି । ଏହି ଯୋଜନାର ସଫଳ ରୂପାୟନ ପାଇଁ ଜନସାଧାରଣଙ୍କ ପୂର୍ଣ୍ଣ ସହଯୋଗ ଏକାନ୍ତ ଆବଶ୍ୟକ ଏବଂ ଏହା ସଫଳ ହେଲେ ରାଜ୍ୟର କୃଷି ଅର୍ଥନୀତିରେ ବୈପ୍ଳବିକ ପରିବର୍ତ୍ତନ ଘଟିବା ସଙ୍ଗେ ସଙ୍ଗେ ଆମେ ଖାଦ୍ୟଶସ୍ୟରେ ସମ୍ପୂର୍ଣ୍ଣ ଭାବେ ଆତ୍ମନିର୍ଭରଶୀଳ ହୋଇପାରିବା ।

---

ଶ୍ରୀ ସାହୁ ବର୍ତ୍ତମାନ ଓଡ଼ିଶା ସରକାରଙ୍କ ଉଠାଜଳସେଚନ ବିଭାଗର ନିର୍ଦ୍ଦେଶକ ଭାବେ କାମ କରୁଛନ୍ତି


TRAVEL & TOURS:

To make it Carefree & Enjoyalbe

*Please Contact :*

**Kalinga Travels (India) Private Ltd.**

( Recognised by Government of Orissa )

**29, Eastern Tower, Market Buildings, Bhubaneswar-1.**

Tele : 201 & 201-A Gram : ORETOUR

We undertake, at no extra expenses, all travel formalities in passport ; visa informations. International Health, 'P' Form, Foreign Exchange, Air/Rail/Sea Bookings, Insurance, Baggage Handling, Customs Formalities, Clearing & Forwarding, etc.

Also, Car/Coach hire and Hotel reservations.

**Expert Advice ! Efficient Handling !! Satisfaction Assured !!!**

# ନନ୍ଦନ କାନନ ପରିଦର୍ଶନ କରନ୍ତୁ

* ପ୍ରାକୃତିକ ପରିବେଶ ମଧ୍ୟରେ ନାନା ଜାତିର ପଶୁପକ୍ଷୀ ଓ ବନ୍ୟପ୍ରାଣୀ ଦେଖନ୍ତୁ

* ଦକ୍ଷିଣ ପୂର୍ବ ରେଳପଥର ବାରଙ୍ଗ ରେଳ ଷ୍ଟେସନଠାରୁ ଏଠାକୁ ଯିବାର ସୁବିଧା ରହିଛି

* ଭୁବନେଶ୍ୱରଠାରୁ ଏଠାକୁ ଯିବାନିମନ୍ତେ ସବୁଦିନିଆ ରାସ୍ତା ଅଛି

* ପର୍ଯ୍ୟଟକମାନଙ୍କ ନିମନ୍ତେ ରହିବାର ସବୁ ସୁବିଧାଥିବା ଘର ଓ ବିଶ୍ରାମାଗାର ରହିଛି

* ଛୁଟି ଅବସରରେ ଚିତ୍ତବିନୋଦନ ପାଇଁ ଏହା ଏକ ଚମତ୍କାର ସ୍ଥାନ

* ଏଠାରେ ଥିବା ହ୍ରଦରେ ନୌକା ବିହାରର ସୁବିଧା ରହିଛି

* ହ୍ରଦରେ ଆଧୁନିକ ମାଛ ନୌକା ଚାଳନା ଓ ବଂଶୀର ଶିକାର ଏଠାରେ ଗୋଟିଏ ଗୋଟିଏ ବିଶେଷ ଆକର୍ଷଣ ।

* ଶିଶୁମାନଙ୍କ ନିମନ୍ତେ "ନନ୍ଦନକାନନ ଏକ୍ସପ୍ରେସ" ନାମକ ଏକ ଖେଳ ରେଳଗାଡି ମଧ୍ୟ ରହିଛି

ବିଶେଷ ବିବରଣୀ ପାଇଁ ବନ୍ୟପ୍ରାଣୀ ସଂରକ୍ଷଣ ଅଧିକାରୀ, ଓଡ଼ିଶା, କଟକ-୧ଙ୍କ (ଟେଲିଫୋନ୍ ନମ୍ବର ୧୪୬୮) ସହିତ ଯୋଗାଯୋଗ ସ୍ଥାପନ କରନ୍ତୁ ।



ଗଞ୍ଜାମ ଜିଲ୍ଲାର ଋଷିକୁଲ୍ୟା ନଦୀର ଜଳ ଉପଯୋଗ କରଯାଇ ଅଞ୍ଚଳରେ ନିର୍ମିତ ଉଠା ଜଳସେଚନ ଯୋଜନା

## କୃଷିର ବିକାଶରେ ଉଠା ଜଳସେଚନ

ପାଞ୍ଚ ଅଶ୍ୱ ଶକ୍ତି ବିଶିଷ୍ଟ ପମ୍ପ ସହିତ ସଜ୍ଜିତ ଏକ ବିଦ୍ୟୁତ ଚାଳିତ ଖୋଲା କୂଅ





ଜୟପୁର ଅଞ୍ଚଳରେ ଏକ ଉଠା ଜଳସେଚନ ଯୋଜନା

# ସଂକ୍ଷିପ୍ତ ଜୀବନୀ

## ଜେନେରାଲ୍ ଏସ୍. ଏଚ. ଏଫ. ଜେ. ମାନେକ୍‌ଶ

ଜେନେରାଲ ଶାମ ହରମୁସଜି ଫ୍ରାମଜି ଜାମସେଦଜି ମାନେକ୍‌ଶ ୧୯୬୯ ମସିହା ଜୁନ୍ ୮ ତାରିଖ ଦିନ ସେନାବାହିନୀରେ ମୁଖ୍ୟ ରୂପେ କାର୍ଯ୍ୟଭାର ଗ୍ରହଣ କଲେ ।

ତାଙ୍କ ପିତା ଡଃ ଏଚ୍. ଏଫ. ମାନେକ୍‌ଶ ପ୍ରଥମ ମହାଯୁଦ୍ଧରେ ମେଡ଼ିକାଲ ସର୍ଭିସରେ କାମ କରୁଥିଲେ । ଜେନେରାଲ ମାନେକ୍‌ଶ ଅମୃତସରରେ ୧୯୧୪ ମସିହା ଏପ୍ରିଲ ୩ ତାରିଖ ଦିନ ଜନ୍ମ ଗ୍ରହଣ କରିଥିଲେ । ବାଲ୍ୟାବସ୍ଥାରେ ସେ ନୈନିତାଲ ଓ ପରେ ଅମୃତସରରେ ଅଧ୍ୟୟନ କରିଥିଲେ ।

୧୯୩୪ ମସିହାରେ କମିଶନ ପାଇ ସେ ରୟାଲ ସ୍କଟ ବାହିନୀରେ ଯୋଗ ଦେଇଥିଲେ । ତା'ପରେ ସୀମାନ୍ତ ରାଇଫଲ ବାହିନୀକୁ ଆସିଲେ । ଦ୍ୱିତୀୟ ମହାଯୁଦ୍ଧରେ ଜେନେରାଲ ମାନେକ୍‌ଶ ବର୍ମାରେ ଅବସ୍ଥାପିତ ହୋଇଥିଲେ ।

ପ୍ରଥମ ବର୍ମା ଯୁଦ୍ଧରେ ସେ ଜାପାନୀ ବାହିନୀ ବିରୁଦ୍ଧରେ ବହୁ ଯୁଦ୍ଧ କରିଛନ୍ତି । ସିତାଙ୍ଗ ନଦୀ ସାମ୍ମୁଖ୍ୟରେ ଜାପାନୀ ସେନା ପେଗୁ ଓ ରେଙ୍ଗୁନ ଆଡ଼କୁ ମାଡ଼ି ଯାଉଥିବା ବେଳେ ସେ ସେମାନଙ୍କର ମୁକାବିଲା କରିଥିଲେ । ସେତେବେଳେ ସେ ଥିଲେ ଜଣେ କାପଟେନ୍ ଭୀଷଣ ଆହତ ହୋଇ ମଧ୍ୟ ସାହସ ଓ ଦୃଢ଼ତାର ସହ ମାନେକ୍‌ଶ ତାଙ୍କ କମ୍ପାନୀକୁ ଆଗେଇ ନେଇ ପାରିଥିଲେ । ତାଙ୍କର ବୀରତ୍ୱ ଓ ବ୍ୟକ୍ତିତ୍ୱ ପାଇଁ ସଙ୍ଗେ ସଙ୍ଗେ ତାଙ୍କୁ "ମିଲିଟାରୀ କ୍ରସ" ପଦକରେ ଭୂଷିତ କରାଯାଇଥିଲା ।

ଆରୋଗ୍ୟ ଲାଭ କରି ସେ କ୍ୱେଟାର ଷ୍ଟାଫ କଲେଜରେ ଯୋଗ ଦେଲେ । ଉତ୍ତର-ପୂର୍ବ ସୀମାନ୍ତରେ ବ୍ରିଗେଡ୍ ମେଜର ରୂପେ ମାନେକ୍‌ଶ ଗୋଟିଏ ବ୍ରିଗେଡରେ ଯୋଗ ଦେଇଥିଲେ । କିଛି ସମୟ ପାଇଁ ସେ ମଧ୍ୟ କ୍ୱେଟା ଷ୍ଟାଫ କଲେଜର ଇନ୍‌ଷ୍ଟ୍ରକ୍ଟର ହୋଇଥିଲେ । ତା'ପରେ ବର୍ମାକୁ ଫେରିଯାଇ ସେ ତାଙ୍କ ରେଜିମେଣ୍ଟରେ ମିଶିଲେ । ଉକ୍ତ ରେଜିମେଣ୍ଟଟି ଜେନେରାଲ ସ୍ଲିମଙ୍କ ଅଧୀନସ୍ଥ ବିଜୟୀ ଚତୁର୍ଦ୍ଦଶ ବାହିନୀର ଏକ ଅଂଶ ରୂପେ ରେଙ୍ଗୁନ-ମାଣ୍ଡାଲେ ରାଜପଥରେ ଆଗେଇଥିଲା । ଜାପାନୀ ସେନା ପଛକୁ ହଟୁଥିବାବେଳେ ଯେଉଁ ଆକ୍ରମଣ ଚଳାଇଥିଲେ ସେତେବେଳେ ତା'ର ମୁକାବିଲା କରିଥିଲେ ମାନେକ୍‌ଶ । ସେତେବେଳେ ପ୍ରଚଣ୍ଡ ଯୁଦ୍ଧ ଲାଗିଥିଲା ।

ଯୁଦ୍ଧ ଶେଷ ହେଲାବେଳକୁ ସେ ଇଣ୍ଡୋଚୀନକୁ ଜେନେରାଲ ଡେଭିଙ୍କର ଜଣେ ଷ୍ଟାଫ ଅଫିସର ରୂପେ ଯାଇଥିଲେ । ଜାପାନୀମାନେ ଆତ୍ମସମର୍ପଣ କରିବା ପରେ ମାନେକ୍‌ଶ ଦଶହଜାରରୁ ଅଧିକ ଯୁଦ୍ଧବନ୍ଦୀଙ୍କ ଥଇଥାନ କାର୍ଯ୍ୟରେ ସାହାଯ୍ୟ କରିଥିଲେ ।

ଯୁଦ୍ଧ ପ୍ରଚେଷ୍ଟା ଓ ସଶସ୍ତ୍ର ବାହିନୀର ଭୂମିକା ସମ୍ପର୍କରେ ବୁଝାଇବା ପାଇଁ ମାନେକ୍‌ଶ ୧୯୪୬ ମସିହାରେ ଏକ ଛଅ ମାସିଆ ଗସ୍ତରେ ଅଷ୍ଟ୍ରେଲିଆ ଯାଇଥିଲେ ।

ଭାରତକୁ ଫେରି ଜେନେରାଲ ମାନେକ୍‌ଶ ଆର୍ମି ହେଡ଼-କ୍ୱାର୍ଟରସ୍‌ର ମିଲିଟାରୀ ଅପରେସନ ଡାଇରେକ୍‌ଟୋରେଟ୍‌ରେ ପ୍ରଥମ ଶ୍ରେଣୀ ଷ୍ଟାଫ୍ ଅଫିସର ହେଲେ । ତା'ପରେ ୧୯୪୮ ମାର୍ଚ୍ଚରେ ମିଲିଟାରୀ ଅପରେସନ ଡାଇରେକ୍‌ଟର ଭାବେ ନିଯୁକ୍ତି ପାଇଲେ । ସେ ଏହି ପଦରେ ଥିବାବେଳେ ଜାମ୍ମୁ ଓ କାଶ୍ମୀରରେ ସଂଘର୍ଷ ହୋଇଥିଲା ।

କାଶ୍ମୀର ସମ୍ପର୍କରେ ଜାତିସଙ୍ଘରେ ଆଲୋଚନା କାଳରେ ଜେନେରାଲ ମାନେକ୍‌ଶ ଭାରତୀୟ ପ୍ରତିନିଧି ଶ୍ରୀ ବି. ଏନ୍. ରାଓଙ୍କ ସାମରିକ ପରାମର୍ଶଦାତା ରୂପେ ଯାଇଥିବା ଜେନେରାଲ କେ. ଏସ୍. ଥିମାୟାଙ୍କ ସହ ଜାତିସଂଘକୁ ଯାଇଥିଲେ । ସେ ଦୁଇ ବର୍ଷ ଲାଗି ଏକ ପଦାତିକ ବ୍ରିଗେଡ୍‌ର କମାଣ୍ଡର ଥିଲେ ଏବଂ ଆର୍ମି ହେଡକ୍ୱାର୍ଟରସ୍‌ରେ ବର୍ଷକ ପାଇଁ ସାମରିକ ଟ୍ରେନିଂ ଡାଇରେକ୍‌ଟର ରୂପେ ନିଯୁକ୍ତ ହୋଇଥିଲେ ।

ସେ ୧୯୫୭ରେ ମେଜର-ଜେନେରାଲ ପଦକୁ ଉନ୍ନୀତ ହେଲେ । ୱେଲିଂଟନ ଡିଫେନ୍‌ସ ସର୍ଭିସ ଷ୍ଟାଫ କଲେଜର କମାଣ୍ଡାଂଟ୍ ରୂପେ ଯୋଗଦେବା ପୂର୍ବରୁ ସେ ଜମ୍ମୁ ଓ କାଶ୍ମୀରରେ ଗୋଟି ଡିଭିଜନର କମାଣ୍ଡର ରୂପେ କାର୍ଯ୍ୟ କରିଥିଲେ । ସେ ୧୯୬୩ ଲେଫ୍‌ଟନାଣ୍ଟ ଜେନେରାଲ ପଦ ପାଇ ଚୀନ୍ ଆକ୍ରମଣ ପରେ ପ ନେଫାରେ ଗୋଟିଏ କୋର୍‌ର କମାଣ୍ଡର ରୂପେ ଯୋଗ ଦେଲେ

ଜେନେରାଲ ମାନେକ୍‌ଶ ୧୯୬୩ ମସିହାରେ ପଶ୍ଚିମାଞ୍ଚ କମାଣ୍ଡର ଜି. ଓ. ସି.-ଇନ୍-ସି ପଦରେ ଅଧିଷ୍ଠିତ ହେଲେ । ବର୍ଷ ପରେ ପୂର୍ବାଞ୍ଚଳ କମାଣ୍ଡର ମୁଖ୍ୟ ରୂପେ ତାଙ୍କୁ କଲିକତା ବଦଳି କରାଯାଇଥିଲା । ୧୯୬୮ ରେ ସେ ପଦ୍ମଭୂଷଣ ଉପାଧି ଭୂଷିତ ହୋଇଥିଲେ ।

ବ୍ରିଟେନ୍‌ର ଇଂପେରିଆଲ ପ୍ରତିରକ୍ଷା କଲେଜରୁ ସ୍ନାତକ ଉପା ଲାଭ କରିଥିବା ଶ୍ରୀ ମାନେକ୍‌ଶ ଭାରତର ପ୍ରଥମ କମିଶନ୍ ପ୍ରା ଅଫିସର ଯେ କି ସୈନ୍ୟବାହିନୀ ମୁଖ୍ୟ ପଦରେ ଅଧିଷ୍ଠିତ ହୋ ପାରିଛନ୍ତି । ତାଙ୍କ ପୂର୍ବରୁ ଯେଉଁମାନେ ସୈନ୍ୟବାହିନୀ ମୁ ଥିଲେ, ସେମାନେ ସାଣ୍ଡହର୍ଷ୍ଟ--ତାଲିମ ପ୍ରାପ୍ତ ଅଫିସର କିଂସ କମିଶନଡ଼ ଭାରତୀୟ ଅଫିସର ରୂପେ କଣାଶୁ କିନ୍ତୁ ସେ ଡେରାଡୁନରେ ଥିବା ଭାରତୀୟ ମିଲିଟାରୀ ଏକାଡେମି ସାମରିକ ତାଲିମ ପାଇଥିଲେ । ଜେନେରାଲ ମାନେକ୍‌ଶ ୧୯୩୨ ଭାରତୀୟ ମିଲିଟାରୀ ଏକାଡେମୀରେ ଯୋଗ ଦେଇଥିବା ୪ ଜଣ ଶିକ୍ଷାର୍ଥୀଙ୍କ ମଧ୍ୟରେ ଜଣେ ।

---

# ଏୟାର ଚିଫ୍ ମାର୍ଶାଲ୍ ପି. ସି. ଲାଲ୍

ଏୟାର ଚିଫ୍ ମାର୍ଶାଲ ପ୍ରତାପ ଚନ୍ଦ୍ର ଲାଲ ୧୯୬୯ ମସିହା ଜୁଲାଇ ୧୬ ତାରିଖଦିନ ବିମାନ ବାହିନୀର ମୁଖ୍ୟରୂପେ କାର୍ଯ୍ୟଭାର ଗ୍ରହଣ କଲେ । ପଞ୍ଜାବର ଲୁଧିଆନାଠାରେ ୧୯୧୬ ମସିହା ଜୁଲାଇ ୧୬ ତାରିଖଦିନ ଜନ୍ମଗ୍ରହଣ କରି ସେ ଦିଲ୍ଲୀ ଓ ଲଣ୍ଡନରେ ଶିକ୍ଷାଲାଭ ପରେ କିଙ୍ଗସ୍ କଲେଜରୁ ସ୍ନାତକ ଉପାଧି ହାସଲ କରିଥିଲେ । ଦ୍ୱିତୀୟ ମହାଯୁଦ୍ଧ ଲାଗିଯିବାରୁ ଲଣ୍ଡନରେ ତାଙ୍କ ଆଇନ ଅଧ୍ୟୟନରେ ବିଘ୍ନ ସୃଷ୍ଟି ହେଲା ।

୧୯୩୩ ମସିହାରେ ଏୟାର ଚିଫ୍ ମାର୍ଶାଲ ଲାଲ ନିଜର ଏକ ଅଭ୍ୟାସବଶତଃ ବିମାନ ଚାଳନା ଶିଖିଥିଲେ । ଯୁଦ୍ଧ ଲାଗିଯିବାରୁ ସେ ବିମାନ ବାହିନୀ ପ୍ରତି ଆକୃଷ୍ଟ ହୋଇ ୧୯୩୯ ମସିହା ନଭେମ୍ବର ମାସରେ ଭାରତୀୟ ବିମାନ ବାହିନୀରେ କମିଶନ ପାଇଲେ । ଅକଟୋ ୧୯୪୩ ରେ ୭ ନମ୍ବର ସ୍କ୍ୱାଡ୍ରନ୍‌ରେ ନିଯୁକ୍ତି ପାଇବା ପୂର୍ବରୁ ସେ ନମ୍ବର ସର୍ଭିସ୍ ଫ୍ଲାଇଙ୍ଗ ଟ୍ରେନିଂ ସ୍କୁଲ ଏବଂ ୧୫୨ ନମ୍ବର ଅ ରେସର ଟ୍ରେନିଂ ୟୁନିଟ୍‌ସରେ ନେଭିଗେସନ ଓ ବିମାନଚାଳନା ଇନଷ୍ଟ୍ରକ୍ଟ ଥିଲେ ।

୧୯୪୪ ମସିହା ଜୁନ ମାସରେ ଉକ୍ତ ସ୍କ୍ୱାଡ୍ରନ୍ ଲିଡ଼ର ରୂ ଇମ୍ଫାଲ ଅବରୋଧ ଆକ୍ରମଣରେ ଭାଗ ନେଇଥିଲେ । ଏଥିପା ତାଙ୍କୁ ବିଶିଷ୍ଟ ଫ୍ଲାଇଙ୍ଗ କ୍ରସ ପଦକରେ ଭୂଷିତ କରାଯାଇଥିଲା ।

ଦ୍ୱିତୀୟ ମହାସମର ପରେ ଭାରତୀୟ ବିମାନବାହିନୀ ସେ ସ୍ଥାୟୀ ପାହିଆରେ ନିଯୁକ୍ତି ପାଇଲେ । ସ୍ୱାଧୀନତା ପରେ

ଅଫିସର୍ସ' ଷ୍ଟାଫ୍ କଲେଜରେ ଏକ ପାଠ୍ୟକ୍ରମ ଶେଷକରି ଆକାଶ-ବାହିନୀ ମୁଖ୍ୟ କାର୍ଯ୍ୟାଳୟର ଯୋଜନା ଡାଇରେକ୍ଟର, କ୍ୟାବିନେଟର ସାମରିକ ବିଭାଗ ଡେପୁଟୀ ସେକ୍ରେଟାରୀ ଏବଂ ଟ୍ରେନିଂ କମାଣ୍ଡର 'ଏୟାର ଅଫିସର କମାଣ୍ଡିଙ୍ଗ' ଆଦି ଉଚ୍ଚ ପଦରେ ଅଧିଷ୍ଠିତ ହୋଇଥିଲେ। ସେ ଜଣେ ଦକ୍ଷ ପାଇଲଟ ଏବଂ ଶବ୍ଦର ଗତିଠାରୁ ଅଧିକ ବେଗରେ ଆକାଶ ମାର୍ଗରେ ବିମାନ ଚାଳନା କରିପାରିଥିଲେ।

୧୯୫୭ ରୁ ସେ ୫ ବର୍ଷଯାଏଁ ଭାରତୀୟ ଏୟାର ଲାଇନସ୍ କର୍ପୋରେସନର ଜେନେରାଲ ମ୍ୟାନେଜର ରୂପେ ନିଯୁକ୍ତି ପାଇଥିଲେ। ଏହା ସାଙ୍ଗକୁ ବିମାନ ଚଳାଚଳ ସଂକ୍ରାନ୍ତ ଅନ୍ୟାନ୍ୟ ଅନେକ ସଂସ୍ଥା ସହିତ ଜଡ଼ିତ ଥିଲେ। ୧୯୬୩ ରେ ପୁଣି ଥରେ ଏୟାର-ଚିଫ୍-ମାର୍ଶାଲ ଶ୍ରୀ ଲାଲ ବିମାନବାହିନୀରେ ଯୋଗ ଦେଇଥିଲେ।

ଗତ ଭାରତ-ପାକିସ୍ତାନ ସଂଘର୍ଷରେ ଅସୀମ ସାହସିକତାର ପରିଚୟ ଦେଇଥିବାରୁ ତାଙ୍କୁ ପଦ୍ମଭୂଷଣ ଉପାଧି ଦିଆଯାଇଥିଲା।

---

# ଆଡ଼ମିରାଲ୍ ଏସ୍. ଏମ୍. ନନ୍ଦା

ଆଡ଼ମିରାଲ ଏସ. ଏମ୍. ନନ୍ଦା ୧୯୭୦ ମସିହା ଫେବୃଆରୀ ୨୮ ତାରିଖ ଦିନ ଆଡ଼ମିରାଲ ଏ. କେ. ଚଟାର୍ଜୀଙ୍କଠାରୁ ନୌବାହିନୀର ମୁଖ୍ୟ ଭାବରେ କାର୍ଯ୍ୟଭାର ଗ୍ରହଣ କଲେ। ସେ ୧୯୧୫ ମସିହାରେ ଜନ୍ମଗ୍ରହଣ କରିଥିଲେ। ୧୯୪୧ ମସିହାରେ ସେ ରୟାଲ ଇଣ୍ଡିଆନ ଭଲେଣ୍ଟିଅର ରିଜର୍ଭରେ ଯୋଗ ଦେଇଥିଲେ। ନୌବାହିନୀରେ ଯୋଗଦେବା ପୂର୍ବରୁ ସେ କରାଚୀ ପୋର୍ଟ ଟ୍ରଷ୍ଟ ଅଧୀନରେ କାର୍ଯ୍ୟ କରୁଥିଲେ।

ସ୍ୱାଧୀନତା ପରଠାରୁ ଆଡ଼ମିରାଲ ନନ୍ଦା ନୌବାହିନୀର ବିଭିନ୍ନ ପଦବୀରେ ଦାୟିତ୍ୱ ନିର୍ବାହକରି ବହୁ ଅଭିଜ୍ଞତା ଅର୍ଜନ କରିଛନ୍ତି। ୧୯୪୮ ରେ ସେ ବ୍ରିଟେନରେ ନୌବାହିନୀର ପ୍ରଥମ କ୍ରୁଜର ଆଇ. ଏନ୍. ଏସ୍. "ଦିଲ୍ଲୀ" ର ଫାଷ୍ଟ ଲେଫ୍‌ଟନାଣ୍ଟ ଭାବରେ ଯୋଗ ଦେଇଥିଲେ। ଭାରତକୁ ଫେରି ୧୯୪୯ ରୁ ୧୯୫୧ ପର୍ଯ୍ୟନ୍ତ ସେ ନୌବାହିନୀ ହେଡ଼କ୍ୱାଟର୍ସରେ ପର୍ସନାଲ ସର୍ଭିସେସ୍‌ର ଡାଇରେକ୍ଟର ଭାବରେ ଦାୟିତ୍ୱ ତୁଲାଇଥିଲେ। ପରେ ସେ ବିଧ୍ୱଂସକ ଜାହାଜ ଆଇ. ଏନ୍. ଏସ. "ରଣଜିତ୍" ର କମାଣ୍ଡ ଦାୟିତ୍ୱରେ ରହିଥିଲେ। ପୁନର୍ବାର ନୌବାହିନୀ ହେଡ଼କ୍ୱାର୍ଟର୍ସକୁ ଫେରି ଆସି ସେ ଚିଫ୍ ଅଫ୍ ପର୍ସନେଲ ହେବା ସଙ୍ଗେ ସଙ୍ଗେ କମୋଡ଼ର ପଦକୁ ଉନ୍ନୀତ ହେଲେ।

୧୯୫୭ ରେ ଆଡ଼ମିରାଲ ନନ୍ଦା ବ୍ରିଟେନଠାରେ ଆଇ. ଏନ୍. ଏସ. "ମହୀଶୂର" କ୍ରୁଜରକୁ କମିଶନ କଲେ। ପରେ ପରେ ସେ ବମ୍ବେ ଜାହାଜ ଡକୟାର୍ଡ ସଂପ୍ରସାରଣ ଯୋଜନାର ଡାଇରେକ୍ଟର-ଜେନେରାଲ ଭାବରେ ନିଯୁକ୍ତି ପାଇଲେ। ତାଙ୍କୁ ୧୯୬୧ ରେ "ଅତି ବିଶିଷ୍ଟ ସେବା ପଦକ" ମିଳିଥ। ତା' ପରେ ଲଣ୍ଡନ ଇମ୍ପିରିଆଲ ଡିଫେନ୍‌ସ କଲେଜର ଏକ ପାଠ୍ୟକ୍ରମ ଶେଷକରି ନୌବାହିନୀର ହେଡ୍‌କ୍ୱାଟର୍ସକୁ ଫେରିଆସିଲେ ଓ କମୋଡ଼ର ପଦବୀରେ ଚିଫ ଅଫ ମେଟେରିଆଲ ଦାୟିତ୍ୱରେ ରହିଲେ।

ରିଅର ଆଡ଼ମିରାଲ ପଦବୀରେ ଆଡ଼ମିରାଲ ନନ୍ଦା ୧୯୬୨ ମସିହାରେ ନୌବାହିନୀର ଉପମୁଖ୍ୟ ହେଲେ। ୧୯୬୪ ମସିହାରେ ବମ୍ବେ ମାଜାଗାଁ ଓ ଡକ୍ ଲିମିଟେଡ଼ର ମ୍ୟାନେଜିଂ ଡାଇରେକ୍ଟର ଭାବରେ ନିଯୁକ୍ତ ହୋଇ ୧୮ ମାସ ଯାଏଁ ସେଠାରେ କାର୍ଯ୍ୟ ଚଳାଇଲେ। ଏହି ସମୟରେ ମାଜାଗାଁ ଓ ଡକ୍‌ର ପୁନର୍ଗଠନ କାର୍ଯ୍ୟକ୍ରମ ଏବଂ ଲିଏଣ୍ଡର ଶ୍ରେଣୀ ଫ୍ରିଗେଟ ଯୋଜନା ହାତକୁ ନିଆଗଲା। ଏହି ଦୁଇଟି ଯୋଜନାର ପ୍ରାରମ୍ଭିକ କାର୍ଯ୍ୟ ତୁଲାଇବାରେ ତାଙ୍କର ଅବଦାନ ପ୍ରଶଂସନୀୟ। ୧୯୬୨ ରେ ତାଙ୍କୁ 'ପରମ ବିଶିଷ୍ଟ' ସେବା ପଦକ ମିଳିଥ।

୧୯୬୬ ଜୁନରେ ଆଡ଼ମିରାଲ ନନ୍ଦା ଭାରତୀୟ ନୌବାହିନୀର ଫ୍ଲାଗ୍ ଅଫିସର କମାଣ୍ଡିଙ୍ଗ ଭାବରେ ଦାୟିତ୍ୱ ନେଲେ। ୧୯୬୮ ଫେବୃଆରୀରେ ସେ ଫ୍ଲାଗ ଅଫିସର ହୋଇ ବମ୍ବେ ଫେରି ଆସିଲେ। ୧୯୬୮ ମସିହା ମାର୍ଚ୍ଚ ପହିଲଦିନ ନାଭାଲ କମାଣ୍ଡ ପୁନର୍ଗଠନ ଅନୁଯାୟୀ ସେ ପଶ୍ଚିମ ନୌବାହିନୀ କମାଣ୍ଡର ଫ୍ଲାଗ ଅଫିସର କମାଣ୍ଡିଙ୍ଗ-ଇନ୍-ଚିଫ୍ ହେଲେ ଏବଂ ଭାଇସ ଆଡ଼ମିରାଲ ପଦବୀକୁ ଉନ୍ନୀତ ହେଲେ।

# ORISSA STATE FINANCIAL CORPORATION

## BARABATI STADIUM

## CUTTACK-5

Offers special concessions to specified backward districts (Koraput, Kalahandi, Bolangir, Phulbani, Keonjhar, Dhenkanal, Mayurbhanj, Balasore)

### RATE OF INTEREST :

6½% effective (subject to refinance from Industrial Development Bank of India) as against 9½% in normal cases. Interest for Transport is 10½% (effective).

### MARGIN OF SECURITY :

15% in case of technical entrepreneurs and 25% to 30% in other cases.

### INITIAL GRACE PERIOD :

Longer period for commencement of repayment up to 3 years instead of 2 years in other cases, from the date of registration of agreement.

### PERIOD OF REPAYMENT :

Longer period of repayment up to 15 years as against 10—12 years in other cases. In case of transport, period of repayment is 3½ years.

### PARTICIPATION IN RISK CAPITAL :

The Corporation may consider participation by way of underwriting depending upon the merit of the case.

### MISCELLANEOUS :

Assistance in preparation of schemes etc., Commitment charges will be at the rate of ¼% instead of ½% as in other cases.

N. P. Bohidar

MANAGING DIRECTOR

# ଲେଫ୍‌ଟେନାଣ୍ଟ ଜେନେରାଲ୍ ଜଗଜିତ ସିଂ ଆରୋରା

ପୂର୍ବାଞ୍ଚଳ କମାଣ୍ଡର ଜେନେରାଲ ଅଫିସର କମାଣ୍ଡିଙ୍ଗ-ଇନ୍-ଚିଫ୍ ଲେଫ୍‌ଟନାଣ୍ଟ ଜେନେରାଲ ଜଗଜିତ୍ ସିଂ ଆରୋରା ୧୯୧୬ ମସିହା ଫେବୃଆରୀ ୧୩ ତାରିଖରେ ଜନ୍ମଗ୍ରହଣ କରିଥିଲେ । ପଞ୍ଜାବ ରେଜିମେଣ୍ଟରେ ସେ କମିଶନ ପାଇଲେ ୧୯୩୮ ମସିହା ଜାନୁଆରୀ ମାସରେ । ଗତ ବିଶ୍ୱଯୁଦ୍ଧରେ ସେ ବର୍ମାରେ ଯୁଦ୍ଧ କରିଥିଲେ ।

୧୯୪୮ ମେ ମାସରେ ଆରୋରା ପଞ୍ଜାବ ରେଜିମେଣ୍ଟର ପ୍ରଥମ ବାଟାଲିଅନ କମାଣ୍ଡ ଦାୟିତ୍ୱରେ ଥିଲେ ଏବଂ କର୍ଣ୍ଣେଲ ପଦବୀକୁ ଉନ୍ନୀତ ହେବା ପୂର୍ବରୁ ଷ୍ଟାଫ୍ ଭାବରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିଥିଲେ । ତା'ପରେ ମାହୋ ଇନ୍‌ଫାଣ୍ଟ୍ରି ସ୍କୁଲର ଡେପୁଟି କମାଣ୍ଡାଣ୍ଟ ଭାବରେ ତାଙ୍କୁ ନିଯୁକ୍ତି ଦିଆଗଲା । ୧୯୫୭ ମସିହା ଫେବୃଆରୀ ମାସରେ ସେ ଏକ ବ୍ରିଗେଡ୍ କମାଣ୍ଡ ଦାୟିତ୍ୱରେ ରହିଲେ ।

୧୯୬୦ ରେ ଜାତୀୟ ପ୍ରତିରକ୍ଷା କଲେଜରେ ଏକ ପାଠ୍ୟକ୍ରମ ଶେଷ କଲାପରେ ତାଙ୍କୁ ପୂର୍ବାଞ୍ଚଳ ସେକ୍ଟରରେ ଥିବା ଏକ କୋର ହେଡ଼କ୍ୱାଟର୍ସର ବ୍ରିଗେଡ଼ିୟର ଜେନେରାଲ ଷ୍ଟାଫ୍ ରୂପେ ନିଯୁକ୍ତି ଦିଆଗଲା । ମେଜର ଜେନେରାଲ ପଦବୀକୁ ୧୯୬୩ ମସିହାରେ ଉନ୍ନୀତ ହୋଇ ସେ ଏକ ପଦାତିକ ଡିଭିଜନ୍‌ର କମାଣ୍ଡ ଦାୟିତ୍ୱରେ ରହିଲେ ଏବଂ ସେନାବାହିନୀ ହେଡ଼କ୍ୱାଟର୍ସ ମିଲିଟାରୀ ଟ୍ରେନିଂ ଡାଇରେକ୍ଟର ଭାବରେ ନିଯୁକ୍ତି ପାଇଲେ ୧୯୬୪ ମସିହାରେ ।

୧୯୬୬ ଜୁନ୍‌ରୁ ୧୯୬୭ ଏପ୍ରିଲ ପର୍ଯ୍ୟନ୍ତ ସେ ଲେଫ୍‌ଟନାଣ୍ଟ ଜେନେରାଲ ପଦବୀରେ ଅଧିଷ୍ଠିତ ହୋଇ ସେନାବାହିନୀର ଉପମୁଖ୍ୟ ଭାବରେ ଦାୟିତ୍ୱ ତୁଲାଇଲେ । ତା'ପରେ ୧୯୬୭ରେ ତାଙ୍କୁ ପୂର୍ବାଞ୍ଚଳ ସେକ୍ଟରର ଏକ କୋର ହେଡ଼କ୍ୱାଟର୍ସର ଜେନେରାଲ ଅଫିସର କମାଣ୍ଡିଙ୍ଗ କରାଗଲା । ସେ ପୂର୍ବାଞ୍ଚଳ କମାଣ୍ଡର ଜେନେରାଲ ଅଫିସର କମାଣ୍ଡିଙ୍ଗ-ଇନ୍-ଚିଫ୍ ଦାୟିତ୍ୱ ନେଲେ ୧୯୬୯ ମସିହାରେ । ଲେଫ୍‌ଟନାଣ୍ଟ-ଜେନେରାଲ ଆରୋରା ପଞ୍ଜାବ ରେଜିମେଣ୍ଟର କର୍ଣ୍ଣେଲ ଅଟନ୍ତି ।

---

# ଲେଫ୍‌ଟେନାଣ୍ଟ ଜେନେରାଲ୍ ପି. ଏସ୍. ଭଗତ

ସେଣ୍ଟ୍ରାଲ କମାଣ୍ଡର ଜେନେରାଲ ଅଫିସର କମାଣ୍ଡିଙ୍ଗ୍ ଇନ୍-ଚିଫ୍ ଲେଫ୍‌ଟନାଣ୍ଟ ଜେନେରାଲ ପ୍ରେମିନ୍ଦ୍ର ସିଂ ଭଗତ ୧୯୧୮ ମସିହା ଅକ୍ଟୋବର ୧୪ ତାରିଖରେ ଜନ୍ମଗ୍ରହଣ କରିଥିଲେ । ସେ ୧୯୩୯ରେ ଇଞ୍ଜିନିୟର୍ସ କୋରରେ କମିଶନ ପାଇଥିଲେ ।

ସେ ଦ୍ୱିତୀୟ ମହାଯୁଦ୍ଧରେ ମଧ୍ୟପ୍ରାଚ୍ୟ ରଣାଙ୍ଗନରେ ଥିଲେ । ୧୯୪୧ ମସିହାରେ ସେ ଯେତେବେଳେ ୨୧ (ବମ୍ବେ) ଫିଲ୍ଡ କମ୍ପାନୀ ଅଧୀନରେ ଆବିସିନିଆ (ବର୍ତ୍ତମାନର ଇଥିଓପିଆ) ରେ ସେକେଣ୍ଡ ଲେଫ୍‌ଟନାଣ୍ଟ ଭାବରେ କାର୍ଯ୍ୟ କରୁଥିଲେ ତାଙ୍କୁ ତଥା ତାଙ୍କ ଅଧୀନସ୍ଥ ସେନା ବାହିନୀକୁ ମାଇନ ଓ ବୁବି ଟ୍ରେପ ବିସ୍ତାରିତ ଏକ ରାସ୍ତା ପରିଷ୍କାର କରିବା ଦାୟିତ୍ୱ ଦିଆଯାଇଥିଲା । ନିରବଚ୍ଛିନ୍ନ ଭାବରେ ୪୮ ଘଣ୍ଟା କାର୍ଯ୍ୟକରି ସେ ନିଜର ଦାୟିତ୍ୱ ତୁଲାଇ ପାରିଥିଲେ । ଏଥିରେ ତାଙ୍କର ଗାଡ଼ି ଦୁଇଥର ନଷ୍ଟ ହୋଇଥିଲା ଏବଂ ବହୁ ସୈନ୍ୟ ମୃତ୍ୟୁମୁଖରେ ପଡ଼ିଥିଲେ । ସେ ୧୫ଟି ମାଇନ ବିଛା ଅଞ୍ଚଳ ଓ ୫୫ ମାଇଲ ରାସ୍ତା ପରିଷ୍କାର କରିଥିଲେ । ଦ୍ୱିତୀୟ ମହାଯୁଦ୍ଧରେ ତାଙ୍କର ସାହସିକତା ଯୋଗୁଁ ତାଙ୍କୁ ଭାରତୀୟ ସେନାବାହିନୀ ପକ୍ଷରୁ ପ୍ରଥମ "ଭିକ୍ଟୋରିଆ କ୍ରସ"ରେ ଭୂଷିତ କରାଯାଇଥିଲା । ଭିକ୍ଟୋରିଆ କ୍ରସ ପାଇବାରେ ସେ ଭାରତୀୟ ସେନାବାହିନୀର ପ୍ରଥମ ଅଫିସର ।

୧୯୪୫ ମସିହା ଜୁନ ମାସରେ ସେ କ୍ୱେଟାସ୍ଥିତ ଷ୍ଟାଫ୍ କଲେଜରୁ ସ୍ନାତକ ଉପାଧି ହାସଲକରି ଷ୍ଟାଫ ଭାବରେ କାର୍ଯ୍ୟ କଲେ । ଅଗଷ୍ଟ ୧୯୪୭ ମସିହାରେ ସେ ଏକ ଇଂଜିନିୟରିଂ ରେଜିମେଣ୍ଟର କମାଣ୍ଡ ଦାୟିତ୍ୱରେ ରହିଲେ । ସେ ୧୯୪୯ ରୁ ୧୯୫୩ ପର୍ଯ୍ୟନ୍ତ ବମ୍ବେ ଇଂଜିନିୟର ଗ୍ରୁପ୍‌ର କମାଣ୍ଡାଣ୍ଟ ଥିଲେ ।

୧୯୫୭ ମାର୍ଚ୍ଚ ମାସରେ ବ୍ରିଗେଡ଼ିୟର ପଦକୁ ଉନ୍ନୀତ ହୋଇ ଦୁଇବର୍ଷ ପାଇଁ ସେ ଏକ ପଦାତିକ ବ୍ରିଗେଡ଼ିୟରର ନେତୃତ୍ୱ ନେଲେ ।

ତା'ପରେ ସାମରିକ ଯୋଜନା ବିଭାଗର ଡାଇରେକ୍ଟର ଭାବରେ ତାଙ୍କର ନୂଆଦିଲ୍ଲୀ ବଦଳି ହେଲା । ୧୯୬୨ ରେ ନୂଆଦିଲ୍ଲୀ ନେସନାଲ ଡିଫେନସ କଲେଜରେ ଏକ ପାଠ୍ୟକ୍ରମ ସମାପ୍ତକରି ସେ ଇଣ୍ଡିଆନ ମିଲିଟାରୀ ଏକାଡେମୀର କମାଣ୍ଡାଣ୍ଟ ଭାବରେ ଯୋଗଦେଲେ ।

୧୯୬୩ରେ ମେଜର ଜେନେରଲ ପଦକୁ ଉନ୍ନୀତ ହୋଇ ବର୍ଷକ ପାଇଁ ସେ ଏକ କମାଣ୍ଡ ହେଡ୍‌କ୍ୱାର୍ଟର୍ସରେ ଚିଫ୍ ଅଫ୍ ଷ୍ଟାଫ୍ ଭାବରେ ଦାୟିତ୍ୱ ତୁଲାଇଲେ । ଅଗଷ୍ଟ ମାସ ୧୯୬୬ରେ ଲେଫଟନାଣ୍ଟ ଜେନେରଲ ପଦକୁ ଉନ୍ନୀତ ହୋଇ ଏକ କୋରର କମାଣ୍ଡ ଦାୟିତ୍ୱରେ ଅବସ୍ଥାପିତ ହେଲେ । ସେ ୧୯୭୦ ମସିହାରେ ସେଣ୍ଟ୍ରାଲ କମାଣ୍ଡର ଜେନେରଲ ଅଫିସର କମାଣ୍ଡିଂ-ଇନ୍-ଚିଫ୍ ରୂପେ କାର୍ଯ୍ୟଭାର ଗ୍ରହଣ କଲେ ।

ଲେଫ୍‌ଟନାଣ୍ଟ ଜେନେରଲ ଭଗତ ଶିଖ ଲାଇଟ ଇନ୍‌ଫେଣ୍ଟ୍ରି ବାହିନୀର କର୍ଣ୍ଣେଲ ଅଟନ୍ତି ।

---

## ଏୟାର ମାର୍ଶାଲ୍ ଏଚ୍. ସି. ଦେଓ୍ୱାନ

ସଂପ୍ରତି ପୂର୍ବାଞ୍ଚଳ ଆକାଶ ବାହିନୀର ଏୟାର ଅଫିସର କମାଣ୍ଡିଙ୍ଗ-ଇନ୍-ଚିଫ୍. ଏୟାର ମାର୍ଶାଲ ଏଚ. ସି. ଦେଓ୍ୱାନ ୧୯୪୦ ମସିହାରେ କମିଶନ ପାଇଥିଲେ । ଏହା ପୂର୍ବରୁ ସେ ମେଣ୍ଟେନାନ୍‌ସ (ରକ୍ଷଣାବେକ୍ଷଣ) କମାଣ୍ଡର ଏ. ଓ. ସି-ଇନ-ସି ଥିଲେ ।

ସୁଦକ୍ଷ ବିମାନ ଚାଳକ ଓ ପ୍ରଶାସକ ଏୟାର ମାର୍ଶାଲ ଦେଓ୍ୱାନ ବହୁ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ କରିଆସିଛନ୍ତି । ଯୋଧପୁର ଏୟାର ଫୋର୍ସ ଫ୍ଲାଇଙ୍ଗ କଲେଜର କମାଣ୍ଡ, ସିନିଅର ଏୟାର ଷ୍ଟାଫ ଅଫିସର, ଅପେରେସନାଲ କମାଣ୍ଡ ଓ ବିମାନବାହିନୀ ହେଡ୍‌କ୍ୱାର୍ଟର୍ସରେ ଅପରେସନ ଡାଇରେକ୍ଟର ରୂପେ ସେ କୃତିତ୍ୱର ପରିଚୟ ଦେଇଛନ୍ତି ।

୧୯୬୧ ମସିହା ମାର୍ଚ୍ଚ ମାସରେ ସେ ଏୟାର ମାର୍ଶାଲକୁ ଉନ୍ନୀତ ହେଲେ । ଏୟାର ମାର୍ଶାଲ ଦେଓ୍ୱାନ ଆଚ୍‌ଡେସନ ଓ ଲାହୋର ସରକାରୀ କଲେଜରୁ ଶିକ୍ଷାଲାଭ କରି ଭାରତୀୟ ବିମାନ ବାହିନୀରେ ଯୋଗଦେଇଥିଲେ । ବ୍ରିଟେନର ସବରୀଠାରେ ସେ ବିମାନ ଚାଳନା ତାଲିମ ଏବଂ ଚଟ୍ଟିଲ ଫୋର୍ଡ଼ ସେଣ୍ଟ୍ରାଲ ଫ୍ଲାଇଙ୍ଗ ସ୍କୁଲରୁ ବିମାନ ଚାଳନା ଇନଷ୍ଟ୍ରକ୍ଟର ପାଠ୍ୟକ୍ରମ ସମାପ୍ତ କରିଥିଲେ । ଦ୍ୱିତୀୟ ମହାଯୁଦ୍ଧରେ ଜର୍ମାନୀ ଉପରେ ବିମାନ ଆକ୍ରମଣରେ ସେ ଅଂଶଗ୍ରହଣ କରିଥିଲେ ।

---

## ରିଅର ଆଡମିରାଲ୍ ଶ୍ରୀ ହରିଲାଲ୍ ଶର୍ମା

ରିଅର ଆଡ୍‌ମିରାଲ ଶ୍ରୀ ହରିଲାଲ ଶର୍ମା ହେଉଛନ୍ତି ପ୍ରଥମ ଓଡ଼ିଆ ଯେ କି ନୌବାହିନୀର ଏତେ ଉଚ୍ଚ ଆସନରେ ଅଧିଷ୍ଠିତ ହୋଇପାରିଛନ୍ତି । ଗତ ନଭେମ୍ବର ମାସରେ ଶ୍ରୀ ଶର୍ମା ପୂର୍ବାଞ୍ଚଳ ନୌବହରର ଫ୍ଲାଗ ଅଫିସର କମାଣ୍ଡିଙ୍ଗ ପଦରେ ଅଧିଷ୍ଠିତ ହୋଇଥିଲେ । ଏହା ପୂର୍ବରୁ ସେ ନୂଆଦିଲ୍ଲୀର ଜାତୀୟ ପ୍ରତିରକ୍ଷା କଲେଜରେ ନିର୍ଦ୍ଦେଶକ ଥିଲେ ।

ରିଅର ଆଡ୍‌ମିରାଲ ଶର୍ମା ୧୯୩୯ ରେ ଡଫେଠାରେ ପ୍ରାଥମିକ ତାଲିମ ପାଇଥିଲେ ଏବଂ ସେଠାରେ କୃତିତ୍ୱ ଅର୍ଜନକରି ଭାଇସ୍‌ରାୟ ସ୍ୱର୍ଣ୍ଣପଦକ ଲାଭ କରିଥିଲେ । ବାଣିଜ୍ୟ ତରୀରେ ୩ ବର୍ଷ କାମକରିବା ପରେ ସେ ନୌବାହିନୀରେ ଜଣେ ରିଜର୍ଭ ଅଫିସର ରୂପେ ଯୋଗ ଦେଲେ । ଦ୍ୱିତୀୟ ମହାଯୁଦ୍ଧରେ ଦକ୍ଷିଣପୂର୍ବ କ୍ଷେତ୍ରରେ ସେ ପୋତ ସୁରକ୍ଷା ଏବଂ ମାଇନ ଅପସାରଣ ଦାୟିତ୍ୱ ତୁଲାଇଥିଲେ ।

---

ଶ୍ରୀମଚନ୍ଦ୍ର ପାତ୍ର

# ଓଡ଼ିଶା ଲୌହଖଣି ଶ୍ରମିକ ମଙ୍ଗଳ ସଂସ୍ଥା

୧୯୬୧ ମସିହାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଏକ ଆଇନ ବଳରେ ୧୯୬୩ ଅକ୍ଟୋବର ପହିଲା ଠାରୁ ଏହି କଲ୍ୟାଣକାରୀ ସଂସ୍ଥା ଉଦ୍ଭବ ହୋଇଛି । ଏହି ଆଇନ ବଳରେ ଲୁହାପଥର ଉତ୍ପାଦନ କରୁଥିବା ଓଡ଼ିଶା ସମେତ ସମଗ୍ର ଦେଶରେ ଲୌହ-ଖଣିଗୁଡ଼ିକରେ ନିଯୁକ୍ତ ଶ୍ରମିକମାନଙ୍କର କଲ୍ୟାଣାର୍ଥେ ବିଭିନ୍ନ ଉନ୍ନୟନ କାର୍ଯ୍ୟପାଇଁ ମେଟ୍ରିକ ଟନ୍ ଲୁହାପଥର ପ୍ରତି ୨୫ ପଇସା ହାରରେ ସେସ ଧାର୍ଯ୍ୟ ହୋଇଛି । ରାଜ୍ୟର ଶ୍ରମ କମିଶନରଙ୍କୁ ପ୍ରଥମେ ଅଧ୍ୟକ୍ଷ ଓ ପରେ ଉପାଧ୍ୟକ୍ଷ ରୂପେ ନେଇ ଏହି ପାଣ୍ଠିର ପ୍ରଶାସନ ତଥା କଲ୍ୟାଣକାରୀ ଯୋଜନାମାନ କାର୍ଯ୍ୟକାରୀ କରିବା ନିମିତ୍ତ ଏକ ଉପଦେଷ୍ଟା କମିଟି ଗଠିତ ହୋଇଛି ।

ଏହି ସଂସ୍ଥା ପ୍ରାରମ୍ଭରୁ ୧୯୬୭ ମସିହା ପର୍ଯ୍ୟନ୍ତ ମୁଖ୍ୟତଃ ବେତନ ଯୋଜନା ପ୍ରଭୃତି କାର୍ଯ୍ୟରେ ନ୍ୟସ୍ତ ଥିଲା । ତଥାପି ଛାତ୍ରବୃତ୍ତି ପ୍ରଦାନ, ଦୁଇଟି ଅବସରଭବନ ପ୍ରତିଷ୍ଠା ଏବଂ ଡାକ୍ତରୀ ପ୍ରତିଷ୍ଠାନ ଓ ଶ୍ରମ ମଙ୍ଗଳ କେନ୍ଦ୍ର ଚଳାଇବା ଲୌହଖଣି ନିଯୋକ୍ତାମାନଙ୍କ ଆର୍ଥିକ ସାହାଯ୍ୟାର୍ଥିକାର୍ଯ୍ୟ ୧୯୬୪-୬୫ ଆର୍ଥିକ ବର୍ଷଠାରୁ କାର୍ଯ୍ୟକାରୀ କରାଯାଉଥିଲା । ଏହା ଫଳରେ ସଂସ୍ଥା ପ୍ରାରମ୍ଭରୁ ସମସ୍ତ ନିଯୋକ୍ତା ଓ ଶ୍ରମିକମାନଙ୍କ ଉପରେ ଆଶାନୁରୂପ ପ୍ରଭାବ ପକାଇ ପାରିଥିଲା । ସେତିକିରେ ସୀମିତ ନ ରହି ଲୌହଖଣି ଶ୍ରମିକମାନଙ୍କର ସର୍ବାଙ୍ଗୀନ ମଙ୍ଗଳ ସାଧନରେ ଉଦ୍ଦିଷ୍ଟ ଏହି ସଂସ୍ଥା ଗୋଟିକପରେ ଗୋଟିଏ ଯୋଜନା ପ୍ରଣୟନକରି ତାହାକୁ କାର୍ଯ୍ୟକାରୀ କରିଚାଲିଛି । ଲୌହଖଣି ସମ୍ପଦରେ ସମୃଦ୍ଧ ଓଡ଼ିଶାର ତିନୋଟି ଜିଲା ଯଥା——କେନ୍ଦୁଝର, ସୁନ୍ଦରଗଡ଼ ଓ ମୟୂରଭଞ୍ଜରେ ଏହାର କାର୍ଯ୍ୟକ୍ରମ ମୁଖ୍ୟତଃ ସୁପ୍ରସାରିତ । ଯୋଜନା ପ୍ରଣୟନରେ ଶ୍ରମିକମାନଙ୍କର ଚାହିଦାକୁ ଦୃଷ୍ଟିରେ ରଖି ବାସଗୃହ, ଜଳଯୋଗାଣ ଓ ଚିକିତ୍ସାଳୟ ପ୍ରତିଷ୍ଠାଦି ସ୍ଥାୟୀ କଲ୍ୟାଣକାରୀ ଯୋଜନାକୁ ଅଗ୍ରାଧିକାର ଦିଆଯାଇଛି । ଏତଦ୍ ବ୍ୟତିତ ଅନ୍ୟାନ୍ୟ ବହୁ କଲ୍ୟାଣକାରୀ ଯୋଜନା ମଧ୍ୟ ଉନ୍ନତ ଜୀବନଯାପନରେ ଶ୍ରମିକମାନଙ୍କୁ ସହାୟତା ଯୋଗାଉଛି । ଆଜିସୁଦ୍ଧା ବିଭିନ୍ନ ଯୋଜନା ଓ ତାର ଅଗ୍ରଗତିର ଏକ ବିବରଣ ନିମ୍ନରେ ପ୍ରଦତ୍ତ ହେଲା :—

(୧) ବାସଗୃହ —ଲୁହାଖଣି ଅଞ୍ଚଳରେ ବାସଗୃହର ଅଭାବ ଏକ ଜଣାଶୁଣା କଥା । ଶ୍ରମିକମାନଙ୍କୁ ଉପଯୁକ୍ତ ବାସଗୃହ ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ ୩ଟି ଗୃହ ନିର୍ମାଣ ଯୋଜନା ଯଥା— ନୂତନ ଗୃହନିର୍ମାଣ ଯୋଜନା (New Housing Scheme), ସ୍ୱଳ୍ପ ମୂଲ୍ୟର ଗୃହ ନିର୍ମାଣ ଯୋଜନା (Low Cost Housing Scheme) ଏବଂ ଆପଣଙ୍କର ନିଜ ବସତି ନିର୍ମାଣ କରନ୍ତୁ (Build Your Own House Scheme) ଆରମ୍ଭ କରାଯାଇଛି । ଏହି ଯୋଜନାକୁ ପ୍ରଥମାବସ୍ଥାରେ ତ୍ରିବର୍ଷୀୟ ଭିତ୍ତିରେ କାର୍ଯ୍ୟକାରୀ କରାଯାଉଥିଲା । କିନ୍ତୁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାନୁସାରେ ଏହାକୁ

ପଞ୍ଚବାର୍ଷିକ ଯୋଜନାରୁଢ଼ କରାଯାଇ ସମୁଦାୟ ୧,୬୦୦ ବାସଗୃହ ନିର୍ମାଣର ପରିକଳ୍ପନା କରାଯାଇଛି । ଚତୁର୍ଥାନ୍ତ ଅବଧିସୁଦ୍ଧା ଟ ୧୬,୮୩,୮୧୦ଙ୍କା ବ୍ୟୟରେ ୪୭୩ ବାସଗୃହ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଅଛି ଓ ୧,୨୦୮ ବାସଗୃହର ନିର୍ମାଣ ଚାଲିଛି । ରାଜ୍ୟର ବିଭିନ୍ନ ଖଣି ଅଞ୍ଚଳରେ ତଳଲିଖିତମତେ ବାସଗୃହ ନିର୍ମାଣ କରାଯାଇଛି :-

| | | |
|---|---|---|
| ୧ । ବୋଲାନି ଲୌହଖଣି | | ୧୬୭ |
| ୨ । ଚିରିଆ ଲୌହଖଣି | – | ୬୫ |
| ୩ । ଦଇତାରି ଲୌହଖଣି | – | ୪୦ |
| ୪ । ଖଣ୍ଡବନ୍ଧ ଲୌହଖଣି | – | ୧୦ |
| ୫ । ଝରିବାହାଲ ଲୌହଖଣି | – | ୫୦ |
| ୬ । ସରୁଆ ଲୌହଖଣି | – | ୨୦ |
| ୭ । କରାଙ୍ଗ ଲୌହଖଣି | – | ୧୦ |
| ୮ । କାଶିଆ ଲୌହଖଣି | .. | ୨୫ |
| ୯ । କଲାଙ୍ଗଗୁରୁଟା ଲୌହଖଣି | .. | ୩୬ |
| ୧୦ । ବାଂଶପାଣି ଲୌହଖଣି | – | ୧୦ |
| ୧୧ । ଯୋଡ଼ା (ଇଷ୍ଟ) ଲୌହଖଣି | .. | ୪୦ |

ଓଡ଼ିଶାର ବିଭିନ୍ନ ଲୌହଖଣି ଅଞ୍ଚଳରେ ସମୁଦାୟ ୧,୬୦୦ ବାସଗୃହ ନିର୍ମାଣର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

(୨) ଜଳଯୋଗାଣ—ଜଳାଭାବ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହୋଇଥିବା ଦୃଷ୍ଟିରୁ ଏହି ସଂସ୍ଥା କୂପଖନନ (Sinking of well) ନଳକୂପ ( S nking of tube well ) ଓ ବଡ଼ଧରଣର ଜଳଯୋଗାଣ (Major Water supply Scheme) ଯୋଜନାରେ ଶତକଡ଼ା ୫୦ ଭାଗ ସରକାରୀ ଅର୍ଥାନୁକୂଲ୍ୟରେ କେତେକ ଯୋଜନା ପ୍ରସ୍ତୁତ କରିଅଛି । ବୃହତର ଜଳଯୋଗାଣ ନିମିତ୍ତ ବୋଲାନି ଖଣି ପରିଚାଳନା କର୍ତ୍ତୃପକ୍ଷ ଏବଂ ଗୁରୁଟା ଖଣି ପରିଚାଳନା କର୍ତ୍ତୃପକ୍ଷଙ୍କର ପ୍ରସ୍ତାବ ଯଥାକ୍ରମେ ଟ ୧୧,୪୧,୧୦୦ ଙ୍କା ଓ ଟ ୨,୩୪,୦୦୦ଙ୍କା ର ଯୋଜନା କେନ୍ଦ୍ର ସରକାରଙ୍କର ଅନୁମୋଦନ ଲାଭକରିଅଛି ଓ କାର୍ଯ୍ୟାରମ୍ଭ ପାଇଁ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ଦିଆଯାଇଛି । କୂପଖନନ ଓ ବଡ଼ଧରଣର ଜଳଯୋଗାଣ ... ଏକାଧିକ ଉପସ୍ଥାପିତ ଯୋଜନା ଓଡ଼ିଶା ସରକାରଙ୍କର ... ସ୍ୱାସ୍ଥ୍ୟ ବିଭାଗର ମୁଖ୍ୟଯନ୍ତ୍ରୀଙ୍କ ନିକଟକୁ ତନଖି ଓ ଅବଶ୍ୟକ ଉପଦେଶ ପାଇଁ ପଠାଯାଇଛି ।

(୩) ଚିକିତ୍ସାଳୟ ସୁବିଧା—ଏହି ଅଞ୍ଚଳମାନଙ୍କରେ ଚିକିତ୍ସାଳୟ ଓ ଚିକିତ୍ସାର ସୁବିଧା ଥାଇ ମଧ୍ୟ ନଥିଲା ପରି । ... ବିଭାଗୀୟ କୋଠାକୁ ଅପେକ୍ଷା ନକରି ଯୋଡ଼ା ଓ ଯଜୁରୀଠାରେ ଦୁଇଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲଯାଇଅଛି । ଓଡ଼ିଶା ସରକାରଙ୍କର ଖଣି ନିର୍ଦ୍ଦେଶାଳୟ ଗୃହର ଏକ ଅଂଶରେ ଯୋଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ଓ ଏସ୍. ଇଇ ଏଣ୍ଡ କୋ, ପରିଚାଳନା କର୍ତ୍ତୃପକ୍ଷ କୋଠାରେ ଯଜୁରୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲଯାଇଛି । ଚଳିତ ଆର୍ଥିକ ବର୍ଷ ତା ୧୫।୧୦।୭୧ ରିଖଠାରୁ ଯୋଡ଼ାଠାରେ ଏକ ଭ୍ରାମ୍ୟମାଣ ଚିକିତ୍ସା କେନ୍ଦ୍ରର ମଧ୍ୟ କାର୍ଯ୍ୟାରମ୍ଭ ହୋଇଛି । ଏହା ସମସ୍ତ ଖଣି ଅଞ୍ଚଳ ଯାଇ ରୋଗୀମାନଙ୍କର ପରୀକ୍ଷା ଓ ଆବଶ୍ୟକୀୟ ଚିକିତ୍ସାରେ ସାହାଯ୍ୟ କରୁଛି । ସମ୍ପୃକ୍ତ ଖଣିର ଶ୍ରମିକମାନଙ୍କର ଅବଗତି ନିମନ୍ତେ ... ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ପରିଦର୍ଶନର ଯଥେଷ୍ଟ ଆଗରୁ ଖଣି ପରିଚାଳନା କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଏ । ଯଜୁରୀଠାରେ ବିଭିନ୍ନ ... ଶ୍ରମିକମାନଙ୍କର ଚାହିଦା, ଦୁର୍ଗମ ପାର୍ବତ୍ୟପଥ ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରୁ ଦୂରତାଦି ଅସୁବିଧା ଦୃଷ୍ଟିରୁ ଏକ ଆମ୍ବୁଲାନସ ମଧ୍ୟ ଯୋଗାଇ ଦିଆଯାଇଛି । ଜରୁରୀ କ୍ଷେତ୍ରରେ ରୋଗୀମାନଙ୍କ ପରିବହନରେ ଏହା ଅଶେଷ ସାହାଯ୍ୟ କରୁଛି ।

(କ) ଯକ୍ଷ୍ମା ଚିକିତ୍ସା—୧୯୬୬–୬୭ ଆର୍ଥିକ ବର୍ଷଠାରୁ ଏହି ସଂସ୍ଥା ଲକ୍ଷ୍ମ ଯକ୍ଷ୍ମାରୋଗୀଙ୍କର ଚିକିତ୍ସା ନିମିତ୍ତ ବିନାମୂଲ୍ୟରେ ସ୍ୱାସ୍ଥ୍ୟାବାସର ବ୍ୟବସ୍ଥା କରି ଆସୁଅଛି । ସେଥିପାଇଁ ବାର୍ଷିକ ୩,୬୦୦ ଟଙ୍କା ବ୍ୟୟରେ ଘାଞ୍ଚିସ ମହାଦେବୀ ବିରଳା ଯକ୍ଷ୍ମା ସ୍ୱାସ୍ଥ୍ୟାଗାରରେ ପ୍ରଥମେ ୫ଟି ଶଯ୍ୟା ସଂରକ୍ଷିତ କରାଯାଇଥିଲା । ରୋଗୀମାନଙ୍କର ସଂଖ୍ୟା ବୃଦ୍ଧିଯୋଗୁ ଚଳିତ ଆର୍ଥିକ ବର୍ଷଠାରୁ ଅତିରିକ୍ତ ଦୁଇଟି ଶଯ୍ୟା ସଂରକ୍ଷିତ କରାଯାଇଅଛି । ଏ ପର୍ଯ୍ୟନ୍ତ ୨୨ ଜଣ ଶ୍ରମିକ ଚିକିତ୍ସିତ ହୋଇ ଆରୋଗ୍ୟଲାଭ କରିଥିବା ସ୍ଥଳେ ୫ ଜଣ ... ଚିକିତ୍ସାଧୀନ । ଯକ୍ଷ୍ମା ରୋଗାକ୍ରାନ୍ତ ଶ୍ରମିକମାନଙ୍କ ପାଇଁ ଘରୋଇ ଚିକିତ୍ସାର (Domiciliary Line of Treatment) ସୁବିଧା ମଧ୍ୟ ରଖାଯାଇଛି । ଏହି ଚିକିତ୍ସା ରାଜ୍ୟ ସରକାର ଯକ୍ଷ୍ମା ପରିଚାଳନା କର୍ତ୍ତୃପକ୍ଷଙ୍କର କେତେକ ଅନୁମୋଦିତ ଅନୁସାରେ

ହୋଇଥାଏ । ଯନ୍ତ୍ରଦ୍ୱାରା ଶ୍ରମିକମାନଙ୍କର ଉପରେ ନିର୍ଭରକରୁଥିବା ବ୍ୟକ୍ତିମାନଙ୍କପାଇଁ ମାସିକ ୫୦ ଟଙ୍କା ହାରରେ ବଞ୍ଚଣି ଭତ୍ତା (Subsistence allowance) ମଧ୍ୟ ଦିଆଯାଉଛି ।

(୨) ଖଣି କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଚାଳିତ ଚିକିତ୍ସାଳୟକୁ ସାହାଯ୍ୟ—ନିୟମାନୁଯାୟୀ ନିର୍ଦ୍ଧାରିତ ମାନରେ ଚିକିତ୍ସାଳୟ ଓ ଶ୍ରମ ମଙ୍ଗଳକେନ୍ଦ୍ର ଚଳାଉଥିବା ଖଣି ମାଲିକମାନଙ୍କୁ ପ୍ରତିବର୍ଷ ସାହାଯ୍ୟ ମଞ୍ଜୁରୀ କରାଯାଉଛି । ଏ ବାବଦରେ ଆଜିସୁଦ୍ଧା ୬,୫୩,୪୬୦ ଟଙ୍କା ବ୍ୟୟିତ ହୋଇଛି ।

(୩) ପରିବାର କଲ୍ୟାଣ—ଆଜିର ଗୁରୁତ୍ୱପୂର୍ଣ୍ଣ ଜାତୀୟ ସମସ୍ୟା ପରିବାର କଲ୍ୟାଣ କାର୍ଯ୍ୟକ୍ରମର ସକ୍ରିୟ ପ୍ରସାର ଓ ପ୍ରଚାର ନିମିତ୍ତ ଏହି ସଂସ୍ଥାର ଭୂମିକା ମଧ୍ୟ ଉଲ୍ଲେଖଯୋଗ୍ୟ । ଯୋଡ଼ାସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ବୀଜନ କେନ୍ଦ୍ରରୂପେ ଘୋଷିତହୋଇ ଏଠାରେ ଲୁପ ପ୍ରସାରଣ ଅସ୍ତ୍ରୋପଚାର ମଧ୍ୟ କରାଯାଉଛି । ଯକ୍ଷ୍ମାଗୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ବୀଜନ କେନ୍ଦ୍ରରୂପେ ଚଳିତ ବର୍ଷ ମଧ୍ୟରେ ଘୋଷିତ ହେବ ।

(୪) ବହୁମୁଖୀ ଅନୁଷ୍ଠାନ—ଖଣିମାନଙ୍କରେ ନିଯୁକ୍ତ ଶ୍ରମିକମାନଙ୍କର ଶିକ୍ଷା, ଅବସର ବିନୋଦନ ଓ ସାମାଜିକ କାର୍ଯ୍ୟକଳାପର ବିକାଶ ନିମିତ୍ତ ୩୦ ଟି ବହୁମୁଖୀ ଅନୁଷ୍ଠାନ ୧୯୬୬–୬୭ ଆର୍ଥିକ ବର୍ଷଠାରୁ ଉନ୍ମୋଚିତ ହୋଇଅଛି । ଉକ୍ତ ୩୦ ଟି ଅନୁଷ୍ଠାନ ମଧ୍ୟରୁ ୪ ଟି ଉନ୍ନତ ବହୁମୁଖୀ ଅନୁଷ୍ଠାନରେ ପରିଣତ କରାଯାଇ ଉକ୍ତଚାରି ସହରାଇକ, ବରସୁଆଁ, ଗୋରୁମହିଷାଣି ଓ ଠାକୁରାଣୀ (ଓ. ଏମ୍. ଡି. ଙ୍କର) ଖଣିଠାରେ ପ୍ରତିଷ୍ଠିତ କରାଯାଇଛି । କେନ୍ଦୁଝର ଜିଲ୍ଲା ଖଣିଅଞ୍ଚଳର ପ୍ରାଣକେନ୍ଦ୍ର ବଡ଼ବିଲଠାରେ ମଧ୍ୟ ଏକ ଶ୍ରମିକ ମଙ୍ଗଳ କେନ୍ଦ୍ର ସ୍ୱତନ୍ତ୍ରଭାବେ ପ୍ରତିଷ୍ଠିତ କରାଯାଇଅଛି । ଏହି ଅନୁଷ୍ଠାନମାନଙ୍କରେ ପାଠାଗାର ବହି, କ୍ରୀଡ଼ା ଉପକରଣ, ରେଡ଼ିଓ ଓ ସଙ୍ଗୀତ ଉପକରଣାଦି ଯୋଗାଇ ଦିଆଯାଉଛି । ଶ୍ରମିକମାନଙ୍କର ଅଧିକାଂଶ ପିଲା ଏହି ଅଞ୍ଚଳରେ ଶିକ୍ଷାଗତ ସୁବିଧା ସୁଯୋଗରୁ ବଞ୍ଚିତ ଜାଣି ସେମାନଙ୍କୁ ୨ୟ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାଥମିକ ଶିକ୍ଷା ଏହି ଅନୁଷ୍ଠାନ ମାଧ୍ୟମରେ ପ୍ରଦାନ କରାଯାଉଅଛି । ପାଠ୍ୟ ଉପକରଣାଦି ବିନାମୂଲ୍ୟରେ ସେମାନଙ୍କୁ ଯୋଗାଇ ଦିଆଯାଏ । ଯେଉଁ ପିଲାମାନଙ୍କ ପିତାମାତାଙ୍କର ମାସିକ ଆୟ ୨୦୦ ଟଙ୍କାରୁ କମ୍ ସେମାନଙ୍କୁ ୨ ହଳ ପୋଷାକ ମଧ୍ୟ ଦିଆଯାଏ । କେୟାର ସଂସ୍ଥାର ସହଯୋଗରେ ପିଲାମାନଙ୍କର ମଧ୍ୟାହ୍ନ ଭୋଜନ ସୁବିଧା ମଧ୍ୟ କରାଯାଉଛି । ଏହା ବ୍ୟତିତ ଉପରୋକ୍ତ ୪ ଟି ଉନ୍ନତ ଅନୁଷ୍ଠାନରେ ଓ ବଡ଼ବିଲସ୍ଥିତ ଶ୍ରମିକ କଲ୍ୟାଣ କେନ୍ଦ୍ରରେ ପୌଢ଼ଶିକ୍ଷା-ପ୍ରଦାନ, ମହିଳାମାନଙ୍କ ପାଇଁ ସିଲେଇ ମେସିନ ହାତକାମ ଓ ସୂଚୀକାମ ପାଇଁ ଉପକରଣାଦି ଯୋଗାଇ ଦିଆଯାଉଛି । ଉକ୍ତ ସାମାଜିକ ଅଭ୍ୟାସ ପଦ୍ଧ ତଥା ଆଦିବାସୀ ପରିବାରମାନଙ୍କରେ ଶିକ୍ଷାପ୍ରଦାନ ନିମିତ୍ତ ପ୍ରତି ଘର ପରିଦର୍ଶନରେ ମଧ୍ୟ ଉକ୍ତ ଅନୁଷ୍ଠାନର କର୍ମୀମାନେ ନିୟୋଜିତ । ଏହି ଅନୁଷ୍ଠାନମାନଙ୍କ କରିଆରେ ପରିବାର ନିୟନ୍ତ୍ରଣ କାର୍ଯ୍ୟକ୍ରମର ପ୍ରଚାର କରାଯାଇ ଆବଶ୍ୟକୀୟ ଔଷଧାଦି ମଧ୍ୟ ବଣ୍ଟନ କରାଯାଉଛି ।

(୫) ଛାତ୍ରବୃତ୍ତି ଯୋଜନା—ଲୁହାପଥର ଶ୍ରମିକମାନଙ୍କର ପୁଅଝିଅମାନଙ୍କର ଅଧ୍ୟୟନ ନିମିତ୍ତ ବୃତ୍ତି ମଞ୍ଜୁରୀ ଏହି ଯୋଜନାର ଅନ୍ତର୍ଭୁକ୍ତ । ଏହା ମାସିକ ୩୦୦ ଟଙ୍କା ବେତନ ପାଉଥିବା ଶ୍ରମିକମାନଙ୍କ ପ୍ରତି ପ୍ରଯୁଜ୍ୟ । ଆର୍ଥିକ ବର୍ଷ ୧୯୭୦–୭୧ ଶେଷ ସୁଦ୍ଧା ୪୪୩ ଛାତ୍ର ଛାତ୍ରୀଙ୍କୁ ଏହି ବୃତ୍ତି ପ୍ରଦାନ କରାଯାଇଅଛି ।

(୬) ଚଳଚିତ୍ର ପରିବେଷଣ —୧୯୬୮ ମେ ମାସଠାରୁ ଏକ ଚଳଚିତ୍ର ୟୁନିଟ୍ ଗଠନକରାଯାଇଛି । ୧୬ ମିଲିମିଟର ଦୀର୍ଘ ଚଳଚିତ୍ର ଏବଂ ପ୍ରାମାଣିକ ଚଳଚିତ୍ର ପରିବେଷଣ ପାଇଁ ଏହା ଉଦ୍ଦିଷ୍ଟ । ଶ୍ରମ ମନ୍ତ୍ରଣାଳୟର ଦୂତାବାସରେ ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା, ଜର୍ମାନୀ ଓ ବ୍ରିଟେନ ଆଦି ବିଭିନ୍ନ ବୈଦେଶିକ ଦୂତାବାସମାନଙ୍କର ଶ୍ରମ, କୃଷି, ଶିଳ୍ପ ବିଷୟକ ପ୍ରାମାଣିକ ଚଳଚିତ୍ରମାନ ଓ ପରିବାର ନିଯୋଜନ ପ୍ରାମାଣିକ ଚିତ୍ର ଅଣାଯାଇ ପ୍ରଦର୍ଶନ କରାଯାଏ । ଏହି ସଂସ୍ଥା କେନ୍ଦ୍ରୀୟ ଚଳଚିତ୍ର ପ୍ରତିଷ୍ଠାନର ସ୍ଥାୟୀ ସଦସ୍ୟ ରୂପେ ଶ୍ରେଣୀଭୁକ୍ତ ହୋଇଅଛି । ସାଧାରଣତଃ ତିନିମାସରେ ଥରେ ପ୍ରତ୍ୟେକ ଖଣି ଅଞ୍ଚଳରେ ଚଳଚିତ୍ର ପ୍ରଦର୍ଶନ ହୁଏ । ଇତିମଧ୍ୟରେ ଦ୍ୱିତୀୟ ଚଳଚିତ୍ର ୟୁନିଟ କେନ୍ଦ୍ର ସରକାରଙ୍କର ଅନୁମୋଦନ ଲାଭକରିଅଛି । ଏହା କାର୍ଯ୍ୟକାରୀ ହେଲେ ସମୟର ଦୀର୍ଘତା ଦୂରକରାଯାଇ ଏକାଧିକ ବାର ଚିତ୍ର ପରିବେଷଣ କରାଯାଇ ପାରିବ ।

(୭) ଅବସର ବାସ (Holiday Home)—ଅବସର, ଆନନ୍ଦ ଓ ଅପନୋଦନ ଯୋଗାଇବା ନିମିତ୍ତ ୧୯୬୪ ଠାରୁ ଏହି ଯୋଜନାର ପ୍ରବର୍ତ୍ତନ କରା ଯାଇ ଯଥା କ୍ରମେ ଭୁବନେଶ୍ୱର ଓ ଗୋପାଳପୁର ଠାରେ ଦୁଇଟି ଅବସର ବାସର ପ୍ରତିଷ୍ଠା କରା ଯାଇ ଥିଲା । ଖର୍ଚ୍ଚ ତୁଳନାରେ ପରିଦର୍ଶକଙ୍କର ସଂଖ୍ୟା ସନ୍ତୋଷଜନକ ନ ହେବା ଫଳରେ ଉକ୍ତ ଅବସର ବାସ ଦୁଇଟିକୁ ଉଠାଇ ଦିଆ ଯାଇ ପୁରୀ ଠାରେ କୋଇଲା ଖଣି ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ଅବସର ବାସକୁ ଉଭୟ ସଂସ୍ଥାର ଶ୍ରମିକଙ୍କ ପାଇଁ ଭାଗୁଆଳୀ ଭିତ୍ତିରେ ବ୍ୟବହାର

କରାଯାଇଛି, କିନ୍ତୁ ଏକ ସ୍ୱାଧୀନ ଅବସର ବାସ ପ୍ରତିଷ୍ଠା ପ୍ରସ୍ତାବ ଏବେ ମଧ୍ୟ ବିଚାରାଧୀନ ଅଛି । ଅଜି ସୁଦ୍ଧା ୬୯୮ ଜଣ ଶ୍ରମିକ ଉକ୍ତ ଅବସର ବାସରେ ରହିବାର ସୁଯୋଗ ଲାଭ କରି ଅଛନ୍ତି ।

(୮) ଭାରତ ଦର୍ଶନ ସମ୍ପର୍କୀୟ ଯୋଜନା— ଏହି ଯୋଜନାର କାର୍ଯ୍ୟକାରିତା ଫଳରେ ୧୭ ଜଣ ଶ୍ରମିକ ୩,୧୪୭ ଟଙ୍କା ବ୍ୟୟରେ କେବଳ ନିଜର ଖାଇବା ଖର୍ଚ୍ଚ ଦେଇ ଉତ୍ତର ଓ ଦକ୍ଷିଣ ଭାରତ ଅଭିମୁଖେ ଅଧ୍ୟୟନ ତଥା ପରିଭ୍ରମଣ ନିମିତ୍ତ ସମର୍ଥ ହୋଇଛନ୍ତି । ବର୍ତ୍ତମାନ ପାଇଁ କେନ୍ଦ୍ର ସରକାରଙ୍କର ନିଷ୍ପତ୍ତି ଅନୁସାରେ ଏହାକୁ ସ୍ଥଗିତ ରଖା ଯାଇଛି ।

(୯) ଶିକ୍ଷାନୁଷ୍ଠାନମାନଙ୍କୁ ଆର୍ଥିକ ସାହାଯ୍ୟ ମଞ୍ଜୁରୀ— ସ୍ୱୀକୃତିପ୍ରାପ୍ତ ୩ ଗୋଟି ପ୍ରାଥମିକ ବିଦ୍ୟାଳୟକୁ ଉପକରଣ କ୍ରୟ, ପାଠ୍ୟ ପୁସ୍ତକ, ମାନଚିତ୍ର ଓ ଗ୍ଲୋବ୍ ଆଦି କ୍ରୟ ଉଦ୍ଦେଶ୍ୟରେ ମୋଟ ୧,୮୪୭ ଟଙ୍କା ପରିମାଣର ଆର୍ଥିକ ସାହାଯ୍ୟ ପ୍ରଦାନ କରା ଯାଇଥି । କିନ୍ତୁ ବର୍ତ୍ତମାନ ପାଇଁ ଏହା ସ୍ଥଗିତ ରଖା ଯାଇଛି ।

(୧୦) ସାଂଘାତିକ ଓ ଗୁରୁତର ଦୁର୍ଘଟଣା ଜନିତ ଅର୍ଥ ମଞ୍ଜୁରୀ ଯୋଜନା— –୧୯୬୬-୬୭ ମସିହାରେ ଏହି ଯୋଜନା କାର୍ଯ୍ୟକାରୀ ହେବା ପରଠାରୁ ଗରି ଜଣ ଲୁହା ଖଣି ଶ୍ରମିକ ଓ ତାଙ୍କ ଉପରେ ନିର୍ଭର କରୁଥିବା ପରିବାରବର୍ଗ ଉକ୍ତ ଯୋଜନାନୁଯାୟୀ ଆର୍ଥିକ ସାହାଯ୍ୟ ଅଦ୍ୟ ସୁଦ୍ଧା ପାଇ ଆସୁଛନ୍ତି ।

(୧୧) ଆନ୍ତଃଖଣି କ୍ରୀଡ଼ା ସମାବେଶ—୧୯୬୮-୬୯ ମସିହା ଠାରୁ ଆରମ୍ଭ କରା ଯାଇ ଥିବା ଆନ୍ତଃକ୍ରୀଡ଼ା ସମାବେଶ ନିମିତ୍ତ ଆଜି ସୁଦ୍ଧା ଆଠ ହଜାର ଟଙ୍କା ବ୍ୟୟିତ ହୋଇଅଛି । ଏହି କ୍ରୀଡ଼ା ସମାବେଶରେ ଲୁହାଖଣି ଶ୍ରମିକମାନେ ଅଂଶ ଗ୍ରହଣ କରନ୍ତି ।

---

ଶ୍ରୀ ପାତ୍ର ହେଉଛନ୍ତି ଜଣେ ଭାରତୀୟ ପ୍ରଶାସନିକ ସେବାର ସଦସ୍ୟ ଏବଂ ବର୍ତ୍ତମାନ ରାଜ୍ୟ ସରକାରଙ୍କ ଶ୍ରମ କମିଶନର ଓ ଲୌହଖଣି ଶ୍ରମିକ ମଙ୍ଗଳ ସଂସ୍ଥାର ଉପାଧ୍ୟକ୍ଷ ।

# ବିକାଶ ପଥେ ଢେଙ୍କାନାଳ

ଓଡ଼ିଶାର ପ୍ରାୟ କେନ୍ଦ୍ର ସ୍ଥଳରେ ଅବସ୍ଥିତ ଏବଂ ମୁଖ୍ୟତଃ ଢେଙ୍କାନାଳ, ତାଳଚେର, ହିନ୍ଦୋଳ, ପାଲଲହଡ଼ା, ଆଠମଲ୍ଲିକ ଆଦି ପୂର୍ବତନ ଗଡ଼ଜାତ ଏବଂ ଅନୁଗୁଳକୁ ନେଇ ଢେଙ୍କାନାଳ ଜିଲ୍ଲାର ଗଠନ । ପ୍ରାୟ ୧୦,୮୨୫ ବର୍ଗ କିଲୋମିଟର ଅଞ୍ଚଳରେ ପରିବ୍ୟାପ୍ତ ଏବଂ ଅତି ମୂଲ୍ୟବାନ ଖଣିଜ ପଦାର୍ଥ ଓ ଜଙ୍ଗଲରେ ଭରପୂର ଏହି ଜିଲ୍ଲା ବର୍ତ୍ତମାନ ସମୃଦ୍ଧି ଓ ବିକାଶ ପଥରେ ଆଗେଇ ଯିବାକୁ ବସିଛି । ନିକଟ ଭବିଷ୍ୟତରେ ଦେଶର ଅନ୍ୟାନ୍ୟ ସମୃଦ୍ଧ ଜିଲ୍ଲା ସହିତ ଏହି ଜିଲ୍ଲା ଯେ ସମତାଳ ଦେଇ ଠିଆ ହୋଇ ପାରିବ ଏହା ନିଃସନ୍ଦେହରେ କୁହାଯାଇପାରେ ।

## ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଅଗ୍ରଗତି

କୃଷି ଏବଂ ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଢେଙ୍କାନାଳ ଜିଲ୍ଲାର କୃଷୀ ଦେଶର ଅନ୍ୟାନ୍ୟ ଅଞ୍ଚଳର ଉନ୍ନତ କୃଷୀମାନଙ୍କର ସମକକ୍ଷ ହେବା ପାଇଁ ଆଜି ଆଗଭର । ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବାର ଆହ୍ୱାନକୁ ଏହି ଜିଲ୍ଲାର କୃଷୀ ଗ୍ରହଣ କରି ନେଇଛି । ମାଲ୍ୟଗିରି ପାର୍ବତ୍ୟ ଉପତ୍ୟକାରେ ଚଳିତ ବର୍ଷ (୧୯୭୧)ର କମଳା ଅମଳ ଏହାର ଏକ ନିଦର୍ଶନ । ଉପଯୁକ୍ତ ମାଟି, ଅନୁକୂଳ ପାଗ ଓ ସର୍ବୋପରି ନିଷ୍ଠାପର ପରିଶ୍ରମ ଫଳରେ ପାଲଲହଡ଼ା ସବ୍‌ଡିଭିଜନରେ ଥିବା କୃଷି ବିଭାଗ ଓ ଆଶ୍ରମ ସ୍କୁଲ କମଳା ବଗିଚାରୁ ଏହି ବର୍ଷ ଯଥାକ୍ରମେ ପ୍ରାୟ ୧୬,୦୦୦ ଓ ୫,୬୦୦ ଟଙ୍କାର କମଳା ଅମଳ କରାଯାଇଛି । ଏହି ସାଫଲ୍ୟରେ ଉଦ୍‌ବୁଦ୍ଧ ହୋଇ ପାଲଲହଡ଼ା ସବ୍‌ଡିଭିଜନ୍‌ର କେତେକ ପଞ୍ଚାୟତ ତଥା ବ୍ୟକ୍ତିବିଶେଷ କମଳା ଉଦ୍ୟାନ କରିବା ଦିଗରେ ଆଗେଇ ଗଲେଣି । ଚିରସ୍ରୋତା ପାର୍ବତ୍ୟ ଝରଣାର ପାଣି ଉଠା ପମ୍ପ ସାହାଯ୍ୟରେ ମଡ଼ାଯାଇ କେତେ ଲାଭ ହେବ ତାହା ଦେଖାଇ ଦେବା ନିମନ୍ତେ ମାଲ୍ୟଗିରି ଆଶ୍ରମ ସ୍କୁଲ ନିକଟରେ 'ମାଙ୍କଡ଼ା' ନାଳ ଉପରେ ଏ ବର୍ଷ ଏକ ଉଠା ଜଳସେଚନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି ।



ପାଲଲହଡ଼ା ମାଲ୍ୟଗିରି ଆଶ୍ରମ ସ୍କୁଲ ବଗିଚାର ଏକ ଅଂଶ



ପାଲଲହଡ଼ା ସବଡ଼ିଭିଜନରେ ମାଲ୍ୟଗିରି ଆଶ୍ରମ ସ୍କୁଲ ଉଠା ଜଳସେଚନ ବ୍ୟବସ୍ଥାର ଏକ ଅଂଶ

## ଉଚ୍ଚ ବୃଷ୍ଟିର ପ୍ରଭାବ

ଚଳିତ ବର୍ଷ (୧୯୭୧) ଦୀର୍ଘକାଳ ଧରି କ୍ରମାଗତ ବର୍ଷା ଓ ପରେ ପରେ ବାତ୍ୟା ହେବା ଫଳରେ ବ୍ୟାପକ ଭାବରେ ଧାନ ଫସଲ ନଷ୍ଟ ହୋଇ ଯାଇଥିବା ଦୃଷ୍ଟିରୁ ସମ୍ଭାବ୍ୟ ଦୁର୍ବଳ ଅର୍ଥନୈତିକ ପରିସ୍ଥିତିର

ସ୍ୱୟଂଶୀଳ ହେବା ନିମନ୍ତେ ରବି ଫସଲ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ଚଳିତ ରବି ଋତୁରେ ପ୍ରାୟ ୪,୦୦୦ ଏକର ଜମିରେ ଗହମ, ୩,୦୦୦ ଏକର ଜମିରେ ଚିନାବାଦାମ ଏବଂ ପ୍ରାୟ ୫,୦୦୦ ଏକରରେ ଅଧିକ ଅମଳକ୍ଷମ ଧାନ ଚାଷ କରିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯାଇଛି । ଏତଦ୍‌ବ୍ୟତୀତ ସ୍ଥଳ ବିଶେଷରେ ସଙ୍କର-ମକା ଓ ଅନ୍ୟାନ୍ୟ ରବି ଫସଲ କରିବା ନିମନ୍ତେ ଚାଷୀମାନଙ୍କୁ ଉତ୍ସାହିତ କରାଯାଉଛି ।

ବ୍ରାହ୍ମଣୀ ନଦୀ ଅବବାହିକାରେ ଉଠା ଜଳସେଚନ ସାହାଯ୍ୟରେ ବହୁଳ ଭାବରେ ରବି ଫସଲ କରିବା ନିମନ୍ତେ ବ୍ୟାପକ ଉଦ୍ୟମ କରାଯାଉଛି । ଓଡ଼ାପଡ଼ା ବ୍ଳକର ବଉଳପୁର ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ୪୨ ଏକର ଜମିରେ ଆଳୁଚାଷ ଏକ ଉଲ୍ଲେଖଯୋଗ୍ୟ ଘଟଣା । ଏଠାରେ ସ୍ମରଣ କରାଯାଇପାରେ ଯେ ଗତବର୍ଷ ରବି ଋତୁରେ ଏଠାରେ ଉଠା ଜଳସେଚନ ସାହାଯ୍ୟରେ ୨୧ ଏକର ଜମିରେ ଆଳୁଚାଷ କରାଯାଇ ଏକର ପ୍ରତି ୨୮୦ରୁ ୩୦୦ ମହଣ ପର୍ଯ୍ୟନ୍ତ ଆଳୁ ଅମଳ କରାଯାଇଥିଲା । ଏହି ସାଫଲ୍ୟରେ ଅନୁପ୍ରାଣିତ ହୋଇ ବ୍ରାହ୍ମଣୀ ନଦୀର ଉଭୟ ପାର୍ଶ୍ୱରେ ଥିବା ପଞ୍ଚାୟତଗୁଡ଼ିକ ରବି ଋତୁରେ ଆଳୁ, ଗହମ, ମକା, ଏବଂ ଅଧିକ ଅମଳକ୍ଷମ ଧାନ କରିବା ଦିଗରେ ଆଗ୍ରହ ପ୍ରକାଶ କରି ଆଗେଇ ଆସୁଛନ୍ତି । ଏପରିକି ଜଳସେଚନ ନିମନ୍ତେ ସରକାରୀ ବ୍ୟବସ୍ଥା ପ୍ରତି ଅପେକ୍ଷା ନ କରି ମିଳିତ ଉଦ୍ୟମ ଦ୍ୱାରା ବ୍ୟାଙ୍କମାନଙ୍କରୁ ଋଣ ନେଇ ଉଠା ଜଳସେଚନ ବ୍ୟବସ୍ଥା କାର୍ଯ୍ୟକାରୀ କରୁଛନ୍ତି ।



ବଉଳପୁରଠାରେ ବ୍ରାହ୍ମଣୀ ନଦୀରେ ବିଦ୍ୟୁତ୍‌ଚାଳିତ ଉଠା ଜଳସେଚନ ବ୍ୟବସ୍ଥା

କୃଷି ହିଁ ସମ୍ପଦ । ଏହି ଉକ୍ତିକୁ ଏ ଜିଲ୍ଲାର ଚାଷୀ ଗ୍ରହଣ କରି ନେଇଛି ଏବଂ ଏ ଦିଗରେ ଅଗ୍ରସର ହେବା ନିମନ୍ତେ ତାଙ୍କୁ ସହାୟତା କରୁଛନ୍ତି ସଂପୃକ୍ତ ପ୍ରଶାସନିକ ଓ ବୈଷୟିକ କର୍ତ୍ତୃପକ୍ଷ । ଚାଷୀଙ୍କ ଉଦ୍ୟମକୁ ସାଫଲ୍ୟମଣ୍ଡିତ କରିବା ଦିଗରେ ଉଠା ଜଳସେଚନ କର୍ତ୍ତୃପକ୍ଷଙ୍କ ... ଆବଶ୍ୟକୀୟ ସାହାଯ୍ୟ ଦିଆଯାଉଛି । ଚଳିତ ବର୍ଷ ( ... ବ୍ରାହ୍ମଣୀ ନଦୀରୁ ଚାଷୀମାନଙ୍କୁ ଜଳ ଯୋଗାଇଦେବା ... ବଉଳପୁର, ବିନ୍ଦ୍ରୋ ଏବଂ ନୀଳକଣ୍ଠପୁରଠାରେ ତିନିଗୋଟି ବିଦ୍ୟୁତ୍... ଚାଳିତ ଜଳସେଚନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି । ... ମଧ୍ୟ ନଦୀର ନିକଟବର୍ତ୍ତୀ କେତେକ ଗ୍ରାମରେ ଏ ପ୍ରକାର ... ଦିଆଯିବା ସଂପର୍କରେ ଅନୁଧ୍ୟାନ କରାଯାଉଛି ।

## କ୍ଷୁଦ୍ର ଜଳସେଚନ ଯୋଜନା

ଜିଲ୍ଲାର କୃଷି ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ ଏହି ଜି... ଗ୍ରାମ୍ୟ ଇଂଜିନିୟରିଂ ସଂସ୍ଥାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ... ଏକ ପାର୍ବତ୍ୟ ଅଞ୍ଚଳ ହୋଇଥିବାରୁ ପାର୍ବତ୍ୟ ଝରଣାର ... ବନ୍ଧାଇ ରଖି ଜଳସେଚନର ବ୍ୟବସ୍ଥା ଅତୀବ ଜରୁରୀ ... ଥିବାରୁ ବିଗତ ତି ବର୍ଷ ମଧ୍ୟରେ କେତେକ ଉଲ୍ଲେଖ... ଯୋଜନା କରାଯାଇଛି ।

ପ୍ରାୟ ୧୪ ଲକ୍ଷ ୮୮ ହଜାର ଟଙ୍କାରେ ତିଆରି 'କୁକୁର... ଜଳସେଚନ ଯୋଜନା କାର୍ଯ୍ୟ ୧୯୭୯ ମସିହା ମଇ ମାସରେ ... କରାଯାଇଥିଲା । ଏହି ଜଳଭଣ୍ଡାର ଖରିଫ୍ ଋତୁରେ ୧,... ଏକର ଏବଂ ରବି ଋତୁରେ ପ୍ରାୟ ୩୦୦ ଏକର ଜମିରେ ଜଳ... କରି ପାରିବ । ଏହି ଯୋଜନାଟି ସଂପୂର୍ଣ୍ଣ ପ୍ରାୟ ...



ଅନୁଗୁଳ ସବଡିଭିଜନର ଛେଣ୍ଡିପଦା ବ୍ଳକ୍ ଅନ୍ତର୍ଗତ 'କୁକୁରପେଟ' କ୍ଷୁଦ୍ରଜଳସେଚନ ଯୋଜନା

ନଅ ଲକ୍ଷ ଟଙ୍କାରେ ତିଆରି 'ଘଉପାଳ' ଜଳସେଚନ କା... ଫଳରେ ଖରିଫ୍ ଋତୁରେ ପ୍ରାୟ ୮୦୦ ଏକର ଏବଂ ରବି ଋତୁରେ ... ୩୦୦ ଏକର ଜମିରେ ଜଳସେଚନ କରାଯାଇପାରିବ ।

ମାସରେ ଏହି ଯୋଜନା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ମୁକ-ବନ୍ଧ କାର୍ଯ୍ୟ ସଂପୂର୍ଣ୍ଣ ହୋଇ ସାରିଛି ।

ପାଲଲହଡ଼ା ସବଡିଭିଜନ୍‌ରେ ପ୍ରାୟ ୭ ଲକ୍ଷ ୭୫ ହଜାର ଟଙ୍କା ଖର୍ଚ୍ଚ ଅଟକଳରେ 'ଅନ୍ଧାରୀ' ଜଳସେଚନ ଯୋଜନାର କାର୍ଯ୍ୟ ୧୯୬୬ ମସିହା ଅପ୍ରେଲ ମାସରେ ଆରମ୍ଭ କରାଯାଇଥିଲା । ଏ ପର୍ଯ୍ୟନ୍ତ ସାଢ଼େ ପାଞ୍ଚ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚରେ ମୁକବନ୍ଧ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । ୧୩,୪୦୦ ଫୁଟ ଦୀର୍ଘ ମୁଖ୍ୟ କେନାଲର କାର୍ଯ୍ୟ ୯,୦୦୦ ଫୁଟ ପର୍ଯ୍ୟନ୍ତ ସଂପୂର୍ଣ୍ଣ ହୋଇଛି । ୧୯୭୨ ମସିହା ଜୁନ୍ ମାସ ଶେଷ ସୁଦ୍ଧା ଏହି ଯୋଜନାଟି ସଂପୂର୍ଣ୍ଣ ହୋଇ କାର୍ଯ୍ୟକାରୀ ହେବ । ଉକ୍ତ ଯୋଜନା ଫଳରେ ଖରିଫ୍ ଋତୁରେ ପାଲଲହଡ଼ା ବ୍ଲକ୍‌ର ୬୪୦ ଏକର ଓ ରବି ଋତୁରେ ୨୦୦ ଏକର ଜମିରେ ଜଳସେଚନ କରାଯାଇ ପାରିବ ।

ଉପରୋକ୍ତ ତିନିଗୋଟି ଯୋଜନା ଫଳରେ ଜିଲ୍ଲାର ପ୍ରାୟ ୧୧ଟି ପଞ୍ଚାୟତ ଉପକୃତ ହେବେ ।



ଅନ୍ଧାରୀ ଆନିକଟ

ଚଳିତ ବର୍ଷ (୧୯୭୧) ତିନିଗୋଟି ଅତ୍ୟନ୍ତ ଆବଶ୍ୟକୀୟ କ୍ଷୁଦ୍ର ଜଳସେଚନ ଯୋଜନା କାର୍ଯ୍ୟ ଆରମ୍ଭ କରାଯାଇଛି । ଏଗୁଡ଼ିକ ହେଉଛି, କାମାକ୍ଷାନଗର ବ୍ଲକ୍‌ର 'ଯୋଡ଼ାବାଡ଼ିଆ', ହିନ୍ଦୋଳ ବ୍ଲକ୍‌ର 'କାଳିଯୋଡ଼ି' ଓ ଗଁଦିଆ ବ୍ଲକ୍‌ର 'ଭଣ୍ଡରାପଣି' ଯୋଜନା । ଏହି ଯୋଜନାଗୁଡ଼ିକ ସଂପୂର୍ଣ୍ଣ ହେବାକୁ ପ୍ରାୟ ୫୭ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଅଟକଳ କରାଯାଇଛି । ଏହି ତିନିଗୋଟି ଯୋଜନା ଫଳରେ ୧୪ଟି ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଖରିଫ ଋତୁରେ ୪,୦୦୦ ଏକର ଏବଂ ରବି ଋତୁରେ ପ୍ରାୟ ୧,୦୦୦ ଏକର ଜମିରେ ଜଳସେଚନ କରାଯାଇ ପାରିବ । 'କାଳିଯୋଡ଼ି' ଯୋଜନା ୧୯୭୨ରେ ଏବଂ 'ଯୋଡ଼ାବାଡ଼ିଆ' ଓ 'ଭଣ୍ଡରାପଣି' ଯୋଜନା ୧୯୭୪ରେ ସଂପୂର୍ଣ୍ଣ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

## ଗ୍ରାମାଞ୍ଚଳ ବିଦ୍ୟୁତ୍‌କରଣ

ବିଦ୍ୟୁତ୍‌ଶକ୍ତି ହିଁ ବିକାଶର ଏକ ମୁଖ୍ୟ ଅବଲମ୍ବନ । ଏହି ଉକ୍ତିକୁ ହୃଦୟଙ୍ଗମ କରି ଗ୍ରାମ୍ୟ ଅର୍ଥନୀତିର ବିକାଶ ନିମନ୍ତେ ସଂପୃକ୍ତ ବିଭାଗ ତତ୍ପରତାର ସହିତ କାର୍ଯ୍ୟ କରୁଛନ୍ତି । ପୂର୍ବରୁ ଜିଲ୍ଲାର ସହରାଞ୍ଚଳ ଓ ଆଖପାଖ କେତେକ ଗ୍ରାମକୁ ଛାଡ଼ିଦେଲେ ଆଉ କେଉଁଠି ବିଦ୍ୟୁତ୍-ଶକ୍ତି ନ ଥିଲା । ୧୯୭୦ ମସିହାରେ ବିଦ୍ୟୁତ୍‌କରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଥିଲା । ଚଳିତ ବର୍ଷ ( ୧୯୭୧ ) ପ୍ରାରମ୍ଭରୁ ଏ ପର୍ଯ୍ୟନ୍ତ ସଦର ସବଡିଭିଜନ୍‌ର ୧୬ଟି ଗ୍ରାମକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯାଇଛି । ଏହି ଗ୍ରାମଗୁଡ଼ିକ ହେଉଛି, ବାରବା, ଗୋବିନ୍ଦ ପ୍ରସାଦ, କାଇମାଟି, ବେଲ୍‌ଟିକିରୀ, ବିରିଖୁଣ୍ଟି, କାଙ୍କଡ଼ଣା, ନାଟିମା, କୋଡ଼ଦା, ହିନ୍ଦୋଳ-ରୋଡ଼, ଉଦ୍ରପୁରା, ଅଂଶ୍ଚାଣିପୁର, ମୃଦନାପାଲି, ବଳରାମ ପ୍ରସାଦ, ଆର୍ତ୍ତତ୍ରାଣକାଟେଣୀ, କାଙ୍କଡ଼ପାଳ ଓ ଉପରବାଘରୁଣ୍ଡା । ୧୯୭୨ ମସିହା ଜାନୁଆରୀ ଶେଷ ସୁଦ୍ଧା ନୟାଭାଗୀରଥିପୁର, ହରଡିଆ-ବାହାଲ, ନାଧରା, ଗୁଡ଼ିଡିହ, ଏକଘରିଆ ଓ ବାସୁଦିସିଂ ପ୍ରଭୃତି ଗ୍ରାମକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦେବା କାର୍ଯ୍ୟ ସଂପୂର୍ଣ୍ଣ ହୋଇଯିବ । ୧୯୭୨ ମସିହା ମାର୍ଚ୍ଚ ମାସ ଶେଷ ବେଳକୁ ଆଠମଲିକ, କିଶୋରନଗର, ବନ୍ତଳା ଓ ଛେଣ୍ଡିପଦା ଅଞ୍ଚଳକୁ ବିଦ୍ୟୁତ୍‌ଶକ୍ତି ଯୋଗାଇଦେବା ନିମନ୍ତେ ପଦକ୍ଷେପ ନିଆଯାଉଛି । କୃଷିର ବିକାଶ ନିମନ୍ତେ ବିଦ୍ୟୁତ୍‌ଶକ୍ତିର ବିନିଯୋଗ କରାଯିବା ଦିଗରେ ବିଶେଷ ଗୁରୁତ୍ୱ ଦିଆଯାଉଛି ।

## କ୍ଷୁଦ୍ର କୃଷୀ ଉନ୍ନୟନ ଯୋଜନା

ସାଢ଼େ ସାତ ଏକର ପର୍ଯ୍ୟନ୍ତ ଜମିଥିବା ଛୋଟ ଚାଷୀଙ୍କ ବିକାଶ ପାଇଁ ଏକ ସ୍ୱତନ୍ତ୍ର ସଂସ୍ଥା ଜରିଆରେ ଯେଉଁ କେନ୍ଦ୍ରୀୟ ଯୋଜନା କରା-ଯାଇଛି, ସେଥିରେ ଢେଙ୍କାନାଳ ଜିଲ୍ଲା ଅନ୍ତର୍ଭୁକ୍ତ । ଉକ୍ତ ସଂସ୍ଥା ୧୯୭୧ ମସିହା ଫେବୃଆରୀ ମାସରୁ କାର୍ଯ୍ୟ କରି ଛୋଟ ଚାଷୀଙ୍କର ଏକ ତାଲିକା ପ୍ରସ୍ତୁତ କରି କୃଷି କାର୍ଯ୍ୟକ୍ରମରେ ସହାୟତା କରୁଛି । ଏହି ସଂସ୍ଥା ପକ୍ଷରୁ କୃଷି ଋଣ, ଉଠା ଜଳସେଚନ, କ୍ଷୁଦ୍ର ଜଳସେଚନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇ ଉକ୍ତ କାର୍ଯ୍ୟ ନିମନ୍ତେ ଚାଷୀମାନଙ୍କୁ ବ୍ୟାଙ୍କ୍ ତଥା ସମବାୟ ସଂସ୍ଥାମାନଙ୍କରୁ ଋଣ ଯୋଗାଇଦେବାର ବ୍ୟବସ୍ଥା କରାଯାଉଛି । ଚଳିତ ରବି ଋତୁରେ ବିଭିନ୍ନ ଫସଲ ଉତ୍ପାଦନ ପାଇଁ ସଂସ୍ଥାର ସହାୟତାରେ ପ୍ରାୟ ୧୨ ଲକ୍ଷ ଟଙ୍କା କୃଷି ଋଣ ମଞ୍ଜୁର କରା-ଯାଇଛି । ଏହା ବ୍ୟତୀତ ସଂସ୍ଥା ପକ୍ଷରୁ ଦଧଲପୁର, କୋଇଁ

ଏବଂ ମହୁଲପାଳ ଗ୍ରାମରେ ଉଠାଜଳସେଚନ ଯୋଜନା କାର୍ଯ୍ୟକାରୀ କରିବାର ବ୍ୟବସ୍ଥା ହେଉଛି । ଛୋଟ କୃଷୀଙ୍କ ପାଇଁ ଜଳସେଚନ ବ୍ୟବସ୍ଥା କରିବା ତଥା ବିଭିନ୍ନ କୃଷି ସାମଗ୍ରୀ ସୁବିଧାରେ ଯୋଗାଇ-ଦେବା ହେଉଛି ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ଏହା ବ୍ୟତୀତ



କ୍ଷୁଦ୍ର କୃଷୀ ଉନ୍ନୟନ ଯୋଜନା ଆନୁକୂଲ୍ୟରେ ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ବଳଙ୍ଗପୁର ଜଳସେଚନ ବ୍ୟବସ୍ଥା

ଗୋ-ପାଳନ, କୁକୁଡ଼ା ପାଳନ ଆଦି ବିଭିନ୍ନ ଆନୁଷଙ୍ଗିକ ଧନ୍ଦା ସାହାଯ୍ୟରେ ଆୟ ବଢ଼ାଇବା ନିମନ୍ତେ ଛୋଟ କୃଷୀଙ୍କୁ ସାହାଯ୍ୟ ଦେବାର ପରିକଳ୍ପନା ରହିଛି । ଏଥିପାଇଁ ଅନୁଗୁଳଠାରେ ଏହି ସଂସ୍ଥା ଆନୁକୂଲ୍ୟରେ ଏକ ଦୁଗ୍ଧ ଯୋଗାଣ ସୋସାଇଟି ଗଠନ କରାଯାଇଛି । ଢେଙ୍କାନାଳଠାରେ କେତେକ ଉତ୍ସାହୀ ଯୁବକଙ୍କ ଉଦ୍ୟମରେ ଗଠିତ ଅଣ୍ଡା ବିକ୍ରୟ ଓ କୁକୁଡ଼ା ପାଳନ ସମିତି ଜରିଆରେ ଆଗ୍ରହୀ କୃଷୀମାନଙ୍କୁ କୁକୁଡ଼ା ଓ କୁକୁଡ଼ା ଖାଦ୍ୟ ଯୋଗାଇ ଦେବାର ବ୍ୟବସ୍ଥା କରାଯାଉଛି । ଆତ୍ମ ନିଯୁକ୍ତି କ୍ଷେତ୍ରରେ ଉକ୍ତ ଯୁବକମାନଙ୍କ ଉଦ୍ୟମ ଅତୀବ ପ୍ରଶଂସନୀୟ । ଯୁବକମାନଙ୍କ ପରିଯୋଜନାରେ ଢେଙ୍କାନାଳ ସହରର ଅନତିଦୂରରେ



ଜଣେ ବେରୋଜଗାରୀ ଗ୍ରାଜୁଏଟ୍ ମହିଷାପାଟସ୍ଥିତ ତାଙ୍କର କୁକୁଡ଼ା ଫାର୍ମରେ କାର୍ଯ୍ୟରତ

ମହିଷାପାଟଠାରେ ଗଢ଼ି ଉଠିଥିବା କୁକୁଡ଼ା ଫାର୍ମରେ ଛୋଟ ... ହୋଇ ବର୍ତ୍ତମାନ ପ୍ରାୟ ୨,୦୦୦ କୁକୁଡ଼ା ଅଛନ୍ତି । ଏଠାରୁ ଦୈ... ଉତ୍ପାଦିତ ପ୍ରାୟ ୬୦୦ ଅଣ୍ଡା ପ୍ରତ୍ୟହ ଢେଙ୍କାନାଳ ବଜାର ... କଟକ ବଜାରରେ ବିକ୍ରୟ ହେଉଛି । ଏହି ଯୋଜନାରେ ଅନୁପ୍ରେ... ହୋଇ ଅନ୍ୟାନ୍ୟ ବେକାର ଶିକ୍ଷିତ ଯୁବକ କୁକୁଡ଼ା ଓ ଗାଇ ... କରିବା ଦିଗରେ ଆଗେଇ ଆସୁଛନ୍ତି । ଏ ପ୍ରକାର ଯୋଜନା ନିମ... ସ୍ଥାନୀୟ ବ୍ୟାଙ୍କଗୁଡ଼ିକ ପକ୍ଷରୁ ଆବଶ୍ୟକୀୟ ଋଣ ଦିଆ ଯାଉଛି ।

ସ୍ୱାସ୍ଥ୍ୟ, ପରିବହନ, ଯୋଗାଯୋଗ ଏବଂ ଶିକ୍ଷା କ୍ଷେତ୍ରରେ ବି... ଅନେକ ଉଲ୍ଲେଖଯୋଗ୍ୟ କାର୍ଯ୍ୟ କରାଯାଇଛି । ୧୯୭୦-୭୧ ମସିହା... ଜିଲ୍ଲାର ସଦର ମହକୁମାରେ ଅବସ୍ଥିତ ଡାକ୍ତରଖାନାର ପ୍ରସାର କ... ଯାଇଛି ଏବଂ ରୋଗୀଙ୍କର କଲ୍ୟାଣ ନିମନ୍ତେ ବିଶେଷଜ୍ଞ ଡାକ୍ତରମା... ତତ୍ତ୍ୱାବଧାନରେ କେତକ ନୂତନ ଓ୍ୱାର୍ଡ ଖୋଲଯାଇଛି । ଡାକ୍ତ... ଖାନା ହତା ମଧ୍ୟରେ ଏକ ରକ୍ତ ଭଣ୍ଡାର ଗୃହ ନିର୍ମାଣକାର୍ଯ୍ୟ ... ସଂପୂର୍ଣ୍ଣ ପ୍ରାୟ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଗତ ଗା... ଶତବାର୍ଷିକୀ ବର୍ଷରେ ଶତବାର୍ଷିକୀ କମିଟି ଜରିଆରେ ଏହି ... ଭଣ୍ଡାର ପାଇଁ ଆବଶ୍ୟକୀୟ ଅର୍ଥ ସଂଗୃହୀତ ହୋଇଥିଲା ... ୧୯୭୦ ମସିହା ଅପ୍ରେଲମାସରୁ ଏହାର ନିର୍ମାଣ କାର୍ଯ୍ୟ ଆ... କରାଯାଇଥିଲା । ଏହିପରି ଆଉ ଏକ ରକ୍ତ ଭଣ୍ଡାର ଗୃହ ଅନୁଗୁଳଠା... ନିର୍ମିତ ହେଉଛି ।

ପରିବହନ ଓ ଯୋଗାଯୋଗ କ୍ଷେତ୍ରରେ ମଧ୍ୟ ଉଲ୍ଲେଖ... ଅଗ୍ରଗତି ଘଟିଛି । ଜିଲ୍ଲାର ଦୁଇଟି ପ୍ରଧାନ ସହର ଢେଙ୍କାନାଳ ... ଅନୁଗୁଳ ସହର ମଧ୍ୟରେ ଯାଇଥିବା ଜାତୀୟ ରାଜପଥର ସଂପ୍ରସା... ତଥା ଉନ୍ନତିବିଧାନ କରିବା ନିମନ୍ତେ ପୂର୍ତ୍ତ ବିଭାଗ ଅଧୀନ... ଢେଙ୍କାନାଳଠାରେ ୧୯୭୧ ମସିହାରେ ଏକ ଜାତୀୟ ରାଜ... ଇଂଜିନିୟରିଂ ଡିଭିଜନ୍ ଖୋଲଯାଇଛି । ପରିବହନ ବ୍ୟବ... ପ୍ରସାର ଓ ଉନ୍ନତି କଳ୍ପେ ଢେଙ୍କାନାଳଠାରେ ୧୯୭୧ ମସିହାରେ ... ସ୍ୱତନ୍ତ୍ର ପରିବହନ ଜୋନ୍ ଖୋଲଯାଇଛି ।

ଢେଙ୍କାନାଳ ଜିଲ୍ଲା ସଦର ମହକୁମାଠାରେ ଜନସାଧା... ବିଭିନ୍ନ ପତ୍ରପତ୍ରିକା ପଢ଼ିବାର ସୁବିଧା ଦେବା ସଙ୍ଗେ ସଙ୍ଗେ ଅନ... ଆବଶ୍ୟକୀୟ ସରକାରୀ ତଥ୍ୟ ପରିବେଷଣ କରିବା ନିମନ୍ତେ ୧... ମସିହା ଜାନୁଆରୀ ୨୬ ତାରିଖରୁ ଲୋକ ସମ୍ପର୍କ ବିଭାଗ ତତ୍ତ୍ୱାବଧା... ଏକ ସୂଚନା କେନ୍ଦ୍ର ଖୋଲ ଯାଇଛି ।

## ତାଳଚେରର ସାର କାରଖାନା

ଶିଳ୍ପକ୍ଷେତ୍ରରେ ଅନଗ୍ରସର ଢେଙ୍କାନାଳ ଜିଲ୍ଲାର ତାଳଚେରଠାରେ ନିର୍ମିତ ହେଉଥିବା କୋଇଲାଭିତ୍ତିକ ସାରକାରଖାନା ଦେଶର ଶିଳ୍ପ ଇତିହାସରେ ତଥା ଜିଲ୍ଲାର ଅର୍ଥନୈତିକ ଅଭିବୃଦ୍ଧି ଦିଗରେ ଏକ ଉଲ୍ଲେଖଯୋଗ୍ୟ ଅଧ୍ୟାୟ । ସାରକାରଖାନା ତିଆରି ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାୟ ୫୦୦ ଏକରରୁ ଊର୍ଦ୍ଧ୍ୱ ଜମି କାରଖାନା କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଗଲାଣି । ୧୯୭୧ ମସିହା ଡିସେମ୍ବର ମାସରୁ କାରଖାନା ଅଞ୍ଚଳରେ ଆବଶ୍ୟକୀୟ ଗୃହ ଇତ୍ୟାଦିର ନିର୍ମାଣ ନିମନ୍ତେ ମାଟି କାମ ଆରମ୍ଭ କରାଯାଇଛି ।

ଦିନ ଥିଲା, ଢେଙ୍କାନାଳ ନାମ ଶୁଣି କେତେକ ଲୋକେ ହସରେ ଉଡ଼ାଇ ଦେଉଥିଲେ, କିନ୍ତୁ ଅଧୁନା ସରକାରୀ ସହଯୋଗ କ୍ରମେ ଏହି ଜିଲ୍ଲା ଅର୍ଥନୈତିକ ବିକାଶ ପଥରେ ଦ୍ରୁତ ଅଗ୍ରଗତି କରିବା ପାଇଁ ସଂକଳ୍ପବଦ୍ଧ । *

---

* ଢେଙ୍କାନାଳ ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀଙ୍କ ସୌଜନ୍ୟରୁ ପ୍ରାପ୍ତ ।

## ଓଡ଼ିଶାର କୃଷକ ଏବଂ କ୍ଷୁଦ୍ରଶିଳ୍ପ ଉଦ୍ୟୋଗକାରୀମାନଙ୍କ ସେବାରେ
## ନିୟୋଜିତ

# ଓଡ଼ିଶା ଏଗ୍ରୋ ଆଣ୍ଡ ସ୍ମଲ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ୍ ଲିଃ

(ଓଡ଼ିଶା ସରକାରଙ୍କ ସଂସ୍ଥା)

**କଲ୍ଲା ମଇଦାନ, କଟକ-୧**

* ଆମ୍ଭେ ନିମ୍ନଲିଖିତ କୃଷି ଯନ୍ତ୍ରପାତିଗୁଡ଼ିକର ମହଜୁଦକାରୀ ଅଛୁ—
  (୧) ଜାପାନ ତିଆରି କୁବୋଟା ପାୱାର ଟିଲର
  (୨) ଚେକୋସ୍ଲୋଭାକିଆ ତିଆରି ଜେଟର-୨୦୧୧ ଟ୍ରାକ୍ଟର
  (୩) ରୁଷିଆ ତିଆରି ଡି-୨୫ ଟ୍ରାକ୍ଟର
* ଆମ୍ଭେ ନିମ୍ନଲିଖିତ ଟ୍ରାକ୍ଟରଗୁଡ଼ିକର ପରିବେଷକ ଅଛୁ—
  (୧) ଇଂଲଣ୍ଡ ତିଆରି ଫୋର୍ଡ-୩୦୦୦ ଟ୍ରାକ୍ଟର
  (୨) ପୋଲାଣ୍ଡ ତିଆରି ଅର୍ସସ୍ (ସି—୩୨୮) ଟ୍ରାକ୍ଟର
  (୩) ଯୁଗୋସ୍ଲାଭିଆ ତିଆରି ଆଇ. ଏମ୍. ଟି.-୫୩୩ ଟ୍ରାକ୍ଟର
  (୪) ଇଂଲଣ୍ଡ ତିଆରି ଫର୍ଗୁସନ୍ ଏମ୍. ଏଫ୍.-୧୩୫ ଟ୍ରାକ୍ଟର
* ଆମ୍ଭେ କୃଷୀମାନଙ୍କୁ ଟ୍ରାକ୍ଟର ଓ ବୁଲଡୋଜର ଭଡ଼ାରେ ଯୋଗାଇ ଥାଉ ।
* ଆମ୍ଭେ ଅମ୍ଭର ଗ୍ରାମାଞ୍ଚଳରେ ପ୍ରତିଷ୍ଠିତ ସର୍ଭିସ୍ ଷ୍ଟେସନମାନଙ୍କଦ୍ୱାରା ଟ୍ରାକ୍ଟର, ପାୱାର ଟିଲର, ପାଣି ପମ୍ପ ତଥା ସମସ୍ତ ପ୍ରକାର କୃଷି ଯନ୍ତ୍ରପାତି ମରାମତି କରୁ ।
* ଆମ୍ଭେ ରାଜ୍ୟର କ୍ଷୁଦ୍ରଶିଳ୍ପ ଉଦ୍ୟୋଗକାରୀମାନଙ୍କୁ ସ୍ୱଦେଶୀ ତଥା ବିଦେଶରୁ ଆମଦାନୀ ହେଉଥିବା ଲୌହ ଏବଂ ଅନ୍ୟାନ୍ୟ କଞ୍ଚାମାଲ ଯୋଗାଉଥାଉ ।
* ଆମ୍ଭେ ଓଡ଼ିଶାର ବାତ୍ୟାଞ୍ଚଳରେ ପାୱାର ଟିଲର, ଟ୍ରାକ୍ଟର ଏବଂ କୃଷି ଯନ୍ତ୍ରପାତି ସୁବିଧାରେ ଯୋଗାଇ ଦେବା ପାଇଁ ଏକମାତ୍ର ପରିବେଷକ ତଥା ମହଜୁଦକାରୀ ଅଛୁ ।

ଆମର ଶାଖା ଅଫିସ:

ଫାଟକ ରୋଡ଼
ସମ୍ବଲପୁର

ଷ୍ଟେସନ ରୋଡ଼
ବ୍ରହ୍ମପୁର (ଗଞ୍ଜାମ)

ସୁନାବେଡ଼ା
କୋରାପୁଟ

# ଶ୍ରୀ ଶ୍ରୀ ନୃସିଂହନାଥ ତୀର୍ଥକ୍ଷେତ୍ରର ସଂକ୍ଷିପ୍ତ ପରିଚୟ



କୃପାସିନ୍ଧୁ ଭୋଇ

ଆମର ଜନ୍ମଭୂମି ଏହି ଓଡ଼ିଶା ରାଜ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ । ଏହାର ନଈ, ନାଳ, ବଣ, ପାହାଡ଼ ସବୁକିଛି ସୁନ୍ଦର, ଅତୀବ ମନୋହର । ଏହାର ପ୍ରତିଟି ଧୂଳିକଣାରେ ଭରି ରହିଛି ସୁଷମା, ମାଧୁରିମା । ଏହାର ପାଣି ପବନ ଆମକୁ ଦିଏ ଉତ୍ସାହ, ଆନନ୍ଦ, ଉଲ୍ଲାସ, ଆଉ ଦେଶପ୍ରେମରେ କରିଦିଏ ଆତ୍ମହରା । ଏ ମାଟିର ଗଛଲତା ପ୍ରକୃତିର ସୁଷମା–ପସରା ମେଲାଇ ଦେଇ ଆମକୁ ପରଶି ଦିଏ ମନମତାଣିଆ ସୁଗନ୍ଧ । ନାନା ଜାତିର ଫୁଲ ଓ ଫଳରେ ପୂରି ରହିଥାଏ ସ୍ୱର୍ଗୀୟ ଅମୃତ ।

କେବଳ ସେତିକି ନୁହେଁ, ଦେବଭୂମି ଏହି ଆମର ଓଡ଼ିଶା । ଏଇ ରାଜ୍ୟର ଗ୍ରାମେ ଗ୍ରାମେ, ପୁରେ ପୁରେ ଠିଆ ହୋଇଛି କେତେ ଯେ ମନ୍ଦିର, ଦେବାଳୟ । ଦେବ ଦେବ ଜଗନ୍ନାଥ ଆମର ପ୍ରଧାନ ଆରାଧ୍ୟ ଦେବତା । ଓଡ଼ିଆ ଜାତିର ଆଶାଭରସା ଓ ଭକ୍ତି ବିଶ୍ୱାସର ପ୍ରତୀକ । ମନ୍ଦିରବହୁଳ ପୁରୀ ଓ ଭୁବନେଶ୍ୱର ଆମ କଳା ଓ କାରିଗରି, ଭକ୍ତି ଓ ନିଷ୍ଠାର ନିଦର୍ଶନ, ଯାହାକୁ ଦେଖି ସାରା ପୃଥିବୀର ଲୋକେ ମୁଗ୍ଧଚକିତ ନ ହୋଇ ରହି ପାରନ୍ତି ନାହିଁ ।

କେବଳ ପୁରୀ, କୋଣାର୍କ ବା ଭୁବନେଶ୍ୱର ଓଡ଼ିଆ ଜାତିର କଳାକୃତିତ୍ୱର ସାକ୍ଷ୍ୟ ଦିଅନ୍ତି ନାହିଁ । ଜନ୍ମଭୂମିର ଗୌରବ-ଗରିମା ବଢ଼ାଇବାକୁ ଯାଇ ଆମର ପୂର୍ବପୁରୁଷମାନେ ରାଜ୍ୟର ଚତୁର୍ଦ୍ଦିଗରେ ଯେଉଁଠି ଦେଖିଛନ୍ତି ଲାସ୍ୟମୟୀ ପ୍ରକୃତିର ହାସ୍ୟଦୀପ୍ତ ସୁଷମା, ସେଇଠି ଥାପି ଯାଇଛନ୍ତି ଦେବତ୍ୱର ମହିମା । ସେହିସବୁ ସ୍ଥାନ କଳାପ୍ରାଣ ଓଡ଼ିଆଜାତିର ମର୍ମ ଉଦଘାଟନ କରନ୍ତି, ପ୍ରକାଶି ଦିଅନ୍ତି ତାର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟକଳାର ନୈପୁଣ୍ୟ ଆଉ ଦେବଭକ୍ତିର ବୈଶିଷ୍ଟ୍ୟ—ଦେବ ମହିମାର ବିପୁଳ ଉତ୍କର୍ଷ । ଏଭଳି ସୁଷମା ଓ ମହିମାର ମଣିକାଞ୍ଚନ ସଂଯୋଗ ଏ ମାଟିର ଦେବଦେଉଳରେ ଯେ ହୋଇଛି ତାର [illegible] ଦିଏ ଦେଇ ।

ସେହିଭଳି ଏକ ପବିତ୍ର ସୁନ୍ଦର ଓ ମହିମାମୟ ତୀର୍ଥକ୍ଷେତ୍ର ହେଉଛି ନୃସିଂହନାଥ । ଏ ରାଜ୍ୟର ସମ୍ବଲପୁର ଓ ବଲାଙ୍ଗିର ଜିଲ୍ଲା ଦୁଇଟିର ମଧ୍ୟବର୍ତ୍ତୀ ସୀମାରେଖା ଉପରେ ଦଣ୍ଡାୟମାନ ରହିଛି ଐତିହାସିକ ଖ୍ୟାତିସମ୍ପନ୍ନ ପଦ୍ମକେଶଗିରି ବା ଗନ୍ଧମାର୍ଦ୍ଦନ ଗିରି । ଏହାର ଦକ୍ଷିଣ ଦିଗ ପାଦଦେଶରେ ପାଟଣାଗଡ଼ ସବ-ଡିଭିଜନ ଅନ୍ତର୍ଗତ ହରିଶଙ୍କର ଏବଂ ଉତ୍ତର ଦିଗ ପାଦଦେଶରେ ପଦ୍ମପୁର ସବ୍‌ଡିଭିଜନ ଅନ୍ତର୍ଗତ ନୃସିଂହନାଥ ଅବସ୍ଥିତ । ଉଭୟ ସ୍ଥଳରେ ସାଂସ୍କୃତିକ, ଧର୍ମନୈତିକ, ସାମାଜିକ ସମନ୍ୱୟ ଓ ସମ୍ବନ୍ଧ ଏହାର ଲୋକପ୍ରସିଦ୍ଧିକୁ ଉତ୍ତରୋତ୍ତର ସଂବର୍ଦ୍ଧିତ କରୁଅଛି । ସେହି ସ୍ଥାନ ଦୁଇଟିର ତୀର୍ଥଗତ ମହିମା ଯେପରି ଗୁରୁତ୍ୱପୂର୍ଣ୍ଣ, ପ୍ରକୃତିଗତ କାନ୍ତ ସୁଷମା ତା' ଠାରୁ କୌଣସି ଗୁଣରେ କମ୍ ନୁହେଁ ।

ବହୁ ପୂର୍ବକାଳରେ ଏଇ ପରିମଳ ଗିରି ଥିଲା କନ୍ଧ ବିଂଝାଲ ପ୍ରଭୃତି ଆଦିମ ଅଧିବାସୀଙ୍କ ବାସସ୍ଥଳୀ । ଏକଦା ହରିକନ୍ଧ ନାମକ ଏକ ବନବାସୀ ଲୋକର ସ୍ତ୍ରୀ ଯମୁନାକହୁଣୀ କନ୍ଦର ଫଳମୂଳ ସଂଗ୍ରହ କରିବାକୁ ଯାଇ ଏଇ ପାହାଡ଼ର ଏକସ୍ଥାନରେ ଗୋଟିଏ କେନ୍ଦପଡ଼ରେ ପିଠ୍ କନ୍ଦା ଲଟ ମାଡ଼ି ଯାଇଥିବାର ଦେଖିଲା ଏବଂ ସେଠାକୁ ଯାଇ କନ୍ଦା ଖୋଳିବାକୁ ଆରମ୍ଭ କଲା । କିଛିକ୍ଷଣ ପରେ ଖଣ୍ଡିଏ ଚୋଟ ବାଜି ଗାତରୁ କଞ୍ଚା ରକ୍ତ ବାହାରିବା ଦେଖି ସେ ଭୟଭୀତ ଓ ଚକିତ ହୋଇ ପଡ଼ିଲା । ସେଠାରୁ ସେ ପ୍ରାଣ ଭୟରେ ପଳାୟନ କଲା । ସ୍ୱାମୀଙ୍କି ତା'ର କହିଗଲା ସବୁ ଘଟଣା ବିକିନିଖି । ପତ୍ନୀକୁ ସଙ୍ଗରେ ନେଇ ହରିକନ୍ଧ ସେଠାକୁ ଯାଇ ଦେଖେତ ଗାତ ଭିତରୁ ବାହାରିଛି ଏବେ ରକ୍ତ ବଦଳରେ ଶୁକ୍ଳକ୍ଷୀରର ଧାର । କିଛି ଭାବି ପାରିଲା ନାହିଁ । ବୁଝି ପାରିଲା ନାହିଁ ସେ ଏ ଘଟଣାର ମର୍ମ । ବିସ୍ମିତ ଚକିତ ହୋଇ ସେ ରହିଗଲା କିଛିକ୍ଷଣ । କି ଆଶ୍ଚର୍ଯ୍ୟ ! ଶୂନ୍ୟବାଣୀର ମନ୍ଦ୍ରନିନାଦରେ ତାର କର୍ଣ୍ଣକୁହର କମ୍ପିଉଠିଲା ସତେ । କେ ଜାଣେ ସତେ ଯେପରି କହି ଉଠୁଥିଲା—ଲାକୁଟିମିନତି ଭରାପିଲା ତା'ର ବାଣୀ । "ହରିଆ, ମୁଁ ହେଉଛି ସ୍ୱୟଂ ପ୍ରଭୁ ନୃସିଂହନାଥ । ମୋତେ ଆଉ ଖଣ୍ଡିଏ ଚୋଟ ମାରନା । ମୋତେନେଇ ଏକ ମନ୍ଦିରରେ ରଖି ପୂଜାକର । ମୋ ଯୋଗୁଁ ଜଗତର ଅଶେଷ ଉପକାର ହେବ" । ଦେବମହିମାର ସ୍ପଷ୍ଟ ସଙ୍କେତ ପାଇ ହରିକନ୍ଧ ହେଲା ଉଲ୍ଲସିତ । ସତକୁ ସତ ସେତେବେଳକୁ ଗାତ ଭିତରେ ଦେଖାଗଲା ଜଳ ମଳ୍ ମଳ୍ ଏକ ଚିକ୍କଣ ସୁନ୍ଦର ପଥର ମୂର୍ତ୍ତି ବିରାଜି । ହରିକନ୍ଧ ମୂର୍ତ୍ତିଟିକୁ ନେଇ ଭାର୍ଯ୍ୟା ସାଥିରେ ଘରକୁ କଲା ପ୍ରତ୍ୟାବର୍ତ୍ତନ ।

ସେତେବେଳକୁ ଏ ଅଞ୍ଚଳ ଥାଏ ପାଟଣାରାଜାଙ୍କ ଅଧୀନରେ । ମହାରାଜା ଥାଆନ୍ତି ସ୍ୱର୍ଗତ ବଇଜଳ ସିଂହ । ହରିକନ୍ଧ ଠାରୁ ଦେବ ମହିମାର ଏ ରୋମାଞ୍ଚକର ଘଟଣାର ଉଚିତ୍ତ ଶୁଣି ସେହି ପ୍ରଥମ ଆବିର୍ଭାବ ସ୍ଥାନରେ ସେ ତୋଳାଇଲେ ଏକ ବିଶାଳ ସୁରମ୍ୟ ଦେଉଳ । ଶାତଶହ ବିଜ୍ଞାଣିଙ୍କର ଅକ୍ଳାନ୍ତ ପରିଶ୍ରମରେ କଳାପ୍ରାଣ ଓଡ଼ିଆ ଜାତିର କଳାନୈପୁଣ୍ୟ ବହନକରି ମନ୍ଦିରଟି ଠିଆହେଲା ଅପୂର୍ବ ଉଲ୍ଲାସରେ ପୁଲକିତ ହୋଇ । ମହାରାଣୀ ଜୁହୁକାଦେଈଙ୍କ ସହିତ ମହାରାଜ ବିଜେହେଲେ ଦେଉଳ ପ୍ରତିଷ୍ଠା ପାଇଁ । ଦେଉଳ ଭିତରେ ଦେବମୂର୍ତ୍ତି ସ୍ଥାପନ କରି ଓ ହରିକନ୍ଧକୁ ତାହିର ସେବାପୂଜା ଭାର ଅର୍ପଣ କରି ମହାରାଜା ଏକ ନବୀନ କୀର୍ତ୍ତି ପ୍ରତିଷ୍ଠା କରିଗଲେ । ଏ ଅକ୍ଷୟ କୀର୍ତ୍ତିପାଇଁ ସେ ରହିବେ ଚିରସ୍ମରଣୀୟ ।

ଏହି ମନ୍ଦିରଟି ବିଶ୍ୱବିଖ୍ୟାତ କୋଣାର୍କ ମନ୍ଦିରର ସମସାମୟିକ ସୁତରାଂ ତାହିର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ପରିପାଟୀ ଏହି ମନ୍ଦିରରେ ମଧ୍ୟ ଦେଖିବାକୁ ମିଳେ । ମନ୍ଦିରଟିର ଦ୍ୱାରବନ୍ଧ, ସ୍ତମ୍ଭ ପ୍ରଭୃତିର ନିର୍ମାଣ କୌଶଳ ତାହିର ଜ୍ୱଳନ୍ତ ନିଦର୍ଶନ । ପାହାଡ଼ କାଟି ମନ୍ଦିର ଆକୃତି ଏକ ପଥରରେହିଁ ତିଆରି ହେଇ ପରି ଜଣାଯାଏ । ମନ୍ଦିର ଭିତରେ ଥିବା ସ୍ତମ୍ଭ ସ୍ତରୋଟିର କଳା ବୈଚିତ୍ର୍ୟ ସଂଦର୍ଶନ କଲେ ବିସ୍ମିତ ନ ହୋଇ ରହି ହୁଏ ନାହିଁ ।

ମନ୍ଦିରଟିର ପୀଠଦେବତା ରୂପେ ପ୍ରତିଷ୍ଠିତ ନୃସିଂହନାଥ ମହାପ୍ରଭୁ ମାର୍ଜାର ରୂପରେ ଆବିର୍ଭୂତ । ମୂଷିକ ଦୈତ୍ୟକୁ ସଂହାର କରିବା ପାଇଁ ଭଗବାନ ବିରାଡ଼ି ବେଶ ଧାରଣ କରିଥିବା କିମ୍ବଦନ୍ତୀ ଲୋକ ମୁଖରେ ଶୁଣାଯାଏ । ବିଡ଼ାଳ ବେଶଧାରୀ ଭଗବାନଙ୍କ କବଳରୁ ରକ୍ଷା ପାଇବା ନିମନ୍ତେ ମୂଷିକ ଦୈତ୍ୟ ଏକ ସୁଡ଼ଙ୍ଗ ମଧ୍ୟକୁ ପ୍ରବେଶ କରି ଆତ୍ମଗୋପନ କରିବାରୁ ଭଗବାନ ସେହି ଗର୍ତ୍ତ ଦ୍ୱାରରେ ଉଭା ହୋଇ ରହିଛନ୍ତି । ସେଇ ସୁଡ଼ଙ୍ଗ ପର୍ବତ ଭିତରେ ଭିତରେ ଲକ୍ଷ ଯାଇଛି ବହୁଦୂର-ପ୍ରାୟ ୪୫ ମାଇଲ ପର୍ଯ୍ୟନ୍ତ ଏବଂ ମନରଙ୍ଗ ଗ୍ରାମ ନିକଟରେ ସେଇ ସୁଡ଼ଙ୍ଗଟିର ଅପର ଦ୍ୱାର ରହିଛି, ଯେଉଁ ଦ୍ୱାର ଦେଶବି ଦୁର୍ଗେଇ ଖୋଲ ନାମରେ ପରିଚିତ । ସେହି ଦ୍ୱାର ଦେଶରେ ମୂଷିକ ଦୈତ୍ୟକୁ ଜଗି ରହିଛନ୍ତି ଅଷ୍ଟଭୁଜା ଦୁର୍ଗା । ଫଳତଃ ଦୁର୍ଗେଇ ଖୋଲ ନୃସିଂହନାଥ ତୀର୍ଥକ୍ଷେତ୍ର ପରି ଏକ ପ୍ରସିଦ୍ଧ ତୀର୍ଥକ୍ଷେତ୍ରର ଗୌରବ ଲାଭ କରିଛି । ଦୁର୍ଗେଇ ଖୋଲଠାରେ ପ୍ରବଳ ବତାସ ବହିଲେ ନୃସିଂହନାଥ ଦେଉଳ ଭିତରେ ଏବେବି ପବନ ବାହାରିବା ଜଣାଯାଏ, ଆଉ ସୁଡ଼ଙ୍ଗ ଥିବାର ବଳିଷ୍ଠ ପ୍ରମାଣ ଯୋଗାଇଥାଏ । ଏଇ ହେଉଛି ନୃସିଂହନାଥ ତୀର୍ଥକ୍ଷେତ୍ରର ପ୍ରଧାନ ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଶ୍ରୀ ନୃସିଂହନାଥଙ୍କର ଆବିର୍ଭାବ କାହାଣୀ ।

ହରିକନ୍ଧ ଆମରଣ ଦେବପୂଜାରେ ଲାଗି ପରଲୋକ ଗମନ କଲା ପରେ ତା'ର ଉତ୍ତରାଧିକାରୀ ବଂଶଧରମାନେ ପରମ୍ପରାକ୍ରମେ ନୃସିଂହନାଥଙ୍କର ପୂଜକଭାବରେ କାର୍ଯ୍ୟ ନିର୍ବାହ କରୁଥିଲେ । ପରେ ସେଠାକୁ ଆସିଲେ କେତେକଣ ନାଗାଜାତୀୟ ସାଧୁ ସନ୍ନ୍ୟାସୀ । ସେମାନେ କନ୍ଧ ହାତରେ ଦେବ ପୂଜା ଦେଖି କେବଳ ବିସ୍ମିତ ହେଲେ ନାହିଁ, ବିରକ୍ତ ମଧ୍ୟ ହେଲେ । ତାହିର ପ୍ରବଳ ବିରୋଧ କରି ସେମାନେ ନିଜେ ହେଲେ ମନ୍ଦିରର ପୂଜକ । ମନ୍ଦିରରେ ଅଦ୍ୟାପି ପ୍ରଚଳିତ ହୋଇ ଆସୁଥିବା ବିଧିବିଧାନ ଓ ପରମ୍ପରା ସେମାନେହିଁ ସେତେବେଳେ

ପ୍ରତିଷ୍ଠା କରିଥିଲେ । ପରବର୍ତ୍ତୀକାଳରେ ସେହି ସାଧୁମାନଙ୍କ ସ୍ଥାନରେ ଅବିବାହିତ ବ୍ରହ୍ମଚାରୀ ଆରଣ୍ୟକ ବ୍ରାହ୍ମଣ ପୂଜକମାନଙ୍କୁ ସେବା କାର୍ଯ୍ୟରେ ନିଯୁକ୍ତ କରାଗଲା ।

୧୮୮୦ ମସିହା ବେଳକୁ ପାଟଣା-ମହାରାଜା ମନ୍ଦିରର ପରିଚାଳନା ଦାୟିତ୍ୱ ଓ ଅଧିକାର ବୋଡ଼ାସମ୍ବର ଜମିଦାରଙ୍କ ହସ୍ତରେ ଅର୍ପଣ କଲେ । ସୁଦ୍ଧା ୨୦/୨୨ ବର୍ଷ କାଳ ମନ୍ଦିରଟି ବୋଡ଼ାସମ୍ବର ଜମିଦାରଙ୍କ ଦ୍ୱାରା ପରିଚାଳିତ ହୋଇ ଆସିବା ପରେ ପୂର୍ବରୁ ପୂଜକ ରୂପେ ନିଯୁକ୍ତ ଥିବା ବ୍ରାହ୍ମଣମାନେ ଉତ୍ତରାଧିକାରୀ ସୂତ୍ରରେ ମନ୍ଦିରଟିର ପରିଚାଳନା ଓ ପରିଚାଳନାସ୍ୱତ୍ୱ ହସ୍ତଗତ କରିନେଲେ । ଚଳିତ ଶତାବ୍ଦୀର ମଧ୍ୟ ଭାଗରୁ ଓଡ଼ିଶା ସରକାରଙ୍କ ଦେବୋତ୍ତର ବିଭାଗ ଏହାର ପରିଚାଳନା ଦାୟିତ୍ୱ ଗ୍ରହଣ କରି ଏ ପର୍ଯ୍ୟନ୍ତ ଏକ ଟ୍ରଷ୍ଟ ବୋର୍ଡଦ୍ୱାରା ଚଳାଇ ଆସୁଛନ୍ତି ।

ଏହି ଧର୍ମପୀଠରେ ବର୍ଷ ମଧ୍ୟରେ ବହୁବିଧ ମେଳା ମହୋତ୍ସବ ଓ ପର୍ବପର୍ବାଣୀ ପାଳିତ ହୋଇଥାଏ । ତନ୍ମଧ୍ୟରେ ନୃସିଂହ ଚତୁର୍ଦ୍ଦଶୀ ( ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ-ନୃସିଂହଜନ୍ମ ) ଓ ମାଘ ମେଳା ( ମାଘ ପୂର୍ଣ୍ଣିମା ) ପ୍ରଧାନ । ଏହି ବୈଶାଖ ମେଳା ପ୍ରାୟ ତିନିଦିନ-ଧରି ମହାସମାରୋହରେ ବିରାଟ ଜନଗହଳି ଓ ସୁଶୋଭିତ ଦୋକାନ ବିପଣିର ପ୍ରାଚୁର୍ଯ୍ୟ ମଧ୍ୟରେ ଅନୁଷ୍ଠିତ ହୋଇଥାଏ । ଲକ୍ଷ ଲକ୍ଷ ଲୋକଙ୍କର ସମ୍ମୁଖ ସମାଗମରେ ନୃସିଂହନାଥ ସତେ ଯେପରି ହୋଇ-ଉଠନ୍ତି ଲୋକାରଣ୍ୟ । ଏତଦ୍ ବ୍ୟତୀତ କାର୍ତ୍ତିକ ପୂର୍ଣ୍ଣିମା, ଚନ୍ଦ୍ର ଗ୍ରହଣ, ଦୁର୍ଗୋତ୍ସବ, ରଥଯାତ୍ରା, ନବାନ୍ନଭକ୍ଷଣ, ଦୋଳ ପ୍ରଭୃତି ବିଶିଷ୍ଟ ଶ୍ରେଷ୍ଠ ପର୍ବ ମଧ୍ୟ ଏଠାରେ ଅନୁଷ୍ଠିତ ହୁଏ ।

ହିନ୍ଦୁ ଧର୍ମର ବିଧିବିଧାନ ଅନୁଯାୟୀ ଗୋବଧ ଇତ୍ୟାଦି ପାପର ପ୍ରାୟଶ୍ଚିତ୍ତ, ସ୍ୱର୍ଗତ ପିତୃପୁରୁଷଙ୍କର ଅସ୍ଥି ପ୍ରବାହ ଧାରଣାବସା ପ୍ରଭୃତି ଅନେକ ସଂସ୍କାରମୂଳକ ପରମ୍ପରା ଏଠାରେ ପ୍ରଚଳିତ ଅଛି ଏବଂ ଏହି ପରମ୍ପରା ହେଉଛି ଏହି ତୀର୍ଥକ୍ଷେତ୍ରର ଅନ୍ୟତମ ବୈଶିଷ୍ଟ୍ୟ । ଏଥିରେ ସ୍ଥାନଟିର ତୀର୍ଥତ୍ୱ ପ୍ରତିଷ୍ଠିତ । ଏ ସମସ୍ତ ପ୍ରଥା ଓ ପରମ୍ପରା ପୁଣି ହେଉଛି ମନ୍ଦିରର ଏକ ବିଶିଷ୍ଟ ଆୟର ପନ୍ଥା ।

ମନ୍ଦିରରେ ପୂଜାବିଧି ଚଳାଇବା ପାଇଁ ଆଗକାଳର ରାଜାମାନେ ଦାନ ଦେଇଥିଲେ ଯଥେଷ୍ଟ ଭୂସମ୍ପତ୍ତି । ବର୍ତ୍ତମାନ ନୃସିଂହନାଥଙ୍କର ୨୧ ଖଣ୍ଡ ଗ୍ରାମ ମାଲିକାନାସ୍ୱତ୍ୱରେ ରହିଛି ଏବଂ ସେହିସବୁ ଗ୍ରାମରୁ ପ୍ରଚୁର କୃଷିଜାତ ପଦାର୍ଥ ମନ୍ଦିରର ପ୍ରଧାନ ଆୟ ରୂପରେ ମିଳିଥାଏ । ଏହାଛଡ଼ା ତୀର୍ଥଯାତ୍ରୀମାନେ ଦେଉଥିବା ଠାକୁରଙ୍କ ପାଦଟୀକା ସ୍ୱରୂପ ସଂଗୃହୀତ ଅର୍ଥ ମଧ୍ୟ ମନ୍ଦିର ପରିଚାଳନାରେ ବ୍ୟୟିତ ହୁଏ । ଏହିପରି ବିଭିନ୍ନ ଦିଗରୁ ହେଉଥିବା ଆୟ ଦ୍ୱାରା ପୂଜା-ବିଧି, କର୍ମଚାରୀ ଦରମା, ମେଳା ମହୋତ୍ସବ, ଗରିବ ଛାତ୍ରଙ୍କୁ ସାହାଯ୍ୟ, ମନ୍ଦିରର ବିଭିନ୍ନ ଉନ୍ନୟନ କାର୍ଯ୍ୟ ପ୍ରଭୃତି ସମସ୍ତ କାର୍ଯ୍ୟ ଚଳିଥାଏ ।

ଏହି ତୀର୍ଥ କ୍ଷେତ୍ରର ଏକ ପ୍ରଧାନ ବିଶେଷତ୍ୱ ହେଉଛି "ହରିହର ପଙ୍ଗତ" ବା ମହାପ୍ରସାଦ ବଣ୍ଟନ । ଠାକୁରଙ୍କ ପୂଜାପୀଠରେ ଅର୍ପିତ ହୋଇଥିବା ନୈବେଦ୍ୟ ଭୋଗକୁ ପୂଜାପରେ ସେଠାରେ ଉପସ୍ଥିତ-ଥିବା ଲୋକଙ୍କ ମଧ୍ୟରେ ପରିବେଷଣ କରିଦିଆଯାଏ । ଯେଉଁଦିନ ଯେତେ ଲୋକ ଉପସ୍ଥିତ ଥାନ୍ତି ସମସ୍ତଙ୍କୁ ଠାକୁରଙ୍କର ମହାପ୍ରସାଦ ବିନାମୂଲ୍ୟରେ ବିତରଣ କରାହୁଏ । ପ୍ରତିଦିନ ସମାନ ପରିମାଣ ଅନ୍ନବ୍ୟଞ୍ଜନ ରନ୍ଧା ଯାଉଥିଲେ ମଧ୍ୟ ପ୍ରସାଦ କେବେ କାହାରିକୁ ନିଅଣ୍ଟ ହେବାର ଶୁଣାଯାଏନାହିଁ । ଏଭଳି ଏକ ଉନ୍ନତ ସାମାଜିକ ବ୍ୟବସ୍ଥା ଅନ୍ୟ କୁତ୍ରାପି ପରିଲକ୍ଷିତ ହୁଏନାହିଁ । ପ୍ରସାଦ ସେବନ କରି ଲୋକେ ଯେଉଁ ଶାନ୍ତି ତୃପ୍ତି ଓ ଆନନ୍ଦ ଉପଲବ୍ଧି କରନ୍ତି ତାହା ଏ କ୍ଷେତ୍ରରେ ଏକ ମହିମା ଭାବରେ ଉଲ୍ଲେଖଯୋଗ୍ୟ ।

ମନ୍ଦିରଟି ଅବସ୍ଥିତ ଗନ୍ଧମାର୍ଦ୍ଦନ ପର୍ବତର ଠିକ୍ ପାଦ ଦେଶରେ । ପାହାଡ଼ ଉପରୁ ଝରିଆସୁଛି ଏକ ଚିରସ୍ରୋତା ନିର୍ଝରିଣୀ, ଅତି ଶାନ୍ତି-ପ୍ରଦ ଓ ଶୀତଳତାର ଜଳ । ତହିଁରେ ସ୍ନାନ କଲେ ଦେହ ହୋଇ ଉଠେ କାନ୍ତିମୟ, ଶାନ୍ତିମୟ-ନିରାମୟ । ଏଥିପାଇଁ ଲୋକେ ତାକୁ ଦେଉଥାନ୍ତି ତୀର୍ଥଜଳର ସମ୍ମାନ । ପାପରାଶି ଧୋଇଦିଏ ବୋଲି ଲୋକେ ବିଶ୍ୱାସ, ତେଣୁ ତା'ର ନାମ ହେଉଛି "ପାପହରଣ ଝରଣ" । ବହୁ ଦୂରଦୂରାନ୍ତରୁ ପଥଶ୍ରାନ୍ତି ଓ ସ୍ୱେଦକ୍ଳାନ୍ତି ଜର୍ଜ୍ଜରିତ ତୀର୍ଥଯାତ୍ରୀ-ମାନେ ଏଠାରେ ସ୍ନାନ କରି ଯେଉଁ ଶାନ୍ତି ଓ ଆନନ୍ଦ ଲାଭ କରନ୍ତି, ତହିଁରେ ତାଙ୍କର ହୃଦୟ ହୋଇଉଠେ ପବିତ୍ର ଓ ନିର୍ମଳ । ଏଇତ ତୀର୍ଥ ଜଳର ମହିମା ।

ମନ୍ଦିର ପାଦତଳରେ ଝରଣାଟି ବହି ଆସୁଛି କୁଳୁ କୁଳୁ ନାଦ କରି ନୃସିଂହନାଥଙ୍କ ମହିମା ଗାନ କରି । ସତେ ଯେପରି ପ୍ରଭୁଙ୍କ ପାଦ ଧୋଇ ଦେବାରେ ସେ ସାର୍ଥକ କରୁଛି ତା'ର ଜୀବନକୁ । ସେଠାରେ ରହିଛି ପାବନପୀଠ ଗୋକୁଣ୍ଡ, ଯେଉଁଠି ବୁଡ଼ ପକାଇ ଗୋହତ୍ୟା-ପାପୀ ପାପମୁକ୍ତ ହୁଏ । ଦେବଦେବ ମହାଦେବ ଯେଉଁଠି ଗୋହତ୍ୟା ପାପରୁ ମୁକ୍ତି ଲାଭ କରିଥିଲେ, ସେଠାରେ ତୀର୍ଥର ମହିମା କେଡ଼େ ମହତର ତାହା ବର୍ଣ୍ଣନା କରିବାକୁ ଲେଖନୀ ହୁଏ ଅସମର୍ଥ ।

ପବିତ୍ର ତୀର୍ଥଜଳ ସ୍ନାନ କରି ଜୀବନକୁ ଶୁଦ୍ଧପୂତ କରିବାର ପ୍ରକୃଷ୍ଟ ସ୍ଥାନ ହେଉଛି ଗୁପ୍ତଧାର । ଏହା ମନ୍ଦିର ସନ୍ନିକଟର ଟିକିଏ ଉପରକୁ ରହିଛି । ଏହା ଏକ ଅନୁଚ୍ଚ ପ୍ରପାତ, ତୀର୍ଥଯାତ୍ରୀଙ୍କ ସ୍ନାନର ସୁବିଧା ଦୃଷ୍ଟିରୁ ଏଠାରେ ସ୍ନାନ ଘାଟ ପ୍ରସ୍ତୁତ କରାଯାଇଥାଏ । ଏ ସ୍ଥାନର ପ୍ରାକୃତିକ ପରିବେଶ ଜନତା ପ୍ରାଣରେ ଭରିଦିଏ ଅମିତ ପୁଲକ ।

ଉଚ୍ଚ ପାର୍ବତ୍ୟ ଶଯ୍ୟାରୁ ଲମ୍ଫ ପ୍ରଦାନ କରି ଏକ ଗଭୀର ଖଣ୍ଡ ସୃଷ୍ଟି କରି ଝରଣାଟି ଯେଉଁଠି ଏକ ପ୍ରାକୃତିକ ସ୍ନାନକୁଣ୍ଡ ନିର୍ମାଣିଛି, ସେହି ସ୍ଥାନକୁ କୁହାଯାଏ ଭୀମଧାର । ଏହା ଗୁପ୍ତଧାରର ଉପରକୁ ଅବସ୍ଥିତ । କଥିତ ଅଛି, ଦ୍ୱିତୀୟ ପାଣ୍ଡବ ମହାବଳୀ ଭୀମ ବନବାସ କାଳରେ ଏହି ଖଣ୍ଡ ଖୋଳିଥିଲେ । ଏହି ଖଣ୍ଡ ଗଭୀର ସ୍ଥାନଟିର ଭୀମ ଭୈରବ ଦୃଶ୍ୟ ଦର୍ଶକ ପ୍ରାଣରେ ପ୍ରକୃତରେ ଭୀତି ସଞ୍ଚାର କରେ ।

ଏହାର ଉପରକୁ ରହିଛି ସୀତା କୁଣ୍ଡ, ଯେଉଁଠି ସତୀ ସାଧ୍ୱୀ ସୀତା ଦେବୀ ସ୍ୱୀୟ ବଂଶର ପୂର୍ବପୁରୁଷଙ୍କୁ ପିଣ୍ଡ ପ୍ରଦାନ ଓ ତିଳୋଦକ ଦାନ କରିଥିଲେ ବୋଲି ରହିଛି ଏକ ବଳିଷ୍ଠ ଲୋକ ବିଶ୍ୱାସ । ଏଥିପାଇଁ ଯାତ୍ରୀମାନେ ଏଠାରେ ପିତୃପୁରୁଷଙ୍କର ଅସ୍ଥିପ୍ରବାହ ଓ ତିଳତର୍ପଣାଦି କ୍ରିୟା ସମାପନ କରିଥାନ୍ତି ।

ସୀତା କୁଣ୍ଡର ଆଉ ଟିକିଏ ଉପରକୁ ଚାଲିଗଲେ ଦର୍ଶକର ଦୃଷ୍ଟି-ପଥାରୂଢ଼ ହୁଏ ପଞ୍ଚପାଣ୍ଡବ ତୀର୍ଥ । ଏଠାକାର ପ୍ରାକୃତିକ ପରିବେଶ ଅତୀବ ଶାନ୍ତ, ସ୍ନିଗ୍ଧ ଓ ସୁନ୍ଦର । ଏଠାରେ ଏକ ବିସ୍ତୀର୍ଣ୍ଣ ସମତଳ ଭୂମି ବନ୍ୟକାନନ ସ୍ୱରୂପ ବିରାଜିତ । ବନବାସ କାଳରେ ପାଞ୍ଚଭାଇ ପାଣ୍ଡବ ଏଠାରେ କିଛିକାଳ ଅବସ୍ଥାନ କରିଥିଲେ ବୋଲି କଥିତ ହୁଏ ।

ଏଠାରୁ ବହୁ ଉଚ୍ଚାବଚ ଗିରିପଥ ଅତିକ୍ରମ କରି ଅନେକ ଦୂର ଚାଲିଗଲା ପରେ ଭୟଙ୍କର ଗିରି ସଙ୍କଟର ସମ୍ମୁଖୀନ ହେବାକୁ ହୁଏ । ପଥଘାଟ କିଛି ନାହିଁ, ଅତ୍ୟୁଚ୍ଚ ପର୍ବତ ସେଠାରେ ଦୁଇଫାଳ ହୋଇ ଫାଟି ଯାଇଛି ଏବଂ ପ୍ରାୟ ୨।୩ ଫୁଟ ବ୍ୟବଧାନର ଏକ ସଂକୀର୍ଣ୍ଣ ପଥ ନିର୍ମାଣ କରି ଦେଇଛି । ଏହା ଚନ୍ଦନ ଅର୍ଗଳି ନାମରେ ସୁବିଦିତ । ଏହି ଗିରିସଙ୍କଟ ଅତିକ୍ରମ କରି ଆଉ ପାରିକି ପହଞ୍ଚିଗଲେ ଦେଖିବାକୁ ମିଳେ ଗଗନଚୁମ୍ବୀ ପର୍ବତର ମସ୍ତକଶୋଭୀ ମୁକୁଟ ସ୍ୱରୂପ ଦେଖା ଯାଉଥିବା ଏକ ଅଶିଝରସା ଜଳ ପ୍ରପାତ । ଏହାହିଁ କପିଳଧାର, ଯହିଁର ପଛପଟେ ରହିଛି ଏକ ବିରାଟ ଗୁମ୍ଫା—କପିଳଗୁମ୍ଫା । ପ୍ରବାଦ ଅଛି, କପିଳ ମୁନି ଏଠାରେ ବସି ଯୋଗ ସାଧନା କରିଥିଲେ । ଗୁମ୍ଫା ମଧ୍ୟରେ ପଡ଼ିଥିବା ଏକ ପ୍ରସ୍ତର ଉପରେ ବସି ପ୍ରପାତ ଆଡ଼କୁ ଦୃଷ୍ଟିପାତ କଲେ ଯେଉଁ ଆନନ୍ଦାନୁଭୂତି ପ୍ରାଣରେ ଖେଳିଯାଏ, ତାହା ବର୍ଣ୍ଣନ କରିବାକୁ ଭାଷାଦେବୀ ନିଜେ ଅସମର୍ଥତା ପ୍ରକାଶ କରନ୍ତି ।

ଏଠାରୁ ଆହୁରି ଉପରକୁ ଉଠିଗଲେ ଝରଣାଟିର ଉତ୍ପତ୍ତିସ୍ଥଳରେ ଦର୍ଶକ ପହଞ୍ଚିଯାଏ । ପଥରର କଠିନ ଛିଦ୍ର ମଧ୍ୟରୁ ଝରି ପଡୁଛି ସୁଧାନିନ୍ଦୀ ଜଳଧାର । ଏହି ସ୍ଥାନକୁ ସତ୍ୟ ଆମ୍ବ ତୀର୍ଥ ବୋଲି କୁହାଯାଏ । ଏ ସ୍ଥାନରେ ବନ ପ୍ରକୃତି ହୋଇ ଉଠିଛନ୍ତି ଅପୂର୍ବ ଲାସ୍ୟମୟୀ ।

ଏହାପରେ ପର୍ବତ ଆରୋହଣ ଅତୀବ କଷ୍ଟକର । କିନ୍ତୁ ବହୁ କଷ୍ଟ ସହ୍ୟ କରି ଆରୋହଣ କଲେ ଦର୍ଶକ ଶେଷରେ ପର୍ବତର ଶୀର୍ଷ ଭାଗରେ ଦଣ୍ଡାୟମାନ ହୁଏ । ଗିରି ମସ୍ତକରେ ଥିବା ବିରାଟ ବିସ୍ତୀର୍ଣ୍ଣ ସମତଳ ପ୍ରାନ୍ତର ପ୍ରଦେଶରେ ଚିର ନିବାସ ରଚନା କରିବାକୁ ଇଚ୍ଛା ହୁଏ । ଏଠାରୁ ଚତୁର୍ଦ୍ଦିଗକୁ ଅନାଇଲେ ବହୁ ଦୂରରୁ ଗାଁ ଗଣ୍ଡା ଗୋଟିଏ ଗୋଟିଏ ବିନ୍ଦୁ ପରି ଦେଖାଯାଏ, ବଡ଼ ନଦୀ ସବୁ ଦେଖାଯାଏ ଗୋଟିଏ ଗୋଟିଏ ତାରକା ଭଳି । ଏ କଣ ? ଶୀର୍ଷ ପ୍ରାନ୍ତରକୁ ଛିଦ୍ର କରି ସୃଷ୍ଟି ହୋଇଛି ଏକ ବିରାଟ ଗହ୍ୱର । ଗହ୍ୱର ଭିତରକୁ ଚାଲିଗଲେ ଜଣାପଡ଼େ ସତେ ଯେପରି ଏକ ପ୍ରଶସ୍ତ ଜବା ଘରେ ବସିଛି ଶାନ୍ତିରେ— ଏଇ ହେଉଛି ଭୀମ ମଣ୍ଡପ । ମହାବଳୀ ଭୀମ ପରା କୁଆଡ଼େ ଏ ଗହ୍ୱର ଖୋଳିଥିଲେ । ସେଠାରେ ପଡ଼ିଥିବା ଏକ ପ୍ରକାଣ୍ଡ ଗୋଲାକାର ପଥର, ଯାହାକୁ କି ଲୋକେ ବହୁ କଷ୍ଟରେ ଟେକି ପାରନ୍ତି, ଭୀମର ବାଟି ଖେଳ ଥିଲା ବୋଲି ଲୋକେ କହନ୍ତି ।

ଭୀମ ମଣ୍ଡପଠାରୁ ଗୁପ୍ତଧାର—ମନ୍ଦିର ପର୍ଯ୍ୟନ୍ତ ସମୁଦାୟ ଜାଗା ପଥର ଭୂରମ୍ୟପ୍ରକୃତି ଏପରି ଅନିର୍ବଚନୀୟ ସୁଷମା ସୃଷ୍ଟି କରିଛି ଯାହା ସଂଦର୍ଶନ କଲେ ନିମ୍ନଲିଖିତ କବିବାଣୀ ସ୍ୱତଃ ମନେ ପଡ଼ିଯାଏ —

ଦୃଷ୍ଟପୂର୍ବ ହୋଇ ଅଦୃଷ୍ଟ ପ୍ରତୀତି
ସୁନ୍ଦର ପଣର ଚିରନ୍ତନ ରୀତି,
ସୁନ୍ଦରେ ତୃପ୍ତିର ଅବସାଦ ନାହିଁ,
ଯେତେ ଦେଖୁଥିଲେ ନୂଆ ଦିଶୁଥାଇ ।

ବହୁବିଧ ବିହଙ୍ଗମକୂଳର କାକଳି-ମୁଖର ବନ୍ୟ ପରିବେଶ ଦର୍ଶକ ପ୍ରାଣକୁ ଯେପରି ମୁଗ୍ଧପ୍ରାୟ କରେ, ବିବିଧ ଶ୍ୱାପଦସଙ୍କୁଳ ବିଜନ ବିପିନ ସେହିପରି ମନକୁ କରିଦିଏ ସଂଭୀତ, ସଚକିତ । ନୃସିଂହ

ମହିମାର କଳ୍ପନା ହୁଏ, ତା'ର ଲୀଳାଭୂଇଁ ଜୀବନର ଏକମାତ୍ର ପାଥେୟ ହୁଏ ସୁରଭିତରା ଚିରଶ୍ୟାମଳା ମୃଦୁମନ୍ଦ ଅନିଳ ଅବିରତ ସଞ୍ଚାରିତ ଯେଉଁ ସେହିଠି ଜନମନକୁ କରେ ନିବିଡ଼ ଆକର୍ଷଣ, ବନମୋହ ବନାନୀର ଶ୍ୟାମଳ ତନୁ ସୁବର୍ଣ୍ଣ ରେଖ ଚକ୍ଷୁକୁ କରେ ସେହିଠି ଉତ୍ପନ୍ନ ... ଚଣ୍ଡ ମାର୍ତ୍ତଣ୍ଡ ପ୍ରତାପିତ ନିଦାଘ କାଳରେ ମଧ୍ୟ ସେହିଠି ... ବସନ୍ତର ଅନ୍ତହୀନ ସଂସ୍ରାବ ବିଲୋଳ ଶସ୍ୟ ଆଉ କୋମଳ ଶୀତଳ ଜମନୀର ବାତିମୟ ଅଶ୍ଳେଷ ସେହି ଧରା ସ୍ୱର୍ଗ ନୃସିଂହନାଥର ପାବନ ପୀଠଭୂଇ ପ୍ରତି ଅଧିକତର ଭାବରେ ଜନମାନସ ଆକର୍ଷଣ ଦିଗରେ ଯଥାଶକ୍ତି ଓ ଯଥାସମ୍ଭବ ବ୍ୟବସ୍ଥା ବିଧାନ କରଣୀୟ ନୁହେଁ କି ? ଏଭଳି ଏକ ମହାମହିମାନ୍ୱିତ ତୀର୍ଥଭୂମି ପ୍ରତି ରାଜ୍ୟ ସରକାର ତଥା କେନ୍ଦ୍ର ସରକାରଙ୍କ ଶୁଭଦୃଷ୍ଟି ଆକୃଷ୍ଟ ହେବା ଆବଶ୍ୟକ । *

* ପଦ୍ମପୁର ଅଞ୍ଚଳର ଟାମର ଗ୍ରାମର ଏକ ମଧ୍ୟବିତ୍ତ ଗୌନ୍ତିଆ ପରିବାରରେ ତା ୫-୪-୧୯୪୨ ରିଖରେ ଡାକ୍ତର ଶ୍ରୀ ଯୋଗକର ଜନ୍ମ । ୧୯୬୬ ମସିହାରେ ବୁର୍ଲା ମେଡିକାଲ୍ କଲେଜରୁ ସେ ଏମ୍. ବି : ବି : ଏସ୍ ଯୋଗ୍ୟତା ଅର୍ଜନ କରି ୧୯୬୭ ମସିହା ଜୁଲାଇ ମାସଠାରୁ ୧୯୭୧ ଫେବୃୟାରୀ ୪ ତାରିଖ ପର୍ଯ୍ୟନ୍ତ ସେ ପାଇକମାଳ ସରକାରୀ ଡାକ୍ତରଖାନାରେ ଆସିଷ୍ଟାଣ୍ଟ ସର୍ଜନ ଭାବରେ କାର୍ଯ୍ୟ କରିଥିଲେ । ସେ ଉକ୍ତ ଫେବୃୟାରୀ ୪ ତାରିଖଠାରୁ ସରକାରୀ କାର୍ଯ୍ୟରୁ ଇସ୍ତଫା ଦେଇ ବିଧାନସଭା ସଦସ୍ୟ ପଦ ପାଇଁ ପ୍ରତିଦ୍ୱନ୍ଦିତା କରିଥିଲେ । ଓଡ଼ିଶା ବିଧାନ ସଭାରେ ପଦ୍ମପୁର ନିର୍ବାଚନ ମଣ୍ଡଳିର ସେ ହେଉଛନ୍ତି ପ୍ରତିନିଧି ।

———



# ଆମର ପିଲାମାନେ ଆମ ଉପରେ ନିର୍ଭର କରନ୍ତି।

ତେଣୁ ଆମକୁ ସେମାନଙ୍କର ଯତ୍ନ ନେବାକୁ ପଡ଼ିବ।

ସେମାନଙ୍କର ଲାଳନ ପାଳନ ଓ ଦେଖାଶୁଣା କରିବାର ଦାୟିତ୍ୱ ହେଉଛି ଆମର। ଉତ୍ତମ ଖାଦ୍ୟ, ଉତ୍ତମ ପୋଷାକ ଓ ଉଚ୍ଚଶିକ୍ଷା ପାଇବାର ପୂର୍ଣ୍ଣ ଅଧିକାର ସେମାନଙ୍କର ରହିଛି। ଆଉ ସେମାନେ ବଡ଼ ହୋଇଗଲେ ଯେପରି ଭଲଭାବେ ରୋଜଗାର କରି ପାରନ୍ତି, ସେଥିପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ପଡ଼ିବ।

କିନ୍ତୁ ଯଦି ଆମର ଅନେକ ଗୁଡ଼ିଏ ପିଲା ହୁଅନ୍ତି, ତାହେଲେ କଣ ସେମାନଙ୍କୁ ଏସବୁ ଦେଇପାରିବା ସମ୍ଭବ କି ? ନା ! ଏଥିପାଇଁ ଏକମାତ୍ର ଉପାୟ ହେଉଛି— ଯଦି ଛୋଟ ପରିବାରଟିଏ ହୋଇଥାଏ, ତାହେଲେ ପରିବାରର ପ୍ରତ୍ୟେକ ପିଲାର ଉପଯୁକ୍ତ ଦାୟିତ୍ୱ ଓ ଯତ୍ନ ନେଇ ହେବ।

ମାଗଣାରେ ସେବା ଓ ପରାମର୍ଶ ପାଇଁ ନିକଟତମ ପରିବାର ନିୟନ୍ତ୍ରଣ କେନ୍ଦ୍ରକୁ ଯାଆନ୍ତୁ।

davp 71 373 OR

ଏସ୍. ଏସ୍. ନାକରା

# ଭୁବନେଶ୍ୱର ସୈନିକ ସ୍କୁଲ—ଏହାର ବୈଶିଷ୍ଟ୍ୟ

ଓଡ଼ିଶାରେ ଥିବା ଶହ ଶହ ବିଦ୍ୟାଳୟରୁ ପ୍ରତିବର୍ଷ ଲକ୍ଷାଧିକ ଛାତ୍ର ପ୍ରବେଶିକା ଓ ଉଚ୍ଚତର ମାଧ୍ୟମିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଛନ୍ତି । ମାତ୍ର ସ୍ୱାଧୀନତା ପ୍ରାପ୍ତିର ୨୪ ବର୍ଷ ଅତିବାହିତ ହୋଇଯାଇଥିଲେ ହେଁ ଆମମାନଙ୍କର 'ବାବୁ' ମନୋବୃତ୍ତିର ସେ ପରିବର୍ତ୍ତନ ହୋଇନାହିଁ ଓ ଆମର ଶିକ୍ଷାବିତ୍‌ମାନେ ନିଜ ଅଭିଜ୍ଞତାରୁ ଯେ ବିଶେଷ କିଛି ଶିଖି ନାହାନ୍ତି, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଦିନକୁ ଦିନ କର୍ମସଂସ୍ଥାନ ପରିସ୍ଥିତିରେ ଅବନତି, ଅସାମାଜିକ ଲୋକଙ୍କ ସଂଖ୍ୟାବୃଦ୍ଧି ଓ ଛାତ୍ର ବିଶୃଙ୍ଖଳାରୁ ପ୍ରମାଣ ମିଳୁଛି ଯେ ଆମେ ଏବେ ମଧ୍ୟ ସମୟର ଆବଶ୍ୟକତା ପ୍ରତି ସଚେତନ ନୋହୁଁ । ଶିକ୍ଷାର ଅସଲ ଉଦ୍ଦେଶ୍ୟ ଜ୍ଞାନ ଓ କୌଶଳ ହାସଲ କରିବା ପରିବର୍ତ୍ତେ ଏବେ ତାହା କେବଳ ସାର୍ଟିଫିକେଟ ହାସଲରେ ପରିଣତ ହୋଇଛି ।

ଏହିଭଳି ଶହ ଶହ ସ୍କୁଲମାନଙ୍କ ମଧ୍ୟରେ ସୈନିକ ସ୍କୁଲ ହେଉଛି ଏକ ଭିନ୍ନଧରଣର ବିଦ୍ୟାଳୟ । ଏହାର ବହୁ ବୈଶିଷ୍ଟ୍ୟ ରହିଛି । ଏ ଧରଣର ବିଦ୍ୟାଳୟଗୁଡ଼ିକରେ ଆର୍ଥିକ ପରିସ୍ଥିତି ନିର୍ବିଶେଷରେ ସମସ୍ତ ସ୍ୱଲ୍ପାକ-ଚତୁର ପିଲାମାନଙ୍କୁ ଉତ୍କୃଷ୍ଟ ଧରଣର ପବ୍ଲିକ୍ ସ୍କୁଲ ଶିକ୍ଷା ପ୍ରଥମ ଥର ପାଇଁ ମିଳି ପାରିଲା । ଦେଶର ଅନ୍ୟାନ୍ୟ ସୈନିକ ସ୍କୁଲଗୁଡ଼ିକ ଭଳି ଭୁବନେଶ୍ୱରସ୍ଥିତ ସୈନିକ ସ୍କୁଲ ବାଳକମାନଙ୍କ ପାଇଁ ଏକ ଆବାସୀ ବିଦ୍ୟାଳୟ ।

ଏଠାରେ ଛାତ୍ରମାନଙ୍କପାଇଁ ସାମରିକ ଶିକ୍ଷା ସହିତ ପବ୍ଲିକ୍ ସ୍କୁଲ ଶିକ୍ଷାର ବ୍ୟବସ୍ଥା କରାଯାଉଛି । ବାଳକମାନେ ଜାତୀୟ ପ୍ରତିରକ୍ଷା ଏକାଡେମୀରେ ନାମ ଲେଖାଇବା ସକାଶେ ଆବଶ୍ୟକୀୟ ଶିକ୍ଷାଗତ ଯୋଗ୍ୟତା ହାସଲ କରିବା ସଙ୍ଗେ ସଙ୍ଗେ ଶାରୀରିକ ଦୃଷ୍ଟିରୁ ଯେପରି ଉପଯୁକ୍ତ ହୋଇପାରିବେ, ସେଥିପାଇଁ ସେମାନଙ୍କୁ ଏଠାରେ ତାଲିମ ଦିଆଯାଏ । ଏହି ଶିକ୍ଷାନୁଷ୍ଠାନରେ ତାଲିମ ପାଇବା ସମୟରେ ଛାତ୍ରମାନଙ୍କର ଚରିତ୍ର ଗଠନ, ମିଳିମିଶି କାମକରିବାର ପ୍ରବୃତ୍ତି, କର୍ତ୍ତବ୍ୟନିଷ୍ଠା, ଦେଶାତ୍ମବୋଧ ତଥା ଆଗ୍ରହ ଓ ଦକ୍ଷତା ସହକାରେ ଦେଶସେବା କରିବାର ମନୋବୃତ୍ତି ଜାଗ୍ରତ କରିବା ପ୍ରତି ଧ୍ୟାନ ଦିଆଯାଇଥାଏ । ସ୍କୁଲଟି ଛୁଟି ଯୋଗୁଁ ବର୍ଷକୁ ୨ଥର—ଥରେ ୪୨ ଦିନ ପାଇଁ ଓ ଆଉଥରେ ୪୮ ଦିନ ପାଇଁ ବନ୍ଦ ରହେ । ଏହି ସମୟରେ ଛାତ୍ରମାନେ ଘରକୁ ଯିବାର ସୁବିଧା ପାଆନ୍ତି । ଦେଶରେ ଥିବା ଅନ୍ୟ ଯେ କୌଣସି ଶ୍ରେଷ୍ଠ ପବ୍ଲିକ୍ ସ୍କୁଲ ଭଳି ଏହି ସ୍କୁଲରେ ଇଂରାଜୀ ଭାଷା ମାଧ୍ୟମରେ ଶିକ୍ଷା ଦିଆଯାଏ । ଅଳ୍ପ ବୟସର ବାଳକମାନେ ଏହି ବିଦେଶୀ ଭାଷାରେ ବେଶ୍ ପାରଦର୍ଶିତା ଦେଖାଇ ପାରିଥାନ୍ତି ।

ନୂଆଦିଲ୍ଲୀର କେନ୍ଦ୍ର ମାଧ୍ୟମିକ ଶିକ୍ଷା ବୋର୍ଡ ପରିଚାଳନାରେ ଅନୁଷ୍ଠିତ ସର୍ବଭାରତୀୟ ଉଚ୍ଚତର ମାଧ୍ୟମିକ ପରୀକ୍ଷା ଦେବା ପାଇଁ ଏହି ସ୍କୁଲରେ ଛାତ୍ରମାନଙ୍କୁ ପ୍ରସ୍ତୁତ କରାଯାଏ । ଛାତ୍ରମାନଙ୍କୁ

ନବମ ଶ୍ରେଣୀ ପର୍ଯ୍ୟନ୍ତ ଓଡ଼ିଆ, ଚିତ୍ରକଳା, କାରିଗରି କାମ, ଇତିହାସ ଓ ଭୂଗୋଳ ବିଷୟରେ ଶିକ୍ଷା ଦେବାର ବ୍ୟବସ୍ଥା ରହିଛି ଏବଂ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଇଂରାଜୀ, ହିନ୍ଦି, ଭାରତୀୟ ସଂସ୍କୃତି, ଗଣିତ ଶାସ୍ତ୍ର (ଉଚ୍ଚତର ଗଣିତ ଶାସ୍ତ୍ର ସମେତ), ପଦାର୍ଥ ବିଦ୍ୟା, ରସାୟନ ଶାସ୍ତ୍ର ଓ ପ୍ରାଣୀବିଜ୍ଞାନ ବିଷୟରେ ଶିକ୍ଷା ଦିଆଯାଉଛି । ଏଠାରେ ଆଧୁନିକ ଯନ୍ତ୍ରପାତିରେ ସୁସଜ୍ଜିତ ପରୀକ୍ଷାଗାରମାନ, ଆଧୁନିକ ଧରଣର କଳକବ୍ଜାବିଶିଷ୍ଟ ଗୋଟିଏ ବଡ଼ କାରଖାନା ଓ ଗୋଟିଏ ଭଲ ପୁସ୍ତକାଗାର ଅଛି । ସ୍କୁଲରେ ଥିବା ସମସ୍ତ ଉପକରଣ ଯେପରି ଯଥାର୍ଥ ଭାବେ ବ୍ୟବହାର କରାଯାଇ ପାରିବ, ସେଥିପାଇଁ ଅନେକ ଉଚ୍ଚଯୋଗ୍ୟତାସଂପନ୍ନ ଓ ଉଚ୍ଚ ବେତନଭୋଗୀ ଶିକ୍ଷକ ନିଯୁକ୍ତ ହୋଇଛନ୍ତି ଓ ସେମାନେ ଆଧୁନିକ ପ୍ରଣାଳୀରେ ବିଭିନ୍ନ ବିଷୟ ଶିକ୍ଷା ଦିଅନ୍ତି । ଏହି କାରଣ ଯୋଗୁ ଗତବର୍ଷ ସର୍ବଭାରତୀୟ ଉଚ୍ଚତର ମାଧ୍ୟମିକ ପରୀକ୍ଷାରେ ଏହି ସ୍କୁଲର ସମସ୍ତ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ସେମାନଙ୍କ ମଧ୍ୟରୁ ପ୍ରାୟ ଶତକଡ଼ା ୨୫ ଭାଗ ଛାତ୍ର ପ୍ରଥମ ଶ୍ରେଣୀ ହାସଲ କରିଥିଲେ ।

ଏହି ସ୍କୁଲରେ ଛାତ୍ରମାନଙ୍କୁ ଶିକ୍ଷାଗତ ତାଲିମ ଦେବାରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଥିଲେ ମଧ୍ୟ ସେମାନଙ୍କ ବ୍ୟକ୍ତିତ୍ୱର ସର୍ବାଙ୍ଗ ବିକାଶ ଘଟାଇବା ଏଠିକାର ଶିକ୍ଷାପ୍ରଣାଳୀର ମୁଖ୍ୟ ଉଦ୍ଦେଶ୍ୟ । ହୁଏତ ଏହି ସ୍କୁଲର କୌଣସି ଛାତ୍ର ପ୍ରଥମ ଶ୍ରେଣୀ ପାଇ ନ ପାରେ ମାତ୍ର ଅନ୍ୟ ଯେ କୌଣସି ସ୍କୁଲର ଛାତ୍ରଠାରୁ ସେ ନିଶ୍ଚିତ ଭଲ କରିବ । ଏଥିରେ କୌଣସି ସନ୍ଦେହ ନାହିଁ । ଏଠିକାର ଛାତ୍ର ଅଧିକ ମାତ୍ରାରେ କଷ୍ଟସହିଷ୍ଣୁ, ଆତ୍ମନିର୍ଭରଶୀଳ ଓ ସାହସୀ ହେବା ପାଇଁ ଶିକ୍ଷା ପାଇଥାଏ । ଆଉମଧ୍ୟ ତା'ଠାରେ ଅଧିକ ସହଯୋଗୀ ମନୋଭାବ ପ୍ରକାଶ ପାଇଥାଏ ଏବଂ ପ୍ରତ୍ୟେକ କ୍ଷେତ୍ରରୁ ସେ ବିଶେଷ ଶୃଙ୍ଖଳିତ ହୋଇଥାଏ । ସବୁ କ୍ଷେତ୍ରରେ ନେତୃତ୍ୱ ନେବା ପାଇଁ ସୈନିକ ସ୍କୁଲର ଛାତ୍ର ଶିକ୍ଷା ପାଇଥାଏ । ହକି, ଫୁଟବଲ, ବାସ୍କେଟବଲ୍, ଭଲିବଲ୍, କ୍ରିକେଟ୍ ଓ ବକ୍ସିଂ ଭଳି ଖେଳ କସରତ୍‌ରେ (ବାଧ୍ୟତାମୂଳକ) ଅଂଶ ଗ୍ରହଣ କରି ସେ କଷ୍ଟସହିଷ୍ଣୁ ହେବାକୁ ଶିଖିଥାଏ ଏବଂ ନିଜର ସ୍ୱାର୍ଥ ଜଳାଞ୍ଜଳି ଦେଇ ଗୋଷ୍ଠୀର ସ୍ୱାର୍ଥ ବଜାୟ ରଖିବାକୁ ସେ ସବୁବେଳେ ପ୍ରସ୍ତୁତ ଥାଏ । ଆନ୍ତଃ-ସ୍କୁଲ ତର୍କ ଓ ବକ୍ତୃତା ପ୍ରତିଯୋଗିତା, ଚିତ୍ରକଳା, କାରିଗରି, ସଙ୍ଗୀତ ଓ ନାଟକ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାର ସୁଯୋଗ ଲାଭକରି ସେ ନିଜ ପ୍ରତିଭା ବିକଶିତ କରିବା ସଙ୍ଗେ ସଙ୍ଗେ ଆତ୍ମ-ନିର୍ଭରଶୀଳ ଓ ଆତ୍ମପ୍ରତ୍ୟୟୀ ହେବାକୁ ଶିଖିଥାଏ ।

ପିତାମାତାଙ୍କଠାରୁ ଦୂରରେ ରହୁଥିବାରୁ ଏବଂ ନିଜେ ନିଜର ଦାୟିତ୍ୱ ନିଜ ଉପରେ ନେଉଥିବାରୁ ଏଠିକାର ଛାତ୍ରମାନେ ଆତ୍ମନିର୍ଭରଶୀଳ ତଥା ସ୍ୱାଧୀନଚେତା ହୋଇଥାଆନ୍ତି । ସେମାନଙ୍କ ରହିବା ପାଇଁ ଯେଉଁ ଛାତ୍ରାବାସ ରହିଛି, ସେହି ଛାତ୍ରାବାସର ସୁନ୍ଦର ବିଭିନ୍ନ କାର୍ଯ୍ୟକଳାପର ଦାୟିତ୍ୱ ସେମାନଙ୍କୁ ଦିଆଯାଇଥିବା ସେମାନଙ୍କ ଦୃଷ୍ଟିଭଙ୍ଗୀ ବଢ଼େ ଓ ନେତୃତ୍ୱ ନେବାର ସାମର୍ଥ୍ୟ ବିକଶିତ ହୁଏ । ସୈନିକ ସ୍କୁଲର ଆଦର୍ଶ ବାତାବରଣ ଛାତ୍ରର ମାନସିକ ଓ ଶାରୀରିକ ଅଭିବୃଦ୍ଧିରେ ସହାୟକ ହୋଇଥାଏ । ପାଠପଢ଼ାଠାରୁ ଆରମ୍ଭ କରି ଅନ୍ୟାନ୍ୟ ସମସ୍ତ କାର୍ଯ୍ୟକଳାପ ସମ୍ପର୍କରେ ନିୟମାନୁବର୍ତ୍ତିତା ଓ ଶୃଙ୍ଖଳାବଦ୍ଧ ଜୀବନଯାପ ଫଳରେ ଛାତ୍ରର ଭବିଷ୍ୟତ ଗଠନ ଉଜ୍ଜ୍ୱଳତର ହୁଏ ।

ଛାତ୍ରମାନେ ସେମାନଙ୍କର ଅବସର ସମୟ ଅତିବାହିତ କରିବା ପାଇଁ ଯେ କୌଣସି ପ୍ରକାରର କାର୍ଯ୍ୟକଳାପ କିମ୍ବା ଧରାବ ବିଶେଷଭାବେ ମନୋନିବେଶ କରିବା ପାଇଁ ସେମାନଙ୍କୁ ଉତ୍ସାହିତ କରାଯାଇଥାଏ । ଉଦାହରଣ ସ୍ୱରୂପ ଫଟୋଗ୍ରାଫି, ଚିତ୍ରାଙ୍କନ, ମୃଣ୍ମୟ ନମୁନା, କାଠ ଓ ଧାତବ ଜିନିଷ ତିଆରି, ସଙ୍ଗୀତ, ନାଟ୍ୟକଳା, ବନଶୀ ସାହାଯ୍ୟରେ ମାଛଧରା, ରେଡ଼ିଓ କିଟ୍ସ ଓ ମରାମତି, ଜାହାଜ ଓ ବିମାନ ମଡେଲ ତିଆରି ପ୍ରଭୃତି ମଧ୍ୟରୁ ଛାତ୍ର ତାହାର ଆଗ୍ରହ ଅନୁଯାୟୀ ଯେ କୌଣସିଥିରେ ପାରଦର୍ଶିତା ଅର୍ଜନ କରିପାରେ ।

କେବଳ ଏତିକି ନୁହେଁ, ସ୍କୁଲରେ ସାତ ବର୍ଷର ରହଣି ସମୟ ମଧ୍ୟରେ ଦାର୍ଜିଲିଂଠାରେ ପର୍ବତାରୋହଣ, ଉତ୍ତର କାଶୀଠାରେ ପାହାଡ଼ ଆରୋହଣ, ରାଜ୍ୟ ଭିତରେ ବିଭିନ୍ନ ଐତିହାସିକ ତଥା ଦର୍ଶନୀୟ ସ୍ଥାନ ପରିଦର୍ଶନ, ବନ୍ୟଭୋଜି ତଥା ସମର ଶିକ୍ଷା ବାହିନୀମାନଙ୍କର ବାର୍ଷିକ ତାଲିମ ସମୟରେ ଦେଶର ବିଭିନ୍ନ ଅଞ୍ଚଳ ବୁଲି ଦେଖିବାର ସୁଯୋଗ ପାଇଥାଆନ୍ତି ।

ଏହି ଅନୁଷ୍ଠାନରେ ଶିକ୍ଷା ପାଇବା ପାଇଁ ପ୍ରଥମ ବର୍ଷ ଟ ୨,୭୦୦ଙ୍କା ପରବର୍ତ୍ତୀ ବର୍ଷମାନଙ୍କରେ ଟ୨,୩୦୦ଙ୍କା ଭେଷାର୍ଦ୍ଦ ପଡ଼େ । କିନ୍ତୁ ପ୍ରାୟ ସମସ୍ତ ଛାତ୍ରଙ୍କ ପିତାମାତାଙ୍କୁ ଏବାବଦରେ ବିଶେଷ କିଛି ଖର୍ଚ୍ଚ ବହନ କରିବାକୁ ପଡ଼େ ନାହିଁ । ପିତାମାତାଙ୍କ ଆୟକୁ ଦୃଷ୍ଟି ଛାତ୍ରମାନେ ବୃତ୍ତି ପାଆନ୍ତି ଏବଂ ଏହିଥିରୁ ସବୁ ଖର୍ଚ୍ଚ ଚଳାଯାଇଥାଏ ।



...ସୈନିକ ସ୍କୁଲର ଅଧ୍ୟକ୍ଷ ଲେଫ୍ଟାନାଣ୍ଟ କର୍ଣ୍ଣେଲ ନାଭା (ଡାହାଣରୁ ପ୍ରଥମ) ଉକ୍ତ ସ୍କୁଲରେ ... ଦର୍ଶରେ ଛାତ୍ର ଗ୍ରହଣ ସମ୍ପର୍କରେ ଓଡ଼ିଶାର ଲୋକସମ୍ପର୍କ ନିର୍ଦ୍ଦେଶକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ହୋତାଙ୍କ ସହିତ ଆଲୋଚନା କରୁଛନ୍ତି ।

# ସୈନିକ ସ୍କୁଲ, ଭୁବନେଶ୍ୱର

ବାଦ୍ୟ ସଙ୍ଗୀତ ଶିକ୍ଷାରତ ସୈନିକ ସ୍କୁଲର କ୍ୟାଡେଟ୍ ବୃନ୍ଦ ।





ବ୍ୟାୟାମ ଶିକ୍ଷାରତ ଜଣେ କ୍ୟାଡ଼େଟ ।

## ସୈନିକ ସ୍କୁଲର କାର୍ଯ୍ୟକଳାପ

ସୈନିକ ସ୍କୁଲର ଏକ ଦୃଶ୍ୟ





ଚିତ୍ରାଙ୍କନ ଶ୍ରେଣୀ ।

## ସୈନିକ ସ୍କୁଲ, ଭୁବନେଶ୍ୱର

ସୈନିକସ୍କୁଲର ବ୍ୟାଣ୍ଡପାର୍ଟି ମାର୍ଚ୍ଚପାଷ୍ଟ କରୁଛନ୍ତି ।





ଓଡ଼ିଆ ଶ୍ରେଣୀରେ ଅଧ୍ୟୟନରତ କ୍ୟାଡେଟ

## ସୈନିକ ସ୍କୁଲ, ଭୁବନେଶ୍ୱର

ନିରସ୍ତ୍ର ଅବସ୍ଥାରେ ଥାଇ କିପରି ଶତ୍ରୁର ମୁକାବିଲା କରିବାକୁ ହୁଏ, କ୍ୟାଡେଟମାନେ ତାହା ଶିକ୍ଷା କରୁଛନ୍ତି । ଏହାକୁ "ଜୁଡୋ" ବୋଲି କୁହାଯାଏ ।



... ସାଲରେ ପାଇଁ ପ୍ରତି ଛାତ୍ରପିଛା ପିତାମାତାଙ୍କୁ ବର୍ଷକୁ ... ଟଙ୍କା ଦେବାକୁ ପଡ଼େ ।

ସୈନିକ ସ୍କୁଲରେ ଅଧ୍ୟୟନ ନିମନ୍ତେ ଓଡ଼ିଶାର ସ୍ଥାୟୀ ଅଧିବାସୀଙ୍କ ସନ୍ତାନ ସମେତ କେନ୍ଦ୍ର ତଥା ରାଜ୍ୟ ସରକାରୀ କର୍ମଚାରୀଙ୍କ ସନ୍ତାନଙ୍କୁ ଓଡ଼ିଶା ସରକାରଙ୍କ ତରଫରୁ ଛାତ୍ରବୃତ୍ତି ଦିଆଯାଏ । କେନ୍ଦ୍ର ସରକାରଙ୍କ ଶିକ୍ଷା ତଥା ପ୍ରତିରକ୍ଷା ମନ୍ତ୍ରଣାଳୟ ... ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କ ତରଫରୁ ମଧ୍ୟ ... ଛାତ୍ରବୃତ୍ତି ଅନ୍ୟମାନଙ୍କୁ ଦିଆଯାଇଥାଏ ।

ସୈନିକ ସ୍କୁଲରେ ଶିକ୍ଷାପ୍ରାପ୍ତ ଛାତ୍ରମାନଙ୍କ ଭବିଷ୍ୟତ ସେ ଉଜ୍ଜ୍ୱଳମୟ ଏବଂ ଏ ଧରଣର ଶିକ୍ଷା ବାବଦରେ ଯେଉଁ ଅର୍ଥ ବ୍ୟୟ କରାଯାଉଛି, ତାହା ଯେ ସଦୁପଯୋଗ ହେଉଛି, ଏ ବିଷୟ ସ୍କୁଲର ଫଳାଫଳରୁ ଜଣାପଡ଼ିବ । ପ୍ରାୟ ୧୦ ବର୍ଷ ପୂର୍ବେ ଭୁବନେଶ୍ୱରଠାରେ ସୈନିକ ସ୍କୁଲ ପ୍ରଥମେ ଆରମ୍ଭ କରାଯାଇଥିଲା । ଏଠାରେ ଅଧ୍ୟୟନ କରୁଥିବା ଛାତ୍ରମାନେ ପ୍ରାୟ ୨—୩ ବର୍ଷ ପରେ ପ୍ରଥମ ଦଫାରେ ସେମାନଙ୍କର ଶିକ୍ଷା ପରିସମାପ୍ତି କରିଥିଲେ । ଯଦିଓ ଏହି ସ୍କୁଲରେ ପ୍ରାୟ ୭ ବର୍ଷ କାଳ ଅଧ୍ୟୟନ କରିବାକୁ ପଡ଼େ ତଥାପି ୨—୩ ବର୍ଷ ରହଣି ପରେ ପ୍ରଥମ ଦଫାର ଛାତ୍ରମାନଙ୍କ ମଧ୍ୟରୁ ଶତକଡ଼ା



ସୈନିକ ସ୍କୁଲର ଜଣେ କ୍ୟାଡେଟ

...ରୁ ୪୦ ଭାଗ ପ୍ରଥମ ଶ୍ରେଣୀ ଗେଜେଟେଡ୍ ଅଫିସର ହୋଇଛନ୍ତି ... ଏକାଡେମୀରେ ତାଲିମ ପାଉଛନ୍ତି । ସ୍କୁଲର ୨୧୮ ଜଣ ପୂର୍ବତନ ଛାତ୍ରମାନଙ୍କ ମଧ୍ୟରୁ ୭୦ ଜଣ ସେନାବାହିନୀରେ ଯୋଗ ଦେବାପାଇଁ ମନୋନୀତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ କେତେକ

ଛାତ୍ର କମିଶନଡ୍ ଅଫିସର ହୋଇସାରିଲେଣି ଏବଂ ଆଉ କେତେକ ତାଲିମ ନେଉଛନ୍ତି। ଅବଶିଷ୍ଟଙ୍କ ମଧ୍ୟରୁ ୨ ଜଣ ନୌବାହିନୀରେ ଅଫିସର ଭାବେ ଯୋଗଦେଇଛନ୍ତି, ୧୦ ଜଣ ନୌ–ଇଂଜିନିୟରିଂ କଲେଜରେ ଯୋଗଦେଇଛନ୍ତି। ୪ ଜଣ ମେଡ଼ିକାଲ କଲେଜ ଓ ୧୦ ଜଣରୁ ଅଧିକ ଛାତ୍ର ଇଂଜିନିୟରିଂ କଲେଜରେ ଯୋଗଦେଇଛନ୍ତି। ଅନ୍ୟମାନେ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଉଚ୍ଚତର ଅଧ୍ୟୟନ କରୁଛନ୍ତି। ମୋଟଉପରେ ସୈନିକ ସ୍କୁଲରେ ଅଧ୍ୟୟନ କରୁଥିବା ଛାତ୍ରମାନେ ଉଚ୍ଚପଦସ୍ଥ ଅଫିସର ଭାବେ କାର୍ଯ୍ୟ କରିବାର ସୁଯୋଗ ଲାଭ କରିଛନ୍ତି। ଏକଥା ଅବଶ୍ୟ ସତ ଯେ ସୈନିକ ସ୍କୁଲଗୁଡ଼ିକରେ ପବ୍ଲିକ୍ ସ୍କୁଲ ଧରଣର ଶିକ୍ଷା ଦିଆଯାଏ ଏବଂ ଛାତ୍ରମାନଙ୍କୁ ସେନାବାହିନୀରେ ଅଫିସର ଭାବେ ନିଯୁକ୍ତି ପାଇଁ ଲକ୍ଷ୍ୟରଖି ତାଲିମ ଦିଆଯାଏ। ଯଦିଓ ସୈନ୍ୟବାହିନୀରେ ଅଫିସର ଭାବେ କାର୍ଯ୍ୟ କରିବାର ସୁବିଧା ମିଳିବା ଏକ ମହତ୍ କାର୍ଯ୍ୟ, କିନ୍ତୁ ଏହାର ଅର୍ଥ ନୁହେଁ ଯେ ଏହି

ସୈନିକ ସ୍କୁଲରେ ଯୋଗଦାନ କରିବା ମାତ୍ରେ ଆପେ
ପଦାତିକ, ନୌ ଅଥବା ବିମାନ ବାହିନୀରେ ଅଫିସର ହୁଦେ
ମିଳିଯିବ। ଏଭଳି ନିଯୁକ୍ତି ନିମନ୍ତେ କଠିନ ପ୍ରତିଯୋଗିତାର
ହେବାକୁ ପଡ଼ିଥାଏ ଏବଂ ଯେଉଁମାନେ କର୍ମବହୁଳ ଜୀବନ
କରିବା ସଙ୍ଗେ ସଙ୍ଗେ ମାତୃଭୂମିର ସେବା ତଥା ଯଦି ଅ
ପଡ଼େ, ତେବେ ପବିତ୍ର ମାତୃଭୂମିର ସୁରକ୍ଷା ନିମନ୍ତେ ଆତ୍ମବଳି
ନିମନ୍ତେ ଯାହାଙ୍କର ପ୍ରବଳ ଇଚ୍ଛା ଓ ଆଗ୍ରହ ରହିଛି,
ସେହିମାନେ ହିଁ ଜାତୀୟ ପ୍ରତିରକ୍ଷା ଏକାଡେମୀରେ ପ୍ରବେଶ
ପାଇଁ ସମର୍ଥ ହୋଇଥାଆନ୍ତି। ଏହାସତ୍ତ୍ୱେ ସୈନିକ
ମାନଙ୍କରେ ପ୍ରବର ଶିକ୍ଷାକୁ କଦାପି ଅଦରକାରୀ ଅଥବା ମୂ
କହିବା ସମୀଚିନ ହେବନାହିଁ। ଏହି ସ୍କୁଲମାନଙ୍କରୁ
ହୋଇଥିବା ଛାତ୍ରମାନଙ୍କ ମଧ୍ୟରୁ ଶତକଡ଼ା ୨୫ ଭାଗ ସା
ବାହିନୀରେ ଯୋଗଦାନ କରିଥିବା ସ୍ଥଳେ ଅବଶିଷ୍ଟ ଛାତ୍ର
କ୍ଷେତ୍ରରେ ବେଶ୍ ସଫଳତା ଅର୍ଜନ କରିପାରିଛନ୍ତି।

ରମେଶ ଧଳ

# ବିଜୟ ମୁହୂର୍ତ୍ତରେ

ସମସ୍ତ ଗୁଳାଗୁଳି, କମାଣର ଗର୍ଜନ ତର୍ଜନ,
ଏବଂ ଆକାଶ ଛାଡ଼ିଯାଉ ମଶକ ଓ ମିରେଜର
ଉଡ଼ାଛାଇ ଲିଭିଯିବା ପରେ,
ଏସୁମାରି ମନସ୍ତାପ, ଦୀର୍ଘ ଅନୁଶୋଚନାର
ବିନିଦ୍ର ବିଭାବରୀ ଅବସାନାନ୍ତେ,
ହିଂସ୍ରଦୀପ କଥା ମନରୁ ସମ୍ପୂର୍ଣ୍ଣ ପୋଛିଦେଇ,
ଏହି ଲୋଭନୀୟ ସକାଳରେ ସୂର୍ଯ୍ୟକୁ ସାକ୍ଷୀ ରଖି,
ମୁଁ ଗାନ କରୁଛି ସେହି ମହାନ୍ ମନ୍ତ୍ର
ଓମ୍ ଶାନ୍ତି ଶାନ୍ତି ଶାନ୍ତି ।

ଯେଉଁମାନଙ୍କ ରକ୍ତ ଉପରେ
ବଂଶଧର ପାଇଁ ରଚନା ହେଲା ନୂଆ ଅନୁଶାସନ,
ଏ ମାଟିରେ ଶତ୍ରୁ ଅବନତ କଲା ତା'ର ଶିର,
ଛୋଟିଏ ପୁରାତନ ଆଭିଜାତ୍ୟଭରା ଜାତିର ଆଖିରେ
ନାଚି ଉଠିଲା ନୂଆ କାହାଣି,
ସେହି ବୀର ଶହୀଦମାନଙ୍କ ଉଦ୍ଦେଶ୍ୟରେ
ଏହି ପୁଣ୍ୟ ମୁହୂର୍ତ୍ତରେ
ମୁଁ ପ୍ରଣତି ଜଣାଉଛି ।

ଏହି ମହାନ୍ ଲଗ୍ନରେ
ମୁଁ ମୋର ବିଶ୍ୱର ଭାଇଭଉଣୀମାନଙ୍କୁ ନିବେଦନ
କରୁଛି, ସେମାନେ ଚିହ୍ନି ରଖନ୍ତୁ ସେହିମାନଙ୍କୁ
ଯାହିଁଆ ପରି ଯେଉଁମାନେ ଆପଣାର ସ୍ୱାର୍ଥ
ପାଇଁ ମନ୍ଦିର, ମସ୍‌ଜିଦ୍ ଗିର୍ଜାକୁ ମାଟିରେ ମିଶାନ୍ତି,
ନାରୀ କପାଳର ସିନ୍ଦୂର ବିନ୍ଦୁକୁ ବୀଭତ୍ସ କରନ୍ତି,
ସଧବା ହାତର କାଚକୁ ଚୂନଚୂନ କରନ୍ତି,
କୋଳର ଶିଶୁକୁ ଅସହାୟ କରନ୍ତି ।

ଆଉ ସେହି ସାମ୍ରାଜ୍ୟବାଦୀମାନଙ୍କୁ ଯେଉଁମାନେ
ଏହି ଦାନବମାନଙ୍କୁ ହିମତ୍ ଦିଅନ୍ତି, ଗଣତନ୍ତ୍ରର
ମହାନ୍ ସ୍ରୋତର ଅବରୋଧ କରନ୍ତି ଅନ୍ଧକାରର
ସାମ୍ରାଜ୍ୟ ସୃଷ୍ଟିକରି ଅମୃତର ଶିଶୁକୁ କଣ୍ଠରୋଧିତ
କରିବାକୁ ଅଣ୍ଟାଭିଡ଼ନ୍ତି ।

ମୁଁ ସ୍ୱପ୍ନ ଦେଖୁଛି
ଏହି ଶୁଭ ମୁହୂର୍ତ୍ତରେ
ଏକ ଅଖଣ୍ଡ ଭାରତର ସ୍ୱପ୍ନ
ଶସ୍ୟଶ୍ୟାମଳା ଏକ ପୁଣ୍ୟ ମାଟିର ସ୍ୱପ୍ନ
ଯା'ର ସେବାରେ ଗଙ୍ଗା ଯମୁନା କୂର୍ମିଁ ପୀ ଜନ୍ୟାର
ରୂପଶ୍ରୀ ନେଇ ଅବିରତ ଛଳଛଳ,
ଯା'ର ପଦ ଚୁମ୍ବନ କରୁଛନ୍ତି ନୀଳ ସାଗରର ଊର୍ମିମାଳା
ଯେଉଁ ମାଟିରେ ଉଚ୍ଚ ହିମାଳୟ,
ସିଦ୍ଧ ଯାଜ୍ଞିକର ସାଧନା ନେଇ ।

ସେହି ଭାରତ,
ଯେଉଁଠି ଦିନେ ବେଦମନ୍ତ୍ର ଗାନରେ ଆକାଶ
ନଇଁ ଆସିଥିଲା ଶ୍ରାବଣର ଜଳଧାର ପରି
ସବୁଜ ଧରଣୀର ବୁକୁ ଉପରକୁ ।

ସୀମାନ୍ତ ଶାନ୍ତ ହେବାପରେ
ଏଇ ମୁହୂର୍ତ୍ତରେ
ମୁଁ ସ୍ୱର ସଂଯୋଜନା କରୁଛି ଗାନ କରିବାକୁ
ଯୁଗ ଯୁଗର ସେହି ଆଲୋକର ସନ୍ଦେଶ, ଜନଗଣର
ମନର ଭାଷା ସେହି ମହାନ୍ ମନ୍ତ୍ର—ଓମ୍ ଶାନ୍ତି ଶାନ୍ତି ଶାନ୍ତି ।

# PUBLICATIONS OF THE ORISSA STATE MUSEUM, BHUBANESWAR

| | Rs. P. |
|---|---|
| 1. The Orissa Historical Research Journal, (Rs 3·00 per volume and Rs. 5·00 per joint copy.) | 10·00 per Vol. |
| 2. Inscriptions of Orissa by Shri S. N. Rajguru | |
| (*a*) Vol. I (Part II) .. | 15·00 |
| (*b*) Vol. II .. | 15·00 |
| (*c*) Vol. IV .. | 20·00 |
| 3. Descriptive Catalogue of Sanskrit Manuscripts :— | |
| (*a*) Vol. I — By Shri K. N. Mohapatra .. | 10·00 |
| (*b*) Vol. III — By Shri K. N. Mohapatra .. | 8·00 |
| (*c*) Vol. IV — By Shri K. N. Mohapatra .. | 8·00 |
| (*d*) Vol. V .. By Shri M. P. Dash .. | 10·00 |
| 4. Chandrakala Natika by Shri S. N. Rajguru and Shri Sarbeswar Das. | 5·00 |
| 5. Archaeological remains at Bhubaneswar by Dr. K. C. Panigrahi. | 25·00 |
| 6. Descriptive Catalogue of Copper plate Inscriptions by Shri S. C. De. | 20·00 |
| 7. History of Gangas Part I by Shri S. N. Rajguru .. | 20·00 |
| 8. Oriya Publications :— | |
| (*a*) Parimala .. Kavi Narasingha Sen .. | 3·00 |
| (*b*) Premalochana .. Kavi Bishnu Das .. | 1·50 |
| (*c*) Kalpalata .. Kavi Arjun Das | 1·25 |
| (*d*) Kalabati .. Kavi Bishnu Das .. | 0·50 |
| (*e*) Chata Ichhabati .. Kavi Banamali Das .. | 0·75 |
| (*f*) Bharatiya Pratnatatva | 0·75 |
| (*g*) Na' Poi | 1·75 |
| 9. Picture Post cards— | |
| Set A—Sculptures of Orissa .. | 2·50 |
| Set B—Temples of Orissa .. | 2·50 |

# ଓଡ଼ିଶାରେ ସ୍ୱଳ୍ପ ସଞ୍ଚୟର ଅଗ୍ରଗତି

ଚଳିତ ଆର୍ଥିକ ବର୍ଷ ପରିକଳ୍ପିତ କାର୍ଯ୍ୟକ୍ରମ ଅନୁସାରେ ଓଡ଼ିଶାରେ କ୍ଷୁଦ୍ର ସଞ୍ଚୟ ଯୋଜନା ଜରିଆରେ ନିଟ୍ ୫୦୦ ଲକ୍ଷ ଟଙ୍କା ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି । ଓଡ଼ିଶାର ଆକାଉଣ୍ଟେଣ୍ଟ ଜେନେରାଲ ଓ ଜିଲ୍ଲାମାନଙ୍କଠାରୁ ସଂଗୃହୀତ ରିପୋର୍ଟରୁ ଜଣାପଡ଼ିଛି ଯେ ତା ୧-୪-୧୯୭୧ରୁ ତା ୩୦-୧୧-୭୧ ମଧ୍ୟରେ ରାଜ୍ୟରେ ମୋଟ ନିଟ୍ ଟ ୪,୦୭,୩୯,୮୬୫ ସଂଗୃହୀତ ହୋଇଛି । ଗତ ଆର୍ଥିକ ବର୍ଷ ଉକ୍ତ ସମୟ ମଧ୍ୟରେ ମାତ୍ର ୨,୩୨,୯୫,୨୨୩ ମାତ୍ର ସଂଗୃହୀତ ହୋଇ ପାରିଥିଲା ।

ଗତ ଆର୍ଥିକ ବର୍ଷର ପ୍ରଥମ ୮ ମାସ ମଧ୍ୟରେ କେତେ ଟଙ୍କା ସଂଗୃହୀତ ହୋଇଥିଲା ଓ ଚଳିତ ଆର୍ଥିକ ବର୍ଷର ପ୍ରଥମ ୮ ମାସ ମଧ୍ୟରେ କେତେ ଟଙ୍କା ସଂଗ୍ରହ କରାଯାଇ ପାରିଛି ତାହାର ଏକ ତୁଳନାତ୍ମକ ତାଲିକା ନିମ୍ନରେ ଦିଆଗଲା :—

| ଜିଲ୍ଲାର ନାମ | ୧୯୭୦-୭୧ରେ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ (ଲକ୍ଷ ଟଙ୍କା) | ତା ୧-୪-୭୦ରୁ ତା ୩୦-୧୧-୭୦ ମଧ୍ୟରେ ନିଟ୍ ସଂଗୃହୀତ ଅର୍ଥ (ଟଙ୍କା) | ୧୯୭୧-୭୨ ରେ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ (ଲକ୍ଷ ଟଙ୍କା) | ତା ୧-୪-୭୧ରୁ ତା ୩୦-୧୧-୭୧ ମଧ୍ୟରେ ନିଟ୍ ସଂଗୃହୀତ ଅର୍ଥ (ଟଙ୍କା) |
|---|---|---|---|---|
| କଟକ .. | ୩୦ | ୩୧,୩୭,୦୫୧ | ୨୮ | ୬୨,୯୫,୩୫୪ |
| ପୁରୀ .. | ୧୬ | ୨୫,୯୯,୬୯୬ | ୫୦ | ୫୩,୧୩,୦୧୭ |
| ବାଲେଶ୍ୱର .. | ୧୨ | ୯,୫୫,୨୨୦ | ୨୦ | ୨୭,୫୯,୭୨୮ |
| ମୟୂରଭଞ୍ଜ .. | ୬ | ୬,୨୨,୦୮୦ | ୧୫ | ୯,୮୮,୬୫୬ |
| ସମ୍ବଲପୁର .. | ୬୦ | ୩୦,୬୪,୦୧୫ | ୫୦ | ୬୯,୧୩,୦୩୩ |
| ସୁନ୍ଦରଗଡ଼ | ୧୫୦ | ୬୫,୩୯,୭୫୯ | ୧୧୫ | ୧,୪୦,୬୯,୦୦୨ |
| ବଲାଙ୍ଗିର .. | ୨୦ | (—)୧୧,୬୪,୨୮୨ | ୧୫ | (—)୪,୪୩,୯୮୩ |
| କେନ୍ଦୁଝର .. | ୮ | ୯,୨୫,୮୩୯ | ୧୫ | ୧୧,୫୮,୧୩୪ |
| ଢେଙ୍କାନାଳ .. | [illegible] | ୧୦,୮୯,୫୫୨ | ୧୫ | ୧୧,୬୪,୩୪୦ |
| ଗଞ୍ଜାମ | ୨୧ | ୨୦,୫୫,୬୨୧ | ୩୦ | ୨୧,୬୮,୨୨୫ |
| ଫୁଲବାଣୀ .. | ୧୦ | ୧,୦୯,୮୦୦ | ୧୦ | ୨,୪୯,୨୯୩ |
| କୋରାପୁଟ .. | ୨୯ | ୧୫,୪୩,୮୩୫ | ୪୦ | ୨୩,୧୭,୭୭୧ |
| କଳାହାଣ୍ଡି .. | ୭ | ୧୨,୯୩,୪୦୫ | ୩୦ | ୨୭,୧୫,୮୦୫ |
| ମୋଟ .. | ୪୦୦ | ୨,୩୨,୯୫,୨୨୩ | [illegible] | ୪,୦୭,୩୯,୮୬୫ |

ଏଥିରୁ ଦେଖାଯାଉଛି ଯେ କଟକ, ପୁରୀ, ବାଲେଶ୍ୱର, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, ଢେଙ୍କାନାଳ, ଗଞ୍ଜାମ, କୋରାପୁଟ ଓ କଳାହାଣ୍ଡି ଜିଲ୍ଲାରେ ଗତ ଆର୍ଥିକ ବର୍ଷ ଅପେକ୍ଷା ଚଳିତ ଆର୍ଥିକ ବର୍ଷ ଅଧିକ ପରିମାଣରେ ଟଙ୍କା ସଂଗୃହୀତ ହୋଇଛି । ବଲାଙ୍ଗିର ଜିଲ୍ଲାରେ ଅଧିକ ପରିମାଣରେ ଟଙ୍କା ଉଠାଣ ହୋଇଛି । ଫୁଲବାଣୀ ଜିଲ୍ଲାର ହେଡ଼୍ ପୋଷ୍ଟ ଅଫିସରୁ ରିପୋର୍ଟ ମିଳି ନଥିବା ଯୋଗୁ ଉକ୍ତ ଜିଲ୍ଲାର ପ୍ରକୃତ ସଂଗୃହୀତ ପରିମାଣ କେତେ ତାହା ଜଣା ପଡ଼ି ନାହିଁ ।

ସମ୍ବଲପୁର, ଫୁଲବାଣୀ ଓ କୋରାପୁଟ ଜିଲ୍ଲାରେ ସଞ୍ଚୟ ସଂଗ୍ରହକୁ ବଢ଼ାଇ ଲକ୍ଷ୍ୟ ପୂରଣ କରିବା ପାଇଁ ଆହୁରି ଅଧିକ ଉଦ୍ୟମ ଚଳିବାକୁ ହେବ ।

# ଓଜନ ଓ ମାପ

୧। ଆଇନ୍ ଅନୁଯାୟୀ ଓଜନ ଓ ମାପ ବିଭାଗର ଇନ୍ସପେକ୍ଟରଙ୍କ ଦ୍ୱାରା ସମସ୍ତ ଓଜନ ଓ ମାପ ଏବଂ ଓଜନ ଓ ମାପ ଯନ୍ତ୍ରପାତି ସାମୟିକ ଭାବରେ ଯାଞ୍ଚ କରାଯିବା ଆବଶ୍ୟକ। ସେଗୁଡ଼ିକ ଠିକ୍ ସମୟରେ ଯେପରି ଯଥାବିଧି ଯାଞ୍ଚ ହୁଏ, ତହିଁର ନିଶ୍ଚିତ ବ୍ୟବସ୍ଥା କରନ୍ତୁ।

୨। ମାଣ, ସେର, ଫୁଟ ପ୍ରଭୃତି ପୁରୁଣା ଓଜନ ଓ ମାପରେ ଜିନିଷପତ୍ର ବିକ୍ରୀ କରିବା ଆଇନ ଅନୁମୋଦିତ ନୁହେଁ। ସର୍ବଦା ମେଟ୍ରିକ୍ ଓଜନ ଓ ମାପ ପ୍ରଣାଳୀରେ ଜିନିଷ ବିକ୍ରୀ କରନ୍ତୁ।

୩। କୌଣସି ପାତ୍ରରେ ଭର୍ତ୍ତି କରି ରଖାଯାଇ ଥିବା ଜିନିଷର ନିଟ୍ ଓଜନ କେତେ ତାହା ସେହି ପାତ୍ରର ଏକ ପ୍ରକାଶ୍ୟ ସ୍ଥାନରେ ଯେପରି ସ୍ପଷ୍ଟ ଭାବରେ ଲେଖାଯାଏ, ତହିଁର ନିଶ୍ଚିତ ବ୍ୟବସ୍ଥା କରନ୍ତୁ। ଆଇନ୍ ଅନୁସାରେ ଏହା କରିବା ବାଧ୍ୟତାମୂଳକ।

୪। ବଟକରା ଓ ମାପ ଯନ୍ତ୍ର ଉପରେ ଯାଞ୍ଚକରା ଷ୍ଟାମ୍ପ ମରାଯାଇଛି କି ନାହିଁ, ତାହା ଦେଖନ୍ତୁ। ଯଦି ଷ୍ଟାମ୍ପ ମରାଯାଇଥାଏ, ତେବେ ଜାଣିବେ ଯେ ସେଗୁଡ଼ିକ ପରୀକ୍ଷା କରାଯାଇଛି ଓ ଓଜନ ବା ମାପ ଠିକ୍ ଅଛି।

୫। ପେଟ୍ରୋଲ ପମ୍ପ ମାପ ଯନ୍ତ୍ରପାତି ହୋଇଥିବାରୁ ପ୍ରକୃତ ମାପର ପେଟ୍ରୋଲ ଦେବା ଉଦ୍ଦେଶ୍ୟରେ ଓଜନ ଓ ମାପ ବିଭାଗର ଇନ୍ସପେକ୍ଟରଙ୍କ ଦ୍ୱାରା ଏହା ସାମୟିକ ଯାଞ୍ଚ କରାଯାଏ। ପ୍ରକୃତ ମାପଠାରୁ କମ୍ ପେଟ୍ରୋଲ ଦିଆଯିବାର ସନ୍ଦେହ ହେଲେ ଆପଣଙ୍କ ଅଞ୍ଚଳର ଓଜନ ଓ ମାପ ଇନ୍ସପେକ୍ଟରଙ୍କୁ ଜଣାନ୍ତୁ।

୬। କୌଣସି ଜିନିଷର କେବଳ 'ଗୁଣ' ବା କିସମକୁ ଦେଖି ତାହାର ମୂଲ୍ୟ ନିର୍ଦ୍ଧାରଣ କରାଯାଏ ନାହିଁ। ତାହାର ପରିମାଣକୁ ଦେଖି ମଧ୍ୟ ମୂଲ୍ୟ ନିର୍ଦ୍ଧାରଣ କରାଯାଏ। ଆପଣ ଯେତିକି ଓଜନ ବା ମାପର ଜିନିଷ ପାଇଁ ପଇସା ଦେଲେ, ଯଦି ତାହାଠାରୁ କମ୍ ପରିମାଣର ଜିନିଷ ପାଇଲେ, ତେବେ ପଇସା ତୁଳନାରେ ଆପଣ ବେଶୀ ମୂଲ୍ୟ ଦେଲେ। ତେଣୁ, ଆପଣ ଯେପରି ପୂରାପୂରି ଜିନିଷ ପାଇପାରିବେ, ତାହାର ବ୍ୟବସ୍ଥା କରନ୍ତୁ। ତାହାହେଲେ ଏକାଳର ମହଙ୍ଗାର କାଳରେ ଆପଣ ପଇସାକୁ [illegible] ଜିନିଷ ପାଇ ପାରିବେ। ଏ ବିଷୟରେ ଓଜନ ଓ ମାପ ବିଭାଗ ଆପଣଙ୍କୁ ସାହାଯ୍ୟ କରିବେ।

ସ୍ୱଳ୍ପ ସଞ୍ଚୟ

# ୧୫ ବର୍ଷିଆ ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ ସ୍କିମ

ସ୍ୱନିଯୁକ୍ତି ପାଇଥିବା ଲୋକଙ୍କ ପାଇଁ ଏହା ଏକ ଲାଭଜନକ ଯୋଜନା । ସରକାରୀ ବା ଶିଳ୍ପସଂସ୍ଥାର କର୍ମଚାରୀମାନେ ଯେଉଁ ପ୍ରୋଭିଡେଣ୍ଟ ଫଣ୍ଡ ଖୋଲି ଥାନ୍ତି ଅନ୍ୟମାନେ ମଧ୍ୟ ଷ୍ଟେଟ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ କିମ୍ବା ତାର ଯେ କୌଣସି ଶାଖା ବ୍ୟାଙ୍କ୍‌ରେ ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ ଖୋଲି ପାରିବେ ।

## କିଏ ପ୍ରୋଭିଡେଣ୍ଟ ଫଣ୍ଡ ଏକାଉଣ୍ଟ ଖୋଲି ପାରିବେ

ଯେ କୌଣସି ସାବାଳକ ବ୍ୟକ୍ତି ତାଙ୍କ ନିଜ ନାମରେ ବା ଯେକୌଣସି ନାବାଳକ ତରଫରୁ ଅଭିଭାବକ ରୂପେ ଏହା ଖୋଲି ପାରିବେ ।

## ମାସିକ କେତେ ଟଙ୍କା ଜମା ଦେବାକୁ ହେବ

୫ ଟଙ୍କାର ଗୁଣିତକ ପରିମାଣର ଟଙ୍କା ଜମା ଦେବାକୁ ହେବ ଓ ଜମାର ପରିମାଣ କୌଣସି ଆର୍ଥିକ ବର୍ଷ ମଧ୍ୟରେ ୧୦୦ ଟଙ୍କାରୁ କମ୍ ହେବ ନାହିଁ ବା ଟ ୧୫,୦୦୦ ରୁ ଅଧିକ ହେବ ନାହିଁ । ମାସକୁ ମାସ ଯେ ଟଙ୍କା ଜମା ଦେବାକୁ ହେବ ତା ନୁହେଁ କିମ୍ବା ପ୍ରତିଥର ସେ ସମାନ ପରିମାଣର ଟଙ୍କା ଜମା ଦେବାକୁ ହେବ ତା ମଧ୍ୟ ନୁହେଁ । ନିଜର ସୁବିଧା ଅନୁସାରେ ଆପଣ ଟଙ୍କା ଜମା ଦେଇ ପାରିବେ । ଯଦି ଆପଣ ଚାହାନ୍ତି ଆପଣ ବର୍ଷ ଭିତରେ ଅନେକ ଥର ମଧ୍ୟ ଜମା ଦେଇ ପାରିବେ, ଆର୍ଥିକ ବର୍ଷ ଶେଷ ହେବା ପୂର୍ବରୁ ଯେ କୌଣସି ଦିନ ଏକାଥରକେ ଟ ୧୫,୦୦୦ ଜମା ଦେଇ ପାରିବେ ।

## କେଉଁଠାରେ ଟଙ୍କା ଜମା ଦେବେ

ଷ୍ଟେଟ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ବା ତାର ଯେ କୌଣସି ଶାଖା ବ୍ୟାଙ୍କରେ ଟଙ୍କା ଜମା ଦିଆଯାଇ ପାରିବ । ବ୍ୟାଙ୍କ୍ ଆପଣଙ୍କୁ ଗୋଟିଏ ପାସ ବହି ଦେବ, ତହିଁରେ ଯେତିକି ଟଙ୍କା ଜମା ଦିଆଯିବ ତାହା ଉଲ୍ଲିଖିତ ହେବ ।

## ସୁଧ

ଫଣ୍ଡରେ ଆପଣଙ୍କ ନାମରେ ଯେତେକି ଟଙ୍କା ଜମାଥିବ ତହିଁ ଉପରେ ଭାରତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହାରରେ ସୁଧ ମିଳିବ । ବର୍ତ୍ତମାନ ଏହା ଉପରେ ଚକ୍ରବୃଦ୍ଧିହାରରେ ବାର୍ଷିକ ଶତକଡ଼ା ୫ ସୁଧ ମିଳୁଛି । ସୁଧ ଉପରେ ଆୟକର ପଡ଼େ ନାହିଁ । ଏବଂ ଫଣ୍ଡରେ ଜମା ଥିବା ଟଙ୍କା ଉପରେ ସମ୍ପତ୍ତି କର ପଡ଼େ ନାହିଁ ।

## ଏଥିରୁ ଋଣ ମିଳେ

ଯଦି ଆପଣ ଚାହାନ୍ତି ତାହାହେଲେ ଆପଣ ଜମା ଟଙ୍କାରୁ ଋଣ ନେଇ ପାରିବେ । ଏକାଉଣ୍ଟ ଖୋଲିବାର ତିନି ବର୍ଷ ପରେ ଆପଣଙ୍କୁ ପ୍ରଥମ ଥର ପାଇଁ ଋଣ ମିଳି ପାରିବ । ଉଦାହରଣ ସ୍ୱରୂପ, ଆପଣ ଯଦି ୧୯୭୧–୭୨ରେ ଏକାଉଣ୍ଟ ଖୋଲନ୍ତି ତା ହେଲେ ୧୯୭୩–୭୪ ରେ ଋଣ ପାଇଁ ଦରଖାସ୍ତ କରି ପାରିବେ ।

ତା ୩୧।୩।୧୯୭୨ ସୁଦ୍ଧା ଆପଣଙ୍କ ଏକାଉଣ୍ଟରେ ଯେତିକି ଟଙ୍କା ଜମା ଥିବ ତହିଁର ସର୍ବୋଚ୍ଚ ଶତକଡ଼ା ୨୫ ଭାଗ ଋଣ ସୂତ୍ରରେ ମିଳି ପାରିବ ଓ ଏହି ଋଣ ୨୪ ମାସ ମଧ୍ୟରେ ପରିଶୋଧ କରିବାକୁ ହେବ । ଏହି ଋଣ ଉପରେ ବାର୍ଷିକ ଶତକଡ଼ା ୨୦ ସୁଧ ଦେବାକୁ ହେବ । ଯଦି ୨୪ ମାସ ମଧ୍ୟରେ ସୁଧ ସମେତ ଋଣ ଟଙ୍କା ପରିଶୋଧ ଦେଇ ନ ପାରିବେ ତାହାହେଲେ ବକେୟା ଋଣ ଉପରେ ବାର୍ଷିକ ଶତକଡ଼ା ୬ ଟଙ୍କା ହାରରେ ସୁଧ ଲାଗିବ ।

ପ୍ରଥମ ଋଣ (ସୁଧ ସମେତ) ପୁରାପୁରି ପରିଶୋଧ କରି ସାରିବା ପରେ ଆପଣଙ୍କୁ ୨ୟ ଋଣ ମିଳି ପାରିବ । କିନ୍ତୁ ଆପଣ ଏକାଉଣ୍ଟ ଖୋଲିବାର ୫ ମ ବର୍ଷ ଶେଷ ପରେ ଆଉ ଋଣ ମିଳି ପାରିବ ନାହିଁ ।

## ନିର୍ଦ୍ଦିଷ୍ଟ ପରିମାଣର୍ ଟଙ୍କା କଢ଼ାଯାଇ ପାରିବ

ଏକାଉଣ୍ଟକୁ ବନ୍ଦ କରି ନ ଦେଇ ଆପଣ କିଛି ପରିମାଣର ଟଙ୍କା ଉଠାଇ ନେଇ ପାରିବେ । ଏକାଉଣ୍ଟ ଖୋଲିବାର ୫ ବର୍ଷ ଶେଷ ହେବା ପରେ ଆପଣ ପ୍ରଥମ ଥର ପାଇଁ ଟଙ୍କା ଉଠାଇ ନେଇ ପାରିବେ । ଟଙ୍କା ଉଠାଇବା ପାଇଁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ବ୍ୟାଙ୍କରେ ମିଳିବ । ଏହି ଦରଖାସ୍ତରେ ଦସ୍ତଖତ କରି ପାସବହି ସହିତ ଏହାକୁ ବ୍ୟାଙ୍କରେ ଦିଅନ୍ତୁ । ଟଙ୍କା କାହିଁକି ଉଠାଉଛନ୍ତି ତହିଁର କାରଣ ଦର୍ଶାଇବା ଦରକାର ପଡ଼େ ନାହିଁ । ଆପଣ ଦରଖାସ୍ତ କଲମାତ୍ରେ ବ୍ୟାଙ୍କରୁ ଟଙ୍କା ପାଇ ପାରିବେ ।

ନାବାଳକ ନାମରେ ଥିବା ଏକାଉଣ୍ଟରୁ ତାଙ୍କର ଅଭିଭାବକ ମଧ୍ୟ ଟଙ୍କା ଉଠାଇ ପାରିବେ ମାତ୍ର ସେ କ୍ଷେତ୍ରରେ ଟଙ୍କା ସେ ନାବାଳକ ପାଇଁ ଦରକାର, ତହିଁର ଏକ ସାର୍ଟିଫିକେଟ ତାଙ୍କୁ ଦେବାକୁ ହେବ ।

## ମିଆଦ ପୂରିବା ପରେ ଟଙ୍କା ଉଠାଣ

ଏକାଉଣ୍ଟ ଖୋଲିବାର ୧୫ ବର୍ଷ ପୂରିବା ପରେ ସମସ୍ତ ଜମା ଟଙ୍କା ଉଠାଇ ନିଆଯାଇ ପାରିବ । ଟଙ୍କା ଉଠାଇବା ପୂର୍ବରୁ ସରକାରଙ୍କର ପ୍ରାପ୍ୟ ସମସ୍ତ ଟଙ୍କା ଦେଇ ଦେବାକୁ ପଡ଼ିବ । ଯଦି ଆପଣ ୧୯୭୧-୭୨ ରେ ଏକାଉଣ୍ଟ ଖୋଲିଥାନ୍ତି ତାହା-ହେଲେ ତା ୧।୪।୧୯୮୭ ପରେ ଯେକୌଣସି ଦିନ ଟଙ୍କା ଉଠାଇ ନେଇ ପାରିବେ । ଅବଶ୍ୟ ଆପଣ ଇଚ୍ଛା କଲେ ଏକାଉଣ୍ଟକୁ ଆହୁରି କିଛି ଦିନ ସ୍ଥଗିତ ରଖି ପାରନ୍ତି । ସେପରି ସ୍ଥଳେ ଆପଣଙ୍କର ସେତିକି ପାଇବା କଥା ତାହା ପାଉଥିବେ ।

## କର ରିହାତି

୧୦ ବର୍ଷିଆ ସି. ଟି. ଡି., ୧୫ ବର୍ଷିଆ ପି. ପି. ଏଫ୍. ଏକାଉ ଜମା ରଖାଯାଉଥିବା ଟଙ୍କା, ଜୀବନ ବୀମା ପ୍ରିମିୟମ ଓ ମୋଦିତ ପ୍ରୋଭିଡେଣ୍ଟ ଫଣ୍ଡରେ ରଖା ଯାଉଥିବା ଟଙ୍କା ଉ ଯେପରି ଆୟକର ରିହାତି ମିଳେ, ପବ୍ଲିକ ପ୍ରୋଭିଡେଣ୍ଟ ଫ ଜମା ଦିଆଯାଉଥିବା ଟଙ୍କା ଉପରେ ଆୟକର ରିହାତ ମିଳି ଆୟକର ଆଇନ ଅନୁଯାୟୀ ମୋଟ ଆୟର ଶତକଡ଼ା ଭାଗ କିମ୍ବା ଟ ୨୦,୦୦୦, ଏ ଦୁଇଟି ମଧ୍ୟରୁ ଯେଉଁଟି ହୋଇଥିବ ତହିଁର ଅନୁବର୍ତ୍ତୀ ହୋଇ ଆୟକରରୁ ଛାଡ଼ ମିଳ ଏଥିରେ ପ୍ରଥମ ଟ୧,୦୦୦ ଜମା ପାଇଁ ଶତକଡ଼ା ୧୦୦, ପର ଟ୪,୦୦୦ ଜମା ପାଇଁ ଶତକଡ଼ା ୫୦ ଏବଂ ତତ୍ ପର ଟ୧୫,୦୦୦ ଜମା ପାଇଁ ଶତକଡ଼ା ୪୦ ହାରରେ ଛାଡ଼ ମି ଉଦାହରଣ ସ୍ୱରୂପ, ଯଦି ଆପଣଙ୍କ ବାର୍ଷିକ ଆୟ ଟ୨୦, ତାହାହେଲେ ଆପଣ ସର୍ବାଧିକ ଟ ୬,୦୦୦ (ଅ ଆପଣଙ୍କ ବାର୍ଷିକ ଆୟ ଟ ୨୦,୦୦୦ ର ଶତ ୩୦ ଭାଗ) ଅନୁମୋଦିତ ସଞ୍ଚୟ ସିକ୍ୟୁରିଟିରେ କରିପାରିବେ । ଏହି ଟ୬,୦୦୦ ମଧ୍ୟରୁ ଆପଣଙ୍କୁ ଅ ପାଇଁ ଛାଡ଼ ମିଳିବ ଟ୩,୪୦୦ (ଅର୍ଥାତ ଆପଣଙ୍କ ପ୍ର ପ୍ରଥମ ୧,୦୦୦ ଟଙ୍କା ପାଇଁ ଶତକଡ଼ା ୧୦୦ ହାରରେ ଟ୧,୦ ପରବର୍ତ୍ତୀ ଟ୪,୦୦୦ ପାଇଁ ଶତକଡ଼ା ୫୦ ହାରରେ ଟ୨,୦ ଓ ତତ୍ ପରବର୍ତ୍ତୀ ଟ୧,୦୦୦ ପାଇଁ ଶତକଡ଼ା ୪୦ ହା ଟ୪୦୦) । ଆପଣଙ୍କ ଏକାଉଣ୍ଟରେ ଯେଉଁ ସୁଧ ମିଳିବ ଉପରେ ଆୟକର ପଡ଼ିବ ନାହିଁ ଓ ଆପଣଙ୍କର ଏକାଉ ଜମା ଥିବା ଟଙ୍କା ଉପରେ ସମ୍ପତ୍ତି କର ପଡ଼ିବ ନାହିଁ ।

କର ବାବଦ ଛାଡ଼ ପାଇବା ପାଇଁ ଆପଣଙ୍କୁ ପ ବ୍ୟାଙ୍କ ଆପଣ କେତେ ଟଙ୍କା ଜମା ଦେଇଛନ୍ତି, ପ୍ର କେତେ ଟଙ୍କା ଉଠାଇ ନେଇଛନ୍ତି ଓ ବର୍ଷ ଶେଷରେ ଆ ଏକାଉଣ୍ଟରେ କେତେ ଟଙ୍କା ସଞ୍ଚିତ ରହିଛି ତାହା ଜାଣ ଜଣାଇ ଦେବେ । ଏହା ଫଳରେ ଆପଣ କରବାବଦ ଛାଡ଼ ବ୍ୟାଙ୍କ୍ ନିକଟରେ ସୁବିଧାରେ ଦାବୀ କରିପାରିବେ । ଆପଣଙ୍କ ନିଜର ଠିକଣାରେ କୌଣସି ପରିବର୍ତ୍ତନ ତାହା ସଙ୍ଗେ ସଙ୍ଗେ ବ୍ୟାଙ୍କକୁ ଜଣାଇ ଦେବା ଆବଶ୍ୟକ ।

## ଏକାଉଣ୍ଟ ପରିବର୍ତ୍ତନ

ବ୍ୟାଙ୍କର କୌଣସି ଏକ ଶାଖାରୁ ଅନ୍ୟ ଯେ କୌଣସି ଶାଖାକୁ ଏକାଉଣ୍ଟ ପରିବର୍ତ୍ତନ କରାଯାଇ ପାରିବ ।

## ମନୋନୟନ

ଜମାକାରୀର ମୃତ୍ୟୁ ଘଟିଲେ ତାଙ୍କ ଏକାଉଣ୍ଟରେ ଜମା ଥିବା ଟଙ୍କା ପାଇବା ପାଇଁ ସେ ଏକ ବା ଏକାଧିକ ବ୍ୟକ୍ତିଙ୍କୁ ମନୋନୀତ କରିପାରିବେ । ମନୋନୟନ କରି ଦେଇଥିଲେ ଜମାକାରୀଙ୍କର ମୃତ୍ୟୁପରେ ଏକାଉଣ୍ଟର ଟଙ୍କା ପାଇବା ପାଇଁ ଉତ୍ତରାଧିକାରୀ ସାର୍ଟିଫିକେଟ ଉପସ୍ଥାପିତ କରିବାରେ ଅସୁବିଧାର ଆଉ ସମ୍ମୁଖୀନ ହେବା ଦରକାର ପଡ଼େ ନାହିଁ ।

## ଜମାକାରୀଙ୍କ ମୃତ୍ୟୁରେ ଟଙ୍କା ଜମା ଦେବା

ଜମାକାରୀଙ୍କର ମୃତ୍ୟୁ ଘଟିଲେ ତାଙ୍କ ଏକାଉଣ୍ଟରେ ଜମିଥିବା ଟଙ୍କା ଏକାଉଣ୍ଟର ୧୫ ବର୍ଷ ମିଆଦ ପୂରି ନ ଥିଲେ ହେଁ ତାଙ୍କର ମନୋନୀତ ବ୍ୟକ୍ତି ଅଥବା ଆଇନାନୁମୋଦିତ ଉତ୍ତରାଧିକାରୀଙ୍କୁ ଦିଆଯାଇ ପାରିବ ।

## ବାଜ୍ୟାପ୍ତି ମୁକ୍ତ

ଜମାକାରୀଙ୍କ ଠାରୁ କୌଣସି ପ୍ରାପ୍ୟ ଅସୁଲ ପାଇଁ ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡରେ ଜମିଥିବା ଟଙ୍କା ଅଦାଲତର ଡିକ୍ରି ବା ଆଦେଶ ବଳରେ ବାଜ୍ୟାପ୍ତ ହୋଇ ପାରିବ ନାହିଁ ।

---

ବି: ଦ୍ର: ବ୍ୟାଙ୍କରେ ଏକାଉଣ୍ଟ ଖୋଲିବା ଦିଗରେ ଆପଣଙ୍କୁ ସାହାଯ୍ୟ କରିବା ପାଇଁ ପ୍ରତି ଜିଲ୍ଲାରେ ଭାରତ ସରକାରଙ୍କ ଦ୍ୱାରା ନିଯୁକ୍ତ ଜାତୀୟ ସଞ୍ଚୟ ସଙ୍ଗଠନମାନେ ରହିଛନ୍ତି । ତା ଛଡ଼ା କ୍ଷମତାପ୍ରାପ୍ତ ଏଜେଣ୍ଟମାନେ ମଧ୍ୟ ଅଛନ୍ତି । ଯଦି ଆପଣ କୌଣସି ଏଜେଣ୍ଟର ସାହାଯ୍ୟରେ ଏକାଉଣ୍ଟ ଖୋଲିବାକୁ ଚାହାନ୍ତି ତାହେଲେ ଆପଣଙ୍କ ଦରଖାସ୍ତ ଫର୍ମରେ ଏଜେଣ୍ଟର ନାମ ଠିକଣା ଲେଖି ଦିଅନ୍ତୁ । ଏହି ଏଜେଣ୍ଟମାନେ ଟଙ୍କାପଇସା କାରବାର କରିବା ପାଇଁ କ୍ଷମତାପ୍ରାପ୍ତ ନୁହନ୍ତି । ତେଣୁ ଆପଣଙ୍କ ଦରଖାସ୍ତ ଓ ଜମା ଦେବାକୁ ଥିବା ଟଙ୍କା ଏଜେଣ୍ଟ ହାତରେ ଦିଅନ୍ତୁ ନାହିଁ । ତାକୁ ନିଜେ ବା ନିଜର କୌଣସି ଲୋକ ହାତରେ (ଏଜେଣ୍ଟ ବା ଜିଲ୍ଲା ଜାତୀୟ ସଞ୍ଚୟ ସଙ୍ଗଠନ ବ୍ୟତୀତ) ବ୍ୟାଙ୍କକୁ ପଠାଇ ଦିଅନ୍ତୁ ।

The BEST MEDIUM TO CARRY YOUR SALES MESSAGES to Oriya Speaking Areas

MEMBER- A.B.C., I.&E.N.S., I.L.N.A., A.I.N.E.C.

ସମାଜ

The Samaja

ପ୍ରତିଷ୍ଠାତା- ଉତ୍କଳମଣି ଗୋପବନ୍ଧୁ ଦାସ

Largest Certified Oriya Daily

ESTD. 1919.

* PHONES:- 301, 306, 114, 1482.

* GRAM:- SAMAJ

Gopabandhu Bhawan, Cuttack-1. Orissa

ଗଳ୍ପ ସଞ୍ଚୟ

ଶ୍ରୀହର ନାୟକ

# ଅସ୍ତଗାମୀ ସୂର୍ଯ୍ୟର ରକ୍ତିମ ଆଲେଖ

ନବଘନକୁ ବୟସ ହୋଇଗଲା । ଏତେ ବର୍ଷର ଚାକିରୀ ତାକୁ ଛାଡ଼ିବାକୁ ହେଲା । ଅଗତ୍ୟା ଆଉ କଣ କରାଯାଇପାରେ । ତାର ମାଲିକ ବାବୁମାନେ ତାକୁ ଯେତେ ଭଲ ପାଉଥିଲେ ମଧ୍ୟ ଚାକିରୀରେ ତ ଆଉ ରଖି ପାରିବେ ନାହିଁ । ସରକାରୀ ଚାକିରି ହୋଇଥିଲେ ପେନସନକୁ ଘରେ ବସି ଖାଆନ୍ତା । କମ୍ପାନୀ ଚାକିରି ବୋଲି ସିନା ...ଠୋ ଯାଏ ରହିଗଲା । ବୟସ ଉପରେ କାହାର ହାତ ଅଛି । ଏତେଦିନ ତ ବିଦେଶରେ ଥିଲା । ଯାହା ଦରମା ମିଳେ ସେଥିରେ କେମିତି ଚଳି ପୁଅମାନଙ୍କ ପାଖକୁ ମାସକୁ ମାସ ପାଞ୍ଚ ଦଶ ପଠାଉଥିଲା । ପୁଅମାନେ ବି ତାକୁ କମ୍ ଆଦର କରୁ ନ ଥିଲେ । ବିଦେଶରେ ବିନା ରୋଜଗାରରେ କାହିଁକି ବସି ରହିବ ଭାବି ନବଘନ ଘରକୁ ଆସିଲା । ଦି ପୁଅ ତାର ଅଲଗା ହୋଇ ଗଲେଣି । ସଂସାର କରି ହେଲେଣି । ଖଟିଖିଆ ଘର ତ । ବିଲବାଡ଼ି ତ ସିମିତି ବେଶ ନାହିଁ । ଯାହାହେଉ ବାପାକୁ ଦେଖି ପୁଅମାନେ ଖୁସି ହେଲେ । ବୁଢ଼ା ମନରେ ଶାନ୍ତି ଆସିଲା । ଆଜି ବଡ଼ ପୁଅ ଘରେ ତ କାଲି ସାନ ପୁଅ ଘରେ ଖାଇ ନାତିନାତୁଣୀଙ୍କ ସାଙ୍ଗରେ ସମୟ କଟାଇବାକୁ ଲାଗିଲା ନବଘନ । ହେଲେ ଏ ସୁଖ କଣ ସବୁଦିନ ଯାଏ ? ପୁଅମାନେ ଯେତେବେଳେ ଜାଣିଲେ ବୁଢ଼ା ଆଉ ଘରୁ ଯିବନି, ତାର ଆଉ ଚାକିରି ନାହିଁ, ସେମାନଙ୍କର ମଧ୍ୟ ମମତା ତୁଟିଲା । ଅର୍ଥର ଦାସ ସମସ୍ତେ । ବିନା ପଇସାରେ କେହି ମୁହଁକୁ ଅନେଇ ଯିବେ ନି । ସ୍ନେହ ଆଦର, ମମତା ଅର୍ଥ ଆଗରେ କିଛି ନୁହେଁ । ଅର୍ଥ ଥିଲେ ସବୁ ଆପେ ଆପେ ମିଳିବ ।

ନବଘନ ବୁଢ଼ା ହୋଇଛି । ରୋଜଗାର କରିବା କ୍ଷମତା ହରାଇଛି । ରୋଜଗାର ମଧ୍ୟ ଯାଇଛି । ତେଣୁ ସେ ପୁଅ ବୋହୂଙ୍କଠାରୁ ପୂର୍ବ ସରାଗ ପାଇବା ଆଶା କରିବା ବୃଥା । ପୁଅ ବୋହୂମାନେ ହତାଦର କଲେ । ଦିନେ ଦିନେ କେହି ହେଲେ ବୁଢ଼ାର ଖାଇବା କଥା ବୁଝିଲେ ନାହିଁ । କେତେଦିନ ଓପାସରେ କଟିଲା । ଗାଆଁ ଭାଇମାନେ ନବଘନର ଦୁଃଖ କଥା ଜାଣି କେବେ କିମିତି ଖାଇବାକୁ ଡାକନ୍ତି । ହେଲେ ନିତି ଲୁଣିଆକୁ କିଏ ବା ପଚାରେ ! ନବଘନକୁ ଏ ସବୁ ଚିନ୍ତା କରି ଭଲ ଲାଗିଲା ନାହିଁ । ସାରା ଜୀବନ ସେଇମାନଙ୍କ ପାଇଁ ରକତ ପାଣି କରିଛି ସେମାନେ ତ ତା'ର ଆପଣାର ହେଲେ ନି, ଆଉ ପଡ଼ିଶାର କିଏ ପଚାରିଲା ନ ପଚାରିଲା ଚିନ୍ତା କରିବ କାହିଁକି ! ଜୀବନଯାକ ଯିଏ ଖଟି ଖଟି ଆସିଛି, ଇମିତି ଲିଭିମାଲିଆ ଜୀବନ ତା ପ୍ରତି ବଡ଼ ଅସହ୍ୟକର । ଉପାୟ ବା କ'ଣ ଅଛି ? ଦେହରେ ତ ଆଉ ବଳ ନାହିଁ ଯେ ମେହେନତ୍ କରି ପେଟ ପୋଷିବ । ଏ ଦୁଃଖ କଥା କାହାକୁ କହିବ । କହିଲେ ଲୁଚ ଲୁଚୁନକୁ ଲାଜ । ଇମିତି ଦୁଃଖରେ ପଡ଼ି ନବଘନ ଘରୁ ଗୋଡ଼ କାଢ଼ିଲା । ବନ୍ଧୁ ଘରକୁ, କୁଣିଆ ଘରକୁ ଯାଉଛି କହି ଦୂର ଗାଆଁମାନଙ୍କରେ ବୁଲି ବୁଲି ଭିକ ମାଗିଲା । ଦି ଦିନେ ଚାରିଦିନେ ବୁଢ଼ା ଥରେ ଗାଆଁକୁ ଫେରେ । ଯାହା କିଛି ସଅଜ

ସଂଗ୍ରହ କରିଥାଏ, ସେଥିରେ କେଇଦିନ ବସି ବସି ଖାଇ ଟିକିଏ ବିଶ୍ରାମ ନିଏ । ସରିଗଲେ ପୁଣି ମାଗିବା ଆରମ୍ଭ କରେ । ଏତେ ବର୍ଷରେ ମଧ୍ୟ ପୁଅ ବୋହୂମାନେ ମୁହଁକୁ ଅନେଇ ଯାଆନ୍ତି ନି । ସବୁ କପାଳ ଲିଖନ ବୋଲି ଧରି ନେଇ ନବଘନ ବିଗୁଡ଼ା ଦିନ ଗଣୁଥାଏ କେମିତି ଆଉ ପାରିବୁ ଜୀବ । ବୁଢ଼ୀକୁ ସବୁ କଥା କହିବ । ସବୁ କଥା ଭାବି ଭାବି ବୁଢ଼ା ରାତିରେ ଏକା ଏକା ବସିର କାନ୍ଦେ ।

ଦିନେ ବୁଢ଼ା ଗାଁକୁ ଫେରିଲ ବେଳକୁ ପୁଅ ବୋହୂଙ୍କର ମନ ପରିବର୍ତ୍ତନ ଦେଖି ଆଶ୍ଚର୍ଯ୍ୟ ହେଲା । ବୁଢ଼ା ଫେରିବା ପରେ ପୁଅମାନଙ୍କ ଭିତରେ ଝଗଡ଼ା ଲାଗିଲା । ବୁଢ଼ାକୁ ଆପଣାର କରିବା ପାଇଁ ବୋହୂମାନଙ୍କ ଭିତରେ ବି କିଛି କମ୍ ନୁହେଁ । କିଏ ପାଦି ଗୋଡ଼ ଘଷି ଦେବା ପାଇଁ ତିଆର ହେଉଛି ତ କିଏ ଖାଦ୍ୟ ବିଛିଣା ଧରି ଖାଇବା ପାଇଁ ବଣା ଅପେକ୍ଷା କରିଛନ୍ତି । ହଠାତ୍ ଏ ପରିବର୍ତ୍ତନ ରହସ୍ୟ କଣ ନବଘନ କିଛି ବୁଝି ପାରିଲା ନାହିଁ । ଯାହା ହେଉ ପୁଅ ବୋହୂଙ୍କ କଥା ମାନି ଖାଇ ପିଇ ଚଳେ । ଶାସ୍ତ୍ରରେ କହନ୍ତି ଲୋକମାନେ ଅସତ୍ୟ କଥା ପ୍ରକାଶ କରେ । ଡାକଘରୁ ଆସି ଖବର ଦେଇ ଯାଇଛି ସେ ନବଘନ ଦାସ ପ୍ରତିଦିନ କରୁଥିଲେ ବେଳେ ମାସକୁ ମାସ ଯେଉଁ ଟଙ୍କା ଦରମାରୁ ପ୍ରୋଭିଡେଣ୍ଟ ଫଣ୍ଡ ଆଦିକୁ କାଟୁଥିଲେ ତାର ହିସାବ ହୋଇ ତାକୁ ଦଶ ହଜାର ଟଙ୍କା ମିଳିବାର ଅର୍ଡର ଆସିଛି । ବୁଢ଼ାର ସେ କଥା ମନେ ନ ଥିଲା । ବା ବଡ଼ା ସେତ ମୂର୍ଖ ଲୋକ । ଭାବିଥିଲା ଘରକୁ ସେ ଜମାଦାରଠାରୁ ସବୁ ଟଙ୍କା ପାଇ ଯାଇଛି ବୋଲି ତାର ଧାରଣା ଥିଲା । ସେତ ମାସକୁ ମାସ ଶହ ଶହ ବା ହଜାର ହଜାର ଦରମାରୁ କାଟୁ ନ ଥିଲା । ତେଣୁ ସେ ପଇସା ହିସାବରେ କେତେଟା ବା ଟଙ୍କା କାଟୁଥିଲା । ସେ ଯେ ବଢ଼ି ବଢ଼ି ଏତେ ହୋଇଯିବ ତାର ଧାରଣା ନ ଥିଲା । ଏ କଥା ଶୁଣି ତାର ମନ ଖୁସି ହୋଇଗଲା । ଦୁଃଖ ବି ଲାଗି ଭାବୁଥିଲା ଯେଉଁ ପୁଅବୋହୂମାନେ ଦିନେ ଆଜିଯାଏ ମୁହଁକୁ ଅନାଉ ନ ଥିଲେ ସେମାନଙ୍କର ଟଙ୍କା ଲୋଭରେ ପରିବର୍ତ୍ତନ ଦେଖି ବୁଢ଼ାକୁ ହସ ଲାଗିଲା ।

ଗାଉ ପିଲ ଖାଇଲା ପରେ ବୁଢ଼ା ଗାଁର ସାତ ଜଣ ମୁଖିଆ ମେଳକୁ ଡାକି ସବୁ କଥା କହିଲା । ପଞ୍ଚୁଲୋକମାନେ ଦୁଇ ପୁଅ ଭିତରେ ଅଧା ଅଧା କରି ବାଣ୍ଟି ଦେବାକୁ ପରାମର୍ଶ ଦେଲେ ଏବଂ ସେମାନଙ୍କ ପାଖରେ ଛଅ ଛଅ ମାସ ରହିବାକୁ ସ୍ଥିର କରିଦେଲେ । ବୁଢ଼ାର କିନ୍ତୁ ଏ ପ୍ରସ୍ତାବ ମନକୁ ପାଇଲା ନାହିଁ । ଶେଷରେ ସେ ନିଜ ନିଷ୍ପତ୍ତି ଜଣାଇ ଦେଲା । ତାର ଜମାଦାରଠାରୁ ପ୍ରାପ୍ୟ ଦଶ ହଜାର ଟଙ୍କାକୁ ସେ ନିକଟସ୍ଥ ପୋଷ୍ଟ ଅଫିସରେ ତାଙ୍କ ଡିପୋଜିଟ୍ ଯୋଜନା ଜମାରେ ରଖି ତତ୍ ଜନିତ ସୁଧରେ ଅବଶିଷ୍ଟ ଜୀବନକାଳ ଚଳାଇବା ସିଦ୍ଧାନ୍ତ ଜଣାଇ ଦେଲା ଏବଂ ତାର ମୃତ୍ୟୁପରେ ରହିଥିବା ଟଙ୍କା କୌଣସି ପୁଅକୁ ନ ଦେଇ ପ୍ରଧାନମନ୍ତ୍ରୀଙ୍କ ହାତରେ ଜାତୀୟ ପ୍ରତିରକ୍ଷା ପାଣ୍ଠିକୁ ଦାନ କରି ଦେବାକୁ ଏକ ଘୋଷଣାପତ୍ର ଲେଖି ଦେବାକୁ ଅନୁରୋଧ କଲା । ଏହି ନିଷ୍ପତ୍ତିରେ ପଞ୍ଚୁଲୋକମାନେ ନବଘନ ଦାସଙ୍କ ଭବିଷ୍ୟତ ଚିନ୍ତାଧାରା ଏବଂ ଦେଶପ୍ରେମକୁ ସାଧୁବାଦ ଜଣାଇଲେ ।

ସ୍ୱଳ୍ପ ସଞ୍ଚୟ

# ଦେଶର ଆର୍ଥନୀତିକ ପ୍ରଗତି ପାଇଁ ଅଧିକ ସଞ୍ଚୟ ଆବଶ୍ୟକ

ପାକିସ୍ତାନ ସହିତ ଭାରତର ଯୁଦ୍ଧରେ ଭାରତ ବିଜୟୀ ହେଲା । ଦେଶର ଜନସାଧାରଣ ଶକ୍ତି ଓ ସାମର୍ଥ୍ୟ କେତେ ମହାନ୍ ଏହି ଅବସରରେ ତାହା ପ୍ରମାଣିତ ହେଲା । ମାତ୍ର ଏହିଠାରେ ଦେଶକୁ ଅନାବଶ୍ୟକ ଆର୍ଥିକ ଭାର ସହିବାକୁ ପଡ଼ିଲା । ଦେଶର ଏହି ପରିସ୍ଥିତି ବେଳେ କେତେକ ବିଦେଶୀ ରାଷ୍ଟ୍ର ଶତ୍ରୁତା ଆଚରଣ କଲେ ଓ ଆମକୁ ଆର୍ଥିକ ସାହାଯ୍ୟ ବନ୍ଦ କରିଦେବା ପାଇଁ ଧମକ ମଧ୍ୟ ଦେଲେ । ବିଦେଶୀ ରାଷ୍ଟ୍ରମାନଙ୍କର ଏ ଧମକକୁ ଆମ ଦେଶର ନେତୃବୃନ୍ଦ ଅବିଚଳିତ ଭାବରେ ଗ୍ରହଣ କରିଛନ୍ତି ଓ ଦେଶ କିପରି ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ ହେବ ସେଥିପାଇଁ ସମସ୍ତେ ତତ୍ପର ହେବା ଦରକାର ବୋଲି [illegible] ଦେଇଛନ୍ତି । ଦେଶର କିପରି ପ୍ରତ୍ୟେକ ଦିଗରେ [illegible] ବଳିବ ଓ ସଞ୍ଚୟର ପରିମାଣ ବୃଦ୍ଧି ପାଇବ [illegible] ସେଥିପାଇଁ ଆନ୍ତରିକତାର ସହିତ ଉଦ୍ୟମ କରିବା ଦେଶର ପ୍ରତ୍ୟେକ ନାଗରିକର ଏକ ପ୍ରଧାନ କର୍ତ୍ତବ୍ୟ ।

ଦେଶର ନିରାପତ୍ତା ରକ୍ଷା କରିବା ପାଇଁ ପ୍ରତିରକ୍ଷା ପ୍ରଭୃତି କାର୍ଯ୍ୟକୁ ଅବ୍ୟାହତ ରଖିବା ସଙ୍ଗେ ସଙ୍ଗେ ଦେଶର ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଚୁର ଅର୍ଥ ଆବଶ୍ୟକ । ଅର୍ଥସଂଗ୍ରହ କାର୍ଯ୍ୟରେ ସ୍ୱଳ୍ପ ସଞ୍ଚୟର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଦେଶର ସଞ୍ଚୟର ପରିମାଣ ବଢ଼ାଇବା ପାଇଁ ଚଳିତ ଆର୍ଥିକ ବର୍ଷ ପାଇଁ ପୂର୍ବରୁ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟକୁ ଯଥେଷ୍ଟ ବଢ଼ାଇ ଦିଆଯାଇଛି ଏବଂ ତାହିଁର ଅନୁବର୍ତ୍ତୀ ହୋଇ ଆମ ରାଜ୍ୟ ମଧ୍ୟରେ ସ୍ୱଳ୍ପ ସଞ୍ଚୟ ସଂଗ୍ରହର ପରିମାଣ ବୃଦ୍ଧି କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ଚଳିତ ଆର୍ଥିକ ବର୍ଷ ଆମ ରାଜ୍ୟରେ ସ୍ୱଳ୍ପ ସଞ୍ଚୟ ସୂତ୍ରରେ ୪୫୩ ଲକ୍ଷ ଟଙ୍କା ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା, କିନ୍ତୁ ଦେଶର ବର୍ତ୍ତମାନର ପରିସ୍ଥିତି ଦୃଷ୍ଟିରୁ ଏହାକୁ ବଢ଼ାଇ ୫୫୩ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି । ଚତୁର୍ଥ ପଞ୍ଚ-ବାର୍ଷିକ ଯୋଜନା କାଳ ମଧ୍ୟରେ ୨୨୫୦ ଲକ୍ଷ ଟଙ୍କା ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ତନ୍ମଧ୍ୟରୁ ଯୋଜନା କାଳର ପ୍ରଥମ ୨ ବର୍ଷ ମଧ୍ୟରେ ପ୍ରାୟ ୭୦୦ ଲକ୍ଷ ଟଙ୍କା ସଂଗୃହୀତ ହୋଇଛି ଅର୍ଥାତ୍ ଯୋଜନାର ଶେଷ ତିନି ବର୍ଷ ମଧ୍ୟରେ ୧୫୦୦ ଲକ୍ଷରୁ ଅଧିକ ଟଙ୍କା ସଂଗ୍ରହ କରିବାକୁ ହେବ । ଏହି ଦୃଷ୍ଟିରୁ ଚଳିତ ବର୍ଷର ଲକ୍ଷ୍ୟକୁ ୫୫୩ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ଏହା ଫଳରେ ଆମ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କଠାରୁ ଅଧିକ ପରିମାଣରେ ଋଣ ପାଇ ପାରିବେ । ଆଶା କରାଯାଉଛି ସଂପୃକ୍ତ ସମସ୍ତଙ୍କର ନିଷ୍ଠାପର ଉଦ୍ୟମରେ ଏହି ଲକ୍ଷ୍ୟ ହାସଲ କରାଯାଇ ପାରିବ ।

ଚଳିତ ଆର୍ଥିକ ବର୍ଷ କେଉଁ ଜିଲ୍ଲାରେ କେତେ ଟଙ୍କା ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ଓ ବର୍ତ୍ତମାନ ପରିବର୍ତ୍ତିତ ଲକ୍ଷ୍ୟ କେତେ ଧାର୍ଯ୍ୟ କରାଯାଇଛି ତାହା ସମସ୍ତଙ୍କ ଗୋଚରାର୍ଥେ ଦିଆଗଲା :—

| ଜିଲ୍ଲାର ନାମ | | ୧୯୬୧-୬୨ ପାଇଁ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ (ଲକ୍ଷ ଟଙ୍କା) | ୧୯୬୧ ଏପ୍ରିଲଠାରୁ ୧୯୬୧ ଅକଟୋବର ପର୍ଯ୍ୟନ୍ତ ସଂଗୃହୀତ ହୋଇଥିବା ଅର୍ଥ ପରିମାଣ (ଟଙ୍କା) | ୧୯୬୧-୬୨ ପାଇଁ ଧାର୍ଯ୍ୟ କରାଯାଇଥିବା ପରିବର୍ତ୍ତିତ ଲକ୍ଷ୍ୟ (ଲକ୍ଷ ଟଙ୍କା) |
|---|---|---|---|---|
| ୧ | | ୨ | ୩ | ୪ |
| କଟକ | .. | ୪୮ | ୪୧,୧୬,୫୫୩ | ୬୮ |
| ପୁରୀ | .. | ୨୬ | ୩୮,୬୩,୩୩୮ | ୫୦ |
| ବାଲେଶ୍ୱର | .. | ୧୨ | ୧୬,୯୫,୨୪୬ | ୨୦ |
| ମୟୂରଭଞ୍ଜ | .. | ୬ | ୧୦,୨୪,୬୮୯ | ୧୫ |
| ସମ୍ବଲପୁର | .. | ୪୨ | ୨୯,୧୯,୦୩୬ | ୫୦ |
| ସୁନ୍ଦରଗଡ଼ | .. | ୧,୮୫ | ୧,୨୪,୨୨,୨୨୯ | ୧,୯୫ |
| ବଲାଙ୍ଗିର | .. | ୧୫ | ୩,୯୧,୬୦୧ | ୧୫ |
| କେନ୍ଦୁଝର | .. | ୧୪ | ୧୦,୬୪,୬୮୬ | ୧୫ |
| ଢେଙ୍କାନାଳ | .. | ୧୨ | ୧୧,୧୪,୯୪୦ | ୧୫ |
| ଗଞ୍ଜାମ | .. | ୩୦ | ୧୮,୧୯,୯୦୨ | ୩୦ |
| ଫୁଲବାଣୀ | .. | ୧୦ | ୬୫,୩୨୬ (କେବଳ ୬୧ ସେପ୍ଟେମ୍ବର ମାସର ସଂଗୃହୀତ ଅର୍ଥ) | ୧୦ |
| କୋରାପୁଟ | .. | ୨୫ | ୨୧,୦୯,୪୫୦ | ୪୦ |
| କଳାହାଣ୍ଡି | .. | ୧୫ | ୧୬,୯୪,୬୧୩ | ୨୦ |
| ମୋଟ | .. | ୪,୫୩ | ୩,୨୬,୩୮,୬୦୮ | ୫,୫୩ |

# ସେବା ପରମ ଧର୍ମ

ବ୍ୟବସାୟ ଦୁନିଆରେ ଭଲ କାମ ସମ୍ଭାଳିବା ପାଇଁ ବେଶୀ ଯତ୍ନ ଦରକାର।
ଏଥିପାଇଁ କେବଳ କାର୍ଯ୍ୟଦକ୍ଷ କର୍ମୀ ବୃନ୍ଦ, 'ସେବା ପରମ ଧର୍ମ'
ମହାମନ୍ତ୍ରରେ ଦୀକ୍ଷିତ ଲୋକ ଦରକାର, ଯେଉଁମାନେ ସ୍ଵତଃ ଉତ୍ସାହରେ
ବନ୍ୟା, ମରୁଡ଼ି କିମ୍ବା ବାତ୍ୟା ପରି ଦୈବୀ ଦୁର୍ବିପାକର ଶିକାର
ହୋଇଥିବା ଜନତାର ସେବା କରିବା ପାଇଁ ଅଗ୍ରସର ହେବେ।
ଏହି ଧରଣର କାମ ପାଇଁ ଟାଟା ଷ୍ଟିଲ ସର୍ବଦା ନିଜର କର୍ମଚାରୀମାନଙ୍କ
ମଧ୍ୟରୁ ସ୍ଵେଚ୍ଛା ସେବକ ଖୋଜି ପାଇଛନ୍ତି। ଗତ କେତେ ମାସ ଧରି ଆମର
ଦଳେ ଡାକ୍ତର, ସମାଜସେବୀ, ଏବଂ ଇଞ୍ଜିନିୟର ବିହାରର ବସନ୍ତଗଡ଼ସ୍ଥିତ
ପ୍ରାୟ ସାଠ ହଜାର ବାଙ୍ଗଲା ଦେଶ ଶରଣାର୍ଥୀଙ୍କ ପାଇଁ ଏକ ଶିବିରରେ
ଔଷଧପତ୍ର, ପୁଷ୍ଟିକର ସାମଗ୍ରୀ, ଲୁଗାପଟା, କମ୍ବଳ, ନିର୍ମଳ ପାନୀୟ ଜଳ
ଏବଂ ସ୍ଵାସ୍ଥ୍ୟକର ସୁବିଧା ସୁଯୋଗର ଆୟୋଜନ କରି ଆସିଛନ୍ତି।

**ଇସ୍ପାତ ପରି ଆମର ଲୋକଙ୍କ ଭିତରେ ମଧ୍ୟ ଶକ୍ତି ନିହିତ।**



ଟାଟା ଷ୍ଟିଲ


"ହାୟ
ଟାଳିଗଲେ ସେ..."
ଜୀବନ ବୀମା କରନ୍ତୁ
ସର୍ବେ ସୁଖୀ ଭବନ୍ତୁ
ଲାଇଫ୍ ଇନସ୍ୟୁରେନ୍ସ କର୍ପୋରେସନ୍ ଅଫ୍ ଇଣ୍ଡିଆ



ଓଡ଼ିଶାର ରାଜ୍ୟପାଳ ସର୍ଦ୍ଦାର ଯୋଗେନ୍ଦ୍ର ସିଂହ ତା୧୫-୧୨-୧୯୭୧ ତାରିଖରେ ଭୁବନେଶ୍ୱରସ୍ଥ ରାଜଭବନଠାରେ ସର୍ବଦଳୀୟ ରିଲିଫ କମିଟି ବୈଠକରେ ଉଦ୍‌ବୋଧନ ଦେଉଛନ୍ତି ।

## ଚିତ୍ରେ ସମ୍ବାଦ

ଓଡ଼ିଶାର ରାଜ୍ୟପାଳ ସର୍ଦ୍ଦାର ଯୋଗେନ୍ଦ୍ର ସିଂହ ୧୭-୧୨-୧୯୭୧ ତାରିଖରେ କଟକ ଜିଲ୍ଲା ଯାଜପୁର ସବଡ଼ିଭିଜନ ଅନ୍ତର୍ଗତ ମଙ୍ଗଳପୁରଠାରେ ପିଲାଙ୍କପାଇଁ ରେଡ୍‌କ୍ରସ ପକ୍ଷରୁ ଖୋଲାଯାଇଥିବା ଦାତବ୍ୟ ଭୋଜନ କେନ୍ଦ୍ର ପରିଦର୍ଶନ କରିଥିଲେ ।





ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସ ୧୯-୧୨-୧୯୭୧ ତାରିଖରେ ଏରସମାଠାରେ ରେଡ଼କ୍ରସ୍ ପକ୍ଷରୁ ଖୋଲାଯାଇଥିବା ଏକ ଦାତବ୍ୟ ଭୋଜନ କେନ୍ଦ୍ର ପରିଦର୍ଶନ କରୁଛନ୍ତି ।

## ଚିତ୍ରେ ସମ୍ବାଦ

ରାୟଗଡ଼ାସ୍ଥିତ ଜୟପୁର ଚିନି କାରଖାନାର ମ୍ୟାନେଜର ଶ୍ରୀ ଏ. ଡି. ଏନ୍. ପ୍ରସାଦ ୧୭-୧୨-୭ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ପାଇଁ ୧୪,୦୪୩ ଟଙ୍କାର ଏକ ଚେକ୍ ମୁଖ୍ୟ ଶ୍ରୀ ବିଶ୍ୱନାଥ ଦାସଙ୍କ ହସ୍ତରେ ଅର୍ପଣ କରୁଛନ୍ତି ।





କାଳୀଚରଣ ପାଠାଗାର ଯୁବପରିଷଦର ସଭ୍ୟମାନେ ତୁଳଙ୍ଗ ନିକଟବର୍ତ୍ତୀ ଧୋପା ଅଞ୍ଚଳରେ ସଫେଇ କାର୍ଯ୍ୟ କରୁଛନ୍ତି ।

## ଚିତ୍ରେ ସମ୍ବାଦ



୧୯୭୨ ଜାନୁଆରୀ ୩ ତାରିଖ ଦିନ ଓଡ଼ିଶାର ରାଜ୍ୟପାଳ ସର୍ଦ୍ଦାର ଯୋଗେନ୍ଦ୍ର
ବିଧାନସଭା ଅଧ୍ୟକ୍ଷ ଶ୍ରୀ ନନ୍ଦକିଶୋର ମିଶ୍ର ସଭାଗୃହକୁ ପାଛୋଟି ନେଉ

ତା ୨୬-୧୨-୧୯୭୧ ରିଖ ଦିନ ସ୍ୱତନ୍ତ୍ର ରିଲିଫ କମିଶନର ଶ୍ରୀ ମାଥ୍ୟୁସ୍, କ୍ୟାଥଲିକ୍ ରିଲିଫ ସେବା
ସ୍ୱେଚ୍ଛାସେବୀ ରିଲିଫ୍ ବ୍ୟବସ୍ଥା ସମ୍ପର୍କରେ ରାଜନଗରଠାରେ ଆଲୋଚନା କରୁଛନ୍ତି ।





ଏସୋସିଏଟେଡ଼ କର୍ମଚାରୀ ସମନ୍ୱୟ କମିଟି ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ତା ୨୧-୧୨-୧୯୭୧ ରିଖରେ
ବଙ୍ଗଳାଦେଶ ମୁକ୍ତି ଉତ୍ସବ ଉପଲକ୍ଷେ ଗୋଟିଏ ବିରାଟ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ।
ଚିତ୍ରରେ—ରାଜ୍ୟର ବିତ୍ତ ମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ବିରାଟ ଜନ ସମାବେଶରେ ଉଦ୍‌ବୋଧନ ଦେଉଛନ୍ତି ।

## ଶବ୍ଦେ ସମ୍ବାଦ

ଆଇନ୍ ଏବଂ ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ ମନ୍ତ୍ରୀ ଶ୍ରୀ ନଟବର ପ୍ରଧାନ
ତା ୧୮-୧୨-୧୯୭୧ ରିଖରେ ବାଙ୍କ କଲେଜ ଅର୍ଥନୀତି ସଂସଦର ବାର୍ଷିକୋତ୍ସବରେ
ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ବୋଧନ ଦେଉଛନ୍ତି ।



# ଆମର କାର୍ଯ୍ୟ ଚାଲେ ଦିବା-ରାତ୍ର ଅବିରାମ




## ଅକାରଣରେ ଶିକୁଳି ଟାଣି ସମସ୍ତ କାର୍ଯ୍ୟ ବିଫଳ କରନ୍ତୁ ନାହିଁ



ଘଣ୍ଟା ମିଳକ ଧରି ଠିକ ସମୟରେ ଚାଲିବା ଯେପରି ଆମ୍ଭମାନଙ୍କର କାର୍ଯ୍ୟର ଲକ୍ଷ୍ୟ, ଆମକୁ ସେପରି
ଚାଲିବାକୁ ସାହାଯ୍ୟ କରିବା ଦାୟିତ୍ୱ ମଧ୍ୟ ଆପଣମାନଙ୍କର ।

ଦକ୍ଷିଣ ପୂର୍ବ ରେଳପଥ

# ଆମ ରାଜ୍ୟ

## ଯୁଦ୍ଧରେ ଆହତ ଜବାନ ଓ ନାଗରିକଙ୍କ ପାଇଁ ରକ୍ତ ଦାନ କରନ୍ତୁ

### ଓଡ଼ିଶାର ସ୍ୱାସ୍ଥ୍ୟସେବା ଓ ପରିବାର ନିୟୋଜନ ନିର୍ଦ୍ଦେଶକଙ୍କ ନିବେଦନ

"ଆମ ଦେଶର ସ୍ୱାଧୀନତା ଓ ନିରାପତ୍ତା ବଜାୟ ରଖିବା ପାଇଁ ଯେଉଁ ବୀର ଜବାନମାନେ ଯୁଦ୍ଧରେ ଲଢ଼ୁଛନ୍ତି ସେମାନେ ଯେ ଆମର ସ୍ମରଣୀୟ ଏବଂ ଆମ୍ଭଠାରୁ ସମସ୍ତ ପ୍ରକାର ଆନ୍ତରିକ ସହଯୋଗ ଓ ସହାନୁଭୂତି ଯେ ସେମାନେ ଆଶା କରନ୍ତି ଏଥିରେ କାହାର ମତଦ୍ୱୈଧ ନାହିଁ । ବର୍ତ୍ତମାନର ଜରୁରି ପରିସ୍ଥିତିରେ ଯୁଦ୍ଧରତ ସୈନିକମାନଙ୍କୁ ପ୍ରେରଣା ଦେବା ସଙ୍ଗେ ସଙ୍ଗେ ଯୁଦ୍ଧରେ ଆହତ ବୀର ଜବାନ ଓ ସାଧାରଣ ନାଗରିକଙ୍କ ପ୍ରାଣରକ୍ଷା ପାଇଁ ଆମକୁ ସବୁ କିଛି ତ୍ୟାଗ ସ୍ୱୀକାର କରିବାର ଏହାହିଁ ହେଉଛି ଉପଯୁକ୍ତ ସମୟ ଓ ଏହା ଆମ ସମସ୍ତଙ୍କ ପକ୍ଷେ ଏକ ପରମ କର୍ତ୍ତବ୍ୟ ମଧ୍ୟ । ଏ ଉଦ୍ଦେଶ୍ୟରେ ପ୍ରଥମ ପଦକ୍ଷେପ ସ୍ୱରୂପ ରାଜ୍ୟର ବିଭିନ୍ନ ସ୍ଥାନରେ ରକ୍ତ ଭଣ୍ଡାରର ଶାଖା ଖୋଲାଯାଇଛି । ଦେଶର ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଯୁଦ୍ଧରେ ଆହତ ହୋଇଥିବା ଆମର ବୀର ଜବାନ ଓ ଅନ୍ୟାନ୍ୟ ନାଗରିକଙ୍କ ପ୍ରାଣ ରକ୍ଷା ଉଦ୍ଦେଶ୍ୟରେ ଆମେ ପ୍ରତ୍ୟେକ ବୋତଲଏ ଲେଖା ରକ୍ତ ଦାନ କରିପାରିଲେ ମାତୃଭୂମି ପ୍ରତି ତାହା ଏକ ମହାନ ସେବା ରୂପେ ପରିଗଣିତ ହେବ ।"

"ମୋର ଆନ୍ତରିକ ଅନୁରୋଧ ଯେ ଆମ ସ୍ୱାଧୀନତାର ସୁରକ୍ଷା ପାଇଁ ଯେଉଁ ବୀର ଜବାନମାନେ ଯୁଦ୍ଧରେ ଲଢ଼ୁଛନ୍ତି ସେମାନଙ୍କ ଉଦ୍ଦେଶ୍ୟରେ ରାଜ୍ୟର ଜନସାଧାରଣ ଆଗଭର ହୋଇ ଯଥାଶକ୍ତି ରକ୍ତଦାନ କରିବେ " ।

---

ବିଧାନ ସଭା ସଦସ୍ୟ, ୧୦ । ଶ୍ରୀ ସୁଦନାନନ୍ଦ ବିଶ୍ୱାଳ, ବିଧାନ ସଭା ସଦସ୍ୟ; ୧୧ । ଶ୍ରୀ ପ୍ରସନ୍ନ କୁମାର ଦାସ, ବିଧାନ ସଭା ସଦସ୍ୟ; ୧୨ । କଳିଙ୍ଗ ଟ୍ରାଭେଲ (ଇଣ୍ଡିଆ) ପ୍ରାଇଭେଟ ଲିମିଟେଡ଼ର ପ୍ରତିନିଧି; ୧୩ । ଦକ୍ଷିଣ-ପୂର୍ବ ରେଳବାଇର ଡିଭିଜନାଲ ସୁପରିନ୍‌ଟେଣ୍ଡେଣ୍ଟ, ଖୋର୍ଦ୍ଧା ରୋଡ଼; ୧୪ । ଭୁବନେଶ୍ୱରସ୍ଥିତ ଇଣ୍ଡିଆନ୍ ଏୟାରଲାଇନ୍‌ସର ଷ୍ଟେସନ ମ୍ୟାନେଜର; ୧୫ । କଲିକତାସ୍ଥିତ ପୂର୍ବାଞ୍ଚଳ ପ୍ରତ୍ନତତ୍ତ୍ୱ ସୁପରିନ୍‌ଟେଣ୍ଡେଣ୍ଟ; ୧୬ । କଟକସ୍ଥିତ ଓଡ଼ିଶା ଟ୍ରାନ୍ସପୋର୍ଟ କମିଶନର; ୧୭ । ରାଜ୍ୟ ପରିବହନ ସଂସ୍ଥାର ନିର୍ଦ୍ଦେଶକ; ୧୮ । ପୂର୍ତ୍ତ ଓ ପରିବହନ ବିଭାଗ ଶାସନ ସଚିବ; ୧୯ । ଶିକ୍ଷା ବିଭାଗ ଶାସନ ସଚିବ; ୨୦ । ଶିକ୍ଷା ନିର୍ଦ୍ଦେଶକ, ଓଡ଼ିଶା; ୨୧ । ସମବାୟ ଓ ଜଙ୍ଗଲ ବିଭାଗର ଶାସନ ସଚିବ; ୨୨ । ଜଙ୍ଗଲ ବିଭାଗର ଚିଫ୍ କନ୍‌ଜରଭେଟର; ୨୩ । ସାଂସ୍କୃତିକ ବିଭାଗର ଶାସନ ସଚିବ ଓ ନିର୍ଦ୍ଦେଶକ; ୨୪ । ପୌର ଉନ୍ନୟନ ବିଭାଗର ଶାସନ ସଚିବ; ୨୫ । ପୌର ଉନ୍ନୟନ ନିର୍ଦ୍ଦେଶକ; ୨୬ । ଆଦିବାସୀ ଓ ଗ୍ରାମ ମଙ୍ଗଳ ବିଭାଗର ଶାସନ ସଚିବ; ୨୭ । ଆଦିବାସୀ ଓ ଗ୍ରାମ ମଙ୍ଗଳ ବିଭାଗର ନିର୍ଦ୍ଦେଶକ; ୨୮ । ମତ୍ସ୍ୟ ବିଭାଗର ନିର୍ଦ୍ଦେଶକ; ୨୯ । କଲିକତା-ସ୍ଥିତ ଭାରତ ସରକାରଙ୍କ ପର୍ଯ୍ୟଟନ ଦପ୍ତରର ଆଞ୍ଚଳିକ ନିର୍ଦ୍ଦେଶକ; ୩୦ । ଅର୍ଥ ବିଭାଗର ଶାସନ ସଚିବ; ୩୧ । ସ୍ୱରାଷ୍ଟ୍ର (ଜନସମ୍ପର୍କ ଓ ପର୍ଯ୍ୟଟନ) ବିଭାଗର ଶାସନ ସଚିବ; ୩୨ । ଶ୍ରୀମତୀ ମିନତି ମିଶ୍ର, ଉତ୍କଳ ସଂଗୀତ ମହା ବିଦ୍ୟାଳୟ, ଭୁବନେଶ୍ୱର; ୩୩ । ପୁରୀସ୍ଥିତ ଦକ୍ଷିଣ-ପୂର୍ବ ରେଳବାଇ ହୋଟେଲର ସୁପରଭାଇଜର; ୩୪ । ଲୋକ ସମ୍ପର୍କ ଓ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଏବଂ ୩୫ । ଶ୍ରୀ ଶରତ କୁମାର ଦେବ; ଏମ୍. ଏଲ୍. ଏ. ।

---

## ଜୁନିୟର ଇଞ୍ଜିନିୟରମାନଙ୍କ ସ୍ୱତନ୍ତ୍ର କ୍ୟାଡ଼ର ଗଠନ କ୍ୟାବିନେଟ୍ ସବ୍-କମିଟି ବିଚାର କରିବେ ।

ଜୁନିଅର ଇଞ୍ଜିନିଅରମାନଙ୍କ ସକାଶେ ଏକ ସ୍ୱତନ୍ତ୍ର କ୍ୟାଡ଼ର କରାଯିବାର ସମ୍ଭାବନା ସମ୍ପର୍କରେ ଅନୁଧ୍ୟାନ କରି ଆବଶ୍ୟକୀୟ ସୁପାରିଶ ଦେବା ନିମନ୍ତେ ଓଡ଼ିଶା ସରକାର ପୌର ଉନ୍ନୟନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କ୍ୟାବିନେଟ ସବ୍-କମିଟି ଗଠନ କରିଛନ୍ତି । ଜଳସେଚନ ଓ ବିଦ୍ୟୁତ ବିଭାଗ ମନ୍ତ୍ରୀ, ତଥା ଜଳସେଚନ ବିଭାଗ ମନ୍ତ୍ରୀ ଏହି ସବ୍-କମିଟିର ସଦସ୍ୟ ଅଛନ୍ତି ।

ରାଜ୍ୟ ସରକାରଙ୍କ ଅଧୀନରେ ସିଭିଲ ଇଞ୍ଜିନିଅରମାନଙ୍କୁ ନିଯୁକ୍ତି ଦେବା ପାଇଁ ବର୍ତ୍ତମାନ ଯେଉଁ ନୀତି ନିୟମମାନ ପ୍ରଚଳିତ ଅଛି, ସେ ଗୁଡ଼ିକର ପରିବର୍ତ୍ତନର ସମ୍ଭାବନା ସମ୍ପର୍କରେ ମଧ୍ୟ ଉକ୍ତ ସବ୍-କମିଟି ପରୀକ୍ଷା କରି ଦେଖିବେ ।

ଯୋଜନା ଓ ସମନ୍ୱୟ ବିଭାଗ ଶାସନ ସଚିବ ଏହି ସବ୍-କମିଟିର ଆବାହକ ରୂପେ କାର୍ଯ୍ୟ କରିବେ ବୋଲି ଜଣାଯାଇଛି ।

---

## ମାଣ୍ଡିଆ ଖରିଦ ଦର

ଗତ ଖରିଫ ବର୍ଷ ପାଇଁ ମାଣ୍ଡିଆର ସଂଗ୍ରହ ଦର ଯେତିକି ଟଙ୍କାରେ ଧାର୍ଯ୍ୟ କରାଯାଇ ଥିଲା, ଚଳିତ ବର୍ଷ ସେଥିରେ କୌଣସି ପରିବର୍ତ୍ତନ ନ କରିବାକୁ ରାଜ୍ୟ ସରକାର ସ୍ଥିର କରିଛନ୍ତି । ୧୯୭୧-୭୨ ଖରିଫ ବର୍ଷ ପାଇଁ ମାଣ୍ଡିଆର ସଂଗ୍ରହ ଦର କୁଇଣ୍ଟାଲ ପ୍ରତି ଟ୫୫ଙ୍କା (ପଞ୍ଚାବନ) ରହିବ । ଏଣୁ ଚାଷୀମାନେ ଉପରୋକ୍ତ ଦରରେ ମାଣ୍ଡିଆ ବିକ୍ରି କରିପାରିବେ ।

---

# ଡାକଘର ସଞ୍ଚୟ ବ୍ୟାଙ୍କରେ ସଞ୍ଚୟକାରୀଙ୍କ ପାଇଁ ନୂତନ ସୁବିଧା

ଡାକଘର ସଞ୍ଚୟ ବ୍ୟାଙ୍କରେ ଟଙ୍କା ଜମା କରିବା ଓ ଟଙ୍କା ଉଠାଇବା ନିମନ୍ତେ ଜମାକାରୀଙ୍କୁ କେତେକ ନୂତନ ସୁବିଧା ସୁଯୋଗ ଦେବା ପାଇଁ ଭାରତ ସରକାର ନିଷ୍ପତ୍ତି କରିଛନ୍ତି । ତଦନୁସାରେ ଜଣେ ଜମାକାରୀଙ୍କ ଗୋଟିଏ ପୋଷ୍ଟ ଅଫିସରେ ଏକାଉଣ୍ଟ ଥିଲେ ମଧ୍ୟ ଅନ୍ୟାନ୍ୟ ପୋଷ୍ଟ ଅଫିସରୁ ଟଙ୍କା ଉଠାଇ ପାରିବେ ।

ଭାରତ ସରକାରଙ୍କ ଦ୍ୱାରା ଡାକଘର ସଞ୍ଚୟ ବ୍ୟାଙ୍କ ଆଇନର ସଂଶୋଧନ କରାଯିବା ସଙ୍ଗେ ସଙ୍ଗେ ଉତ୍ତର ପ୍ରଦେଶ ତଥା ପଞ୍ଜାବରେ ଏହା ବିଶେଷ ଫଳପ୍ରଦ ପ୍ରମାଣିତ ହେବାରୁ ଅନ୍ୟାନ୍ୟ ଅଞ୍ଚଳରେ ତାହା ପ୍ରସାରିତ କରାଯାଉଛି ।

ଏହି ନୂତନ ପଦ୍ଧତି ଅନୁଯାୟୀ ଜଣେ ସଞ୍ଚୟକାରୀଙ୍କର କୌଣସି ହେଡ୍ ପୋଷ୍ଟ ଅଫିସ୍‌ରେ ଯଦି ଆକାଉଣ୍ଟ ଥାଏ, ତାହାହେଲେ ସେ ସଂପୃକ୍ତ ହେଡ ପୋଷ୍ଟ ଅଫିସ ଅଧୀନସ୍ଥ ଯେ କୌଣସି ସବ୍-ପୋଷ୍ଟ ଅଫିସରେ ଟଙ୍କା ଜମା ଦେଇ ପାରିବେ । ଯଦି ଜଣେ ସଞ୍ଚୟକାରୀଙ୍କର କୌଣସି ସବ-ପୋଷ୍ଟ ଅଫିସରେ ଆକାଉଣ୍ଟ ଥାଏ, ତେବେ ସେ ଉକ୍ତ ସବ୍-ପୋଷ୍ଟ ଅଫିସ ଯେଉଁ ହେଡ-ପୋଷ୍ଟ ଅଫିସ ଅଧୀନରେ ରହିଛି, ସେହି ହେଡ୍-ପୋଷ୍ଟ ଅଫିସ କିମ୍ବା ହେଡ ପୋଷ୍ଟ ଅଫିସ ଅଧୀନସ୍ଥ ଅନ୍ୟ ଯେକୌଣସି ସବ-ପୋଷ୍ଟ ଅଫିସରେ ମଧ୍ୟ ଟଙ୍କା ଜମା କରିପାରିବେ ।

ଉକ୍ତ ବ୍ୟବସ୍ଥା ଅନୁଯାୟୀ ଯଦି କୌଣସି ସଞ୍ଚୟକାରୀଙ୍କ ସଞ୍ଚୟ ବ୍ୟାଙ୍କ ଆକାଉଣ୍ଟ ବ୍ରାଞ୍ଚ ପୋଷ୍ଟ ଅଫିସରେ ଥାଏ, ତେବେ ସେହି ବ୍ରାଞ୍ଚ ପୋଷ୍ଟ ଅଫିସ ଯେଉଁ ସବ-ପୋଷ୍ଟ ଅଫିସ ଅଧୀନରେ ଥିବ, ସେଠାରେ ଅଥବା ସଂପୃକ୍ତ ବ୍ରାଞ୍ଚ ପୋଷ୍ଟ ଅଫିସ ଓ ସବ-ପୋଷ୍ଟ ଅଫିସ ଯେଉଁ ହେଡ ପୋଷ୍ଟ ଅଫିସ ଅଧୀନରେ ଥିବ, ସେଠାରେ ଟଙ୍କା ଜମା ଦେଇ ପାରିବେ । ବ୍ରାଞ୍ଚ ପୋଷ୍ଟ ଅଫିସରେ ଆକାଉଣ୍ଟ ଖୋଲିଥିବା ସଞ୍ଚୟକାରୀ ହେଡ୍ ପୋଷ୍ଟ ଅଫିସ କିମ୍ବା ସବ-ପୋଷ୍ଟ ଅଫିସରେ ଯେଉଁ ପରିମାଣର ଟଙ୍କା ଜମା ଦେଇଥିବେ, ସେହି ପରିମାଣର ଟଙ୍କା ସଂପୃକ୍ତ ହେଡ୍ ପୋଷ୍ଟ ଅଫିସ୍ କିମ୍ବା ସବ-ପୋଷ୍ଟ ଅଫିସରୁ ଉଠାଇ ପାରିବେ ।

ତେଣୁ ଓଡ଼ିଶାରେ ଧାନ, ଆଖୁ, ଝୋଟ କିମ୍ବା ଅନ୍ୟ କୌଣସି ଅର୍ଥକାରୀ ଫସଲ ଉତ୍ପାଦନ କରୁଥିବା କୃଷକମାନେ ଏଣିକି ଅନାୟାସରେ ନିକଟବର୍ତ୍ତୀ ପୋଷ୍ଟ ଅଫିସରେ ବିକ୍ରୟ ଲବ୍ଧ ଅର୍ଥ ଜମା କରିପାରିବା ସଙ୍ଗେ ସଙ୍ଗେ ଏହାର ସଂପୃକ୍ତ ହେଡ୍ ପୋଷ୍ଟ ଅଫିସ କିମ୍ବା ସବ-ପୋଷ୍ଟ ଅଫିସରୁ ଟଙ୍କା ଉଠାଇ ପାରିବେ ।

# ପର୍ଯ୍ୟଟନ ପରାମର୍ଶଦାତା ପରିଷଦ ପୁନର୍ଗଠିତ ହେଲା

ଓଡ଼ିଶାରେ ପର୍ଯ୍ୟଟନ ବ୍ୟବସାୟର ବିକାଶ ନିମନ୍ତେ ପରାମର୍ଶ ଦେବା ପାଇଁ ଯେଉଁ "ଓଡ଼ିଶା ପର୍ଯ୍ୟଟନ ବିକାଶ ଉପଦେଷ୍ଟା ପରିଷଦ" ଗଠିତ ହୋଇଥିଲା, ରାଜ୍ୟ ସରକାର ତାହାର ପୁନର୍ଗଠନ କରିଛନ୍ତି । ଏହି ପୁନର୍ଗଠିତ ପରିଷଦରେ ମୁଖ୍ୟମନ୍ତ୍ରୀ ସଭାପତି ଓ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଉପ-ସଭାପତି ରହିଛନ୍ତି ।

୩୬ ଜଣ ସଦସ୍ୟଙ୍କୁ ନେଇ ଗଠିତ ଏହି ନୂତନ ଉପଦେଷ୍ଟା ପରିଷଦରେ ଅନ୍ୟ ଯେଉଁମାନେ ସଦସ୍ୟ ରହିଛନ୍ତି, ସେମାନେ ହେଲେ ।

୧ । ପୂର୍ତ୍ତ, ପରିବହନ ଓ ଜଙ୍ଗଲ ବିଭାଗ ମନ୍ତ୍ରୀ; ୨ । ଶିକ୍ଷା ଓ ସାଂସ୍କୃତିକ ବିଭାଗ ମନ୍ତ୍ରୀ; ୩ । ଶ୍ରୀ ଲୋକନାଥ ମିଶ୍ର, ପାର୍ଲାମେଣ୍ଟ ସଦସ୍ୟ; ୪ । ଶ୍ରୀ ସୁରେନ୍ଦ୍ର ମହାନ୍ତି, ପାର୍ଲାମେଣ୍ଟ ସଦସ୍ୟ; ୫ । ଢେଙ୍କାନାଳ ରାଜା ଶ୍ରୀ କେ. ପି. ସିଂହଦେଓ, ପୂର୍ବତନ ପାର୍ଲା-ମେଣ୍ଟ ସଦସ୍ୟ; ୬ । ଶ୍ରୀ ପ୍ରମୋଦ ଚନ୍ଦ୍ର ଭଞ୍ଜଦେଓ, ବିଧାନ ସଭା ସଦସ୍ୟ; ୭ । ଶ୍ରୀ ଗୋବିନ୍ଦ ଚନ୍ଦ୍ର ସେଠୀ, ବିଧାନ ସଭା ସଦସ୍ୟ; ୮ । ଶ୍ରୀ ହୃଦାନନ୍ଦ ମଲ୍ଲିକ, ବିଧାନ ସଭା ସଦସ୍ୟ; ୯ । ଶ୍ରୀ ଗୋପବନ୍ଧୁ ପାତ୍ର

# ଆକର୍ଷଣୀୟ ସୁଧ
# ଓ କର ରିହାତି

## ବେଙ୍କ ସିରିଜ୍‌ର ୭-ବର୍ଷିଆ ଜାତୀୟ ସଞ୍ଚୟ ସାର୍ଟିଫିକେଟ ଜରିଆରେ

ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଇସୁ ।

* ଦ୍ୱିତୀୟ ଏବଂ ତୃତୀୟ ଇସୁରେ ଶତକଡ଼ା ୫ ଭାଗ ସୁଧ—କରମୁକ୍ତ ।
* ଚତୁର୍ଥ ଇସୁରେ ଶତକଡ଼ା ୭½ ଭାଗ ସୁଧ । ବର୍ଷକୁ ଅନ୍ୟାନ୍ୟ ସିକ୍ୟୁରିଟି ଉପରୁ ପ୍ରାପ୍ୟ ସୁଧକୁ ମିଶେଇ ମୋଟ ୩ ହଜାର ଟଙ୍କା ପର୍ଯ୍ୟନ୍ତ ସୁଧ ଆୟକର ମୁକ୍ତ ।
* ମନୋନୟନ ଓ ବଦଳ ଦେବାର ସୁବିଧା ମିଳିଥାଏ ।

**ଷ୍ଟେଟ ବେଙ୍କ ଅଫ ଇଣ୍ଡିଆ**
**ଏବଂ ତାର ଶାଖା ବେଙ୍କ ଗୁଡ଼ିକରୁ**
ପାଇପାରିବେ

**ଜାତୀୟ ସଞ୍ଚୟ ସଂଗଠନ**
ଦ୍ୱାରା ପ୍ରଚାରିତ

davp 71/35

# ବହୁ ଦିନରୁ ସମସ୍ୟା ଗୁଡ଼ିକର ସମାଧାନ ଘଟିବ

## * ଆପଣଙ୍କ ମାଛ ଚାଷ ଲାଗି ଶାଣ୍ଟି ଜାଆଁଳ ଲୋଡ଼ା ?

ଅନୁଗ୍ରହ ପୂର୍ବକ ନିକଟସ୍ଥ ସରକାରୀ ଜାଆଁଳ ଯୋଗାଣ କେନ୍ଦ୍ରକୁ ଆପଣଙ୍କ ଆବଶ୍ୟକତା ତୁରନ୍ତ ଜଣାନ୍ତୁ ଓ ଯୋଗାଯୋଗ ସ୍ଥାପନ କରନ୍ତୁ ।

## * ବେକାରି ?

ଏ ବିଭାଗ ଉଦ୍ୟମରେ ଏହାର ଆଂଶିକ ସମାଧାନ ଘଟିବ ।

ସାମୁଦ୍ରିକ ମାଛଧରାରେ ତାଲିମପ୍ରାପ୍ତ ଏ ରାଜ୍ୟର ବହୁ ବେକାର ଯୁବକ ଯନ୍ତ୍ରଚାଳିତ ମାଛ ଧରାକୁ ଏ ବିଭାଗ ସାହାଯ୍ୟରେ ସେମାନଙ୍କର ସ୍ୱାଧୀନ ଜୀବିକାରୂପେ ଗ୍ରହଣ କରି "ଆତ୍ମ-କର୍ମ-ଯୋଜନାର ସମାଧାନ କରିଛନ୍ତି" ।

**ସର୍ବଦା ମନେ ରଖନ୍ତୁ—ସମସ୍ୟାର ସମାଧାନ ଆମର ଲକ୍ଷ୍ୟ ।**

ପ୍ୟାରୀମୋହନ ମିଶ୍ର
ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା
କଟକ-୭

# ଆଉ ଗୋଟିଏ ସନ୍ତାନ ହେବା ଆଗରୁ

# ଭାବନ୍ତୁ

**ଯେଉଁ ପୁଅଟି ଅଛି, ଆପଣ ତାର ଠିକ ଭାବରେ ଲାଳନ-ପାଳନ କରି ପାରୁଛନ୍ତି ତ ?**



ଆପଣଙ୍କର ଇଚ୍ଛା ଯେ ଆପଣଙ୍କ ପୁଅଟିକୁ ପଢ଼ା ପଢ଼ାଇ ଡାକ୍ତର କରିବାକୁ — ତାର ସମସ୍ତ ସୁବିଧା ପୂରଣ କରି ତାକୁ ଦଶଜଣଙ୍କର ଜଣେ କରିବାକୁ ! କିନ୍ତୁ ଏସବୁ ବ୍ୟବସ୍ଥା କରିବା ପୂର୍ବରୁ ଯଦି ଆଉ ଗୋଟିଏ ସନ୍ତାନ ଆସିଯାଏ···ତେବେ ? ଏସବୁ ଅର୍ଥ ଯୁଟାଇବା ଆପଣଙ୍କ ପକ୍ଷରେ ଅସମ୍ଭବ ହେବ ନାହିଁକି ? ଆପଣ କଣ ତାକୁ ଏଡ଼ାଇବାକୁ ଚାହିଁବେ ନାହିଁ ?

ଆଜି ଦୁନିଆର କୋଟି କୋଟି ଦମ୍ପତି ଏହି ବ୍ୟବସ୍ଥା କରୁଛନ୍ତି । ସବୁ ଦମ୍ପତି ଦରକାର ପ୍ରସ୍ତୁତ ନ ହେଲାଯାଏ ସେମାନେ ଆଉ ଗୋଟିଏ ସନ୍ତାନର କଥା ଭାବୁ ନ ଥାଆନ୍ତି । **ନିରୋଧ ଜରିଆରେ** ଆପଣ ମଧ୍ୟ ଏହା କରି ପାରିବେ । ନିରୋଧ ସାରା ପୃଥିବୀରେ ପୁରୁଷମାନଙ୍କ ଦ୍ୱାରା ଅଧିକ ଭାବରେ ପସନ୍ଦ କରାଯାଉଛି । **ଭାରତରେ** ଓ ସହରରେ ବ୍ୟବହାର କରାଯାଏ ବୋଲି ଜନ୍ମନିରୋଧ ପାଇଁ ପ୍ରତ୍ୟେକ ପ୍ରତ୍ୟେକ ଲୋକେ ନିରୋଧ ବ୍ୟବହାର କରୁ **ଅଛନ୍ତି** । ତେବେ **ଆପଣ** ବା କାହିଁକି **ନିରୋଧ** ବ୍ୟବହାର ନ କରିବେ ?

**ସରକାରଙ୍କ ସହାୟତା ବ୍ୟବସ୍ଥା ଯୋଗୁଁ ସବୁ ଜାଗାରେ 15 ପଇସାକୁ 3ଟି ହିସାବରେ ନିରୋଧ ମିଳେ ।**




ଆଉ ଗୋଟିଏ ସନ୍ତାନ ଆଶା ନ କରିବାଯାଏ ବ୍ୟବହାର କରନ୍ତୁ

# ନିରୋଧ ▼

ଲକ୍ଷ ଲକ୍ଷ ଲୋକଙ୍କର ମନକୁ ପାଇଥିବା ରବର, ନିରାପଦ ଓ ସହଜରେ
ବ୍ୟବହାରଯୋଗ୍ୟ ରବର ଜନ୍ମନିରୋଧକ
ଷ୍ଟେସନାରୀ ଦୋକାନ, ଜେନେରାଲ ଷ୍ଟୋର୍ସ ଓ କେମିଷ୍ଟ—ସମସ୍ତଙ୍କ ପାଖରେ ମିଳେ ।

## ON THE ELEVENTH YEAR OF DEDICATED SERVICE TO THE NATION THE ORISSA STATE ELECTRICITY BOARD

Is embarking on a massive Rural Electrification Programme and large scale energisation of pump sets for setting up of Agro-Industries in the rural areas and accelerating the "Green Revolution".

*It plans for*—Power supply in abundance at very attractive rates to the prospective entrepreneurs and industrialists for exploring the rich mineral resources of the State.

*Also the State Government offers*—12½ per cent less than the usual tariff rates (inclusive of duty) to all new industries as well as for expansion of existing industries involving a capital investment upto twenty-five lakhs of rupees from the date of construction till Five Years after commissioning of the plant.

*Achievements at a glance*—

### INSTALLED CAPACITY

| | |
|---|---|
| In the year 1960-61 .. | 304·425 MW. |
| At the end of Third Five-Year Plan (1965-66) .. | 317·151 MW. |
| At the end of 1969-70 .. | 564·355 MW. |

### LENGTH OF TRANSMISSION LINES

(As on March 1970)

| | |
|---|---|
| 220 KV Line .. | 147 Kms. |
| 132 KV Line .. | 1,326·70 Kms. |
| 66 KV Line .. | 341·60 Kms. |
| 33 KV Line .. | 3,433·812 Kms. |
| 11 KV Line .. | 3,074·012 Kms. |
| L. T. Lines (3·3 KV and above) .. | 2,887·370 Kms. |

### RURAL ELECTRIFICATION

Number of villages electrified during 1970-71 .. 907

**ORISSA STATE ELECTRICITY BOARD**
**BHUBANESWAR-7**

ଓଡ଼ିଆ ଦୈନିକ **ମାତୃଭୂମି** କଟକ—୧, ଓଡ଼ିଶା

ଏକମାତ୍ର ସ୍ୱାଧୀନ ଓ ନିରପେକ୍ଷ ପତ୍ରିକା : ଜନପ୍ରିୟ ଓ ବହୁଳ ପ୍ରଶଂସିତ ପତ୍ରିକା

# *Matrubhumi*

ONLY INDEPENDENT ORIYA DAILY

**CUTTACK-1, ORISSA**

**Phone-277, 349 & 1984** Telegram : MATRUBHUMI

A popular and widely circulated Daily of Orissa

Most reliable medium to carry your business messages to your respective clients.

OGP—MP-II [ Home (P. R.) ] 110—10,000—24-1-1972

THE

# ORISSA MINING CORPORATION

IN THE SERVICE OF ORISSA AND THE COUNTRY

NOW PLANNING FOR DEVELOPMENT OF FURTHER MINING AND INDUSTRIAL ACTIVITIES IN—

**MALANGTOLI AND GANDHAMARDAN**
( Iron Ore deposits in Keonjhar District )

**SARGIPALI**
( Lead deposits in Sundargarh District )

**MALKANGIRI**
( Limestone deposits in Koraput District )

**SUKINDA VALLEY**
( Nickel deposits in Cuttack District )

**AND**

**GRAPHITE DEPOSITS**
( in Kalahandi/Bolangir District )

Areas where our Adivasi brethren form majority of the population

Tel—BBS 940 Telex—CK 247

Vol. XXVIII No. 6 UTKALA PRASANGA Regd. No. O-2
Licence No. C. R. N. P.-5—Licensed to post without pre-payment



# Sophisticated Forgings & Castings

Our range includes Cast Iron & Steel Castings, Non-ferrous castings such as aluminium and magnesium castings and Precision Hot Stampings, Pressings and other types of Hammer Forgings.

*Full particulars from:*

HAL

THE COMMERCIAL MANAGER,
**HINDUSTAN AERONAUTICS LIMITED**
(KORAPUT DIVISION), P. O. SUNABEDA 2, DIST. KORAPUT, ORISSA

Printed by Shri U. N. Misra, Superintendent, Orissa Government Press, Madhupatna, Cuttack-3

# ଓଡ଼ିଶା ରାଜ୍ୟ ବାଣିଜ୍ୟ ସମବାୟ ସମିତି ଲିଃ

ଷ୍ଟେସନ ରୋଡ଼, ଭୁବନେଶ୍ୱର

## (ଓଡ଼ିଶାରେ ବୃହତ୍ତମ ସମବାୟ ବାଣିଜ୍ୟ ଅନୁଷ୍ଠାନ)

ଏହି ଦେଶର ୨୨ତମ ବାର୍ଷିକ "ସାଧାରଣତନ୍ତ୍ର ଦିବସ" ଉପଲକ୍ଷେ ଆମ୍ଭେ ଆନନ୍ଦର ସହିତ ଘୋଷଣା କରୁଅଛୁଁ କି ଚଷୀ ଓ ଖାଉଟିମାନଙ୍କ ସୁବିଧା ଓ ଉପଯୁକ୍ତ ମୂଲ୍ୟରେ ନିମ୍ନଲିଖିତ ଜିନିଷମାନ ଯୋଗାଇଦେବା ନିମିତ୍ତ ଆମ୍ଭ ଅଫିସସ୍ଥିତ "ବିକ୍ରୟ କେନ୍ଦ୍ର" ଓ ସମସ୍ତ "ଆଞ୍ଚଳିକ ସମବାୟ ବାଣିଜ୍ୟ ସମିତି"ମାନଙ୍କରେ ବିକ୍ରୟ ପାଇଁ ଗଚ୍ଛିତ ରଖିଛୁଁ ।

* ବିଭିନ୍ନ ପ୍ରକାର ରସାୟନିକ ସାର
* ବିଭିନ୍ନ ପ୍ରକାର କୀଟନାଶକ ଔଷଧ
* ଉତ୍କୃଷ୍ଟ ଧରଣର କୀଟନାଶକ ଔଷଧ ପକାଇବା ପାଇଁ "ସ୍ପ୍ରେୟର ଓ "ଡଷ୍ଟର" ଏବଂ ତାହାର ଆନୁଷଙ୍ଗିକ ସରଞ୍ଜାମ ।
* ବିଖ୍ୟାତ ଜନସନ୍ କମ୍ପାନୀଙ୍କଦ୍ୱାରା ନିର୍ମିତ "ପାଣି ପମ୍ପ"
* ବିଭିନ୍ନ ପ୍ରକାର ଭେଟେରିନାରୀ ଔଷଧ (ଡାଇରେକ୍ଟର ଅଫ୍ ଭେଟେରିନାରୀ ସର୍ଭିସେସ୍, ଓଡ଼ିଶାଙ୍କ ଦ୍ୱାରା ଅନୁମୋଦିତ) ।
* ଉତ୍କୃଷ୍ଟ ଧରଣର "ଗୋ-ଖାଦ୍ୟ" ଓ "କୁକୁଡ଼ା ଖାଦ୍ୟ"
* ରାଜ୍ୟରୁ ଧାନ ଓ ଚାଉଳ ସଂଗ୍ରହ କରିବା ପାଇଁ ବିଶିଷ୍ଟ ଏଜେଣ୍ଟ ଭାବରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇଥିବାରୁ ବିଭିନ୍ନ ପ୍ରକାର ଚାଉଳ ବିକ୍ରୟ ପାଇଁ ବହୁ ପରିମାଣରେ ଗଚ୍ଛିତ ରଖିଅଛୁଁ ।

**ବ୍ୟବସାୟୀମାନଙ୍କୁ ଲୋଭନୀୟ କମିଶନ୍ ଦେବାର ମଧ୍ୟ ବ୍ୟବସ୍ଥା ରହିଛି**

ପରମେଶ୍ୱର ଦାସ

ସମ୍ପାଦକ